# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 171 | ଭାଗ ୩୩ | ସଂଖ୍ୟା ୧୭୧ | Thursday 11 September 2025 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୧୧ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ସୁଶୀଳା ନେପାଳ ଅନ୍ତରୀଣ ନେତା

ପୃଷ୍ଠା ୫

ଏସିଆ କପ୍-୨୦୨୫

## ବିଜୟରୁ ଭାରତର ଅଭିଯାନ ଆରମ୍ଭ



■ ୟୁଏଇ ମାତ୍ର ୫୭ରେ ଅଲ୍ଆଉଟ୍
■ କୁଲଦୀପ ଓ ଦୁବେଙ୍କ ଘାତକ ବୋଲିଂ

ଦୁବାଇ,୧୦ା୯: ଏସିଆ କପ୍-୨୦୨୫ରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରମୁଖ ଟ୍ରଫି ଦାବିଦାର ଭାରତ ବୁଧବାର ୟୁଏଇକୁ ୯ ୱିକେଟ୍‌ରେ ପରାସ୍ତ କରିଛି। ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୫୮ ରନ୍ ବିଜୟ ଲକ୍ଷ୍ୟକୁ ୪. ୩ ଓଭରରେ ପୂରା କରିଛି। ଭାରତର ପାଳି ଆରମ୍ଭ କରିଥିଲେ ଅଭିଷେକ ଶର୍ମା ଓ ଶୁଭମନ ଗିଲ୍। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୪୮ ରନ୍‌ର ଭାଗିଦାରୀ କରିଥିଲେ। ଅଭିଷେକ ୧୬ଟି ବଲ୍ ଖେଳି ୨ଟି ଚୌକା ଓ ୩ଟି ଛକା ବଳରେ ୩୦ ରନ୍ ➪ପୃଷ୍ଠା-୬

ବର୍ଷକରେ ୨୬ କ୍ୟାବିନେଟ୍, ୧୫୪ ପ୍ରସ୍ତାବକୁ ମଞ୍ଜୁରୀ

# ମୋହନଙ୍କ ଫୋକସରେ ଗ୍ରାମାଞ୍ଚଳ ବିକାଶ

- ବଢ଼ିଲା ବିଡିଓଙ୍କ ଆର୍ଥିକ କ୍ଷମତା
- ୪୨୮ ନୂଆ ଆମ୍ବୁଲାନ୍ସ କିଣିବାକୁ ନିଷ୍ପତ୍ତି
- ବକେୟା ଇ-ଚାଲାଣର ହେବ ଓଟିଏସ୍
- ନୂଆ ସହର ଯୋଜନାକୁ ସବୁଜ ସଙ୍କେତ
- ସବୁ ଆବେଦନକାରୀ ଦେବେ ପରୀକ୍ଷା ଫି'



ଭୁବନେଶ୍ୱର,୧୦ା୯(ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଆଜି ରାଜ୍ୟ କ୍ୟାବିନେଟ ଏକ ବଡ଼ ନିଷ୍ପତ୍ତି ନେଇଛି। ବ୍ଲକ ଉନ୍ନୟନ ଅଧିକାରୀ (ବିଡ଼ିଓ) ମାନଙ୍କର ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ଆର୍ଥିକ କ୍ଷମତା ଆଉ କୌଣସି ପ୍ରତି-ସ୍ୱାକ୍ଷର ବିନା ୨ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ, ଆର୍ଥିକ ଅନୁମୋଦନକୁ ତ୍ୱରାନ୍ୱିତ କରିବା ଏବଂ ବିଳାଶମୂଳକ ଯୋଜନାଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତ ସମିତି ପ୍ରକଳ୍ପଗୁଡ଼ିକର ଯୋଜନା ଏବଂ ଆକଳନର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିବାର କ୍ଷମତା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ନ୍ୟସ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏନେଇ ଓଡିଶା ପଞ୍ଚାୟତ ସମିତି ହିସାବ ଆଇନ ୨୦୦୨ରେ ସଂଶୋଧନ କରାଯାଇଛି। ଆଜିର କ୍ୟାବିନେଟ ବୈଠକରେ ମୁଖ୍ୟମନ୍ତ୍ରୀ ଗତ ଏକ ବର୍ଷ ମଧ୍ୟରେ ଅନୁଷ୍ଠିତ ୨୫ଟି କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଓ ଏହାର କାର୍ଯ୍ୟାନ୍ୱୟ ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ଗତ ବର୍ଷକ ମଧ୍ୟରେ ୨୫ କ୍ୟାବିନେଟ ବୈଠକରେ ୩୪ ବିଭାଗରେ ୧୪୯ଟି ପ୍ରସ୍ତାବ ପାରିତ ହୋଇଛି।

ପଞ୍ଚାୟତ ସମିତି ହିସାବ ନିୟମାବଳୀରେ ସଂଶୋଧନ ପରେ ସାଧାରଣ ବିକାଶମୂଳକ ଯୋଜନା ପାଇଁ କନିଷ୍ଠ କିମ୍ବା ସହକାରୀ ଯନ୍ତ୍ରୀମାନେ ଏବେ ୫ ଟଙ୍କା ଲକ୍ଷ ପର୍ଯ୍ୟନ୍ତ ➪ପୃଷ୍ଠା-୬

ପୋଲାଣ୍ଡ୍ ବାୟୁସୀମାରେ ପଶିଲା ରୁଷୀୟ ଡ୍ରୋନ୍

## ବିରୁଡ଼ି ବସାରେ ହାତ ମାରିଦେଲେ ପୁଟିନ୍!

ୱାରସ,୧୦ା୯: ପାଖାପାଖି ଅଢ଼େଇ ବର୍ଷ ଧରି ଚାଲିଥିବା ରୁଷିଆ-ୟୁକ୍ରେନ ଯୁଦ୍ଧ ଥମିବାର ନାଁ ଧରୁନଥିବା ବେଳେ ଉତ୍ତର ଆମେରିକା ଓ ୟୁରୋପ୍‌ର ୩୨ଟି ଦେଶକୁ ନେଇ ଗଠିତ ହୋଇଥିବା ନାଟୋର ଅନ୍ୟତମ ସଦସ୍ୟ ପୋଲାଣ୍ଡ୍ ପରୋକ୍ଷ ଭାବେ ପ୍ରବେଶ କରିଛି। ବୁଧବାର



ଯୁଦ୍ଧ ଘନଘଟା ସାଙ୍ଘାତିକ ହେବା ଆଶଙ୍କା

ରୁଷୀୟ ସେନା ୟୁକ୍ରେନ୍ ରାଜଧାନୀ କିଭ୍ ଆଡ଼କୁ ଲକ୍ଷ୍ୟ କରି ୧୯ଟି ଡ୍ରୋନ୍ ମାଡ଼ କରିଥିଲେ ହେଁ ସେସବୁ ପୋଲାଣ୍ଡ୍ ବାୟୁସୀମା ମଧ୍ୟରେ ପ୍ରବେଶ କରିଥିଲା। ସେଥି ମଧ୍ୟରୁ ପୋଲାଣ୍ଡ ସେନା ୪ଟି ଡ୍ରୋନ୍ ଖସାଇ ଦେଇଥିବା ପ୍ରଧାନମନ୍ତ୍ରୀ ଡୋନାଲ୍ଡ ଟସ୍କ କହିଛନ୍ତି। ପୋଲାଣ୍ଡ ନାଟୋର ଏକ ସଦସ୍ୟ ରାଷ୍ଟ୍ର ହୋଇଥିବାରୁ ରୁଷିଆର ସଦ୍ୟ ଆକ୍ରମଣ ଆଗାମୀ ଦିନରେ ଯୁଦ୍ଧକୁ ଆହୁରି ଭୟାବହ କରିବାର ଆଶଙ୍କା ସୃଷ୍ଟି ହୋଇଛି। କାରଣ ନାଟୋର ସର୍ତ୍ତ ଅନୁସାରେ, କୌଣସି ଗୋଟିଏ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ହେଲେ, ଏହାକୁ ୩୨ଟି ଦେଶ ସେମାନଙ୍କ ଉପରେ ଆକ୍ରମଣ ଭାବେ ବିଚାର କରିବେ। ଏପରିକି ଟସ୍କ ମଧ୍ୟ କହିଛନ୍ତି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମ ଥର ଆମେ କୌଣସି ପ୍ରକାର ଯୁଦ୍ଧ ପରିସ୍ଥିତିର ସାମ୍ନାକୁ କରିବାକୁ ଯାଉଛୁ। ଅବଶ୍ୟ ତାଙ୍କର ଏପରି ମତାମତକୁ କେହି ବି ଯୁଦ୍ଧର ଅୟମାରମ୍ଭ ବୋଲି ବିବେଚନା ନ କରିବାକୁ ସେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ମସ୍କୋ ପକ୍ଷରୁ ଏହି ପ୍ରସଙ୍ଗରେ କିଛି ବି ପ୍ରତିକ୍ରିୟା ଦିଆଯାଇନାହିଁ। କିନ୍ତୁ ପୋଲାଣ୍ଡ୍‌ର ଜଣେ ବରିଷ୍ଠ କୂଟନୀତିଜ୍ଞ ଉକ୍ତ ଡ୍ରୋନ୍‌ଗୁଡ଼ିକ ୟୁକ୍ରେନ୍ ଆଡ଼କୁ ଲକ୍ଷ୍ୟ କରି ନିକ୍ଷେପ କରାଯାଇଥିଲା, କିନ୍ତୁ ସେଗୁଡ଼ିକ ପୋଲାଣ୍ଡ୍ ସୀମାକୁ ପ୍ରବେଶ କରିଥିବା କହିଛନ୍ତି।

ପୋଲାଣ୍ଡ ୟୁକ୍ରେନର ଏକ ପଡ଼ୋଶୀ ଦେଶ ହୋଇଥିବା ବେଳେ ରୁଷିଆ ପକ୍ଷରୁ ନିକ୍ଷେପ କରାଯାଇଥିବା ଡ୍ରୋନକୁ ଖସାଇବା ପାଇଁ ଏଫ୍-୩୫ ବ୍ୟବହାର କରିଥିଲା। ଏବେ ପୋଲାଣ୍ଡ ସରକାର ଡ୍ରୋନର ଭଗ୍ନାବଶେଷ ଖୋଜୁଛନ୍ତି। ଆମେରିକା ଓ ନାଟୋ ମଧ୍ୟ ➪ପୃଷ୍ଠା-୬

କେନ୍ଦ୍ରମନ୍ତ୍ରୀଙ୍କ ୟୁଏଇ ଗସ୍ତର ପ୍ରଥମ ଦିନ

## ପ୍ରବାସୀ ଭାରତୀୟଙ୍କୁ ମିଳିବ ଗୁଣାତ୍ମକ ଶିକ୍ଷା



- ଶିକ୍ଷା-ଜ୍ଞାନ ବିଭାଗ ଅଧ୍ୟକ୍ଷାଙ୍କ ସହ ସାକ୍ଷାତାଲୋଚନା
- ସ୍କୁଲ ସ୍ତରରୁ ଷ୍ଟୁଡେଣ୍ଟ୍ ଏକ୍ସଚେଞ୍ଜକୁ ପ୍ରୋତ୍ସାହିତ କରାଯିବ
- ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟରର ଲୋକାର୍ପଣ

ଆବୁଧାବି,୧୦ା୯: ଭାରତ ଓ ୟୁଏଇ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବା ଲକ୍ଷ୍ୟରେ ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଗସ୍ତର ପ୍ରଥମ ଦିନରେ ଆଜି ଆଇଆଇଟି ଦିଲ୍ଲୀ-ଆବୁଧାବୀ କ୍ୟାମ୍ପସ ପରିଦର୍ଶନ କରିବା ସହ ଅନ୍ୟାନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ଆଇଆଇଟି ଦିଲ୍ଲୀ ଆବୁଧାବି କ୍ୟାମ୍ପସର ସମସାମୟିକ ରୂପରେଖ ଓ ଭବିଷ୍ୟତ ଯୋଜନା ସଂକ୍ରାନ୍ତରେ ଏକ ପ୍ରେଜେଣ୍ଟେସନ୍ ଉପସ୍ଥାପିତ ହୋଇଥିଲା। ସେଠାରେ ବିଦେଶରେ ପ୍ରଥମ ଥର ଅଟଳ ଇନକ୍ୟୁବେସନ୍ ସେଣ୍ଟର୍‌ର ଉଦଘାଟନ କରିବା ସହ କେନ୍ଦ୍ର ମନ୍ତ୍ରୀ ପିଏଚଡି ଓ ବି.ଟେକ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କ୍ୟାମ୍ପସର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ସହ ଆଲୋଚନା କରିଥିଲେ। କ୍ୟାମ୍ପସର ବିକାଶ କାର୍ଯ୍ୟକୁ ପ୍ରଶଂସା କରିବା ସହ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଆବୁଧାବିରେ ପ୍ରତିଷ୍ଠିତ ଏହି କ୍ୟାମ୍ପସ ଆଇଆଇଟି ଦିଲ୍ଲୀର ଐତିହ୍ୟକୁ ପ୍ରତିଫଳିତ କରିଛି। ଜ୍ଞାନ ଓ ଗବେଷଣା ସହ ଭାରତ ଓ ୟୁଏଇ ମଧ୍ୟରେ ଶିକ୍ଷା ସହଯୋଗୀର ଏକ ବତୀଘର ଭାବେ ଉଭା ହୋଇଛି। ଏହି ଅନୁଷ୍ଠାନକୁ ଆସିବା ତାଙ୍କ ପାଇଁ ଅତ୍ୟନ୍ତ ସନ୍ତୋଷର ବିଷୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ଶ୍ରୀ ପ୍ରଧାନ ଆବୁଧାବିର ଶିକ୍ଷା ଏବଂ ଜ୍ଞାନ ବିଭାଗ (ଏଡିଇକେ)ର ଅଧ୍ୟକ୍ଷା ସାରା ମୁସଲ୍ଲମଙ୍କ ସହ ଶିକ୍ଷାଗତ ➪ପୃଷ୍ଠା-୬

## ରାଜଧାନୀ କଲେଜରେ ଗଣ୍ଡଗୋଳ, ୨ ଛାତ୍ର ଆହତ



ଭୁବନେଶ୍ୱର,୧୦ା୯(ସଂଚାର ବ୍ୟୁରୋ): ରାଜ୍ୟର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଣଛାତ୍ରମାନେ ହଷ୍ଟେଲ୍‌ରେ ରହି ନାନାଦି ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ଅପରେସନ୍ ବ୍ଲୁ ଷ୍ଟାର୍ ମାଧ୍ୟମରେ କମିଶନରେଟ୍ ପୁଲିସ୍ ହଷ୍ଟେଲ୍‌ଗୁଡ଼ିକୁ ଅଣଛାତ୍ରମୁକ୍ତ କରିଛି। କିନ୍ତୁ ରାଜଧାନୀର ଅନ୍ୟତମ ଜଣାଶୁଣା ମହାବିଦ୍ୟାଳୟ ରାଜଧାନୀ କଲେରେ ଆଜି ଦେଖିବାକୁ ମିଳିଛି ଅଣଛାତ୍ରଙ୍କ ଗୁଣ୍ଡାରାଜ। ଏଠାରେ ଆଜି କଲେଜର କେତେକ ଛାତ୍ରଙ୍କ ସହ କିଛି ଅଣଛାତ୍ରଙ୍କ ମାଡ଼ଗୋଳ ହେବା ଫଳରେ ଏଥିରେ ଦୁଇ ଜଣ ଆହତ ହୋଇଛନ୍ତି। ପାଖାପାଖି ୨୦ ଜଣ ଅଣଛାତ୍ର କଲେଜରେ ପ୍ରବେଶ କରି ଛାତ୍ରମାନଙ୍କୁ ମାଡ଼ ➪ପୃଷ୍ଠା-୬

# ପ୍ରତ୍ୟାଖାତ ନେତାଙ୍କ ଫସରଫଟା ଉଦ୍ୟମ



ଭୁବନେଶ୍ୱର,୧୦ା୯(ସଂଚାର ବ୍ୟୁରୋ): ବିଜେଡିର ଦୁଇ ଜଣ ବରିଷ୍ଠ ନେତା ଦଳ ଛାଡିବା ପରେ ପୁଣିଥରେ କିଛି ପ୍ରତ୍ୟାଖାତ ନେତା ମେଳି ହେବାରେ ଲାଗିଛନ୍ତି। ଏମାନେ ନବୀନଙ୍କୁ ମାଇନସ କରି ବିଜୁଙ୍କ ନାମରେ ଓଡିଶାରେ ରାଜନୀତି କରିବା ପାଇଁ ଯେଉଁ ଉଦ୍ୟମ ଆରମ୍ଭ କରିଛନ୍ତି ତାହା ଆଦୌ ସମ୍ଭବ ନୁହେଁ ବୋଲି ବହୁ ବରିଷ୍ଠ ରାଜନେତା ମତ ଦେଲେଣି। ଅତୀତରେ ଏଭଳି ଉଦ୍ୟମ ଫେଲ ମାରିଥିବାରୁ ବର୍ତ୍ତମାନ ଆଗକୁ ବଢୁଥିବା ନେତାମାନେ ପୁଣିଥରେ ଲୋକହସା ହେବେ ବୋଲି ଆଲୋଚନା ଜୋର ଧରିଛି।

ବିଜେଡିର ଦୁଇ ନେତା ଏନ ଭାସ୍କର ରାଓ ଓ ଲାଲ ବିହାରି ହିମିରିକା ଦଳ ଛାଡିଛନ୍ତି। ଏଥିସହ ରାଜନୀତିରେ ତିଷ୍ଠି ରହିବାପାଇଁ ବିଜୁଙ୍କ ନାଁ ବ୍ୟବହାର କରି ବିଜୁ ସ୍ୱାଭିମାନ ମଞ୍ଚ ଗଢ଼ିଛନ୍ତି। ଅନ୍ୟମାନଙ୍କୁ ସାଙ୍ଗରେ ନେବାପାଇଁ ଭରପୁର ଉଦ୍ୟମ ବି କରୁଛନ୍ତି। ହେଲେ ଏହି ଦୁଇ ନେତା ଦୀର୍ଘଦିନ ଧରି ରାଜନୀତିରେ ସକ୍ରିୟ ନଥିବା ଓ ଯାହା ବି ହୋଇଛନ୍ତି ନବୀନଙ୍କ ଆର୍ଶୀବାଦରେ

> ମାଇନସ୍ ନବୀନରେ ଏମାନେ ଜିରୋ
>
> ଅତୀତରେ ବି ହୋଇଥିଲା ମଞ୍ଚ

ହୋଇଥିବାରୁ ସେମାନଙ୍କ ସହିତ ଅନ୍ୟମାନେ ଯିବାକୁ ସାହସ କୁଳାଇ ପାରୁନାହାନ୍ତି।

ତେବେ ଏହି ଦୁଇ ନେତା ରାତାରାତି ସ୍ୱାଭିମାନ ମଞ୍ଚ ଗଢିବାପରେ ଏବେ ଉପକୂଳର ଆଉ କିଛିନେତା ସକ୍ରିୟ ହୋଇ ଉଠିଛନ୍ତି। ଗଣମାଧ୍ୟମରେ ବି ବିବୃତ୍ତି ଦେଉଛନ୍ତି। ଏମାନଙ୍କ ମଧ୍ୟରୁ କିଛି ବିଜେଡିରେ ଥିବାବେଳେ ଆଉ କିଛି ବିଜେଡିରୁ ବିଦା ହୋଇଛନ୍ତି। ତେବେ ସଂଖ୍ୟାଧିକ ହେଉଛନ୍ତି ହାରୁ ନେତା। ନବୀନଙ୍କ ଦୟାରୁ ଅତୀତରେ ସାଂସଦ, ମନ୍ତ୍ରୀ, ବିଧାୟକ ଆଦି ହୋଇ ପରବର୍ତ୍ତୀ ମୂହୂର୍ତ୍ତରେ ବିଜେଡିରୁ ଦୂରେଇ ଯାଇଥିବା ନେତା ଏବେ ଏକାଠି ହେବାପାଇଁ ଉଦ୍ୟମ କରୁଛନ୍ତି। ହେଲେ ଏମାନେ ଅତୀତର ଅଭିଜ୍ଞତାକୁ ଆଧାର କରି ଆଗଇ ପାରୁନାହାନ୍ତି।

ଅତୀତରେ ବିଜେଡି ଛାଡିଥିବା ଓ ବିଜେଡିରୁ ବିଦା ହୋଇଥିବା ନେତାଙ୍କର ଲମ୍ବା ତାଲିକା ରହିଛି। ଏମାନଙ୍କ ମଧ୍ୟରେ ଦିଲ୍ଲୀପ ରାୟ, ରାମକୃଷ୍ଣ ପଟ୍ଟନାୟକ, ନଳିନୀ ମହାନ୍ତି, ପ୍ୟାରୀମୋହନ ମହାପାତ୍ର, ବିଜୟ ମହାପାତ୍ର, କମଳା ➪ପୃଷ୍ଠା-୬

● ସୁଭଦ୍ରାକୁ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଘୋଷଣା


## ଏକାଥରକେ ମିଳିବ ଦୁଇଟି କିସ୍ତି



ଭୁବନେଶ୍ୱର,୧୦ା୯(ସଂଚାର ବ୍ୟୁରୋ): ସୁଭଦ୍ରା ଯୋଜନାକୁ ନେଇ ବୁଧବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ତୃତୀୟ ପର୍ଯ୍ୟାୟରୁ ବଞ୍ଚିତ ହୋଇଥିବା ୨ ଲକ୍ଷ ୮୫ ହଜାର ହିତାଧିକାରୀ କେଉଁ କାରଣରୁ ଟଙ୍କା ପାଇନାହାନ୍ତି, ଏହାର କାରଣ ଜାଣିବା ସକାଶେ ଡୋର ଟୁ ଡୋର ସର୍ଭେ ହେବ। ୧୫ ଦିନ ଭିତରେ ଫିଲଡ ଭିଜିଟ କରି ଅଧିକାରୀମାନେ ତଦନ୍ତ ରିପୋର୍ଟ ପ୍ରଦାନ କରିବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।ସେ କହିଛନ୍ତି ଯେ ଯୋଗ୍ୟ ହିତାଧିକାରୀମାନଙ୍କୁ ନିଶ୍ଚିତ ଭାବେ ସୁଭଦ୍ରା ଯୋଜନାର ସହାୟତା ରାଶି ମିଳିବ। ଯୋଗ୍ୟ ହିତାଧିକାରୀମାନଙ୍କୁ ଏକକାଳୀନ ଦୁଇଟି କିସ୍ତିର ଟଙ୍କା ମିଳିବ ବୋଲି ଆଜି ସୁଭଦ୍ରା ଯୋଜନାର ସମୀକ୍ଷା ପୂର୍ବରୁ ଉପମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ସାମିଲ ନେଇ ଆଲୋଚନା ହେବ। ଏନେଇ ୩ ବିଭାଗକୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତଥ୍ୟ ମାଗିଛି। ପରିବହନ, ଖାଦ୍ୟ ଯୋଗାଣ ଓ ସ୍ୱାସ୍ଥ୍ୟ ବିଭାଗକୁ ତଥ୍ୟ ମଗାଯାଇଥିଲା। ବାଣିଜ୍ୟ ଓ ପରିବହନ ବିଭାଗକୁ ୪ଚକିଆ ନେଇ ତଥ୍ୟ ମଗାଯାଇଥିଲା। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ୩୬ ➪ପୃଷ୍ଠା-୬

## ନେପାଳରେ ଫସିଛନ୍ତି ୩ ଓଡ଼ିଆ

ଭୁବନେଶ୍ୱର,୧୦ା୯(ସଂଚାର ବ୍ୟୁରୋ): ନେପାଳରେ ଫସି ରହିଛନ୍ତି ୩ ଓଡ଼ିଆ। ନେପାଳର କାଠମାଣ୍ଡୁରେ କୁହୁଳୁଥିବା ବିଦ୍ରୋହର ନିଆଁ ଏବଂ ହିଂସା ପାଇଁ ଉପୁଜିଥିବା ଉତ୍ତେଜନା ପରିସ୍ଥିତି ଭିତରେ ଫସିଯାଇଛନ୍ତି ଓଡିଶାର ୩ ଜଣ ଯୁବକ। ଭୁବନେଶ୍ୱରର ୩ ଜଣ କାଠମାଣ୍ଡୁ ଯାଇଥିବା ବେଳେ ସେଠାରେ ଚାଲିଥିବା ଆନ୍ଦୋଳନରେ ସେମାନେ ଫସିଛନ୍ତି। ତେବେ କାଠମାଣ୍ଡୁରେ ହେବାକୁ ଥିବା ୪ର୍ଥ କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲ ପାଇଁ ୩ ଜଣ ଯାଇଥିବା ବେଳେ ପରିସ୍ଥିତି ପ୍ରତିକୂଳ ଥିବାରୁ ଉକ୍ତ ସାହିତ୍ୟ ମହୋତ୍ସବକୁ ବାତିଲ କରାଯାଇଛି। ତେବେ ସେପ୍ଟେମ୍ବର ୧୩ ଏବଂ ୧୪ ତାରିଖରେ ଏହି ସାହିତ୍ୟ ମହୋତ୍ସବ ହେବାକୁ ଥିବା ବେଳେ ଓଡିଶାର କଳିଙ୍ଗ ଲିଟେରାରୀ ଫେଷ୍ଟିଭାଲର ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା, ଦେବରାଜ ମହାନ୍ତି ଓ ସୌମ୍ୟରଞ୍ଜନ ସାହୁ କାଠମାଣ୍ଡୁ ଅଭିମୁଖେ ଗସ୍ତ କରିଥିଲେ। ମାତ୍ର ସେଠାରେ ପରିସ୍ଥିତି ଗମ୍ଭୀର ହେବା ପରେ ସାହିତ୍ୟ ମହୋତ୍ସବକୁ ➪ପୃଷ୍ଠା-୬



### କାନ ଡେରିଥା

ନିମ୍ନମାନର ଖାଦ୍ୟ ଦେଇଦେଇ
ପିଲାଙ୍କ ଅର୍ଥକୁ ଖାଉଛ
ସରକାରୀ ଅର୍ଥ ଲୁଟି ଲୁଟି
ତମେ
ଅଦିନେ ଅକାଳେ ମରୁଛ
ମେଡିକାଲ ଖାଲି ଧାଉଁଛ...
ଉପୁରୀ ପଇସା ମେଡ଼ିକାଲେ
ଦେଇ
ଭିକାରୀ ଭଳିଆ ହେଉଛ
ସମ୍ମାନ ହରେଇ ସାରିଛ ।।

■ ଦେବାଶିଷ

ଯାଜପୁରରେ ମହାମିଶ୍ରଣ ପର୍ବ

# ବବି-ଜିତୁଙ୍କ ଗଡ଼ରେ ହିମାଂଶୁଙ୍କ 'ପାୱାର ଶୋ'

ଯାଜପୁର,୧୦ା୯(ସଂଚାର ବ୍ୟୁରୋ): ଯାଜପୁରରେ ବିଜେପି ଆଜି ତା'ର ଶକ୍ତି ପ୍ରଦର୍ଶନ କରିଛି। ଦଳ ରାଜ୍ୟରେ ସରକାର ଗଢ଼ିବା ପରେ ଲୋକଙ୍କ ଭିତରେ ଗ୍ରହଣୀୟତା ବଢ଼ିବା ସହ ବିରୋଧୀ ବିଜେଡିରେ ମଧ୍ୟ ଏହା କମ୍ପନ ସୃଷ୍ଟି କରିଛି। ରାଜ୍ୟରେ ବିଜେପିର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତାରେ ପ୍ରଭାବିତ ହୋଇ ଆଜି ଯାଜପୁରର ଧର୍ମଶାଳା ବ୍ଲକ୍‌ରେ ଦଳର ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି।

- ■ ପଦ୍ମ ଧରିଲେ ୭୦ରୁ ଉର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟ
- ■ ନେଉଳପୁରରୁ ଜାରକା ଯାଏଁ ବିଶାଳ ଶୋଭାଯାତ୍ରା
- ■ ଧର୍ମଶାଳାରେ ପରିବାରବାଦର ଅନ୍ତ: ମନମୋହନ

ଧର୍ମଶାଳା ମହୋତ୍ସବ ପଡ଼ିଆଠାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଏହି ମହାମିଶ୍ରଣ ପର୍ବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭା ପୂର୍ବରୁ ବିରାଟ ଶୋଭାଯାତ୍ରାରେ ମନମୋହନ ସାମଲଙ୍କୁ ସଭାସ୍ଥଳକୁ ଆଣାଯାଇଥିଲା। ହଜାର ହଜାର ବିଜେପି କର୍ମୀଙ୍କ ଉପସ୍ଥିତିରେ ମହୋତ୍ସବ ପଡ଼ିଆରେ ବିଜେପି ଶକ୍ତି ପ୍ରଦର୍ଶନ କରିଥିଲା। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ କହିଥିଲେ ଯେ ଧର୍ମଶାଳା ମାଟିରୁ ବିଜେଡିର ରଙ୍ଗ ଲିଭିଗଲା। ଏବେ କେବଳ ବିଜେପି ରଙ୍ଗରେ ଧର୍ମଶାଳା ମାଟି ରଙ୍ଗାୟିତ ହୋଇଛି।

ଯାଜପୁର ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ଅନ୍ୟତମ ଅତିଥି ଭାବେ ସମବାୟ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ, ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶ ଦାସନାୟକ, ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ, ବରୀ ନିର୍ବାଚନମଣ୍ଡଳୀର ନେତା ଉମେଶ ଚନ୍ଦ୍ର ଜେନା, ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ନେତ୍ରୀ



ବବିତା ମଲ୍ଲିକ ସାମିଲ ଥିଲେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଥିଲେ ଯେ ଯାଜପୁରରେ ଅଭୂତପୂର୍ବ ପରିବର୍ତ୍ତନ ହୋଇଛି। ଏହିଠାରୁ ବିଜେପିର ୪ ବିଧାୟକ ଓ ଜଣେ ସାଂସଦ ବିଜୟୀ ହୋଇଛନ୍ତି। ଆଜି ଏହି ସଭା କେବଳ ସମ୍ବର୍ଦ୍ଧନା ସଭା ନୁହେଁ, ବରଂ ଧନ୍ୟବାଦ ସଭା। ସରକାର ପରିବର୍ତ୍ତନ ପ୍ରକ୍ରିୟାର ଅଗ୍ରଭାଗରେ ଯାଜପୁର ଥିଲା ଓ ଏଥିରେ ଆମେ ସଫଳ ହୋଇଛୁ। ଲୋକେ ଭାବିନଥିଲେ ଯାଜପୁରରେ ପରିବର୍ତ୍ତନ ହେବ। କିନ୍ତୁ ଭଗବାନ କେବେ ବି ଗର୍ବ ଅହଙ୍କାର ସହିନାହାନ୍ତି। ମା' ବିରଜା ବିଜେଡିର ଗର୍ବକୁ ଚୂନା କରିଦେଲେ। ଲୋକଙ୍କୁ ପୋକ ମାଛି ଭଳି ଭାବୁଥିବା ନେତାଙ୍କୁ ସେମାନଙ୍କ ଅସଲ ସ୍ୱରୂପ ଚିହ୍ନାଇଦେଲେ। ୨୦୨୪ ନିର୍ବାଚନରେ ସେମାନଙ୍କୁ ଜବାବ ଦେଲେ ଯାଜପୁରବାସୀ। କ୍ଷମତାକୁ ଆସିବା ପରେ ସଙ୍କଳ୍ପପତ୍ର ଅନୁସାରେ ପ୍ରତିଶ୍ରୁତି ପାଳନ କରୁଛି ବିଜେପି। ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ସଂକଳ୍ପ ନେଇଛି ଦଳ। ଧାନର ସହାୟକ ମୂଲ୍ୟ ବଢ଼ିବା ପରେ ଚାଷୀ ସମୃଦ୍ଧ ହେଉଛି। ରତ୍ନଭଣ୍ଡାର ଖୋଲିସାରିଛି। ମରାମତି ଶେଷ ହୋଇଛି। ଏବେ ଗଣତି ହେବ। ଜଳସେଚନ ଶତପ୍ରତିଶତ କରିବାକୁ ଲକ୍ଷ୍ୟ ରହିଛି। ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆସିଛି, ଆଉ ୧୦ ଲକ୍ଷ କୋଟି ➪ପୃଷ୍ଠା-୬

## ପିଇଓଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ସୂଚନା ଅଧିକାର କର୍ମୀ

**ମହାକାଳପଡ଼ା,୧୦।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକୁମାର ମଣ୍ଡଳଙ୍କ ନାମରେ ସୁବ୍ରତ କୁମାର ସେଠୀ ନାମକ ଜଣେ ସୂଚନା ଅଧିକାର କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣୀ ପୋର୍ଟାଲ ରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ସୁକୁମାର ମଣ୍ଡଳ ରାଜନଗର ବ୍ଲକ ର ହାତିନା ପଞ୍ଚାୟତରେ କାର୍ଯ୍ୟରତ ଥିବା ସମୟରେ ଗ୍ରାମୀଣ ଗୃହ ହିତାଧିକାରୀ ଚୟନରେ ନିୟମ ଉଲ୍ଲଂଘନ ଓ ଯୋଗ୍ୟ ହିତାଧିକାରୀ ଙ୍କୁ ବେଆଇନ୍ ଭାବେ ଚୟନ ହୋଇଥିବା ତାଲିକାରୁ ବାଦ୍ ଦେବା ଘଟଣାରେ ଓସିଏସ(ସିସି ଆଣ୍ଡ ଏ) ନିୟମ ୧୯୬୨ ଅନୁଯାୟୀ ତାଙ୍କୁ ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ା ଙ୍କ ତରଫରୁ ୩୧ ଅକ୍ଟୋବର ୨୦୨୨, ଚିଠି ନମ୍ବର ୨୩୩୩ ରେ ନିଲମ୍ବନ କରାଯାଇଥିଲା। ନିଲମ୍ବନ ପରେ ଅର୍ଥାତ୍ ୨୦୨୩ ରେ ତାଙ୍କୁ କେଉଁ ଆଧାରରେ ପ୍ରଶାସନ ପୁନଃ ମହାକାଳପଡ଼ା ବ୍ଲକ ରେ ନିଯୁକ୍ତ କରାଗଲା ? ସେ ତେର ଗାଁ ପଞ୍ଚାୟତର ଦାୟିତ୍ୱ ରେ ଥିବା ସମୟରେ ଅନେକ ବେଆଇନ୍ କାର୍ଯ୍ୟ କରିବା ସମ୍ପର୍କରେ ଅଭିଯୋଗ ପରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା, ହେଲେ ପୁଣି କିଛି ମାସ ପରେ ତାଙ୍କୁ ପୁନଃ ତେର ଗାଁ ପଞ୍ଚାୟତ କୁ ଅଣାଯାଇଛି ବୋଲି ସୁବ୍ରତ ଉଲ୍ଲେଖ କରିଛନ୍ତି। ସେ ଆହୁରି ମଧ ଦର୍ଶାଇଛନ୍ତି ଯେ ସୁକୁମାର ଙ୍କୁ ତେର ଗାଁ ପଞ୍ଚାୟତର ଦାୟିତ୍ୱ ନେବାକୁ ୧୯ ଜୁନ ୨୦୨୫ ରେ ଚିଠି ହୋଇଥିଲା। ପଞ୍ଚାୟତର ପୂର୍ବତନ ପିଇଓ ବାର୍ଣ୍ଣେନ୍ଦୁ ପ୍ରକାଶ ସ୍ୱାଇଁ ୨୬ ଜୁନ ରେ ଦାୟିତ୍ୱ ହସ୍ତାନ୍ତର କଲେ। କିନ୍ତୁ ୨୪ ଜୁନ ରେ ପ୍ରାୟ ୧୦ ଲକ୍ଷ ଟଙ୍କାର ବିଲ୍ କିପରି ଉଠିଲା ? ଏହାର ନିରପେକ୍ଷ ତଦନ୍ତ କରି ପିଇଓ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁବ୍ରତ ଦାବି କରିଛନ୍ତି। ଅନିୟମିତତା ସମ୍ପର୍କରେ ଆମେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକୁମାର ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି ଆଇନ ଅନୁଯାୟୀ ଯାହା କରିବା କଥା ସେ କରୁଛନ୍ତି। ଯଦି ସେ କୌଣସି ବେଆଇନ୍ କାର୍ଯ୍ୟ କରିଥିବେ ତେବେ ପ୍ରଶାସନ ତରଫରୁ ଏହାର ତଦନ୍ତ ହେଲେ ଜଣାପଡ଼ିବ। ସେଥିପାଇଁ ସେ ସଦାସର୍ବଦା ପ୍ରସ୍ତୁତ।

## ଦରମା ଦାବିରେ ପଟ୍ଟାମୁଣ୍ଡାଇ ସମବାୟ ବ୍ୟାଙ୍କ ସମ୍ମୁଖରେ ଧାରଣା




**ପଟ୍ଟାମୁଣ୍ଡାଇ, ୧୦।୯ (ସଂଚାର ବ୍ୟୁରୋ):** କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନରେ ଥିବା ଖଡିଅଣ୍ଟା ସମବାୟ ସମିତିର ସହସମ୍ପାଦକ ପ୍ରତାପ ନାୟକ,ପିଅନ ମାଧବାନନ୍ଦ ଦାସ ଓ ୱାଚ ମ୍ୟାନ ରମେଶ ମଲିକ ଦୀର୍ଘ ବର୍ଷ ହେବ ଦରମା ନପାଇ କାର୍ଯ୍ୟକରିଆସୁଛନ୍ତି । ଯାହାଫଳରେ ଏହି କର୍ମଚାରୀମାନେ ଘୋର ଆର୍ଥିକ ଦୁଃସ୍ଥିତି ଦେଇ ଗତି କରିବା ସହିତ ପରିବାର ଚଳାଇବା କଷ୍ଟକର ହୋଇଛି । ଏପରିକି ପରିବାରର ଚିକିତ୍ସା ଓ ପିଲାମାନଙ୍କ ପାଠ ପଢା ଠପ ହୋଇଯାଇଛି । ଧାରଉଧାର କରି ପରିବାର ଚଳାଇବା ଆଉ ସମ୍ଭବ ହେଉନାହିଁ । ଏଥି ନେଇ ବାରମ୍ବାର ସମବାୟ ବିଭାଗ କର୍ତୃପକ୍ଷଙ୍କୁ ଜଣାଇଲେ ମଧ କୌଣସି ଫଳ ମିଳିନାହିଁ । ଶେଷରେ ଅନ୍ୟ ଉପାୟ ନପାଇ ଦରମା ଦାବୀରେ ଖଡ଼ିଅଣ୍ଟା ସମବାୟ ସମିତିର ଉପରୋକ୍ତ କର୍ମଚାରୀମାନେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ସମ୍ମୁଖରେ ଧାରଣା ଦେଇଥିଲେ । ଏହି ଧାରଣାକୁ ଜିଲ୍ଲା ସମବାୟ ସମିତି କର୍ମଚାରୀ ସଂଘ ସଭାପତି ବୈରାଗୀ ସାହୁ, ସମ୍ପାଦକ ଅସିତ ବେଉରିଆ କୋଷାଧକ୍ଷ ସୁବୋଧ ଲେଙ୍କା, ଉପଦେଷ୍ଟା ବ୍ରଜବନ୍ଧୁ ଦାଶ ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ସୁରେଶ ପାତ୍ର, ଡେରାବିଶ ବ୍ଲକ ସଭାପତି ସୁବ୍ରତ ନାୟକ, ରାଜନଗର ବ୍ଲକ ସଭାପତି ନୀଳମଣି ପ୍ରଧାନ, ରାଜକନିକା ବ୍ଲକ ସଭାପତି ଲଳିତ ମୋହନ ରାୟ, ମହାକାଳପଡା ବ୍ଲକ ସଭାପତି ଚୌଧୁରୀ ଚିଦାନନ୍ଦ ଦାସ ପ୍ରମୁଖ ସମର୍ଥନ କରି ଧାରଣା ଦେଇଥିଲେ। ବରିଷ୍ଠ ସହକାରୀ ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ ଟେଲିଫୋନ ଯୋଗେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ପ୍ରଶାନ୍ତ ମହାପାତ୍ରଙ୍କୁ ୩ଦିନ ମଧରେ ଦରମା ସମସ୍ୟା ସମାଧାନ ପାଇଁ ପ୍ରତିଶୃତି ଦେଇଥିଲେ । ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀମହାପାତ୍ର ଧାରଣାସ୍ଥଳରେ ପହଂଚି ଧାରଣାକାରୀଙ୍କୁ ୩ଦିନ ମଧରେ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସହର ଏବେ ଧଳାଜହରରେ କବଳିତ

## ମାସିକ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର

- ଥାନା ଓ ଅବକାରୀ କାର୍ଯ୍ୟାଳୟର ମାତ୍ର କିଛିହାତ ଦୂରରେ କାରବାର
- ସେବନ କରି ଦିନକୁ ଦିନ ବଢୁଛି ଅସାମାଜିକଙ୍କ ଦୌରାତ୍ମ୍ୟ

**କେନ୍ଦ୍ରାପଡ଼ା,୯।୯(ସଂଚାର ବ୍ୟୁରୋ):** ଧଳାଜହର କବଳରେ ଏବେ କେନ୍ଦ୍ରାପଡ଼ା ପୌରାଞ୍ଚଳ। ସହରର ବିଭିନ୍ନ ଛକ ସ୍ଥାନରେ ଧଳାଜହର କାରବାରର ଅଘୋଷିତ କେନ୍ଦ୍ର ଖୋଲାଯାଇଥିବା ବେଳେ ଯୁବଗୋଷ୍ଠୀ ଏଥିପ୍ରତି ଆକୃଷ୍ଟ ହୋଇ ନିଶା କବଳିତ ହେଉଛନ୍ତି। ଏଥିପାଇଁ ଜନଶୂନ୍ୟ ଇଲାକା ସହ ବିଭିନ୍ନ ମଠ ମନ୍ଦିର କୁ ମଧ ଆପଣେଇ ନେଇ ଯୁବକମାନଙ୍କର ମେଳି ହେଉଥିବା ବେଳେ ମାସିକ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଧଳା ଜହରର କାରବାର ଚାଲୁଛି। କେନ୍ଦ୍ରାପଡ଼ା ପୌରାଞ୍ଚଳରେ ଉଭୟ ଦେଶୀ, ବିଦେଶୀ ମଦ ସାଙ୍ଗକୁ ଧଳାଜହର କାରବାର ବହୁ ମାତ୍ରାରେ ବଢ଼ିଚାଲିଛି। ପୁଲିସ, ଅବକାରୀ ବିଭାଗର କାର୍ଯ୍ୟାଳୟ ନିକଟରୁ ମାତ୍ର କେହି ହାତ ଦୂରରେ ଏହି କାରବାର ହେଉଥିବା ବେଳେ ପୁଲିସ ଓ ଅବକାରୀ ବିଭାଗର ଅଣଦେଖା ଯୋଗୁଁ ନିଶା ବେପାରୀ ସେମାନଙ୍କ କଳା କାରବାର ବିସ୍ତାରକରି ଚାଲିଛନ୍ତି। ଖାଲିଯେ ବିସ୍ତାର କରୁଛନ୍ତି ତାହା ନୁହେଁ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ସହ ପ୍ରତିଦିନ ସହର ଅଧିବାସୀ ଙ୍କୁ ଧମକ ଚମକ୍ ମଧ ଦେଉଥିବା ବେଳେ ସେମାନଙ୍କ ଭୟରେ କୌଣସି ଅଭିଯୋଗ କରୁନାହାନ୍ତି। ଦୀର୍ଘଦିନ ହେବ ପୌରାଞ୍ଚଳର ଏକ ସରକାରୀ ସୀକୃତିପ୍ରାପ୍ତ ଦୋକାନରେ ନକଲି ମଦ କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ଆସୁଥିଲେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଜିଲ୍ଲାର ମହାକାଳପଡା ଏବଂ ରାଜନଗର ଅଞ୍ଚଳରୁ ପ୍ରସ୍ତୁତ ଏହି ମଦକୁ ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଗ୍ରାହକମାନେ ପିଇବା ପରେ ମୁଣ୍ଡରେ ଚକ୍କର ଆସିବା, ମୁଣ୍ଡବିନ୍ଧିବା ଭଳି ପ୍ରତିକ୍ରିୟା ଆସୁଥିବା ଅଭିଯୋଗ ହୋଇଛି। ନକଲି ମଦ ବିକ୍ରିକରି ମଦ ମାଫିଆ ମାଲାମାଲ ହେଉଥିବା ବେଳେ ଏଥିରେ ବିଭାଗୀୟ ସମ୍ପୃକ୍ତି ରହିଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି।

ଏ କେନ୍ଦ୍ରାପଡ଼ା ସହରକୁ ଧଳାଜହରର ଚେର ପଡୋଶୀ ବାଲେଶ୍ୱର, ଭଦ୍ରକ ଜିଲ୍ଲା ପର୍ଯ୍ୟନ୍ତ ଲମ୍ବିଥିବା ନେଇ ଜଣାପଡ଼ିଛି। କେନ୍ଦ୍ରାପଡ଼ା ସହରର କିଛି ଯୁବକ ଏହାର ଏଜେଣ୍ଟ ସାଜି ମାସିକ ଲକ୍ଷଲକ୍ଷ ଟଙ୍କାର କାରବାର ଚଳାଇଛନ୍ତି। ଏପରିକି ଏଠାକାର ଏଜେଣ୍ଟଙ୍କ ଚାହିଦା ଅନୁସାରେ ପଡ଼ୋଶୀ ଜିଲ୍ଲା ଅଞ୍ଚଳରୁ ବେପାରୀମାନେ ଆସି ଏଜେଣ୍ଟମାନଙ୍କୁ ଜିନିଷ ଦେଇ ଯାଉଛନ୍ତି। କେନ୍ଦ୍ରାପଡ଼ା ସହରର ଥିବା ସିନେମା ହଲ୍ ଛକ, ସାମନ୍ତସାହି ଛକ, କଲେଜ୍ ଛକ, କେଶପୁର ବଜାର ଅଞ୍ଚଳ, ଈଶ୍ୱର ପୁର ଗଳି ଅଞ୍ଚଳ ସହ ସହର ମଧରେ ଥିବା ବିଭିନ୍ନ ମଠ ମନ୍ଦିର ନିକଟରେ ଏହି କାରବାର ଚାଲୁଥିବା ନେଇ ଆଲୋଚନା ହେଉଛି କିଛି ଯୁବକ ଏଥିପାଇଁ ସେମାନଙ୍କର କୋର୍ଡ ୱାର୍ଡ଼ ବ୍ୟବହାର କରୁଛନ୍ତି। ନିଶାଗ୍ରସ୍ତ ଯୁବକମାନେ ସର୍ବସାଧାରଣରେ ଉତ୍ପାତ କରୁଥିବା ବେଳେ ଅସାମାଜିକ କାର୍ଯ୍ୟରେ ମଧ ଲିପ୍ତ ହେଉଥିବା ଅଭିଯୋଗ ହୋଇଛି। କଲେଜ୍ ରେ



ପଢୁଥିବା ଯୁବକ ମାନେ ପାଠ ପଢିବା ବଦଳରେ ଏହି ଧଳା ଜହର ଆଡ଼କୁ ଅଗ୍ରସର ହେଉଥିବା ଶୁଣିବାକୁ ମିଳୁଛି। ତୁରନ୍ତ ପୁଲିସ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ରାସ୍ତା ପାଇଁ ନାବାଳକଙ୍କ ଜୀବନ ଯିବା ଘଟଣା
## ପରିବାରକୁ ଭେଟିଲେ କଂଗ୍ରେସ ନେତା ବିଭ୍ରାଂଶୁ ଲେଙ୍କା



**ମହାକାଳପଡ଼ା, ୧୦।୯ (ସଂଚାର ବ୍ୟୁରୋ):** ଗାଁ କୁ ଆମ୍ବୁଲାନ୍ସ ଆସି ନପାରିବାରୁ ଜଣେ ନଦୀରେ ଗୁରୁତର ନାବାଳକଙ୍କୁ ମେଡିକାଲ୍ ରେ ପହଞ୍ଚାଇବା ବିଳମ୍ବ ହେବାରୁ ଜୀବନ ଚାଲିଯାଇଛି। ଯେଉଁ ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚାରେ ବିଷୟ ପାଲଟିଛି। ମିଳିଥିବା ସୂଚନା ଅନୁଯାୟୀ ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ପେଟଛେଲା ପଞ୍ଚାୟତ ର ଆଦିବାସୀ ଅଧ୍ୟୁଷିତ ଜଙ୍ଗଲଘେରି ଗାଁ ର ଖୁଦି ଭକ୍ତାଙ୍କ ୧୧ ବର୍ଷୀୟ ପୁଅ ଶିବୁ ଭକ୍ତା ମଙ୍ଗଳବାର ଗାଁ ନିକଟ ରାମଚଣ୍ଡୀ ଗଳିଆ ନଦୀରେ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ବିଲରେ କାମ କରୁଥିବା କିଛି ଲୋକ ଦେଖିବାକୁ ପାଇ ନାବାଳକକୁ ଉଦ୍ଧାର କରିଥିଲେ। ହେଲେ ଗାଁ ରୁ ଥିବା ରାସ୍ତା କାଦୁଅ ପଚପଚ ଯୋଗୁଁ ଗାଁ କୁ ଆମ୍ବୁଲାନ୍ସ ଆସିପାରି ନଥିଲା। ଲୋକେ ଗୁରତର ନାବାଳକକୁ ବାଉଁଶ ଦୋଳା ସାହାଯ୍ୟରେ କାନ୍ଧରେ କାନ୍ଧେଇ ଦେଢ଼ କିଲୋମିଟର ଦୂର ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ନେବାକୁ ବାଧ ହୋଇଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ହେଲେ ସେଠାରେ ଡ଼ାକ୍ତର ଶିବୁଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିବୁଙ୍କ ବାପା ଚେନ୍ନାଇରେ ଜଣେ ଶ୍ରମିକ ଭାବରେ କାର୍ଯ୍ୟ କରୁଛନ୍ତି। ମାଆ ସବିତା ପୁଅଙ୍କ ମୃତ୍ୟୁ ପରେ ସମ୍ପୁର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏ ସମ୍ପର୍କରେ ଖବର ପାଇ କଂଗ୍ରେସ ନେତା ବିଭ୍ରାଂଶୁ ଲେଙ୍କା ଆଜି ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଗାଁ କୁ ସବୁଦିନିଆ ରାସ୍ତା ପାଇଁ ସେ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବେ ବୋଲି କହିଛନ୍ତି।

## ଜିଲ୍ଲାସ୍ତରୀୟ ଅଂଶୀଦାର ଦକ୍ଷତା ମୂଲ୍ୟାଙ୍କନ କର୍ମଶାଳା



**କେନ୍ଦ୍ରାପଡ଼ା,୧୦।୯(ସଂଚାର ବ୍ୟୁରୋ):** ସଂଯୁକ୍ତ ଜାତିସଙ୍ଘର ଖାଦ୍ୟ ଓ କୃଷି ସଂଗଠନ (ଫାଓ) ଏବଂ ଶାନ୍ତା ମେମୋରିଆଲ ରିହାବିଲଷ୍ଟେସନ ସେଣ୍ଟର (ଏସ.ଏମ.ଆର.ସି) ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ବୁଧବାର ଜିଲ୍ଲା ମୁଖ୍ୟ କୃଷି ଅଧିକାରଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏସ.ଏମ.ଆର.ସିର କାର୍ଯ୍ୟକାରୀ ଉପସଭାପତି ତଥା ପ୍ରକଳ୍ପ ଉପଦେଷ୍ଟା ପ୍ରଫେସର ଆଶାହଂସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇ.ଓ.ଏମ ପକ୍ଷରୁ ଡାକ୍ତର ନବନିତା ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେନ୍ଦ୍ର କୁମାର ମଲ୍ଲିକଙ୍କ ଅଧକ୍ଷତାରେ ବୈଷୟକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏସ.ଏମ.ଆର.ସିର ଜେଣ୍ଡର ଏକ୍ସପୋର୍ଟ ସ୍ମୃତିମୟୀ ତ୍ରିପାଠୀ ଓ ଚାଇଲ୍ଡ ଏକ୍ସପୋର୍ଟ ଏହି ପ୍ରଣତି ମିଶ୍ର ପ୍ରସନ୍ନପୁର, ପ୍ରହରାଜ ପୁର ଏବଂ କଜଳପାତିଆରେ ହୋଇଥିବା ସମୂହ ଆଲୋଚନାର ନିଷ୍କର୍ସକୁ ଉପସ୍ଥାପନ କରିଥିଲେ। ଏହି ଆଲୋଚନାରେ ନାରୀ, ଶିଶୁ ଓ ଯୁବଗୋଷ୍ଠୀଙ୍କ ଉପରେ ଜଳବାୟୁ ପରିର୍ବାନ, ସ୍ଥାନାନ୍ତରଣ ଓ ଗ୍ରାମୀଣ ଜୀବିକାର ପ୍ରସଙ୍ଗ କେତେ ସମ୍ବେଦନଶୀଳ ସେ ସମ୍ପର୍କରେ ରାଜନଗର ଓ ମହାକାଳପଡ଼ାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପାୟତ ଅଧିକାରୀ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲାର ବିଭିନ୍ନ ବର୍ଗର ପ୍ରତିନିଧିଗଣ ଯୋଗେଦେଇ ଜିଲ୍ଲାର ଦାଦନ ଶ୍ରମିକ ହଟାଇବା, ଗ୍ରାମୀଣ ପରିବେଶରେ ଅର୍ଥନୀତିକୁ ଅଭିବୃଦ୍ଧି, ଶିକ୍ଷାର ଗୁଣାତ୍ମକ ବିକାଶ, ପାନୀୟ ଜଳ, ପରିମଳ ସେବା ବିପର୍ଯ୍ୟସ୍ତ ଆଡକୁ ଅଗ୍ରସର ହେଉଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା। ଏହାର ସମସ୍ୟା ଉପରେ ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଜିଲ୍ଲା ସଂଯୋଜକ ରବି ନାରାୟଣ ନାୟକ, ପବିତ୍ର କୁମାର ସ୍ୱାଇଁ, ୱାସନର ଜିଲ୍ଲା ସଂଯୋଜକ ଶିତିକଣ୍ଠ ସାମନ୍ତସିଂ, ଆଡ଼ଏଟ ଆକ୍ସନର ଏମଆରସି ସଂଯୋଜିକା ସସ୍ମିତା ଦାସ ଓ ସେବାର ସମ୍ପାଦିକ ଅଳକା ସାହୁ ପ୍ରମୁଖ କାର୍ଯ୍ୟକ୍ରମର ସଂଚାଳନା ସହିତ ସହଯୋଗ କରିଥିଲେ। ଶେଷରେ ଚାଇଲ୍ଡ ଏକ୍ସପୋର୍ଟ ପ୍ରଣତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗଙ୍କ ମହାକାଳପଡ଼ା ଗସ୍ତ



**ମହାକାଳପଡ଼ା, ୧୦।୯(ସଂଚାର ବ୍ୟୁରୋ):** ରାଜ୍ୟ ଖାଦ୍ୟ କମିଶନଙ୍କ ୨ ଜଣ ସଦସ୍ୟା ସଂଯୁକ୍ତା ମହାନ୍ତି ଓ ପ୍ରେମଶିଳା କେରକେଟ୍ଟା ବୁଧବାର ମହାକାଳପଡ଼ା ବ୍ଲକ ଗସ୍ତ କରିଛନ୍ତି। ପ୍ରଥମେ ସେମାନେ ବ୍ଲକ କାର୍ଯ୍ୟାଳୟରେ ୪ଟି ଅଭିଯୋଗର ଶୁଣାଣୀ କରିବା ସହିତ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ସଭାଗୃହ ରେ ଏକ ସମୀକ୍ଷା ବୈଠକରେ ଭାଗ ନେଇଥିଲେ। ସେଠାରୁ ସେ ଶ୍ରୀ ପୁରୁଷୋତ୍ତମ ଏସ ଏଚଜି ପ୍ରସ୍ତୁତ କରୁଥିବା ଛତୁଆ କେନ୍ଦ୍ର ପରିଦର୍ଶନ, ଆର ବି ହାଇସ୍କୁଲ, ରାମନଗର ମଧାହ୍ନ ଭୋଜନ ପ୍ରସ୍ତୁତି ପରିଦର୍ଶନ କରି ରାମଚଣ୍ଡୀ ୨ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ପିଲାମାନଙ୍କୁ ଠିକ୍ ଭାବେ ଖାଦ୍ୟ ସାମଗ୍ରୀ ଦିଆଯାଉଛି କି ନାହିଁ ତାହାର ସମୀକ୍ଷା କରିଥିଲେ। କୋଚିଲା ବେଲାରି ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ, ବତୀଘର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ, ବତୀଘର ଦିଲ୍ଲୀପ ପ୍ରଧାନ ଙ୍କ ଖାଉଟି ସାମଗ୍ରୀ ବିତରଣ କେନ୍ଦ୍ର ବୁଲି ଦେଖିଥିଲେ। ସଦସ୍ୟମାନଙ୍କ ଏହି ଗସ୍ତ ସମୟରେ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କବିତା ମଲ୍ଲିକ ଓ ଯୋଗାଣ ଅଧିକାରୀ ବିବେକାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ୟାସ୍ ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ

**କେନ୍ଦ୍ରାପଡା, ୧୦।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଧୂମାତ ଗ୍ରାମର ରାମଚନ୍ଦ୍ର ନାୟକ ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ଜନୀତ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇ ଅଚଳ ହୋଇଥିଲେ।

ଏଚ୍‌ପିସିଏଲ୍‌ର ବିତରକ ଅମୁଲ୍ୟକାନ୍ତ ସାମନ୍ତରାୟଙ୍କ ଉଦ୍ୟମରେ କମ୍ପାନୀ ବିମା ତରଫରୁ ପିଡିତ ରାମଚନ୍ଦ୍ର ନାୟକଙ୍କ ପତ୍ନୀଙ୍କୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଚ୍‌ପିସିଏଲ୍‌ର ବରିଷ୍ଠ ଅଧିକାରୀ ଅଜୟ କୁମାର ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନିଘୋଡ଼ ନିଦରେ ଗ୍ରାମ୍ୟ ଉନ୍ନୟନ ବିଭାଗ
## ବେଲାରପୁର ଛୋଟୀ ରାସ୍ତା ସାଜିଛି ମରଣଯନ୍ତା



**ଡେରାବିଶ, ୧୦।୯(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭୁଜବଳ ଗ୍ରାମ ଦେଇ ଯାଇଥିବା ଲକ୍ଷ୍ମୀନାରାୟଣରୁ ବେଲାରପୁର ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଏତେ ବଡ଼ ବଡ଼ ଖାଲ ହୋଇଛି ଯେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ପ୍ରତିଦିନ ହଜାର ହଜାର ଲୋକ ଓ ଗାଡ଼ି ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ବେଣୀପୁର, ମଙ୍ଗଳପୁର ଛୋଟି, ରଘୁଦେଇପୁର, କୁରୁଜଙ୍ଗା ଓ ନହଙ୍ଗ ପଞ୍ଚାଯତରର ଲୋକେ ଚାଟରାଚକଡା ପଞ୍ଚାୟତର ଛତାରେ ଥିବା ଡେରାବିଶ ତହସିଲ ଅଫିସ, ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବାବେଳେ ସାଇକଲରେ ଛାତ୍ରଛାତ୍ରୀ ସ୍କୁଲ ଓ କଲେଜ ଯାଉଛନ୍ତି ଓ ଏହି ରାସ୍ତାରେ ପ୍ରଶାସନିକ ଅଧିକାରୀ ଯାତାଯାତ କରୁଥିବାବେଳେ କାହା ଆଖିରେ ଏହା ପଡୁନି। ରାସ୍ତା କାମ ହେଉଥିବାବେଳେ ଆରଡି ବିଭାଗ ଅଧିକାରୀ ମାନେ ଉପସ୍ଥିତ ନ ରହୁଥିବାରୁ କେତେକ ରାସ୍ତାରେ ପିଚୁ ଫାଟି ଆଁ କରିଥିବା ବେଳେ କେତେକ ରାସ୍ତା ଦବିଯାଇଥିବା ଦେଖିବାକୁ ମିଳୁଛି। ଡେରାବିଶ ବ୍ଲକର ବହୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ଯେତେ ଅଭିଯୋଗ କଲେ ମଧ ସରକାର ହେଉ କି ପ୍ରଶାସନିକ ଅଧିକାରୀ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ରାସ୍ତା ମରାମତି କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମାର୍କେଟିଂ, ବ୍ରାଣ୍ଡିଂ ଓ ଅଧିକୃତ ବ୍ୟବହାରକାରୀ ପଞ୍ଜୀକରଣ କର୍ମଶାଳା



**କେନ୍ଦ୍ରାପଡା, ୧୦।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ରପ୍ତାନୀ, ଉନ୍ନୟନ ଓ ପ୍ରୋତ୍ସାହନ ବିଭାଗ ଦ୍ୱାରା ଆୟୋଜିତ କେନ୍ଦ୍ରାପଡା ପ୍ରସିଦ୍ଧ ରସାବଳୀ ଓ ଜି.ଆଇ. ଟ୍ୟାଗ୍ ସଂପର୍କରେ ମାର୍କେଟିଂ, ବ୍ରାଣ୍ଡିଂ ଓ ଅଧିକୃତ ବ୍ୟବହାରକାରୀ ପଞ୍ଜୀକରଣ କର୍ମଶାଳା ଯୁଗ୍ମ ନିର୍ଦ୍ଦେଶକ ରେଟ୍ କଂଟ୍ରାକ୍ଟ ଏକ୍ସପୋର୍ଟ ପ୍ରମୋସନ୍ ଏବଂ ମାର୍କେଟିଂ ଭୁବନେଶ୍ୱରର ଶ୍ରୀ ଅଭିମନ୍ୟୁ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍. ଆୟାର ଓ ମାର୍କେଟିଂ, ବ୍ରାଣ୍ଡିଂର ଜି.ଆଇ ପରାମର୍ଶଦାତା ଡକ୍ଟର ସଚ୍ଚୀକାନ୍ତ କର, ସି.ଇ.ଓ ସଞ୍ଜୟ କୁମାର ପ୍ରଧାନ (ଅଲଟ୍ରା ଲଜେଷ୍ଟିକ) ଏବଂ ଡିଆଇସିର ଜି.ଏମ୍ ଶ୍ରୀ ପ୍ରଦୀପ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କର ୟମ୍.ଏସ୍.ଏମ୍.ଇ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶୁକ୍ଷ୍ମ, କ୍ଷୁଦ୍ର ଏବଂ ମଧମ ଉଦ୍ୟୋଗ ଗୁଡିକର ପ୍ରସାର ନିମନ୍ତେ ଉକ୍ତ କର୍ମଶାଳାରେ ଆଲୋଚନା କରାଯାଇଥିଲା।

## ଅବ୍ୟବସ୍ଥାରେ ଅଙ୍ଗନବାଡ଼ି କେନ୍ଦ୍ର



**ମାହାଙ୍ଗା,୯।୯(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅଞ୍ଚଳରେ ପ୍ରାକ ପ୍ରାଥମିକ ଶିକ୍ଷା ଦିଗହରା ହୋଇପଡିଛି। ନାମକୁ ମାତ୍ର ଚାଲିଛି ଅଙ୍ଗନବାଡି କେନ୍ଦ୍ର। କେନ୍ଦ୍ରରେ ଶିଶୁ ମାନଙ୍କ ଦେଖାଦର୍ଶନ ମିଳୁନି। କାଗଜ ପତ୍ରରେ କେବଳ ନାଁ ଗଉଛି, କିନ୍ତୁ ଶିକ୍ଷା ଗ୍ରହଣ କରିବାକୁ ଅଧିକାଂଶ ଶିଶୁ ଆସୁନଥିବା ଦେଖାଯାଉଛି। ଯାହା ପଛରେ ଅନେକ କାରଣ ରହିଥିବା ଅଭିଭାବକମାନେ ଅଭିଯୋଗ କରୁଛନ୍ତି। ପିଲାଙ୍କୁ ଆକୃଷ୍ଟ କରିବା ଭଳି ଶିକ୍ଷାଦାନ କରାଯାଉନଥିବା ସହ ପୁଷ୍ଟିକର ଖାଦ୍ୟ ମଧ ସଠିକ ଭାବେ ଦିଆଯାଉନଥିବା ଅଭିଯୋଗ ରହିଛି। ସେହିପରି କିଶୋରୀଙ୍କୁ ଅଣ୍ଡା ଓ ଛତୁଆ ଆଦି ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନରେ କାଣ୍ଟଛାଣ୍ଟ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅଞ୍ଚଳରେ ମୋଟ ୨୯୦ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସମ୍ବନ୍ୱିତ ଶିଶୁ ବିକାଶ ଦ୍ୱାରା ପରିଚାଳିତ ଉକ୍ତ କେନ୍ଦ୍ର ଗୁଡିକ ବ୍ୟାପକ ଅବ୍ୟବସ୍ଥା ଘେରରେ ଚାଲିଛି। ଅନେକ କେନ୍ଦ୍ରର ଅଦ୍ୟାବିଧି ନିଜସ୍ୱ କୋଠା ନିର୍ମାଣ ହୋଇ ପାରିନି। କେଉଁଠି ସ୍କୁଲ ବାରଣ୍ଡାରେ ତ ଆଉ କେଉଁଠି ଗାଁ ମୁଣ୍ଡ କୋଠଘରେ ଅଙ୍ଗନବାଡି କେନ୍ଦ୍ର ଚାଲିଛି। କେତେକ ସ୍ଥାନରେ ଅଙ୍ଗନବାଡି କର୍ମୀ ତାଙ୍କ ଘର ବାରଣ୍ଡାରେ କେନ୍ଦ୍ର ଚଳାଉଛନ୍ତି। ଅର୍ଦ୍ଧନିର୍ମିତ ବିପଦ ସଂକୁଳ କେନ୍ଦ୍ରରେ ମଧ କୋମଳମତି ଶିଶୁମାନେ ବସୁଥିବା ଦେଖାଯାଉଛି। ସେହିପରି ସମସ୍ତ କେନ୍ଦ୍ରକୁ ବିଦ୍ୟୁତ ଯୋଗାଣ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ହୋଇପାରିନି। ମଧାହ୍ନ ଭୋଜନ ରୋଷେଇ କରିବାରେ ସହାୟିକା ଆଖପାଖରେ କୂଅ କିମ୍ବା ନଳକୂପ ଉପରେ ନିର୍ଭର କରୁଛନ୍ତି। ସେହିପରି କେନ୍ଦ୍ରରେ ପିଲାଙ୍କୁ ଦିଆଯାଉଥିବା ମଧାହ୍ନ ଭୋଜନ ମଧ ଅତି ନିମ୍ନମାନର ବୋଲି ସାଧାରଣରେ ଅଭିଯୋଗ ହେଉଛି। ଯାହା ପିଲାଙ୍କୁ ରୁଚିକର ହେଉନଥିବାରୁ ଅନେକ ପିଲା କେନ୍ଦ୍ରରେ ଖାଉନାହାନ୍ତି। ନାଚ, ଗୀତ, ଖେଳ ଓ ଅଭିନୟ ମାଧ୍ୟମରେ ପିଲାଙ୍କୁ ମୌଳିକ ସଂଖ୍ୟା ଜ୍ଞାନ, ଗଣନା, ଅକ୍ଷର ଲେଖା ଓ ପଢା ଆଦି ଶିକ୍ଷାଦାନ କରାଯିବା ନିୟମ ରହିଥିବା ବେଳେ ତାହା କରାଯାଉନଥିବା ଜଣାଯାଇଛି। ଯାହା ଫଳରେ ପିଲା ମାନେ କେନ୍ଦ୍ର ପ୍ରତି ଆକୃଷ୍ଟ ହେଉନାହାନ୍ତି। ଅନେକ କେନ୍ଦ୍ରରେ ବାଧ୍ୟବାଧକତାରେ ହାତ ଗଣତି ୪ରୁ ୬ଟି ପିଲାଙ୍କୁ କେନ୍ଦ୍ରରେ ଦେଖିବାକୁ ମିଳୁଛି। କିନ୍ତୁ କାଗଜ ପତ୍ରରେ କେନ୍ଦ୍ରରେ ୨୦ରୁ ଉର୍ଦ୍ଧ ପିଲା ସଂଖ୍ୟା ଦର୍ଶାଯାଇଛି। ସେମାନଙ୍କ ନାଁରେ ଆସୁଥିବା ଖାଦ୍ୟ ସାମଗ୍ରୀ ହଡପ ହେଉଛି।

## ପ୍ରାଥମିକ ବିଦ୍ୟାଳୟ ଗାନ୍ଧୀ ମୂର୍ତ୍ତି ଭାଙ୍ଗିଦେଲେ ଦୁର୍ବୃତ୍ତ

**ଘଟଣାକୁ ହାଲୁକା ଭାବେ ନେଲେ ସ୍କୁଲ କର୍ତ୍ତୃପକ୍ଷ**



**ଡେରାବିଶ, ୧୦।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡା ପଞ୍ଚାୟତ ନିଳିକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ରାତିରେ ଭାଙ୍ଗିଦେଇଛନ୍ତି। ଏହାକୁ ବ୍ଲକ ଶିକ୍ଷା ବିଭାଗ ଓ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ ହାଲୁକା ଭାବେ ନେଉଛନ୍ତି ! ଯାହାକୁ ନେଇ ଅଞ୍ଚଳର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ହାତ ଓ ଗୋଡ଼କୁ ଭାଙ୍ଗି ଦେବା ଫଳରେ ଏହା ଗୋଟିଏ ପାର୍ଶ୍ୱକୁ ଜଳି ପଡ଼ିଛି। ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ଖୋଲିବା ପରେ ଏହି ଅଭାବନୀୟ ଘଟଣାକୁ ଦେଖି ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଗଭୀର ଦୁଃଖ ପ୍ରକାଶ କରିଥିଲେ। ମାତ୍ର ଏଭଳି ସମ୍ବେଦନଶୀଳ ଘଟଣାରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବ୍ଲକ ଶିକ୍ଷା ବିଭାଗ ଏହାକୁ ଅତି ହାଲୁକା ଭାବେ ଗ୍ରହଣ କରିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଆଇନଜୀବୀ ଖଗେଶ୍ୱର ଲେଙ୍କା କରିଛନ୍ତି। ଏହା ସାମ୍ବିଧାନିକ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଥିବାବେଳେ ଏହି ଘଟଣାର ତଦନ୍ତ କରାଯିବା ପାଇଁ ଜିଲାପାଳଙ୍କ ନିକଟରେ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ପବିତ୍ରୀ ସାମଲଙ୍କୁ ପଚାରିବାରେ ପୂର୍ବାହ୍ନରେ ବିଦ୍ୟାଳୟକୁ ଆସିବା ପରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଯାଇଥିବା ଦେଖୁ ସଙ୍ଗେ ସଙ୍ଗେ ପରିଚାଳନା କମିଟିର ସଦସ୍ୟମାନଙ୍କୁ ଜଣାଇଥିଲେ। ବୁଧବାର ବିଦ୍ୟାଳୟ ପରିସରରେ ଆଉ ଏକ ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ଉପସ୍ଥିତ ସଦସ୍ୟମାନେ ମତ ରଖିଛନ୍ତି ଓ ଏ ବିଷୟରେ ବିଆରସିସିଙ୍କୁ ଜଣାଇଥିବା ସେ କରିଛନ୍ତି। ସିଆଇସିସି ଦେବଦଳ ଶତପଥୀଙ୍କୁ ପଚାରିବାରୁ ସ୍ଥାନୀୟ ଡେରାବିଶ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରଧାନ ଶିକ୍ଷକଙ୍କ କର୍ମଶାଳାରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ମୌଖିକ ଭାବେ ଜଣାଇଛନ୍ତି।

## ନୂତନ ବିଡିଓଙ୍କୁ ଭବ୍ୟ ସ୍ୱାଗତ

**ପଟ୍ଟାମୁଣ୍ଡାଇ,୧୦।୯(ସଂଚାର ବ୍ୟୁରୋ):** ବରିଷ୍ଠ ମହିଳା ପ୍ରଶାସନିକ ଅଧିକାରୀ ଶୀତଲ ଅଗ୍ରୱାଲ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବରୁ ବାଣପୁର ବ୍ଲକ ବିଡ଼ିଓ ଭାବେ କାର୍ଯ୍ୟ କରି ବେଶ ଅଭିଜ୍ଞତା ହାସଲ କରିଛନ୍ତି । ଆଜି ପଟ୍ଟାମୁଣ୍ଡାଇ ବ୍ଲକରେ ବିଡ଼ିଓ ଭାବେ ଯୋଗ ଦେବା ପରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମିତି ସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ସରପଞ୍ଚ ସର୍ବଶ୍ରୀ ସନ୍ତୋଷ ସେଠୀ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହା ଣ ସି ଡି ପି ଓ ଲକ୍ଷ୍ମୀମଣି ସିଂ ଓ ପଟ୍ଟାମୁଣ୍ଡାଇ ବ୍ଲକ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ, ମୁଖ୍ୟ କିରାଣୀ ଗୌରୀ ବେହେରା, ପି ଇ ଓ ଅନନ୍ତ ବିଶ୍ୱାଳ, ପ୍ରଭାତ ମଲିକ, ଜ୍ୟୋତି ରଞ୍ଜନ ସାମଲ, ସର୍ବେଶ୍ୱର ବରାଳ ପ୍ରମୁଖ ବହୁ ଲୋକ ପ୍ରତିନିଧି ଓ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ରହି ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ ।

## କିଡନୀ ରୋଗରେ ପୀଡ଼ିତଙ୍କୁ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ

**କେନ୍ଦ୍ରାପଡ଼ା, ୧୦।୯(ସଂଚାର ବ୍ୟୁରୋ):** ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କିଡନୀ ରୋଗରେ ପିଡିତ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଟ୍ରଷ୍ଟର ଟ୍ରଷ୍ଟି ଭୁବନମୋହନ ଦାସ ଭାଗବତପୁର ଗ୍ରାମପାୟତର ବାଲିଆସ୍ଥିତ ଗ୍ରାମରେ ପହି କିଡନୀ ରୋଗରେ ପିଡିତ ଗୋବର୍ଦ୍ଧନ ନାୟକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଟ୍ରଷ୍ଟ ପକ୍ଷରୁ ଗରୀବ ତଥା ଅସହାୟ ଲୋକମାନଙ୍କୁ ଆବଶ୍ୟକ ସମୟରେ ଆର୍ଥିକ ସହାୟତା ଏବଂ ଗରୀବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପାଠପଢିବା ପାଇଁ ମୋଧାବୃି ପ୍ରଦାନ କରାଯିବା ସହ ଘରପୋଡି, ବନ୍ୟା, ବାତ୍ୟା ଭଳି ଦୈବୀଦୁର୍ବିପାକ ସମୟରେ ମଧ ଟ୍ରଷ୍ଟ ପକ୍ଷରୁ ଶୁଖିଲା ଖାଦ୍ୟ, ବସ୍ତ୍ର, ରୋଷେଇ ସାମଗ୍ରୀ, ଚୂଡ଼ା, ଚାଉଳ, ବିସ୍କୁଟ, ରାସନ ପ୍ରଭୃତି ଏବଂ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦୀର୍ଘ ବର୍ଷ ଧରି ପ୍ରଦାନ କରାଯାଇ ଆସୁଅଛି। ଟ୍ରଷ୍ଟର ଏଭଳି ସମାଜସେବାମୂଳକ କାର୍ଯ୍ୟକୁ ଅନେକ ସମୟରେ ବହୁ ପ୍ରଶଂସା ମିଳିଛି।

କଳିଙ୍ଗ ଷ୍ଟାଡିୟମ୍‌ରେ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ

# ପ୍ରତିଟି ଜୀବନ ମୂଲ୍ୟବାନ: ମନ୍ତ୍ରୀ ସୂରଜ



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ପ୍ରତିଟି ଜୀବନ ମୂଲ୍ୟବାନ। ଆଜି ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ କଳିଙ୍ଗ ଷ୍ଟାଡ଼ିୟମଠାରେ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏଥିରେ ଯୋଗଦେଇ ରାଜ୍ୟ କ୍ରୀଡ଼ା ଓ ଯୁବସେବା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତ ଦେଇଛନ୍ତି। ଜୀବନରେ କୌଣସି ପରିସ୍ଥିତିରେ ବି ଆତ୍ମହତ୍ୟା ମାନସିକତା ନ ଆଣିବା, ଜୀବନରେ ସକାରାତ୍ମକ ଚିନ୍ତାଧାରା ରଖିବାର ଭାବନାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କେବଳ ନିଜ ପାଇଁ ନୁହେଁ, ବରଂ ଆମ ଚତୁଃପାର୍ଶ୍ୱରେ ଯଦି କେହି ବି ଭାଙ୍ଗିପଡୁଛି, କିଏ ଦୁଃଖରେ ମ୍ରିୟମାଣ ହୋଇପଡୁଛି, ତାଙ୍କୁ ସହଯୋଗ କରିବାର ମଧ୍ୟ ଆବଶ୍ୟକତା ରହିଛି। ଆଜିର ଦିନରେ ସମସ୍ତେ ଜଣେ ଜଣେ ଜୀବନ ରକ୍ଷକ ଭାବେ କାର୍ଯ୍ୟ କରିବାକୁ ଶପଥ ନେବା ସକାଶେ ଶ୍ରୀ ସୂରଜ ଆହ୍ୱାନ ଦେଇଛନ୍ତି। ଫାଉଣ୍ଡେସନର ଉପସଭାପତି ତଥା ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗୀତ ନାଟକ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଚେତନତାଧର୍ମୀ 'ଜୀବନ ଜିନ୍ଦାବାଦ' କ୍ଷୁଦ୍ର ନାଟକ ଓ 'ଆତ୍ମହତ୍ୟା କରନାହିଁ' ନୃତ୍ୟନାଟିକା ପରିବେଷଣ କରିଥିଲେ।

## ପାରାଦ୍ୱୀପରେ ହେବ ରାଜ୍ୟର ପ୍ରଥମ କଙ୍କଡ଼ା ଜାଆଁଳ ଉତ୍ପାଦନ କେନ୍ଦ୍ର

### ୨.୮୧ କୋଟି ବ୍ୟୟ ଅଟକଳ

ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ଓଡ଼ିଶା କଙ୍କଡା ଚାଷୀଙ୍କ ବହୁ ଦିନର ସ୍ୱପ୍ନ ହେବ। କାରଣ ଖୁବ୍‌ଶୀଘ୍ର ପାରାଦୀପରେ ୨ କୋଟି ୮୧ ଲକ୍ଷ ଟଙ୍କା ବ୍ୟୟରେ ୫ ଲକ୍ଷ ଉତ୍ପାଦନ କ୍ଷମତା ସମ୍ପନ୍ନ ରାଜ୍ୟର ପ୍ରଥମ କଙ୍କଡ଼ା ଜାଆଁଳ ଉତ୍ପାଦନ କେନ୍ଦ୍ରର ନିର୍ମାଣ ହେବ। ଫଳସ୍ୱରୂପ, ରାଜ୍ୟର କଙ୍କଡା ଚାଷୀମାନଙ୍କୁ ଆଉ କଙ୍କଡ଼ା ଜାଆଁଳ ପାଇଁ ଚେନ୍ନାଇସ୍ଥିତ ରାଜୀବ ଗାନ୍ଧୀ ଜଳଜୀବ କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡିବନାହିଁ। ସୁଦୂର ଚେନ୍ନାଇରୁ କଙ୍କଡା ଜାଆଁଳ ଆମଦାନୀ ହେତୁ ଚାଷୀମାନଙ୍କର ହେଉଥିବା ଅର୍ଥ ଓ ସମୟର ଅପଚୟ ବହୁମାତ୍ରାରେ କମିଯିବ। ସେମାନଙ୍କର ଆର୍ଥିକ ମାନଦଣ୍ଡରେ ଆଖିଦୃଶିଆ ଉନ୍ନତି ଆସିବ। ଏଥିସହ କଙ୍କଡା ଚାଷ ପ୍ରତି ରାଜ୍ୟରେ ଆଗ୍ରହ ବୃଦ୍ଧି ପାଇବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମିକ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ଏହି ଅବସରରେ ବହୁ ଆକାଂକ୍ଷିତ ପ୍ରକଳ୍ପର ଚୁକ୍ତିନାମାକୁ ମଧ୍ୟ ମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଶ୍ରୀ ଖୁଣ୍ଟିଆଙ୍କ ଅନୁମୋଦନ କ୍ରମେ କଙ୍କଡ଼ା ଜାଆଁଳ ଉତ୍ପାଦନ କେନ୍ଦ୍ର ସ୍ଥାପନ ନେଇ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନସ୍ଥ ଏକ୍ୱାକ୍ରିଷ୍ଟ-ଜିସିଏଫ୍ ଓଡ଼ିଶା ସରକାରଙ୍କ ମତ୍ସ୍ୟ ନିର୍ଦ୍ଦେଶାଳୟ ଓ ରାଜୀବ ଗାନ୍ଧୀ ଜଳଜୀବ କେନ୍ଦ୍ର ମଧ୍ୟରେ ଖୁବଶୀଘ୍ର ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହେବ। ଏହି ଚୁକ୍ତିନାମା ଅନୁଯାୟୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆର୍ଥିକ ସହାୟତା ପ୍ରଦାନ କରୁଥିବା ବେଳେ ରାଜୀବ ଗାନ୍ଧୀ ଜଳଜୀବ କେନ୍ଦ୍ର ବୈଷୟିକ ସହାୟତା ପ୍ରଦାନ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ କାର୍ଯ୍ୟାନ୍ୱୟନ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ୍ ସରକାର ଓଡ଼ିଶାକୁ ସ୍ୱୟଂସମ୍ପନ୍ନ ଓ ସ୍ୱୟଂସମୃଦ୍ଧ ପାଇଁ ସଂକଳ୍ପବଦ୍ଧ। ଏହାର ଏକ ବାସ୍ତବ ପ୍ରମାଣ ହେଉଛି ପାରାଦୀପରେ କଙ୍କଡ଼ା ଜାଆଁଳ ଉତ୍ପାଦନ କେନ୍ଦ୍ର ସ୍ଥାପନ। କଙ୍କଡ଼ା ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବା ପରେ ଓଡ଼ିଶାର କଙ୍କଡ଼ା ଚାଷୀଙ୍କ ଭାଗ୍ୟରେ ବିରାଟ ପରିବର୍ତ୍ତନ ଆସିବା ସହ ଓଡ଼ିଶା କଙ୍କଡ଼ା ଜାଆଁଳ ଉତ୍ପାଦନର ପ୍ରାଣକେନ୍ଦ୍ର ହେବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଆଶା ବ୍ୟକ୍ତ କରିଛନ୍ତି। ରାଜ୍ୟର ୪ଟି ଉପକୂଳବର୍ତ୍ତୀ ଜିଲ୍ଲା ପୁରୀ, ଗଞ୍ଜାମ, ବାଲେଶ୍ୱର ଓ କେନ୍ଦ୍ରାପଡ଼ାରେ କାର୍ଯ୍ୟ କରୁଛି ଏକରିକ୍ ପ୍ରକଳ୍ପ।

ରାଜ୍ୟପାଳଙ୍କ ବଣ୍ଡାଘାଟି ପରିଦର୍ଶନ

# ଆଦିମ ଜନଜାତିଙ୍କ ଉନ୍ନତି ଉପରେ ଗୁରୁତ୍ୱ



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ଆଜି କୋରାପୁଟରୁ ସ୍ୱତନ୍ତ୍ର କାର ଯୋଗେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ପ୍ରଥମ ଥର ପାଇଁ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ପଞ୍ଚାୟତର ବଣ୍ଡାଘାଟି ଗସ୍ତ କରିଥିଲେ। ରାଜ୍ୟପାଳ ଡ. କମ୍ଭମପାଟି ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲିଠାରେ ପହଞ୍ଚିବା ପରେ ତାଙ୍କୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ , ଏସପି ବିନୋଦ ପାଟିଲ, ଡିଏଫଓ ସାଇ କିରଣ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବନ ବିଭାଗ ଡାକ ବଙ୍ଗଳାକୁ ପାଛୋଟି ନେଇଥିଲେ। ଏହାପରେ ରାଜ୍ୟପାଳ ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ବଣ୍ଡାଘାଟି ଗସ୍ତ କରିଥିଲେ। ଘାଟିରେ ପହଞ୍ଚିବା ପରେ ବଣ୍ଡା ପୁରୁଷ ଓ ମହିଳାମାନେ ରାଜ୍ୟପାଳଙ୍କୁ ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ସ୍ୱାଗତ ଜଣାଇ ପବିତ୍ର ସୀତାକୁଣ୍ଡ ଓ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ରାଜ୍ୟପାଳ ସୀତାକୁଣ୍ଡ ପରିଦର୍ଶନ କରି ଏହାର ବିକାଶ ପାଇଁ ପରାମର୍ଶ ଦେଇଥିଲେ। ବଣ୍ଡା ଉନ୍ନୟନ ସଂସ୍ଥା ପରିଦର୍ଶନ କରି ଆଦିମ ବଣ୍ଡା ଜନଜାତିଙ୍କ ପାଇଁ ସଂସ୍ଥା ଦ୍ୱାରା କିପରି ବିକାଶ କରାଯାଉଛି, ସେ ସମ୍ପର୍କରେ ପଚାରି ବୁଝିଥିଲେ। ବଣ୍ଡା ଦକ୍ଷତା ବିକାଶ, ଟେଲରିଂ ୟୁନିଟ୍, ମଲ୍ଟି ପ୍ରୋସେସିଂ ୟୁନିଟ୍, ଆଦିମ ବଣ୍ଡା ଜନଜାତିଙ୍କ ପାରମ୍ପରିକ ବସ୍ତ୍ର, ଅଳଙ୍କାର ନିର୍ମାଣ କାରୁକାର୍ଯ୍ୟ ଦେଖିବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଆଦିମ ବଣ୍ଡା ଜନଜାତିଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କ ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ। ସେହିପରି ବିଭିନ୍ନ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଏମ୍ ଜନମନ୍, ଜଙ୍ଗଲ ଜମି ପଟ୍ଟା, ୮୦ ବର୍ଷରୁ ଉର୍ଦ୍ଧ୍ୱ ପେନସନ ହିତାଧିକାରୀ, ସ୍ୱୟଂସହାୟକ ଗୋଷ୍ଠୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ଯୁବ ସ୍ୱେଚ୍ଛାସେବୀ ଓ ଲକ୍ଷପତି ଦିଦି ହିତାଧିକାରୀଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ। ସେହିପରି ୧୫ ଆଦିମ ବଣ୍ଡା ଓ ୧୧ ଦିଦାୟୀ ସମ୍ପ୍ରଦାୟର ହିତାଧିକାରୀଙ୍କୁ ରାଜ୍ୟପାଳ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଜଣେ ହିତାଧିକାରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିବା ବେଳେ ଜଣେ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ହଜାରେ ଟଙ୍କା ପ୍ରଦାନ କରିଥିଲେ। କୃଷି ବ୍ୟତୀତ ଗୋପାଳନ, ଛେଳି, କୁକୁଡ଼ା ଚାଷ ମାଧ୍ୟମରେ ମଧ୍ୟ ବଣ୍ଡା ଜନଜାତି ଅଧିକ ରୋଜଗାର କରିପାରିବେ ବୋଲି ରାଜ୍ୟପାଳ କହିଥିଲେ।

ସେହିପରି ବିଡିଏଠାରେ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ ରାଜ୍ୟପାଳ ବଣ୍ଡା ଘାଟିରେ ବିକାଶ ପ୍ରତି ଗୁରୁତ୍ୱ ଦେବା ସହ ଆଦିମ ବଣ୍ଡା ଜନଜାତିଙ୍କ ଉନ୍ନତି ପ୍ରତି ଧ୍ୟାନ ଦେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ସୁଫଳ ଓ ଜଙ୍ଗଲ ଜମି ପଟ୍ଟା କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପକୃତ ହୋଇଛନ୍ତି କି ନାହିଁ, ରାଜ୍ୟପାଳ ତଦାରଖ କରିଥିଲେ। ବଣ୍ଡା ଘାଟିରେ ଥିବା କନ୍ୟାଶ୍ରମ ଓ ମଙ୍ଗଳ ବିଭାଗର ହାଇସ୍କୁଲ ପରିଦର୍ଶନ କରି ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ ଓ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଆବାସ ଯୋଜନାର ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବ ଏଆଇ

ଭୁବନେଶ୍ୱର,୧୦।୯ (ସଂଚାର ବ୍ୟୁରୋ) : ଓଡ଼ିଶା ସରକାର ଶୀଘ୍ର ଗୃହ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ବୁଧବାର କହିଛନ୍ତି। ଯେଉଁମାନେ ପୂର୍ବରୁ ପକ୍କା ଘର କିମ୍ବା ଅନ୍ୟ ଗୃହ ଓ ଅନ୍ତ୍ୟୋଦୟ ଯୋଜନାର ସୁବିଧା ପାଇ ମଧ୍ୟ ଗୃହ ସୁବିଧା ନେଉଛନ୍ତି, ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, "ଅନିୟମିତତା ଚିହ୍ନଟ ପାଇଁ ଏଆଇ ବ୍ୟବହାର ପ୍ରକ୍ରିୟା ଆରମ୍ଭ ହୋଇଛି। ସହାୟତା ପାଇ ଗୃହ ନିର୍ମାଣ ନ କରିଥିବା ଘଟଣା ଅତି କମ୍, କିନ୍ତୁ ଆମେ ତୀକ୍ଷ୍ଣ ନଜର ରଖିଛୁ।" ଅଧିକାରୀମାନଙ୍କୁ ଗୃହ ନିର୍ମାଣ ନିର୍ଦ୍ଧାରିତ ସମୟରେ ସମାପ୍ତ କରିବା ଏବଂ ଅନିୟମିତତା ଥିବା ସ୍ଥଳେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

# ୬ ଜିଲ୍ଲାରୁ ୮୦୦ ଜଣଙ୍କ ଅଯୋଧ୍ୟା-ବାରଣାସୀ ଯାତ୍ରା

### ଉପମୁଖ୍ୟମନ୍ତ୍ରୀ, ବିଧାୟକ ଓ ଜିଲ୍ଲାପାଳଙ୍କ ଶୁଭେଚ୍ଛା



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କଠାରୁ କାଶୀ ବିଶ୍ୱନାଥ ଧାମକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନର ଯାତ୍ରା ମଙ୍ଗଳମୟ ହେଉ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡା କାମନା କରିଛନ୍ତି। ଆଜି ୬ଟି ଜିଲ୍ଲାରୁ ୭୭୫ ଜଣ ବରିଷ୍ଠ ନାଗରିକ ଓ ସେମାନଙ୍କ ସହ ୨୫ ଜଣ ଏସ୍କର୍ଟ ଅଯୋଧ୍ୟାରେ ସନାତନ ଧର୍ମର ପ୍ରାଣକେନ୍ଦ୍ର ତଥା ଭାରତୀୟ ସଂସ୍କୃତିର ପ୍ରତୀକ ପ୍ରଭୁ ଶ୍ରୀ ରାମଲାଲଙ୍କୁ ଦର୍ଶନ କରିବା ସହ ପ୍ରସିଦ୍ଧ ଶୈବପୀଠ କାଶୀ ବିଶ୍ୱନାଥ ମନ୍ଦିର, ପବିତ୍ର ଗଙ୍ଗା ଆରତୀ ଓ ଗଙ୍ଗା ଘାଟରେ ଥିବା ମନ୍ଦିର ଦର୍ଶନ ପାଇଁ ଯାତ୍ରା କରିଛନ୍ତି। ୨୦୨୫- ୨୬ ଆର୍ଥିକ ବର୍ଷରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଅଧୀନରେ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮ ହଜାର ବରିଷ୍ଠ ନାଗରିକମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ ସୁଯୋଗ ଦେବାର ଲକ୍ଷ୍ୟ ରହିଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ଆଜି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ରେଲୱେ କ୍ୟାଟରିଙ୍ଗ ଓ ଟୁରିଜିମ କର୍ପୋରେସନ (ଆଇଆର୍‌ସିଟିସି) ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସହଭାଗିତାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପ୍ରଥମ ଟ୍ରେନ ଆଜି ଭୁବନେଶ୍ୱର ରେଳଷ୍ଟେସନରୁ ଅଯୋଧ୍ୟା- ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ ଦେଇ ୭୭୫ ଜଣ ବରିଷ୍ଠ ନାଗରିକଙ୍କୁ ଶୁଭକାମନା ଜଣାଇବା ସହ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାଧ୍ୟମରେ ଭାରତର ବିଭିନ୍ନ ସଂସ୍କୃତିକୁ ଯୋଡ଼ିବାର ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରଥମ ଟ୍ରେନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉଭୟ ଉପମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ପୁରୀ ବିଧାୟକ ସୁନିଲ ମହାନ୍ତି, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ ଯୋଗଦେଇ ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଦେଇଥିଲେ। ଶେଷରେ ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ରୁଦ୍ର ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ। ଏହି ଯାତ୍ରାରେ ଖୋର୍ଦ୍ଧା ଜିଲ୍ଲାରୁ ୧୬୯, ପୁରୀରୁ ୧୨୭, କଟକରୁ ୧୯୭, ଜଗତସିଂହପୁରରୁ ୮୫, କେନ୍ଦ୍ରାପଡ଼ାରୁ ୮୯, ଢେଙ୍କାନାଳରୁ ୧୦୮ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ସହାୟକ (ଏସ୍କର୍ଟ) ଅଧିକାରୀ କେନ୍ଦ୍ର ସରକାରଙ୍କ ଭାରତ ଗର୍ବ ଟ୍ରେନରେ ଅଯୋଧ୍ୟା- ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି।

■ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

## ସେମି କଣ୍ଡକ୍ଟର କ୍ଷେତ୍ରରେ ସମ୍ଭାବନା ନେଇ ଚର୍ଚ୍ଚା



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଗତକାଲି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ଶ୍ରୀ ଆହୁଜା ସଚିବମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଆସନ୍ତା ୧୮ରେ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ଏଥିପାଇଁ ଉପସ୍ଥାପିତ ହେବାକୁ ଥିବା ବିଭିନ୍ନ ବିଭାଗର ବିଲ ନିମନ୍ତେ ଆବଶ୍ୟକ ପ୍ରସ୍ତୁତି ଉପରେ ଶ୍ରୀ ଆହୁଜା ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ସମୟରେ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର କାର୍ଯ୍ୟକାରିତା ସମ୍ପର୍କରେ ସମ୍ପୃକ୍ତ ବିଭାଗ ସ୍ଥିତି ଅନୁଧ୍ୟାନ କରିବା, ୨୦୨୫-୨୬ ବର୍ଷରେ ବଜେଟ୍ ଅନୁମୋଦନ ହିସାବରେ କାର୍ଯ୍ୟର ଅଗ୍ରଗତି ଓ ଖର୍ଚ୍ଚ ସ୍ଥିତି ସମୀକ୍ଷା କରିବା, ଖାଲି ଥିବା ଗ୍ରୁପ-ସି' ପଦବୀ ପୂରଣ ସମ୍ପର୍କରେ ମଧ୍ୟ ପରାମର୍ଶ ଦିଆଯାଇଛି। ଏଥିସହ ସେମି କଣ୍ଡକ୍ଟର କ୍ଷେତ୍ରରେ ଓଡ଼ିଶାରେ ବିପୁଳ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହାର ସୁଯୋଗ ନେବା, ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନକୁ ବୃଦ୍ଧି କରି ସ୍ୱଚ୍ଛ ଉର୍ଜାକୁ ପ୍ରୋତ୍ସାହନ ଦେବା, ପିଏମ ସୂର୍ଯ୍ୟଘର ମାଗଣା ବିଦ୍ୟୁତ୍ ଯୋଜନା କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା ଉପରେ ବି ଆଲୋଚନା ହୋଇଛି। ରାଜର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର କିପରି ଜାତୀୟ ଓ ବିଶ୍ୱ ସ୍ତରରେ ଗୁରୁତ୍ୱ ବଢ଼ିବ, ଏଏସଏମଇ ଉତ୍ପାଦ ପାଇଁ ବଜାର ସୃଷ୍ଟି, ଏଥିପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ସହ ଆବଶ୍ୟକ ସମନ୍ୱୟ, ଏମ୍‌ଏସ୍‌ଏମ୍‌ଇ ଉତ୍ପାଦର ଗୁଣାତ୍ମକତା ବୃଦ୍ଧି, ପ୍ରୋତ୍ସାହନ, ରିଆତି ସୁବିଧା, ଭିତ୍ତିଭୂମି, ଗବେଷଣା ଓ ବିକାଶ ଉପରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସହ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

● ଆସୁଛି ଆଉ ଏକ ଲଘୁଚାପ

## ୧୮ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ) : ଆସୁଛି ଆଉ ଏକ ଲଘୁଚାପ। ଚଳିତ ସପ୍ତାହ ଶେଷ ଆଡକୁ ସୃଷ୍ଟି ହେବ ଆଉ ଏକ ଲଘୁଚାପ। ପଶ୍ଚିମ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ଏନେଇ ପୂର୍ବାନୁମାନ କରିଛନ୍ତି ଅନ୍ତର୍ଜାତୀୟ ପାଣିପାଗ ବିଜ୍ଞାନୀ ଜାସନ ନିକୋଲସ୍। ସେପଟେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆଜିଠୁ ବଢ଼ିବ ବର୍ଷା ପରିମାଣ। ଆଜି ଘଡ଼ଘଡ଼ି ପବନ ନେଇ ୧୮ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛନ୍ତି ପାଣିପାଗ ବିଭାଗ। କିଛି ସ୍ଥାନରେ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ। ଆସନ୍ତାକାଲି ପ୍ରବଳରୁ ଅତିପ୍ରବଳ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ପାଇଁ ମାଲକାନାଗିରିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହି ସମୟରେ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି। ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଉଛି।

## ଭିଜିଲାନ୍ସ ଜାଲରେ ଜୁନିଅର ଆସିଷ୍ଟାଣ୍ଟ

କଟକ,୧୦।୯(ସଂଚାର ବ୍ୟୁରୋ) : ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜୁନିଅର ଆସିଷ୍ଟାଣ୍ଟ। କେନ୍ଦୁଝର ଜିଲ୍ଲା ଚମ୍ପୁଆ ସ୍ଥିତ ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲର ଜୁନିଅର ଆସିଷ୍ଟାଣ୍ଟ ରୂପଚାନ୍ଦ ନାୟକ ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡ଼ି ବସିଲା ଭିଜିଲାନ୍ସ। ତାଙ୍କଠାରୁ ୩୦ ହଜାର ଟଙ୍କା ଜବତ ହୋଇଛି।୨୦୨୪ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ଜଣେ କର୍ମଚାରୀ ନିଜ ଏରିଅର ଓ ଫାଇନାଲ ପେନସନ ପାଇଁ ବାରମ୍ବାର ଫରେଷ୍ଟ ଟ୍ରେନିଂ ସ୍କୁଲକୁ ଦୌଡୁଥିଲେ। ହେଲେ ତାଙ୍କର ଏରିଅର କିମ୍ବା ଫାଇନାଲ ପେନସନ ମିଳିନଥିଲା। ଏନେଇ ଫରେଷ୍ଟ ଟ୍ରେନିଂ ସ୍କୁଲର ଜୁନିଅର ଆସିଷ୍ଟାଣ୍ଟ ତାଙ୍କୁ ୭୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆଜି ୩୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ରୂପଚାନ୍ଦ ନାଏକଙ୍କୁ ଯୋଜନା ମୁତାବକ ତାଙ୍କୁ ମାଡି ବସିଥିଲା କେନ୍ଦୁଝର ଭିଜିଲାନ୍ସ।

## ୧୭ରେ କୃଷି ବିଭାଗ କାର୍ଯ୍ୟାଳୟରେ ଲାଗିବ ୨୩ ଲକ୍ଷ ଗଛ

ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ମା' ପାଇଁ ବୃକ୍ଷଟିଏ (ଏକ ପେଡ୍ ମା' କେ ନାମ) ପ୍ରୟାସର ଅଂଶସ୍ୱରୂପ ଓଡ଼ିଶା ସରକାରଙ୍କ ପକ୍ଷରୁ ଆସନ୍ତା ୧୭ ତାରିଖରେ ୭୫ ଲକ୍ଷ ଚାରା ରୋପଣ କରାଯିବ। ଏହି ପ୍ରୟାସରେ ସହଭାଗୀ ହୋଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ସମସ୍ତ କାର୍ଯ୍ୟାଳୟ ତଥା ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ସମେତ ସାରା ରାଜ୍ୟରେ ୨୩ ଲକ୍ଷରୁ ଅଧିକ ଚାରା କାର୍ଯ୍ୟାଳୟ ପରିସର ଓ ଅନ୍ୟାନ୍ୟ ଉପଲବ୍ଧ ସ୍ଥାନରେ ରୋପଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଜିଲ୍ଲାର କୃଷି ବିଭାଗ ଅଧିକାରୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଅତି କମ୍‌ରେ ଗୋଟିଏ ଚାରାରୋପଣ କରିବାକୁ କୃଷି ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପରାମର୍ଶ ଦେଇଛନ୍ତି। ସମସ୍ତ ୨୩ ଲକ୍ଷ ଚାରା ମୃତ୍ତିକା ସଂରକ୍ଷଣ ଓ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ଯୋଗାଇ ଦିଆଯିବ। ଏଥିସହ ଚାରାରୋପଣର ଫଟୋ ଉଠାଇ ଏହାକୁ ମେରିଲାଇଫ୍ ପୋର୍ଟାଲରେ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତଙ୍କ ମିଳିତ ପ୍ରୟାସରେ ପୃଥିବୀକୁ ପୁଣିଥରେ ସବୁଜିମା ଭେଟି ଦେବା ସକାଶେ ବୋଲି ଡ. ପାଢ଼ୀ ଆହ୍ୱାନ ଦେଇଛନ୍ତି।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ମିଳନୀ




ଭୁବନେଶ୍ୱର,୧୦।୯ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସହବନ୍ଧିତ ମହାବିଦ୍ୟାଳୟ ଅଧ୍ୟକ୍ଷ ସମ୍ମିଳନୀ ସହ ଜାତୀୟ ଶିକ୍ଷାନୀତି ସଂପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଜାତୀୟ ଶିକ୍ଷାନୀତି, ବିଭିନ୍ନ ପାଠ୍ୟକ୍ରମର ସୁପରିଚାଳନା ଓ ଛାତ୍ରଛାତ୍ରୀଙ୍କ ଉନ୍ନତି ନିମନ୍ତେ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ସଂପର୍କରେ ଅଧ୍ୟକ୍ଷମାନଙ୍କୁ ଅବଗତ କରାଇଥିଲେ । ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଓ ସାଂସ୍କୃତିକ ପ୍ରତିଭାର ବିକାଶ ନିମନ୍ତେ ଅଧ୍ୟକ୍ଷମାନେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ଆନୁଷ୍ଠାନିକ ଭାବେ ସ୍ୱାଗତ ଭାଷଣ ଦେବା ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶୈକ୍ଷିକ, ସାଂସ୍କୃତିକ, କ୍ରୀଡ଼ା ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମରେ ସହବନ୍ଧିତ ମହାବିଦ୍ୟାଳୟ ସମୂହ ପ୍ରତ୍ୟକ୍ଷ ଭାବେ ଜଡ଼ିତ ହେବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପଞ୍ଜୀକରଣ ସହ ପରୀକ୍ଷା ଓ ଫଳପ୍ରକାଶ ବ୍ୟବସ୍ଥା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ଭାବେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ଆୟୋଜିତ ଜାତୀୟ ଶିକ୍ଷାନୀତି ସଂପର୍କିତ କର୍ମଶାଳାରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ପରାମର୍ଶଦାତା ପ୍ରଫେସର ମିହିର କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତିର ଲକ୍ଷ୍ୟ ସଂପର୍କରେ ସୂଚନା ଦେବା ସହ ସ୍ନାତକ ସ୍ତରରେ ଗୁଣାତ୍ମକ ଶିକ୍ଷା ଓ ପାଠ୍ୟଖସଡ଼ାରେ ଆବଶ୍ୟକୀୟ ପରିବର୍ତ୍ତନ ଉପରେ ବିଶଦ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡଙ୍ଗୀ ମହାବିଦ୍ୟାଳୟଗୁଡ଼ିକରେ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଯତ୍ନଶୀଳ ହେବା ନିମନ୍ତେ ପରାମର୍ଶ ଦେଇଥିଲେ ।

# ପାର୍ବଣ ଋତୁ ପାଇଁ ଦୁଇ ସ୍ୱତନ୍ତ୍ର ଟ୍ରେନର ଅବଧି ବୃଦ୍ଧି




ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ପାର୍ବଣ ଋତୁରେ ଯାତ୍ରା ସୁବିଧା ଯୋଗାଇବା ଓ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ଭାରତୀୟ ରେଳବାଇ ବିଭିନ୍ନ ସ୍ୱତନ୍ତ୍ର ଟ୍ରେନର ପରିଚାଳନା ଅବଧି ବୃଦ୍ଧି କରାଯାଇଛି। ଉକ୍ତ ଟ୍ରେନ୍‌ଗୁଡ଼ିକର ସମୟ, ରହଣି ଓ ସଂରଚନା ଆଦି ବଜାୟ ରହିଛି। ମିଳିଥିବା ସୂଚନାନୁସାରେ, ଅବଧି ବୃଦ୍ଧି ହୋଇଥିବା ଟ୍ରେନ୍ ମଧ୍ୟରେ ୦୮୪୩୯/୦୮୪୪୦ ପୁରୀ- ପାଟନା-ପୁରୀ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ରହିଥିବା ବେଳେ ୦୪୪୩୯ ଟ୍ରେନ୍ ପ୍ରତି ଶନିବାର ପୁରୀରୁ ଆସନ୍ତା ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ୦୮୪୪୦ ନମ୍ବର ଟ୍ରେନ୍ ପ୍ରତି ରବିବାର ପାଟନାରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ଏହାଛଡ଼ା ଟ୍ରେନ୍ ନମ୍ବର ୦୨୮୧୧/୦୨୮୧୨ ଭୁବନେଶ୍ୱର-ଯଶୋବନ୍ତପୁର-ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ନମ୍ବର ୦୨୮୧୧ ଭୁବନେଶ୍ୱର- ଯଶୋବନ୍ତପୁର ସାପ୍ତାହିକ ସ୍ୱତନ୍ତ୍ରକୁ ଶନିବାର ଦିନ ଭୁବନେଶ୍ୱରରୁ ୨୯ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଟ୍ରେନ୍ ନମ୍ବର ୦୨୮୧୨ ଯସବନ୍ତପୁର-ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ରକୁ ସୋମବାର ଦିନ ଯଶୋବନ୍ତପୁରରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଛି। ଯାତ୍ରୀମାନଙ୍କୁ ଏହି ସମ୍ପ୍ରସାରଣକୁ ଧ୍ୟାନ ଦେବାକୁ ଓ ସେହି ଅନୁସାରେ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି।

କଟକ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ଜନସାଧାରଣଙ୍କ ସୁରକ୍ଷା ସବୁଠାରୁ ଜରୁରୀ: ଜିଲ୍ଲାପାଳ

### ରାବଣପୋଡ଼ି, ମେଳା ଓ ଦୋଳି ପାଇଁ ଅନୁମତି ଜରୁରୀ




କଟକ,୧୦।୯(ସଂଚାର ବ୍ୟୁରୋ): ଚଳିତ ବର୍ଷ କଟକ ଜିଲ୍ଲାରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ନିମନ୍ତେ ଆଜି ପୂର୍ବାହ୍ନରେ ସହିଦ ଭବନଠାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ କଟକ ଗ୍ରାମାଞ୍ଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଇନ୍‌ଶୃଙ୍ଖଳା ଓ ଭାଇଚାରା ବଜାୟ ରହିବା ସହ କୌଣସି ପ୍ରକାର ବିଶୃଙ୍ଖଳା ରୋକିବା ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ପୂଜା ପାଳନର ଆନନ୍ଦ ଓ ଜନସାଧାରଣଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ କହିଛନ୍ତି। ଚଳିତ ବର୍ଷ ଗ୍ରାମାଞ୍ଚଳରେ ମୋଟ ୪୪୭ଟି ପୂଜା ମଣ୍ଡପରେ ମା'ଙ୍କ ଆରାଧନା କରାଯିବ। ସେଥିମଧ୍ୟରୁ ସାଲେପୁରରେ ୧୩୭, କଟକ ସଦରରେ ୪୬, ଚୌଦ୍ୱାର କଟକରେ ୮୭, ଆଠଗଡ଼ରେ ୧୨୦ ଓ ବାଙ୍କୀରେ ୫୭ଟି ମେଢ଼ ରହିଛି। ବୈଠକରେ ଆଠଗଡ, ନେମାଳ, ନିଶ୍ଚିନ୍ତକୋଇଲି, ନିଆଳି, କିଶୋରନଗର, କଳାପଥର, କଲରାବାଙ୍କ, ମାହାଙ୍ଗା, ଖୁଣ୍ଟୁଣୀ, ଟାଙ୍ଗୀ, ଭଟିମୁଣ୍ଡା ପୂଜା କମିଟି କର୍ମକର୍ତ୍ତା ସେମାନଙ୍କ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ପୂଜା ପେଣ୍ଡାଲ ଓ ଭସାଣି ଶୋଭାଯାତ୍ରା ନିମନ୍ତେ ଅନୁମତିପତ୍ର ଉପଲବ୍ଧ କରାଇବା ସହ ରାବଣ ପୋଡ଼ି, ମୀନାବଜାର, ଦୋଳି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତିପତ୍ର ନେବାକୁ ଏସ୍‌ପି ବିନୀତ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭସାଣି ଶୋଭାଯାତ୍ରାରେ ଖଣ୍ଡା, ଲାଠି ଆଦି ବ୍ୟବହାରକୁ ନିଷେଧ କରାଯିବା ସହ ପୂଜା ପାଇଁ ଚାନ୍ଦା ଆଦାୟକୁ ବାରଣ କରାଯାଇଛି।

ସେହିପରି ରାବଣ ପୋଡ଼ି ନିମନ୍ତେ ୫୦ ମିଟର ଲମ୍ବା ଖାଲି ସ୍ଥାନ ଉପଲବ୍ଧ ଥିବା ଜରୁରୀ ଦର୍ଶାଇ ସେ ମେଳା ଓ ଦୋଳି ପାଇଁ ଅନୁମତିପତ୍ର ବାଧ୍ୟତାମୂଳକ ବୋଲି କହିଛନ୍ତି। ତୋରଣ ନିର୍ମାଣ, ଯାନବାହନ ପାର୍କିଂ ପାଇଁ ସ୍ଥାନ, ଶୌଚାଳୟ, ସିସିଟିଭି ଲଗାଇବା, ଓଆରଏସ୍ ଉପଲବଧ କରାଇବା, ସ୍ୱେଚ୍ଛାସେବୀ ନିୟୋଜିତ କରିବା ଆଦି ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଲେଜର ଲାଇଟ ବ୍ୟବହାର ଓ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରିବା ସହ ମାଦକ ଦ୍ରବ୍ୟ ଉପରେ ମଧ୍ୟ ଅଙ୍କୁଶ ଲଗାଯିବ। ବିଶେଷକରି ପୂଜା ଓ ଭସାଣି ସମୟରେ ଚୋରାମଦ ରୋକିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଅବକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରତି ପୂଜା ପେଣ୍ଡାଲ୍‌ରେ ଅଗ୍ନି ନିର୍ବାପକ ଯନ୍ତ୍ରକୁ ବାଧ୍ୟତାମୂଳକ କରାଯାଇଛି। ସ୍ଥାନୀୟ ଥାନାଧିକାରୀମାନଙ୍କଠାରୁ ପୂଜା ପେଣ୍ଡାଲଗୁଡ଼ିକର ବିବରଣୀ ନେଇ ଅଗ୍ନି ନିରାପତ୍ତା ସଂକ୍ରାନ୍ତରେ ନିଆଯାଇଥିବା ପଦକ୍ଷେପ ଓ ବିଦ୍ୟୁତ୍ ସଂଯୋଗ ସମ୍ପର୍କିତ ପଦକ୍ଷେପଗୁଡ଼ିକ ଯାଞ୍ଚ କରିବାକୁ ଜିଲ୍ଲା ଅଗ୍ନିଶମ ଅଧିକାରୀ ଓ ଟିପିସିଓଡିଏଲକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପଆରକ୍ଷୀ ଅଧିକ୍ଷକ, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଥାନା ଆଇଆଇସି, ତହସିଲଦାର ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ ନାରାୟଣ ମୁଦୁଲି ପୁଲିସ୍ ପ୍ରଶାସନର ଏକ ମାର୍ଗଦର୍ଶିକା ଉପସ୍ଥାପନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିବା ବେଳେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

জীবন অমৃত অনুচিন্তা

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ସମ୍ପାଦକୀୟ



# ନେପାଳ କାହିଁକି ଜଳୁଛି ?



ନେପାଳର ରାଜଧାନୀ କାଠମାଣ୍ଡୁରେ ଏବେ ଅଗ୍ନିକାଣ୍ଡ ଦେଖାଯାଉଛି। ସେପ୍ଟେମ୍ବର ୨୦୨୫ରେ ହିମାଳୟର ଏହି ଛୋଟ ଦେଶଟି ଏକ ବିରାଟ ଆନ୍ଦୋଳନର ମୁହଁରେ ପଡ଼ିଛି, ଯାହା ଦେଶକୁ ଆକ୍ଷରିକ ଅର୍ଥରେ 'ଜଳାଉଛି'। ଯୁବକମାନେ ରାସ୍ତାକୁ ଓହ୍ଲାଇ ଆସିଛନ୍ତି, ସରକାରୀ ଭବନଗୁଡ଼ିକୁ ନିଆଁ ଲଗାଇ ଦେଇଛନ୍ତି, ସଂସଦ ଭବନ ପର୍ଯ୍ୟନ୍ତ ଜଳି ଉଠିଛି। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଇସ୍ତଫା ଦେଇଛନ୍ତି, କିନ୍ତୁ ଆନ୍ଦୋଳନ ଥମି ନାହିଁ। ଏହି ଘଟଣାର ମୂଳ କାରଣ କ'ଣ? ଏହା କେବଳ ଏକ ସାମାଜିକ ଗଣମାଧ୍ୟମ ନିଷେଧର ପ୍ରତିକ୍ରିୟା ନୁହେଁ, ବରଂ ଦୀର୍ଘଦିନର ଅସନ୍ତୋଷର ବିସ୍ଫୋରଣ।

ସବୁଠାରୁ ପ୍ରଥମେ ଟ୍ରିଗର୍ ହେଉଛି ସରକାରଙ୍କ ସାମାଜିକ ଗଣମାଧ୍ୟମ ନିଷେଧ। ସେପ୍ଟେମ୍ବର ୪, ୨୦୨୫ରେ ନେପାଳ ସରକାର ୨୬ଟି ସୋସିଆଲ୍ ମିଡିଆ ପ୍ଲାଟଫର୍ମକୁ ବ୍ୟାନ୍ କରିଛନ୍ତି। ଏହାର ଉଦ୍ଦେଶ୍ୟ ଥିଲା ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ଦମନ କରିବା। କିନ୍ତୁ ଏହା ଓଲଟା ଫଳ ଦେଇଛି। ଯୁବକମାନେ, ଯାହାଙ୍କୁ 'ଜେନ୍ ଜେଡ୍' କୁହାଯାଉଛି, ଏହି ନିଷେଧକୁ ସ୍ୱର ଦମନର ପ୍ରୟାସ ଭାବରେ ଦେଖିଛନ୍ତି। ସେମାନେ ରାସ୍ତାରେ ନାମି ଆସିଛନ୍ତି, ପୋଲିସ୍ ସହିତ ସଂଘର୍ଷ ହୋଇଛି, ଏବଂ ଫଳସ୍ୱରୂପ କମ୍ ସେ କମ୍ ୨୨ ଜଣ ମୃତ୍ୟୁବରଣ କରିଛନ୍ତି। କର୍ଫ୍ୟୁ ସତ୍ତ୍ୱେ ପ୍ରଦର୍ଶନକାରୀମାନେ ସରକାରୀ କାର୍ଯ୍ୟାଳୟ, ରାଜନେତାଙ୍କ ଘର ଏବଂ ସଂସଦକୁ ନିଆଁ ଲଗାଇ ଦେଇଛନ୍ତି।

କିନ୍ତୁ ଏହି ଆନ୍ଦୋଳନର ମୂଳ କାରଣ ଗଭୀର। ନେପାଳରେ ଦୀର୍ଘଦିନରୁ ଭ୍ରଷ୍ଟାଚାର ଏକ ବଡ଼ ସମସ୍ୟା। ରାଜନୈତିକ ନେତାମାନେ ନିଜର ସ୍ୱାର୍ଥ ପୂରଣ କରିବାକୁ ଦେଶର ସମ୍ପଦକୁ ଲୁଟୁଛନ୍ତି। ଅର୍ଥନୈତିକ ଅସମାନତା ବଢ଼ିଚାଲିଛି – ଧନୀ ଆହୁରି ଧନୀ ହେଉଛନ୍ତି, ଗରିବ ଆହୁରି ଗରିବ। ଯୁବକମାନଙ୍କ ପାଇଁ ରୋଜଗାରର ଅଭାବ ରହିଛି। ନେପାଳର ଅର୍ଥନୀତି ପର୍ଯ୍ୟଟନ ଏବଂ ରେମିଟାନ୍ସ ଉପରେ ନିର୍ଭରଶୀଳ, କିନ୍ତୁ କୋଭିଡ୍-୧୯ ପରେ ଏହା ଆହୁରି ଖରାପ ହୋଇଛି। ଯୁବକମାନେ ଉଚ୍ଚ ଶିକ୍ଷା ପାଇବା ପରେ ମଧ୍ୟ ଚାକିରି ପାଉନାହାଁନ୍ତି, ଯାହା ଅସନ୍ତୋଷ ବଢ଼ାଉଛି। ଏହି ପରିସ୍ଥିତିରେ ସାମାଜିକ ଗଣମାଧ୍ୟମ ହିଁ ଥିଲା ସେମାନଙ୍କର ଏକମାତ୍ର ପ୍ଲାଟଫର୍ମ, ଯେଉଁଠାରେ ସେମାନେ ଭ୍ରଷ୍ଟାଚାର ବିରୋଧରେ ଆବାଜ ଉଠାଇ ପାରୁଥିଲେ। ସରକାରର ନିଷେଧ ଏହି ସ୍ୱରକୁ ବନ୍ଦ କରିବାକୁ ଚେଷ୍ଟା କଲା, କିନ୍ତୁ ଏହା ଓଲଟା ରାସ୍ତାରେ ବିସ୍ଫୋରଣ ଘଟାଇଲା।

ନେପାଳର ରାଜନୈତିକ ଇତିହାସ ମଧ୍ୟ ଏହି ଆନ୍ଦୋଳନରେ ଭୂମିକା ନିର୍ବାହ କରୁଛି। ୨୦୦୬ରେ ରାଜତନ୍ତ୍ରର ଅନ୍ତ ହୋଇ ଗଣତନ୍ତ୍ର ଆସିଥିଲା, କିନ୍ତୁ ଏହା ପରେ ମଧ୍ୟ ରାଜନୈତିକ ଅସ୍ଥିରତା ରହିଛି। ବାରମ୍ବାର ସରକାର ପରିବର୍ତ୍ତନ, ଭ୍ରଷ୍ଟାଚାର ଏବଂ ନେତାମାନଙ୍କର ସ୍ୱାର୍ଥପରତା ଜନସାଧାରଣଙ୍କୁ ନିରାଶ କରିଛି। ଜେନ୍ ଜେଡ୍ ପିଢ଼ି, ଯେଉଁମାନେ ଡିଜିଟାଲ୍ ଯୁଗରେ ବଢ଼ିଛନ୍ତି, ସେମାନେ ଏହି ପୁରୁଣା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରୁଛନ୍ତି। ସେମାନେ ନେତୃତ୍ୱହୀନ ଆନ୍ଦୋଳନ କରିଛନ୍ତି, ଯାହା ବାଂଲାଦେଶ କିମ୍ବା ଶ୍ରୀଲଙ୍କାର ଆନ୍ଦୋଳନକୁ ମନେ ପକାଉଛି। ଏହି ଯୁବକମାନେ କେବଳ ଭ୍ରଷ୍ଟାଚାରର ଅନ୍ତ ନୁହେଁ, ବରଂ ଅର୍ଥନୈତିକ ସୁଯୋଗ, ଗଣତନ୍ତ୍ରର ସଂରକ୍ଷଣ ଏବଂ ସ୍ୱାଧୀନତା ଚାହୁଁଛନ୍ତି।

ଏହି ଘଟଣାର ପ୍ରଭାବ କେବଳ ନେପାଳରେ ସୀମିତ ନୁହେଁ। ଦକ୍ଷିଣ ଏସିଆରେ ଏହା ଏକ ଚେତାବନୀ। ଭାରତ, ଯାହା ନେପାଳର ପଡ଼ୋଶୀ, ଏହି ଅସ୍ଥିରତାରୁ ପ୍ରଭାବିତ ହେବ। ସୀମାନ୍ତରେ ଶରଣାର୍ଥୀ ସମସ୍ୟା, ବାଣିଜ୍ୟ ପ୍ରଭାବିତ ହେବ। ଚୀନ୍ ମଧ୍ୟ ନେପାଳରେ ନିବେଶ କରିଛି, ତେଣୁ ଏହାର ରାଜନୈତିକ ପ୍ରଭାବ ପଡ଼ିବ। ଗଣତନ୍ତ୍ରର ନାଁରେ ସ୍ୱେଚ୍ଛାଚାରୀ ଶାସନ କରୁଥିବା ସରକାରମାନଙ୍କୁ ଏହା ଏକ ଶିକ୍ଷା।

ଶେଷରେ, ନେପାଳର ଏହି 'ଅଗ୍ନିକାଣ୍ଡ' ଏକ ପରିବର୍ତ୍ତନର ଆହ୍ୱାନ। ଯୁବକମାନେ ନିଜର ଭବିଷ୍ୟତ ପାଇଁ ଲଢ଼ୁଛନ୍ତି। ସରକାର ଭ୍ରଷ୍ଟାଚାର ହଟାଇ, ଅର୍ଥନୈତିକ ସୁଧାର ଆଣିବା ଦରକାର। ନହେଲେ ଏହି ନିଆଁ ଆହୁରି ବ୍ୟାପିବ। ନେପାଳର ଜନତା ଏବେ ଜାଗ୍ରତ, ଏବଂ ସେମାନଙ୍କର ଆବାଜକୁ ଦବାଇ ରଖିବା ଅସମ୍ଭବ।

# ବାଙ୍ଗିରିପୋଷିର ପାହାଡ଼ ଯାତ୍ରା




ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ


ଓଡ଼ିଶାର ପ୍ରାଚୀନତମ ଜନଜାତି ଆଦିବାସୀ ସମାଜର ବର୍ଷ ତମାମ ବିଭିନ୍ନ ପର୍ବପର୍ବାଣୀ ରହିଥାଏ। ଓଡ଼ିଶାର ବିଭିନ୍ନ ଜନଜାତି ଓ ସେମାନଙ୍କ ଆବହମାନ ସଂସ୍କୃତିର ପୂଜା ପଦ୍ଧତି ଭିତରେ ପାହାଡ଼ୀ ପୂଜା ଅନ୍ୟତମ। ଅନେକ ହୁଏତ ଜାଣିନଥିବେ ଓଡ଼ିଶାର ବଡ଼ ଜିଲ୍ଲାର ମର୍ଯ୍ୟାଦା ପାଇଥିବା ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷୀ ଅନ୍ତର୍ଗତ ବଡ଼ଗାଁ, ଭୂଆସୁଣୀ ଓ ବୁଢ଼ୀ ଖମାରୀ ଏହିପରି ତିନୋଟି ଗ୍ରାମ ପଞ୍ଚାୟତକୁ ଘେରି ରହିଛି ସୁଉଚ୍ଚ ପାହାଡ଼। ଯାହାକୁ ସମସ୍ତେ ସାତପୁଟୁଳୀ ପାହାଡ଼ ନାମରେ ଜାଣନ୍ତି। ସମ୍ଭବତଃ ସାତଗୋଟି ପାହାଡ଼ର ସମାହାରକୁ ନେଇ ଗଢ଼ି ଉଠିଥିବାରୁ ଏହି ପାହାଡ଼ର ନାମକରଣ ସାତପୁଟୁଳି ପାହାଡ଼ ହୋଇଛି। ପାହାଡ଼ର ଅଗ୍ରଭାଗରେ ମା'ସାତପୁଟୁଳୀ ଠାକୁରାଣୀଙ୍କ ପ୍ରତିବର୍ଷ ମାଘ ମାସ ତୃତୀୟ ଗୁରୁବାର ଦିନ ବର୍ଷରେ ଥରଟିଏ ପାଇଁ ଏକ ବଡ଼ ପାହାଡ଼ ମେଳାର ଆୟୋଜନ ହୋଇଥାଏ। ତିନୋଟି ଗ୍ରାମ ପଞ୍ଚାୟତର ଛତିଶଟି ଗାଁ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆଦିବାସୀମାନେ ଏହି ପାର୍ବଣରେ ସାମିଲ ହୋଇଥାନ୍ତି। ଓଡ଼ିଶା ବାହାରୁ ମଧ୍ୟ ଆଦିବାସୀ ଭକ୍ତଙ୍କ ସମାଗମ ହୋଇଥାଏ।

ପ୍ରତିବର୍ଷ ମାଘ ମାସର ତୃତୀୟା ଗୁରୁବାର ଦିନ ମା'ଙ୍କ ବାର୍ଷିକ ପାହାଡ଼ୀ ପୂଜା ଅନୁଷ୍ଠିତ ହୋଇଥାଏ। ବାଙ୍ଗିରିପୋଷିର ପାହାଡ଼ ଯାତ୍ରା ସମଗ୍ର ଉତ୍ତର ଓଡ଼ିଶାରେ ସର୍ବବୃହତ୍ ପାହାଡ଼ ମେଳା (ହିଲ ଫେଷ୍ଟିଭାଲ) ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।



ମେଳାଟି ମାତ୍ର ଗୋଟିଏ ଦିନ ପାଇଁ ଅନୁଷ୍ଠିତ ହୋଇଥାଏ। ସୂର୍ଯ୍ୟ ଉଦୟ ଠାରୁ ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ୧୨ଘଣ୍ଟା ଧରି ପାହାଡ଼ର ଶୀର୍ଷରେ ଏହି ମେଳା ଲାଗିଥାଏ। ଠାକୁରାଣୀଙ୍କ ଏହି ବାର୍ଷିକ ପାହାଡ଼ୀ ପୂଜା ପରେ ମୟୂରଭଞ୍ଜ ଜିଲ୍ଲା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତ ଓ ମାନସିକଧାରୀମାନେ ନିଜର ମାନସିକ ପୂରଣ ହେବାପରେ ଛେଳି, କୁକୁଡ଼ା, ମେଣ୍ଢା, ପାରା ଆଦି ସାଥିରେ ଆଣି ମା'ଙ୍କୁ ଅର୍ପଣ କରିଥାନ୍ତି। ସେ ଦିନ ପଶୁ, ପକ୍ଷୀଙ୍କ ରକ୍ତରେ ସାତପୁଟୁଳି ଠାକୁରାଣୀ ପାହାଡ଼ର ଶୀର୍ଷ ଦେଶ ଏକ ପ୍ରକାର ରକ୍ତରଞ୍ଜିତ ହୋଇଉଠେ।

ଭୁଆସୁଣୀରୁ ଚାରି କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ପାହାଡ଼ର ଶୀର୍ଷ ଦେଶକୁ ପ୍ରାୟ ୪ କିଲୋମିଟର ଦୁର୍ଗମ ପାହାଡ଼ିଆ ରାସ୍ତାରେ ଚାଲିଚାଲି ପାହାଡ଼ର ଶୀର୍ଷ ପ୍ରଦେଶରେ ପହଞ୍ଚିବାକୁ ହୋଇଥାଏ। କେବଳ ଭୁଆସୁଣୀ ପଟୁ ନୁହେଁ ବରଂ ସାତପୁଟୁଳି ପାହାଡ଼ର ଶୀର୍ଷଦେଶରେ ପୂଜିତ ଠାକୁରାଣୀଙ୍କ ନିକଟକୁ ଯିବା ପାଇଁ ପାହାଡ଼ର ଚତୁଃପାର୍ଶ୍ୱରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପାଦଚଲା ରାସ୍ତା ରହିଛି। ଭକ୍ତମାନେ ନିଜ ଇଚ୍ଛା ଅନୁଯାୟୀ ଯେକୌଣସି ପଥ ଦେଇ ପାହାଡ଼ ଚୂଡ଼ାରେ ପହଞ୍ଚିଥାନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ମା'ସାତ ପୁଟୁଳି ପ୍ରତିଦିନ ଭୁଆସୁଣୀ ପଞ୍ଚାୟତର ଚାକଦର ଗାଁରେ ପୂଜା ପାଇଥାନ୍ତି। ମା'ଙ୍କ ନିର୍ଦ୍ଦେଶ ଅନୁସାରେ, ପ୍ରତିବର୍ଷ ମାଘ ମାସର ତୃତୀୟ ଗୁରୁବାର ଦିନ ସାତଟି ପାହାଡ଼ର ମଧ୍ୟ ଦେଶରେ ଥିବା ଏକ ବିସ୍ତୀର୍ଣ୍ଣ ଚଟାଣ ଉପରେ ମା'ଙ୍କ ଆସ୍ଥାନରେ ବାର୍ଷିକ ପୂଜା ପାଳିତ ହୋଇଥାଏ। ବହୁବର୍ଷ ପୂର୍ବେ ଏଠାରେ ଜଣେ ଖଡ଼ିଆ ଜନଜାତିର ପୂଜକ ମା'ଙ୍କୁ ପୂଜା କରୁଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଉତ୍ତରାଧିକାରୀ କେହି ନରହିବାରୁ ମା'ଙ୍କ ପୂଜା ବନ୍ଦ ରହିଥିଲା। ପରେ ଚାକଦର ଗାଁର ବାଥୁଡ଼ି ସମ୍ପ୍ରଦାୟର ପୂଜକ ପୁରୁଷୋତ୍ତମ ନାୟକଙ୍କୁ ସ୍ୱପ୍ନାଦେଶ ହେବାରୁ ମା'ଙ୍କୁ ପୂଜା ପୁଣି ଆରମ୍ଭ ହୋଇଥିଲା। ଏହା ପରଠାରୁ ଠାକୁରାଣୀଙ୍କୁ ବାଥୁଡ଼ି ପୂଜକ ପୂଜା କରିଆସୁଛନ୍ତି। ପୁରୁଷୋତ୍ତମଙ୍କ ପରେ ତାଙ୍କର ପୁତ୍ର ପଞ୍ଚୁ ନାଏକ, ତାଙ୍କ ପୁଅ ଲକ୍ଷ୍ମଣ ନାଏକ ଏବଂ ବର୍ତ୍ତମାନ ଲକ୍ଷ୍ମଣଙ୍କ ପୁତ୍ର ଶରତ ଚନ୍ଦ୍ର ନାଏକ ଠାକୁରାଣୀଙ୍କୁ ପୂଜା ମା'ଙ୍କୁ ପୂଜା କରୁଛନ୍ତି। ମୟୂରଭଞ୍ଜର ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓ ମା'ଙ୍କ ପୂଜା ପାଇଁ ସାଢ଼େ ୯ମାଣ ଜମି ଦାନ କରିଛନ୍ତି।

ଏହା ବ୍ୟତୀତ ବାଙ୍ଗିରିପୋଷି ବ୍ଲକ ସଦର ମହକୁମା ଠାରୁ ୧୩ କିଲୋମିଟର ଦୂର ନିଶ୍ଚିନ୍ତା ପଞ୍ଚାୟତର ଦୁବୁଲାବେଡ଼ା ଗାଁ ଉପକଣ୍ଠରେ ଥିବା ସାନଗାଡ଼ରା ପାହାଡ଼ ଓ ପାହାଡ଼ ଗୁମ୍ଫା ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଭାବେ ନିଜର ପରିଚୟ ସୃଷ୍ଟି କରିଛି। ଏହି ପାହାଡ଼କୁ ସ୍ଥାନୀୟ ଅଞ୍ଚଳରେ ଖଡ଼ିଆ ରାଜା ପାହାଡ଼ କିମ୍ବା ବୁଢ଼ାବୁଢ଼ୀ ପାହାଡ଼ କୁହାଯାଇଥାଏ। ଚାରି କିଲୋମିଟର ଘଞ୍ଚ ଜଙ୍ଗଲପୂର୍ଣ୍ଣ ପାହାଡ଼ିଆ ରାସ୍ତା ଚାଲିକରି ଗଲାପରେ ସାନଗାଡ଼ରା ପାହାଡ଼ ପଡ଼େ ଏବଂ ଏହି ପାହାଡ଼ର ୫୦୦ ମିଟର ଉପରକୁ ଉଠିଗଲା ପରେ ଏଠାରେ ଅନେକ ପାହାଡ଼ ଗୁମ୍ଫା ଦୃଶ୍ୟମାନ ହୋଇଥାଏ। ଏଠାରେ ମଧ୍ୟ ପ୍ରତିବର୍ଷ ଗୁମ୍ଫା ଯାତ୍ରା ଅନୁଷ୍ଠିତ ହୋଇଥାଏ।

ଖଡ଼ିଆ ରାଜା ପାହାଡଟିକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ଅଦ୍ଭୁତ ବିଶ୍ୱାସ ରହିଛି। ପ୍ରତିବର୍ଷ ବର୍ଷା ଋତୁରେ ଅନ୍ୟାନ୍ୟ ଅଞ୍ଚଳ ତୁଳନାରେ ଏହି ପାହାଡଟି ଉପରେ ସର୍ବାଧିକ ବଜ୍ରପାତ ହୋଇଥାଏ। ଏଠାରେ ପ୍ରତିବର୍ଷ ଡିସେମ୍ବର ଜାନୁଆରି ମାସ ବେଳକୁ ପାହାଡ଼ୀ ଗୁମ୍ଫା ପୂଜା ଅନୁଷ୍ଠିତ ହୋଇଥାଏ। ସାନଗାଡ଼ରା ପାହାଡ଼ରେ ଥିବା ଏହି ଗୁମ୍ଫାରେ କୌଣସି ଖଡ଼ିଆ ସମ୍ପ୍ରଦାୟର ରାଜା ମୂର୍ତ୍ତି ନିର୍ମାଣ କରି ଦେବ, ଦେବୀଙ୍କୁ ଉପାସନା କରୁଥିବାର ବିଶ୍ୱାସ କରାଯାଏ। ଏଠାରେ ନାଗେଶ୍ୱର ମହାଦେବ ପୂଜା ପାଇଥାନ୍ତି। ଖଡ଼ିଆରାଜା ପାହାଡ଼ର ପୂର୍ବ ଦିଗରେ ଗଜା ପାହାଡ଼, ପଶ୍ଚିମରେ ଜିଲିଂବୁରୁ, ସିନ୍ଦୁରବୁରୁ, ହେସେଲବୁରୁ, ଉତ୍ତର ଦିଗରେ ବୁଢ଼ାବୁଢ଼ୀ ପାହାଡ଼ ଏବଂ ଦକ୍ଷିଣ ଦିଗରେ ସାନଚାତରା, ବଡ଼ଚାତରା ଭଳି ସୁଉଚ୍ଚ ପାହାଡ଼ ରହିଛି। ଖଡ଼ିଆ ରାଜା ପାହାଡ଼ରେ ନାଗେଶ୍ୱର ମହାଦେବଙ୍କ ସମେତ ବୁଢ଼ାବୁଢ଼ୀ ଠାକୁର ଠାକୁରାଣୀ ପୂଜା ପାଇଥାନ୍ତି। ଏଠାରେ ଥିବା ଗୁମ୍ଫାରେ ଖଡ଼ିଆ ରାଜା ବହୁ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର ରଖିଥିଲେ ବୋଲି ଗ୍ରାମବାସୀଙ୍କ ମୁହଁରୁ ଶୁଣିବାକୁ ମିଳେ। ଏଠାରେ ଏକ ବିଶାଳ ଗୁମ୍ଫା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଖଡ଼ିଆ ରାଜା ପାହାଡ଼କୁ ନେଇ ଏକ କିମ୍ବଦନ୍ତୀ ରହିଛି। ଥରେ ଖଡ଼ିଆ ରାଜା ଏହି ପାହାଡ଼ ଉପରେ ବିଚରଣ କରୁଥିବା ଦୁଇଜଣ ବୁଢ଼ାବୁଢ଼ୀଙ୍କୁ ମାରିବାକୁ ଗୋଡ଼ାଇବାବେଳେ ବୁଢ଼ାବୁଢ଼ୀ ସେଠାରେ ବିଗ୍ରହ ପାଲଟିଯାଇଥିଲେ। ରାଜା ନିଜର ଭୁଲ ବୁଝିପାରି ବିଗ୍ରହ ପାଲଟି ଯାଇଥିବା ବୁଢ଼ାବୁଢ଼ୀଙ୍କୁ ପୂଜା କରିବାକୁ ଆରମ୍ଭ କଲେ ଏବଂ ସେହିଦିନ ଠାରୁ ପାହାଡ଼ଟି ବୁଢ଼ାବୁଢ଼ୀ ପାହାଡ଼ ଭାବେ ଖ୍ୟାତ ହୋଇଥିଲା।

ବାଙ୍ଗିରିପୋଷୀ ସନ୍ନିକଟ କଳାବାଡ଼ିଆର ଆମ୍ବେଲିପାଟର ଠାକୁରାଣୀ ପାହାଡ଼ ଏବଂ ଏଠାରେ ପୂଜା ପାଉଥିବା ପ୍ରତ୍ୟକ୍ଷ ଦେବୀ ମା'ଆମ୍ବିଳିପାଟ ଠାକୁରାଣୀ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲାର ଅନ୍ୟତମ ଆରାଧ୍ୟ ଦେବୀ। ସ୍ଥାନୀୟ ଅଞ୍ଚଳବାସୀ ଏହି ପାହାଡ଼ଟିକୁ ଠାକୁରାଣୀ ପାହାଡ଼ ଭାବେ ଜାଣନ୍ତି। ରଜ ସଂକ୍ରାନ୍ତିରେ ବାର୍ଷିକ ପାହାଡି ପୂଜା ଯାହାକୁ ସ୍ଥାନୀୟ ଭାଷାରେ ପାହାଡ଼ ଯାତ୍ରା କୁହାଯାଏ। ଏଥିରେ ଅନେକ ଭକ୍ତଙ୍କର ସମାଗମ ହୋଇଥାଏ କିନ୍ତୁ ଏଠାରେ ପଶୁପକ୍ଷୀଙ୍କୁ ବଳୀ ଦିଆଯାଇଥାଏ। ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଶକ୍ତିପୀଠ ମଧ୍ୟରେ ବାଙ୍ଗିରୀପୋଷି ଘାଟି ବା ବାମନ ଘାଟିରେ ଥିବା ପ୍ରତ୍ୟକ୍ଷ ଦେବୀ ଦ୍ୱାରଶୁଣୀଙ୍କ ପୀଠ ରହିଛି। ବିଶ୍ୱାସ ରହିଛି ମା'ଦ୍ୱାରଶୁଣୀଙ୍କୁ ଯାହା ଇପସିତ୍ ସଂକଳ୍ପ ପ୍ରାର୍ଥନା କଲେ ସେ ତାହା ରକ୍ଷା କରନ୍ତି।


**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ**
**ମୋବାଇଲ୍: ୯୪୩୭୨୪୨୩୧୭**


# ମୋହନ ଭାଗବତଜୀଙ୍କୁ ଅଭିନନ୍ଦନ




ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


ଆଜି ସେପ୍ଟେମ୍ବର ୧୧। ଏହି ଦିନ ଦୁଇଟି ବିପରୀତ ସ୍ମୃତିକୁ ମନେ ପକାଏ। ପ୍ରଥମଟି ହେଉଛି, ୧୮୯୩ ମସିହାର, ଯେତେବେଳେ ସ୍ୱାମୀ ବିବେକାନନ୍ଦ ଚିକାଗୋର ବିଶ୍ୱ ଧର୍ମ ସମ୍ମିଳନୀରେ ତାଙ୍କର ପ୍ରତୀକାତ୍ମକ ଭାଷଣ ଦେଇଥିଲେ। "ଆମେରିକାର ଭଉଣୀ ଓ ଭାଇମାନେ..." — ଏହି କିଛି ଶବ୍ଦରେ ସେ ପ୍ରେକ୍ଷାଳୟର ହଜାର ହଜାର ଶ୍ରୋତାଙ୍କ ହୃଦୟକୁ ଜିତି, ଭାରତର ଆଧ୍ୟାତ୍ମିକ ଐତିହ୍ୟ ଏବଂ ବିଶ୍ୱ ଭ୍ରାତୃତ୍ୱର ସନ୍ଦେଶକୁ ବିଶ୍ୱ ସ୍ତରରେ ପରିଚିତ କରାଇଥିଲେ। ଦ୍ୱିତୀୟଟି ହେଉଛି ୯/୧୧ ଆତଙ୍କବାଦୀ ଆକ୍ରମଣ, ଯେତେବେଳେ ମୌଳବାଦ ଓ ଆତଙ୍କବାଦର ବିପଦ ଯୋଗୁଁ ଏହି ନୀତି ଆକ୍ରମଣର ଶିକାର ହୋଇଥିଲା। ଆଜିର ଦିନଟି ଆଉ ଏକ ବିଶେଷ ସ୍ମୃତି ସହିତ ମଧ୍ୟ ଜଡିତ। ଏହା ହେଉଛି ଶ୍ରୀ ମୋହନ ଭାଗବତ ଜୀଙ୍କ ୭୫ତମ ଜନ୍ମଦିନ। 'ବସୁଧୈବ କୁଟୁମ୍ବକମ୍'ର ଆଦର୍ଶରୁ ଅନୁପ୍ରାଣିତ ହୋଇ ସେ ସମାଜିକ ପରିବର୍ତ୍ତନ, ସଦ୍ଭାବ ଏବଂ ଭାଇଚାରାର ଭାବନାକୁ ମଜବୁତ କରିବା ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲକ୍ଷ ଲକ୍ଷ ସଦସ୍ୟଙ୍କ ପାଇଁ ସେ 'ପରମ ପୂଜ୍ୟ ସରସଂଘଚାଳକ' ଭାବେ ସମ୍ମାନିତ। ତାଙ୍କ ୭୫ତମ ଜନ୍ମଦିନ, ଆକସ୍ମିକ ଭାବରେ, ସେହି ବର୍ଷ ପଡୁଛି ଯେତେବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ଶତବାର୍ଷିକୀ ପାଳନ କରୁଛି। ଏହି ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ତାଙ୍କ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ପାଇଁ ପ୍ରାର୍ଥନା କରୁଛି। ମୋହନ ଜୀଙ୍କ ପରିବାର ସହିତ ମୋର ସମ୍ପର୍କ ଗଭୀର। ମୁଁ ତାଙ୍କ ପିତା ସ୍ୱର୍ଗତ ମଧୁକରରାଓ ଭାଗବତ ଜୀଙ୍କ ସହିତ କାମ କରିବାର ସୌଭାଗ୍ୟ ପାଇଛି ଏବଂ ମୋର ପୁସ୍ତକ 'ଜ୍ୟୋତିପୁଞ୍ଜ'ରେ ମଧ୍ୟ ତାଙ୍କର ଜୀବନ ଏବଂ କାର୍ଯ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଛି। ଆଇନ ଜଗତରେ ତାଙ୍କର ଯୋଗଦାନ ସହିତ ରାଷ୍ଟ୍ର ନିର୍ମାଣ ପ୍ରତି ତାଙ୍କର ଉତ୍ସର୍ଗ ଅସାଧାରଣ। ସମଗ୍ର ଗୁଜରାଟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ଶକ୍ତିଶାଳୀ କରିବାରେ ସେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ର ପ୍ରତି ଏହି ଅଗାଧ ସମର୍ପଣ ତାଙ୍କ ପୁଅ ମୋହନରାଓଙ୍କୁ ମଧ୍ଯ ପ୍ରେରଣା ଦେଇଥିଲା, ଯାହା ତାଙ୍କୁ ଭାରତର ପୁନର୍ଜନ୍ମ ପାଇଁ ନିଷ୍ଠାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କଲା। ଜଣେ ପରସମଣି ମଧୁକରରାଓ, ମୋହନରାଓଙ୍କ ମାଧ୍ୟମରେ ଆଉ ଏକ ପରସମଣିକୁ ପ୍ରସ୍ତୁତ କରିଥିଲେ। ମୋହନ ଜୀ ୧୯୭୦ ଦଶକର ମଧ୍ୟଭାଗରେ ଆରଏସଏସର ଜଣେ ପ୍ରଚାରକ ହୋଇଥିଲେ। 'ପ୍ରଚାରକ' ଶବ୍ଦଟି ଶୁଣିବା ପରେ, କେହି ଭୁଲରେ ଭାବିପାରନ୍ତି ଯେ, ଏହା ଏପରି ବ୍ୟକ୍ତିଙ୍କୁ ବୁଝାଏ ଯିଏ କେବଳ ପ୍ରଚାର କରନ୍ତି କିମ୍ବା ପ୍ରଚାର କରୁଛନ୍ତି। କିନ୍ତୁ, ଯେଉଁମାନେ ଆରଏସଏସର କାର୍ଯ୍ୟ ସହିତ ଉତ୍ତମ ରୂପେ ପରିଚିତ ସେମାନେ ଅବଶ୍ୟ ବୁଝନ୍ତି ଯେ, ପ୍ରଚାରକ ପରମ୍ପରା ସଂଗଠନର କାର୍ଯ୍ୟର ମୂଳଦୁଆରେ ରହିଛି। ଗତ ଶହେ ବର୍ଷ ଧରି, ଦେଶପ୍ରେମ ଉତ୍ସାହରେ ଅନୁପ୍ରାଣିତ ହଜାର ହଜାର ଯୁବକ 'ଭାରତ ପ୍ରଥମ'ର ଚିନ୍ତାଧାରା ଓ ଆଦର୍ଶକୁ ସାକାର କରିବା ନିମନ୍ତେ ନିଜର ଜୀବନ ଉତ୍ସର୍ଗ କରିବା ପାଇଁ ନିଜର ଘର ଏବଂ ପରିବାର ଛାଡିଛନ୍ତି। ଆରଏସଏସରେ ତାଙ୍କର ପ୍ରାରମ୍ଭିକ ବର୍ଷଗୁଡ଼ିକ ଭାରତୀୟ ଇତିହାସର ଏକ ଅତ୍ୟନ୍ତ ଅନ୍ଧକାର ସମୟ ସହିତ ସମାନ ଭାବରେ ରହିଥିଲା। ଏହି ସେହି ସମୟ ଥିଲା ଯେତେବେଳେ ତତ୍କାଳୀନ କଂଗ୍ରେସ ସରକାର ଦ୍ୱାରା ଦେଶରେ କଠୋର ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେ ଗଣତାନ୍ତ୍ରିକ ନୀତିକୁ ଆଦର କରୁଥିଲେ ଏବଂ ଭାରତକୁ ସମୃଦ୍ଧ କରିବାକୁ ଚାହୁଁଥିଲେ, ସେମାନଙ୍କ ପାଇଁ ଜରୁରୀକାଳୀନ ବିରୋଧୀ ଆନ୍ଦୋଳନକୁ ମଜବୁତ କରିବା ସ୍ୱାଭାବିକ ଥିଲା। ମୋହନ ଜୀ ଏବଂ ଅଗଣିତ ଆରଏସଏସ ସ୍ୱୟଂସେବକମାନେ ଏହା ହିଁ କରିଥିଲେ। ସେ ମହାରାଷ୍ଟ୍ରର ଗ୍ରାମୀଣ ଏବଂ ପଛୁଆ ଅଞ୍ଚଳ, ବିଶେଷକରି ବିଦର୍ଭରେ ବ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ଏହା ଗରିବ ଏବଂ ଦଳିତ ଲୋକଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଆହ୍ୱାନ ବିଷୟରେ ତାଙ୍କର ବୁଝାମଣାକୁ ଆକାର ପ୍ରଦାନ କରିଥିଲା। ବର୍ଷ ବର୍ଷ ଧରି ଭାଗବତ ଜୀ ଆରଏସଏସରେ ବିଭିନ୍ନ ପଦବୀରେ ରହିଥିଲେ। ସେ ପ୍ରତ୍ୟେକ କର୍ତ୍ତବ୍ୟକୁ ଅତ୍ୟନ୍ତ ଦକ୍ଷତାର ସହିତ ସମ୍ପାଦନ କରିଥିଲେ। ୧୯୯୦ ଦଶକରେ ଅଖିଳ ଭାରତୀୟ ଶାରୀରିକ ବ୍ୟାୟାମ ପ୍ରମୁଖର ମୁଖ୍ୟ ଭାବରେ, ମୋହନ ଜୀଙ୍କ ବର୍ଷଗୁଡ଼ିକୁ ଏବେ ବି ଅନେକ ସ୍ୱୟଂସେବକ ସ୍ମରଣ କରନ୍ତି। ଏହି ସମୟ ମଧ୍ୟରେ, ସେ ବିହାରର ଅସଂଖ୍ୟ ଗ୍ରାମମାନଙ୍କରେ କାର୍ଯ୍ୟ କରି ସମୟ ବିତାଇଥିଲେ। ଏହି ଅଭିଜ୍ଞତା ତୃଣମୂଳ ସ୍ତରର ସମସ୍ୟାଗୁଡ଼ିକ ସହିତ ତାଙ୍କର ସମ୍ପର୍କକୁ ଆହୁରି ଗଭୀର କରିଥିଲା। ୨୦୦୦ ମସିହାରେ, ସେ ସାଧାରଣ ସମ୍ପାଦକ ହୋଇଥିଲେ ଏବଂ ସେଥିରେ ମଧ୍ୟ ସେ ତାଙ୍କର ଅନନ୍ୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିଲେ। ଅନେକ ଜଟିଳ ପରିସ୍ଥିତିକୁ ସହଜ ଏବଂ ସଠିକତାର ସହିତ ପରିଚାଳନା କରୁଥିଲେ। ୨୦୦୯ ମସିହାରେ ସେ ସରସଂଘଚାଳକ ହୋଇଥିଲେ ଏବଂ ଅତ୍ୟନ୍ତ ଦକ୍ଷତାର ସହିତ କାମ କରିଚାଲିଥିଲେ। ସରସଂଘଚାଳକ ହେବା ଏକ ସାଂଗଠନିକ ଦାୟିତ୍ୱ ଅପେକ୍ଷା ଅଧିକ। ଅସାଧାରଣ ବ୍ୟକ୍ତିବିଶେଷ ବ୍ୟକ୍ତିଗତ ତ୍ୟାଗ, ଉଦ୍ଦେଶ୍ୟର ସ୍ପଷ୍ଟତା ଏବଂ ମା' ଭାରତୀଙ୍କ ପ୍ରତି ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ଏହି ଭୂମିକାକୁ ପରିଭାଷିତ କରିଛନ୍ତି। ମୋହନ ଜୀ, ଦାୟିତ୍ୱର ବିଶାଳତାକୁ ପୂର୍ଣ୍ଣ ନ୍ୟାୟ ଦେବା ସହିତ, ଏଥିରେ ନିଜର ଶକ୍ତି, ବୌଦ୍ଧିକ ଗଭୀରତା ଏବଂ ସହାନୁଭୂତିଶୀଳ ନେତୃତ୍ୱକୁ ମଧ୍ୟ ଆଣିଥିଲେ, ଯାହା ରାଷ୍ଟ୍ର ସର୍ବୋପରି ନୀତି ଦ୍ୱାରା ଅନୁପ୍ରାଣିତ। ମୁଁ ମୋହନ ଜୀଙ୍କ ବ୍ୟକ୍ତିତ୍ୱକୁ ଯେତିକି ନିକଟରୁ ଜାଣିଛି, ତାଙ୍କ କାର୍ଯ୍ୟଶୈଳୀର ମୂଳରେ ଥିବା ଦୁଇଟି ଗୁଣକୁ ମୁଁ ଚିହ୍ନଟ କରିପାରେ, ତାହା ହେଉଛି — ନିରନ୍ତରତା ଏବଂ ଅନୁକୂଳନ। ସେ ସଦାସର୍ବଦା ସଂଗଠନକୁ ସବୁଠୁ କଠିନ ପରିସ୍ଥିତି ମଧ୍ୟରେ ଅଗ୍ରସର କରାଇଛନ୍ତି, କିନ୍ତୁ ମୂଳ ବିଚାରଧାରା ସହ କେବେ ମଧ୍ୟ ସାଲିସ କରିନାହାନ୍ତି। ଅନୁରୂପ ଭାବରେ ସେ ସମାଜର ବିକଶିତ ଆବଶ୍ୟକତାକୁ ପୂରଣ କରୁଛନ୍ତି। ଯୁବପିଢ଼ି ସହିତ ତାଙ୍କର ସ୍ୱାଭାବିକ ଏବଂ ନିବିଡ଼ ସମ୍ପର୍କ, ସର୍ବଦା ନୂଆ ପିଢ଼ିକୁ ସଂଘ ପରିବାର ସହିତ ଯୋଡିବା ପ୍ରତି ତାଙ୍କର ପ୍ରଚେଷ୍ଟା, ଆଜିର ଗତିଶୀଳ ଏବଂ ଡିଜିଟାଲ୍ ବିଶ୍ୱରେ ଅଧିକ ଲାଭଦାୟକ ହୋଇଛି। ସାଧାରଣ ଆଲୋଚନା, ସମ୍ବାଦ ଓ ପାରସ୍ପରିକ କାର୍ଯ୍ୟରେ ସେ ଯେଭଳି ନିୟମିତ ଭାବେ ଯୋଡ଼ି ହୁଅନ୍ତି, ତାହା ତାଙ୍କୁ ସର୍ବଦା ପ୍ରେରଣାଦାୟୀ ନେତୃତ୍ୱ ଭାବରେ ପ୍ରତିଷ୍ଠିତ କରେ। ସାମଗ୍ରିକ ଭାବରେ କହିବାକୁ ଗଲେ, ଭାଗବତ ଜୀଙ୍କ କାର୍ଯ୍ୟକାଳକୁ ଆରଏସଏସର ୧୦୦ ବର୍ଷର ଯାତ୍ରାରେ ସବୁଠାରୁ ପରିବର୍ତ୍ତନକାରୀ ଅବଧି ଭାବରେ ବିବେଚନା କରାଯିବ। ୟୁନିଫର୍ମ ପରିବର୍ତ୍ତନ ଠାରୁ ଆରମ୍ଭ କରି ଶିକ୍ଷା ବର୍ଗ (ପ୍ରଶିକ୍ଷଣ ଶିବିର)ରେ ସଂସ୍କାର ପର୍ଯ୍ୟନ୍ତ, ତାଙ୍କ ନେତୃତ୍ୱରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି। ମୁଁ ବିଶେଷ ଭାବରେ କୋଭିଡ୍ ସମୟରେ ମୋହନ ଜୀଙ୍କ ପ୍ରୟାସକୁ ସ୍ମରଣ ରଖିଛି, ଯେତେବେଳେ ମାନବଜାତି ଜୀବଦ୍ଦଶାରେ ଥରେ ଦେଖାଦେଇଥିବା ଭୟଙ୍କର ମହାମାରୀ ସହିତ ଲଢୁଥିଲା। ସେହି ସମୟରେ, ପାରମ୍ପରିକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କାର୍ଯ୍ୟକଳାପ ଜାରି ରଖି ସବୁଠୁ ବଡ଼ ଆହ୍ୱାନ ସାଜିଥିଲା। ମୋହନ ଜୀଙ୍କ ପରାମର୍ଶ ଥିଲା ଯେ, ପ୍ରଯୁକ୍ତିର ବ୍ୟବହାର ବୃଦ୍ଧି କରାଯାଉ। ବିଶ୍ୱସ୍ତରୀୟ ଆହ୍ୱାନ ପରିପ୍ରେକ୍ଷୀରେ, ସେ ସଂସ୍ଥାଗତ ଢାଞ୍ଚାର ବିକାଶ କରିବା ସହିତ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ସହିତ ଜଡିତ ରହିଥିଲେ। ସେହି ସମୟରେ, ସମସ୍ତ ସ୍ୱୟଂସେବକ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦୁର୍ଦ୍ଦଶା ମଧ୍ୟରେ ଥିବା ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଯଥାସମ୍ଭବ ପ୍ରୟାସ କରିଥିଲେ। ଅନେକ ସ୍ଥାନରେ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଆମେ ଆମର ଅନେକ ଶ୍ରମନିଷ୍ଠ ସ୍ୱୟଂସେବକଙ୍କୁ ମଧ୍ଯ ହରାଇଥିଲୁ, କିନ୍ତୁ ମୋହନ ଜୀଙ୍କ ପ୍ରେରଣା ଏପରି ଥିଲା ଯେ ସେମାନଙ୍କର ଦୃଢ଼ ନିଷ୍ପତ୍ତି କେବେ ବି ବିଚଳିତ ହୋଇନଥିଲା।

ଚଳିତ ବର୍ଷ ଆରମ୍ଭରେ, ନାଗପୁରରେ ମାଧବ ନେତ୍ର ଚିକିତ୍ସାଳୟର ଉଦଘାଟନ ସମୟରେ, ମୁଁ ମତ ଦେଇଥିଲି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ଅକ୍ଷୟବଟ ସଦୃଶ। ଏହା ଏକ ଅନନ୍ତ ବଟବୃକ୍ଷ ଯାହା ଆମ ଦେଶର ଜାତୀୟ ସଂସ୍କୃତି ଏବଂ ସାମୂହିକ ଚେତନାକୁ ଶକ୍ତି ପ୍ରଦାନ କରେ। ଏହି ଅକ୍ଷୟବଟର ମୂଳ ଗଭୀର ଏବଂ ଦୃଢ଼; କାରଣ ସେଗୁଡ଼ିକ ମୂଲ୍ୟବୋଧରେ ପରିପୂର୍ଣ୍ଣ। ମୋହନ ଭାଗବତ ଜୀ ଏହି ମୂଲ୍ୟବୋଧଗୁଡ଼ିକୁ ପୋଷଣ ଯୋଗାଇଛନ୍ତି ଏବଂ ଆଗକୁ ବଢ଼ାଇବା ପାଇଁ ଯେଉଁ ସମର୍ପଣ ସହିତ ନିଜକୁ ପ୍ରତିବଦ୍ଧ କରିଛନ୍ତି ତାହା ବାସ୍ତବରେ ପ୍ରେରଣାଦାୟକ। ମୋହନ ଜୀଙ୍କ ବ୍ୟକ୍ତିତ୍ୱର ଅତ୍ୟନ୍ତ ପ୍ରଶଂସନୀୟ ଗୁଣ ହେଉଛି ତାଙ୍କର ମୃଦୁଭାଷୀ ସ୍ୱଭାବ। ସେ କେବଳ କହିବାରେ ନୁହେଁ, ଶୁଣିବାରେ ମଧ୍ୟ ଅସାଧାରଣ। ଏହି ଗୁଣ ଏକ ଗଭୀର ଦୃଷ୍ଟିକୋଣ ସୁନିଶ୍ଚିତ କରେ ଏବଂ ତାଙ୍କ ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ପାଇଁ ସମ୍ବେଦନଶୀଳତା ଏବଂ ମର୍ଯ୍ୟାଦାର ଭାବନା ମଧ୍ଯ ଜାଗ୍ରତ କରେ। ଏଠାରେ, ମୁଁ ବିଭିନ୍ନ ଜନ ଆନ୍ଦୋଳନ ପ୍ରତି ତାଙ୍କର ସର୍ବଦା ଦେଖାଯାଇଥିବା ଆଗ୍ରହ ବିଷୟରେ ମଧ୍ୟ ଉଲ୍ଲେଖ କରିବାକୁ ଚାହୁଁଛି। 'ସ୍ୱଚ୍ଛ ଭାରତ ମିଶନ' ଠାରୁ 'ବେଟି ବଚାଓ ବେଟି ପଢ଼ାଓ' ପର୍ଯ୍ୟନ୍ତ, ମୋହନ ଜୀ ସର୍ବଦା ସମଗ୍ର ଆରଏସଏସ ପରିବାରକୁ ଏହି ଆନ୍ଦୋଳନଗୁଡ଼ିକ ମାଧ୍ୟମରେ ଶକ୍ତି ସଂଯୋଗ କରିବାକୁ ଅନୁରୋଧ କରିଥାଆନ୍ତି। ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗେଇ ନେବା ନିମନ୍ତେ, ମୋହନ ଜୀ 'ପଞ୍ଚ ପରିବର୍ତ୍ତନ' ପରାମର୍ଶ ଦେଇଛନ୍ତି, ଯେଉଁଥିରେ ସାମାଜିକ ସମନ୍ୱୟ, ପାରିବାରିକ ମୂଲ୍ୟବୋଧ, ପରିବେଶଗତ ସଚେତନତା, ଜାତୀୟ ସ୍ୱାଭିମାନ ଏବଂ ନାଗରିକ କର୍ତ୍ତବ୍ୟ ଅନ୍ତର୍ଭୁକ୍ତ। ଏହା ଜୀବନର ସମସ୍ତ କ୍ଷେତ୍ରର ଭାରତୀୟମାନଙ୍କୁ ପ୍ରେରଣା ଯୋଗାଇ ପାରିବ। ପ୍ରତ୍ୟେକ ସ୍ୱୟଂସେବକ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଷ୍ଟ୍ର ଗଢ଼ିବାର ସ୍ୱପ୍ନ ଦେଖନ୍ତି। ଏହି ସ୍ୱପ୍ନକୁ ସାକାର କରିବା ନିମନ୍ତେ, ସ୍ପଷ୍ଟ ଦୃଷ୍ଟିକୋଣ ଏବଂ ନିର୍ଣ୍ଣାୟକ କାର୍ଯ୍ୟ ଉଭୟ ଆବଶ୍ୟକ। ମୋହନ ଜୀ ଏହି ଦୁଇଟି ଗୁଣକୁ ବିପୁଳ ମାତ୍ରାରେ ପ୍ରତିପାଦନ କରନ୍ତି। ଭାଗବତ ଜୀ ସଦାସର୍ବଦା 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଜଣେ ଦୃଢ଼ ଅନୁଗାମୀ, ଭାରତର ବିବିଧତା ଏବଂ ଆମ ଭୂମିର ଏକ ଅଂଶ ଥିବା ଅସଂଖ୍ୟ ଭିନ୍ନ ସଂସ୍କୃତି ଏବଂ ପରମ୍ପରାର ପାଳନରେ ଦୃଢ଼ ବିଶ୍ୱାସୀ। ତାଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ବ୍ୟତୀତ, ମୋହନ ଜୀ ସର୍ବଦା ସଙ୍ଗୀତ ଏବଂ ଗୀତ ଗାଇବା ଭଳି ଆଗ୍ରହକୁ ଅନୁସରଣ କରିବା ପାଇଁ ସମୟ ପାଇଛନ୍ତି। ବହୁତ କମ୍ ଲୋକ ଜାଣନ୍ତି ଯେ, ସେ ବିଭିନ୍ନ ଭାରତୀୟ ବାଦ୍ୟଯନ୍ତ୍ରରେ ମଧ୍ୟ ପାରଙ୍ଗମ। ପାଠପଢ଼ା ପ୍ରତି ଆଗ୍ରହ, ତାଙ୍କର ଅନେକ ଭାଷଣ ଏବଂ ଆଲୋଚନାରେ ଦେଖାଯାଇପାରେ। ଚଳିତ ବର୍ଷ, ଆଉ ମାତ୍ର ଅଳ୍ପ ଦିନ ପରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତା'ର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି। ଏହା ମଧ୍ୟ ଏକ ସୁଖଦ ସଂଯୋଗ ଯେ ଚଳିତ ବର୍ଷ, ବିଜୟା ଦଶମୀ, ଗାନ୍ଧୀ ଜୟନ୍ତୀ, ଲାଲ ବାହାଦୁର ଶାସ୍ତ୍ରୀ ଜୟନ୍ତୀ ଏବଂ ଆରଏସଏସ ଶତବାର୍ଷିକୀ ପାଳନ ଗୋଟିଏ ଦିନରେ ହେଉଛି। ଏହା ଭାରତ ଏବଂ ବିଶ୍ୱରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ଜଡିତ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ହେବ। ମୋହନ ଜୀଙ୍କ ରୂପରେ ଆମର ଜଣେ ଅତ୍ୟନ୍ତ ଜ୍ଞାନୀ ଏବଂ ପରିଶ୍ରମୀ ସରସଂଘଚାଳକ ଅଛନ୍ତି, ଯିଏ ବର୍ତ୍ତମାନ ସମୟରେ ସଂଗଠନକୁ ପରିଚାଳନା କରୁଛନ୍ତି। ମୁଁ ଏହା କହି ଶେଷ କରିବି ଯେ, ମୋହନ ଜୀ ହେଉଛନ୍ତି 'ବସୁଧୈବ କୁଟୁମ୍ବକମ୍'ର ଏକ ଜୀବନ୍ତ ଉଦାହରଣ, ଯାହା ଦର୍ଶାଏ ଯେ ଯେତେବେଳେ ଆମେ ସ୍ୱାର୍ଥର ସୀମାରୁ ଉପରକୁ ଉଠି ସମସ୍ତଙ୍କୁ ନିଜର ବୋଲି ବିବେଚନା କରୁ, ଏହା ସମାଜରେ ବିଶ୍ୱାସ, ଭ୍ରାତୃତ୍ୱ ଏବଂ ସମାନତାକୁ ଦୃଢ଼ କରେ। ମୁଁ ପୁଣି ଥରେ ମା' ଭାରତୀଙ୍କ ସେବାରେ ମୋହନ ଜୀଙ୍କ ଦୀର୍ଘ ଏବଂ ସୁସ୍ଥ ଜୀବନ କାମନା କରୁଛି।

# ଆତ୍ମହତ୍ୟା: ଦିନକୁ ଯାଉଛି ୧୨ ଜୀବନ




ଡାକ୍ତର ସମ୍ରାଟ କର


ଆନ୍ତର୍ଜାତିକ ସ୍ତରରେ ଆତ୍ମହତ୍ୟା ନିରାକରଣ ଚେଷ୍ଟା କରୁଥିବା ଏକ ସଂସ୍ଥା ୨୦୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଜଡ଼ିତ ହୋଇ ବିଶ୍ୱବାସୀଙ୍କ ନିମନ୍ତେ ଏକ ନୂତନ ପଦକ୍ଷେପ ନେବାକୁ ସ୍ଥିର କଲେ। ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ସେପ୍ଟେମ୍ବର ୧୦କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଉଛି। ସର୍ବେକ୍ଷଣ ଅନୁସାରେ ୧୯୯୦ ପରଠାରୁ ଯୁବପିଢ଼ିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି। ସେସବୁ ତଥ୍ୟକୁ ଲକ୍ଷ୍ୟ କରି ୨୦୧୧ରେ ବିଶ୍ୱର ୪୦ଟି ରାଷ୍ଟ୍ରମୁଖ୍ୟଙ୍କ ସହମତିରେ ପ୍ରଥମଥର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ହୋଇଥିଲା। ବିଭିନ୍ନ ସ୍ଥାନରେ ନାଟକ ଦ୍ୱାରା ସଚେତନ କରାଇବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରାୟ ୧୫ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଛି। ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ୍, ତେଣୁ ଏହାର ଯଥାର୍ଥତା ହୃଦୟଙ୍ଗମ କରିବା ଆବଶ୍ୟକ ହେଉଛି ଦିବସର ବାର୍ତ୍ତା। ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା' ('ଉଷବଭଶସଭଶ ଗ୍ୱଷର ଘବକ୍ସଵବଗ୍ବସଙ୍ଗଁର କ୍ଟଭ ଝଙ୍କସମସୟର')। ଆତ୍ମହତ୍ୟା କରିଦେଲେ ଯେ ସବୁକିଛିର ସହଜ ସମାଧାନ ହୋଇଯାଏ ତାହା ନୁହେଁ ବରଂ ଏହାର କୁପ୍ରଭାବ ତମାମ ପରିବାର, ସମ୍ପ୍ରଦାୟ, ସମାଜ ଓ ସର୍ବୋପରି ସମଗ୍ର ଦେଶ ଉପରେ ପଡ଼ିଥାଏ। ସାରା ଜୀବନ ଆପଣାର ଲୋକମାନେ ଝୁରି ହୁଅନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ପାଖାପାଖି ୭୨, ୬୦୦୦ ଜଣ ଜୀବନ ହାରୁଛନ୍ତି। କେବଳ ସେତିକି ନୁହେଁ ଏହାଠାରୁ ଅଧିକ ଜଣ ବରଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି।

ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଏକ ସର୍ବଶେଷ ପରିସଂଖ୍ୟାନ ତଥ୍ୟ ଅନୁଯାୟୀ ଗତବର୍ଷ ପୃଥିବୀରେ ଯେତେଜଣଙ୍କର ଜୀବନ ଦୀପ ନିର୍ବାପିତ ହୋଇଥିଲା ସେମାନଙ୍କ ଭିତରୁ ୧୫ରୁ ୨୯ ବର୍ଷ ବୟସ୍କଙ୍କ ମୃତ୍ୟୁର ତୃତୀୟ ପ୍ରମୁଖ କାରଣଟି ହେଉଛି ଆତ୍ମହତ୍ୟା। ତେବେ ସବୁଠାରୁ ଉଦବେଗଜନକ ତଥ୍ୟ ହେଉଛି ଆତ୍ମହତ୍ୟା କାରଣ ପାଇଁ ଦିନକୁ ବାରଜଣଙ୍କ ଜୀବନ ଯାଉଥିବାବେଳେ ପାରିବାରିକ ସମସ୍ୟା କାରଣରେ ଓଡ଼ିଶାର ସ୍ଥାନ ଦୁଇ ନମ୍ବରରେ ରହିଛି। ଏହା ସତ୍ୟ ଯେ ଗତ କିଛି ବର୍ଷ ଧରି ଲଗାତାର ଦେଶରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ୨୦୨୪ରେ ମୋଟ ୧, ୯୪, ୮୧୩ ଲୋକ ଆତ୍ମହତ୍ୟା କରିଛନ୍ତି। ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ। ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ। ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ। ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ। ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ। ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ -୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି। ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି। ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି। ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ। ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ। ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ।

ଜୀବନର ହୁଏତ କିଛିକାଂଶର ରହସ୍ୟମୟ ଉପଲବ୍ଧିର ପ୍ରାପ୍ତିକୁ ହାତ ପାହାନ୍ତରୁ ବିଚ୍ୟୁତ ହୋଇଯାଇଥିବାରୁ କିମ୍ବା କିଛି ଜୀବନ ସମସ୍ୟା ଅସମାହିତ ରହିଗଲେ ବା ସେପରି କଷ୍ଟକର ପରିସ୍ଥିତିଟି ଅତ୍ୟନ୍ତ ଦୁଃଖଦ ଓ ଉତ୍କଟ ହୋଇଗଲେ ମନୁଷ୍ୟ ଆତ୍ମହତ୍ୟା କରିଥାଏ। ତେବେ ବାସ୍ତବ କଥା ହେଉଛି ଆତ୍ମହତ୍ୟାକୁ ରୋକିବା ପାଇଁ ସବୁକିଛି ନିନ୍ଦା, ଅପବାଦ, ସଂକୋଚ, ଲଜ୍ୟାକୁ ପଛରେ ରଖି ନିଃସଙ୍କୋଚରେ ଆଲୋଚନା ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଯାହାଦ୍ୱାରା ସମସ୍ୟାଟି ଯେଉଁ ପ୍ରକାର ବା ଯାହା ହେଉଥାଉନା କାହିଁକି ହୁଏତ ଏହା ଆଲୋଚନାର ପରିଧିକୁ ଆସିଲେ ଜଣେ ହୁଏତ ଜୀବନ ହାରିବା ପରି ନିଷ୍ଠୁର ନିଷ୍ପତ୍ତିରୁ ବିରତ ହୋଇପାରେ। କାରଣ ସମସ୍ୟାଟି ଯେତେ କଠିନ ବା ଗମ୍ଭୀର ହେଉନା କାହିଁକି ଏହା ତ ଚିରସ୍ଥାୟୀ ନୁହେଁ ନା!! ଯାହାକି ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିବା ଅନେକଙ୍କ କ୍ଷେତ୍ରରେ ଦେଖାଯାଇଛି କାରଣ ସେହିମାନେ ପରବର୍ତ୍ତୀ ସମୟରେ ହସଖୁସିର ସଂସାରକୁ ଆଗେଇ ନେଇ ସନ୍ତୋଷଜନକ ଜୀବନ ଅତିବାହିତ କରିଛନ୍ତି। ତେବେ ବିଷାଦ ଓ ନିଶାଦ୍ରବ୍ୟର ବ୍ୟବହାର ହିଁ ଆତ୍ମହତ୍ୟାଟିକୁ ମାନସିକ ବିକୃତି ସହିତ ଯୋଡ଼ି ଦେଇଥାଏ। ଏହାସହ ଅସୁସ୍ଥତା ହେଉ ବା ସମ୍ପର୍କ ବିଭ୍ରାଟ, ଆର୍ଥିକ ସମସ୍ୟା ହେଉ ବା କେଉଁ ପରିଜନର ଅକାଳ ପରଲୋକ ଏଭଳି ଆକସ୍ମିକ ସଙ୍କଟ କିଛିକାଂଶରେ ଆତ୍ମହତ୍ୟା କରିବା ପାଇଁ ପ୍ରେରିତ କରିଥାଏ। କିନ୍ତୁ ଜୀବନ ହିଁ ଜୀବନ ଏହାକୁ ବୁଝିବା କଥା।


**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ**
**ମୋବାଇଲ୍: ୯୧୩୨୪୩୩୩୩୩**

# ଅକ୍ଟୋବରରୁ ସମଗ୍ର ଦେଶରେ ଲାଗୁହେବ ଏସ୍‌ଆଇଆର୍!



**ନୂଆଦିଲ୍ଲୀ, ୧୦।୯:** ଭୋଟର ତାଲିକା ସଂଶୋଧକ ବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ(ଏସଆଇଆର) ଆସନ୍ତା ମାସରୁ ପୂରା ଦେଶରେ ଆରମ୍ଭ ହେବ। ଭାରତୀୟ ନିର୍ବାଚନ କମିଶନ ଏନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ କଥା ହୋଇଛନ୍ତି। ଏହାର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିବା ବେଳେ ପୂରା ଦେଶରେ ଏସଆଇଆର ଆରମ୍ଭ କରିବାକୁ ସବୁଜ ସଙ୍କେତ ମିଳିଥିବା ଜଣାପଡ଼ିଛି। ଭୋଟର ତାଲିକା ରିଭିଜନ କାର୍ଯ୍ୟକ୍ରମ ନିକଟରେ ବିହାରରେ ନିର୍ବାଚନ କମିଶନଙ୍କ ପକ୍ଷରୁ କରାଯାଇଥିଲା। ଆଗକୁ ବିହାରରେ ବିଧାନସଭା ନିର୍ବାଚନ ଥିବା ବେଳେ ଏସଆଇଆର କାର୍ଯ୍ୟକ୍ରମ ପରେ ଭୋଟର ତାଲିକା ପ୍ରସ୍ତୁତ କରାଯାଉଛି। ଏବେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମଧ ଏସଆଇଆର କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି।

ସୂତ୍ର ଅନୁସାରେ, ବିହାର ନିର୍ବାଚନ ଶେଷ ହେବା ପୂର୍ବରୁ ହିଁ ବିଧିବଦ୍ଧ ଭାବେ ପୂରା ଦେଶରେ ହେବାକୁ ଥିବା ଏସ୍‌ଆଇଆର କାର୍ଯ୍ୟକ୍ରମର ତାରିଖ ଘୋଷଣା କରାଯିବ। ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ନିର୍ବାଚନ ଅଧିକାରୀମାନଙ୍କୁ ବୈଠକରେ ନିର୍ବାଚନ କମିଶନ କେବେ ସୁଦ୍ଧା ଏସଆଇଆର ଆରମ୍ଭ କରିବାକୁ ସେମାନେ ପ୍ରସ୍ତୁତ ହୋଇପାରିବେ ବୋଲି ପଚାରିଥିଲେ। ଅଧିକାଂଶ ଅଧିକାରୀ ସେପ୍ଟେମ୍ବର ଶେଷ ସୁଦ୍ଧା ତୃଣମୂଳସ୍ତରରେ ଆବଶ୍ୟକ କାମ ଶେଷ ହୋଇଯିବ ବୋଲି ମତ ରଖିଥିଲେ। ତେଣୁ ଅକ୍ଟୋବର ଆରମ୍ଭରୁ ପୂରା ଦେଶରେ ଏସଆଇଆର ଆରମ୍ଭ ହେବାର ସମ୍ଭାବନା ରହିଛି। ଦୀର୍ଘ ସମୟ ଧରି ଚାଲିଥିବା ବୈଠକର ଫୋକସ ସଂପୂର୍ଣ୍ଣ ଭାବେ ଏସଆଇଆର ଉପରେ ରହିଥିଲା। ଭୋଟରଙ୍କୁ ଚିହ୍ନଟ ପାଇଁ କେଉଁ ସବୁ ଦସ୍ତାବିଜ ଦରକାର ତା'ର ଗୋଟିଏ ତାଲିକା ପ୍ରସ୍ତୁତ କରିବାକୁ ସିଇଓମାନଙ୍କୁ କୁହାଯାଇଛି। ଦସ୍ତାବିଜ ସ୍ଥାନୀୟ ଅଞ୍ଚଳରେ ଗ୍ରହଣୀୟ ହେଉଥିବ ଓ ଏହାକୁ ଉପଲବ୍ଧ ହେଉଥିବା ପ୍ରମାଣପତ୍ର ଉପରେ ଫୋକସ କରିବାକୁ ମଧ ପରାମର୍ଶ ଦିଆଯାଇଛି।

# ନେପାଳ ପରେ ଫ୍ରାନ୍ସ ସ୍ଥିତି ଅସମ୍ଭାଳ

## ବ୍ୟାପକ ପୋଡ଼ାଜଳା, ଭୟଙ୍କର ବିକ୍ଷୋଭ



**ପ୍ୟାରିସ୍,୧୦।୯:** ନେପାଳର ଜେନ ଜେଡ ବିକ୍ଷୋଭ ଭଳି ଏବେ ୟୁରୋପୀୟ ଦେଶ ଫ୍ରାନ୍ସରେ ସମାନ ସ୍ଥିତି ଦେଖାଯାଇଛି। ଦେଶବ୍ୟାପୀ ଆନ୍ଦୋଳନ ସ୍ଥିତିକୁ ଅସମ୍ଭାଳ କରିଛି। ବୁଧବାର ବିକ୍ଷୋଭକାରୀ ଓ ପୁଲିସ୍ ମଧରେ ଦେଖିବାକୁ ମିଳିଛି ସଂଘର୍ଷ। ଆନ୍ଦୋଳନକାରୀ ରାସ୍ତା ରୋକ କରିଥିବା ବେଳେ ରାଜଧାନୀ ପ୍ୟାରିସ ସମେତ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରିଛନ୍ତି। ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରନ ଓ ତାଙ୍କ ସରକାର ବିରୋଧରେ ବଢ଼ୁଥିବା ଜନଅସନ୍ତୋଷ ଆଜି ବିସ୍ଫୋରକ ରୂପ ନେଇଥିବାରୁ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ପୋଡ଼ାଜଳା ଓ ଭଙ୍ଗାରୁଜା ଯୋଗୁ ପୁଲିସ୍ ୨୦୦ରୁ ଅଧିକ ବିକ୍ଷୋଭକାରୀଙ୍କୁ ଗିରଫ କରିସାରିଲାଣି। ତଥାପି ହଜାର ହଜାର ଲୋକ ବ୍ଲକ ଏଭ୍ରିଥିଙ୍ଗ ବ୍ୟାନର ତଳେ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇବାରେ ଲାଗିଛନ୍ତି। ଆଭ୍ୟନ୍ତରୀଣ ମନ୍ତ୍ରୀ ବ୍ରୁନୋ ରେଟାଇଲ୍ଲେଙ୍କ କହିବା କଥା ବିକ୍ଷୋଭକାରୀ ରେନ୍ନେସଚ ଠାରେ ଗୋଟିଏ ବସରେ ନିଆଁ ଲଗାଇ ଦେଇଛନ୍ତି। ଦକ୍ଷିଣପଶ୍ଚିମ ପ୍ରାନ୍ତରେ ରେଳ ସେବା ବାଧାପ୍ରାପ୍ତ ହୋଇଛି। ବିକ୍ଷୋଭକାରୀ ଗୋଟିଏ ବିଜୁଳି ଯୋଗାଣ ଲାଇନକୁ ନଷ୍ଟ କରି ଦେଇଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିକ୍ଷୋଭକାରୀମାନେ ଗୋଟିଏ ବିଦ୍ରୋହ ସ୍ଥିତି ସୃଷ୍ଟି କରିବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି।

ଜଅସନ୍ତୋଷ ବଢ଼ୁଥିବାରୁ ଦେଶବ୍ୟାପୀ ମାକ୍ରନ ସରକାର ବିପୁଳ ସଂଖ୍ୟାରେ ପୁଲିସ୍ ମୁତୟନ କରିଛନ୍ତି। ପ୍ରାୟ ୮୦ ହଜାର ପୁଲିସ୍ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ରହିଥିଲେ ହେଁ ହଜାର ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଭାଙ୍ଗିଛନ୍ତି, ନିଆଁ ଲଗାଇ ଦେଇ ଭଙ୍ଗାରୁଜା କରିଛନ୍ତି। ପୁଲିସ୍ ସେମାନଙ୍କ ଘଉଡ଼ାଇବା ପାଇଁ ଲୁହ ବୁହା ଗ୍ୟାସ ଓ ପାଣି ମାଡ଼ କରିଥିଲେ ହେଁ କୌଣସି ସୁଫଳ ଏଯାଏ ମିଳିନି। ପ୍ୟାରିସରେ ଥିବା ଅଳିଆ ଗଦାରେ ବିକ୍ଷୋଭକାରୀ ନିଆଁ ଲଗାଇଥିବା ବେଳେ ପ୍ରମୁଖ ରାସ୍ତାରେ ଯାତାୟାତ ଠପ ହୋଇଯାଇଛି। ସ୍ଥାନୀୟ ସମୟ ସକାଳ ୯ଟା ସୁଦ୍ଧା ଗିରଫଦାରୀଙ୍କ ସଂଖ୍ୟା ୭୫ ଥିବା ବେଳେ ସମୟକ୍ରମେ ଏହା ୨୦୦ ପାର କରିଛି। ସେହିପରି ଧୀରେଧୀରେ ପୋଡ଼ାଜଳା ଘଟଣା ବି ବଢ଼ି ଚାଲିଛି। ପୋଡ଼ାଜଳା ଓ ଭଙ୍ଗାରୁଜା ଘଟଣା ବଢ଼ିଥିଲେ ହେଁ ପୂରା ଦେଶକୁ ବନ୍ଦ କରିବା ପାଇଁ ବିକ୍ଷୋଭକାରୀ କରିଥିବା ଉଦ୍ୟମ ଏଯାଏ ସଂପୂର୍ଣ୍ଣ ଭାବେ ସଫଳ ହୋଇନାହିଁ।

## କ'ଣ ପାଇଁ ଏଭଳି ବିକ୍ଷୋଭ

ଫ୍ରାନ୍ସରେ ଦେଖାଯାଇଥିବା ରାଜନୀତିକ ହଟଚମଟ ପରେ ଏପରି ଭୟଙ୍କର ବିକ୍ଷୋଭ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ ଭାବେ କାମ କରୁଥିବା ଫ୍ରାଙ୍କୋସି ବାୟରୌ ସୋମବାର ସଂସଦରେ ଗୋଟିଏ ଆସ୍ଥା ଭୋଟରେ ପରାସ୍ତ ହୋଇଥିଲେ। ପରାଜୟ ପରେ ସେ ନିଜ ପଦ ଛାଡ଼ିଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ସେ ସର୍ବସାଧାରଣ ଛୁଟି ହ୍ରାସ ଓ ପେନସନ ବନ୍ଦ କରିଥିଲେ। ଏଥିଯୋଗୁ ଜନଅସନ୍ତୋଷ ବଢ଼ି ଚାଲିଥିଲା। ବାୟରୌ ଇସ୍ତଫା ଦେବାର ଦିନକ ପରେ ରାଷ୍ଟ୍ରପତି ମାକ୍ରନ ଅତ୍ୟନ୍ତ ଚତୁରତା ସହ ନିଜର ଅତ୍ୟନ୍ତ ଘନିଷ୍ଠ ପ୍ରତିରକ୍ଷା ମନ୍ତ୍ରୀ ସେବାଷ୍ଟିଆନ ଲେକ୍ରୋନୁ ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ। ୧୨ ମାସ ମଧରେ ଲେକ୍ରୋନୁ ଫ୍ରାନ୍ସର ୪ର୍ଥ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। କିନ୍ତୁ ଏପରି ଦ୍ରୁତ ପରିବର୍ତ୍ତନ କେବଳ ରାଜନୀତିକ ଅସ୍ଥିରତା ସୃଷ୍ଟି କରିବାର ସଙ୍କେତ ନୁହେଁ ବରଂ ଅନେକଙ୍କୁ ଏହା ଅସନ୍ତୁଷ୍ଟ କରିଥିଲା ଓ ମାକ୍ରନ ସରକାର ବିରୋଧରେ ମେଳି ବାନ୍ଧିବାର ସୁଯୋଗ ସୃଷ୍ଟି କରିଛି। ବିଭିନ୍ନ ୟୁନିୟନ ଓ ସାମାଜିକ ସଂଗଠନଗୁଡ଼ିକ ଯୁକ୍ତି କରିଛନ୍ତି ଯେ ବେୟରୌଙ୍କ ଇସ୍ତଫା ସେମାନଙ୍କ ଅଭିଯୋଗରେ କୌଣସି ପରିବର୍ତ୍ତନ ଆଣିନାହିଁ। ସେମାନେ ପୂର୍ବରୁ ଯେଉଁ ସମସ୍ୟାର ସାମ୍ନା କରୁଥିଲେ ଏବେ ସେମିତି ସମସ୍ୟାରେ ରହିଛନ୍ତି। ମାକ୍ରନ ସରକାର ଦୁର୍ନୀତି ଓ ଲୋକ ବିରୋଧୀ ନୀତିରେ ଲିପ୍ତ ରହିଥିବା ସେମାନେ କହିଛନ୍ତି। ବିକ୍ଷୋଭକାରୀମାନେ ଷ୍ଟ୍ରାଇକ, ବୟକଟ ଓ ରାସ୍ତା ରୋକ ଭଳି ଆହ୍ୱାନ ଦେଇଛନ୍ତି। ମାକ୍ରନ ସରକାରରେ ଅସମାନତାର ଶିକାର ହୋଇଥିବା ଶ୍ରମିକ, ଶିକ୍ଷାର୍ଥୀ ଓ ସାମାଜିକକର୍ମୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆନ୍ଦୋଳନର କେନ୍ଦ୍ରବିନ୍ଦୁରେ କୌଣସି ଚେହେରା ନାହାନ୍ତି। ଏହାର ନେତୃତ୍ୱ ସମସ୍ତେ ମିଳିତ ଭାବେ ନେଉଛନ୍ତି। ତେଣୁ ଏହାକୁ ପ୍ରତିହତ କରିବା ଏବେ ସରକାରଙ୍କ ପକ୍ଷରେ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

### ନେପାଳରେ ଫସିଥିବା ଭାରତୀୟଙ୍କ ପାଇଁ ଜାରି ହେଲା ହେଲ୍ପଲାଇନ ନମ୍ବର

# ୟୁପିର ୪ ଜିଲ୍ଲାରେ ହାଇ ଆଲର୍ଟ



ଲକ୍ଷ୍ନୌ,୧୦।୯ : ଗତ ଦୁଇଦିନ ହେଲାଣି ନେପାଳ ସ୍ଥିତି ବିଗିଡିବାରେ ଲାଗିଛି। କାଠମାଣ୍ଡୁ ଠାରୁ ଆରମ୍ଭ କରି ଛୋଟ ବସ୍ତି ଯାଏଁ ଜେନ-ଜି ବିକ୍ଷୋଭକାରୀଙ୍କ ବିରୋଧ ହିଂସାର ରୂପ ନେଇଛି। ପରିସ୍ଥିତି ଦିନକୁ ଦିନ ଅଣାୟତ୍ତ ହେବାରେ ଲାଗିଛି । ନେପାଳରେ ଅସ୍ଥିରତାର ପ୍ରଭାବ ଉତ୍ତରପ୍ରଦେଶ ସୀମାବର୍ତ୍ତୀ ଜିଲ୍ଲାରେ ପଡିବାକୁ ଲାଗିଛି। ତେଣୁ ନେପାଳ ସୀମାରେ ଥିବା ବହରାଇଚ, ଶ୍ରାବସ୍ତି, ଲକ୍ଷ୍ମୀପୁର ଏବଂ ମହାରାଜଗଂଜରେ ହାଇଆଲର୍ଟ ଜାରି ହୋଇଛି। ବେପାର, ପଢିବା ଏବଂ ପ୍ରତିଦିନ ମାର୍କେଟ କାରଣରୁ ନେପାଳକୁ ଲାଗିଥିବା ଜିଲ୍ଲା ସବୁବେଳେ ସମ୍ବେଦନଶୀଳ ରହିଥାଏ। ଏଥିପାଇଁ ଉତ୍ତରପ୍ରଦେଶ ଯୋଗୀ ସରକାର ବର୍ଡରରେ କଡ଼ା ପ୍ରହାର ଲଗାଇଛନ୍ତି।

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗମ୍ଭୀରତାକୁ ଦେଖି ଡିଜିପି ରାଜୀବ କୃଷ୍ଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନେପାଳ ସୀମାରେ ୨୪ ଘଣ୍ଟା ପୋଲିସ ଆଲର୍ଟ ରହିବା ସହିତ ସମସ୍ତ ସମ୍ବନ୍ଧୀୟ ଜିଲ୍ଲାରେ ଅତିରିକ୍ତ ପୋଲିସ ବଳ ନିୟୋଜିତ କରିବାକୁ କହିଛନ୍ତି। ସୀମାରେ ସୁରକ୍ଷା ଏଜେନ୍ସୀଙ୍କୁ ଛୋଟ ବଡ଼ ସୂଚନାରେ ସତର୍କ ରହିବାକୁ କହିଛନ୍ତି। ସୀମାବର୍ତ୍ତୀ ଅଞ୍ଚଳରେ ଯବାନ ସତର୍କ ରହିଛନ୍ତି। କୌଣସି ସନ୍ଦିଗ୍ଧ ଗତିବିଧିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ କୁହାଯାଇଛି। ଡ୍ରୋନ ଜରିଆରେ ନଜର ରଖାଯାଇଛି। ସେପଟେ ନେପାଳରେ ବହୁଳ ମାତ୍ରାରେ ଭାରତୀୟ ନାଗରିକ ଫସିଛନ୍ତି। ବେପାରୀ, ଛାତ୍ର, ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକ ସାମିଲ ରହିଛନ୍ତି। ସେମାନଙ୍କ ସୁରକ୍ଷା ଏବଂ ଫେରାଇ ଆଣିବା ପାଇଁ ୟୁପି ପୋଲିସ ମୁଖ୍ୟାଳୟ ଲକ୍ଷ୍ନୌରେ ଏକ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଏହି କଣ୍ଟ୍ରୋଲରୁମ ୨୪ ଘଣ୍ଟା ସକ୍ରିୟ' ରହିଛି । ହେଲପଲାଇନ ନମ୍ବର ଏବଂ ହ୍ୱାଟସଆପ୍ ନମ୍ବର ଜାରି କରାଯାଇଛି। ହେଲପଲାଇନ ନମ୍ବର ହେଲା ୦୫୨୨-୨୩୯୦୨୫୭, -୦୫୨୨-୨୭୨୪୦୨୦, ୯୦୫୪୪୦୧୬୭୪, ହ୍ୱାଟସଆପ୍ ନମ୍ବର : ୯୪୫୪୪୦୧୬୭୪। ସୀମାବର୍ତ୍ତୀ ଜିଲ୍ଲାରେ କୌଣସି ସ୍ତରରେ ବେଖାତିରକୁ ବରଦାସ୍ତ କରାଯିବନି। ତେଣୁ ଜିଲ୍ଲା ଅଧିକାରୀ ଏବଂ ପୋଲିସ ଅଧିକ୍ଷକଙ୍କୁ ହାଇ ଆଲର୍ଟରେ ରଖାଯାଇଛି। ନେପାଳରେ ଫସିଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଯଥା ସମ୍ଭବ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ନେପାଳ ହିଂସା ନେଇ ମୁହଁ ଖୋଲିଲା ଚୀନ

ବେଜିଂ, ୧୦।୯: ନେପାଳରେ ଚାଲିଥିବା ବିଶୃଙ୍ଖଳାକୁ ନେଇ ପ୍ରଥମ ଥର ମୁହଁ ଖୋଲିଛି ଚୀନ। ଏତେ ଦିନ ପରେ ଚୀନ ପକ୍ଷରୁ ଏକ ବିବୃତି ପ୍ରକାଶ ପାଇଛି। ବୁଧବାର ଚୀନ ନେପାଳର ସମସ୍ତ ପକ୍ଷଙ୍କୁ ଘରୋଇ ସମସ୍ୟାର ସଠିକ୍ ଉପାୟରେ ସମାଧାନ କରିବାକୁ ଅନୁରୋଧ କରିଥିବା ଦେଖିବାକୁ ମିଳିଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍, ଏକ ଗଣମାଧମ ବ୍ରିଫିଂରେ ନେପାଳର ପରିସ୍ଥିତି ଉପରେ ପ୍ରଥମ ଥର ପାଇଁ ମନ୍ତବ୍ୟ ଦେଇ କହିଛନ୍ତି, "ଚୀନ ଏବଂ ନେପାଳ ମଧରେ ପାରମ୍ପରିକ ସମ୍ପର୍କ ବନ୍ଧୁ ଏବଂ ପଡ଼ୋଶୀ ପରି। ଆମେ ଆଶା କରୁଛୁ ଯେ, ନେପାଳରେ ଘରୋଇ ସମସ୍ୟାଗୁଡ଼ିକୁ ସଠିକ୍ ଭାବରେ ପରିଚାଳନା କରିବେ ଏବଂ ଯଥାଶୀଘ୍ର ସାମାଜିକ ବ୍ୟବସ୍ଥା ଏବଂ ଆଞ୍ଚଳିକ ସ୍ଥିରତା ଫେରାଇ ଆଣିବେ।' ଓଲିଙ୍କୁ ଜଣେ ଚୀନ୍ ସମର୍ଥକ ନେତା ଭାବରେ ବିବେଚନା କରାଯାଏ। ସେ ଚୀନ୍ ସହିତ ନେପାଳର ରଣନୈତିକ ସମ୍ପର୍କକୁ ଗଭୀର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି।

■ 'ନେପାଳ ହିଂସା'ର ଉଦାହରଣ ଦେଲେ ସୁପ୍ରିମ୍‌କୋର୍ଟ

## ଆମେ ସମ୍ବିଧାନକୁ ନେଇ ଗର୍ବ କରିବା ଉଚିତ



ନୂଆଦିଲ୍ଲୀ,୧୦।୯: ଆଜି ସୁପ୍ରିମକୋର୍ଟ ଆମ ସମ୍ବିଧାନର ଶକ୍ତି ଓ ଗୁରୁତ୍ୱ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଆମ ସମ୍ବିଧାନକୁ ନେଇ ଆମେ ଗର୍ବ କରିବା ଉଚିତ। କାରଣ ଏହା ଜନତାଙ୍କ ଅଧିକାରକୁ ସୁରକ୍ଷା ଦେବା ସହ ଗଣତନ୍ତ୍ରର ମୂଲ୍ୟବୋଧକୁ ସୁଦୃଢ଼ କରିଆସିଛି। ରାଷ୍ଟ୍ରପତି ଓ ବିଭିନ୍ନ ରାଜ୍ୟର ରାଜ୍ୟପାଳ ବିଲ୍ ଅନୁମୋଦନର ବ୍ୟାପକ ବିଳମ୍ବ କରୁଥିବା ସଂକ୍ରାନ୍ତ ଏକ ମାମଲାର ଶୁଣାଣି ସମୟରେ ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍ ଗାଭାଇ କହିଛନ୍ତି ଯେ ସମ୍ପ୍ରତି ଆମ ପଡ଼ୋଶୀ ଦେଶ ନେପାଳରେ ଯେଭଳି ହିଂସାକାଣ୍ଡ ଜାରି ରହିଛି, ତାହାକୁ ଦେଖି ଆମେ ନିଶ୍ଚିତ ଭାବେ ଆମ ଦେଶର ସମ୍ବିଧାନକୁ ନେଇ ଗର୍ବ ଓ ଗୌରବାନ୍ୱିତ ହେବା ଉଚିତ। ସେହିପରି ଜଷ୍ଟିସ୍ ବିକ୍ରମ ନାଥ ମଧ୍ୟ କହିଛନ୍ତି ଯେ ଅନ୍ୟତମ ପଡ଼ୋଶୀ ଦେଶ ବାଂଲାଦେଶରେ ଗତ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ହିଂସାକାଣ୍ଡରେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ ଓ ଶେଖ୍ ହସିନାଙ୍କ ନେତୃତ୍ୱାଧୀନ ସରକାର ବି ଭାଙ୍ଗିଯାଇଥିଲା। ଶେଷରେ ସେଠାରେ ନୋବେଲ୍ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ଗଠନ ହୋଇଥିଲା। ସମ୍ବିଧାନ ସଶକ୍ତ ନ ହେଲେ ଦେଶ କିପରି ଛିନ୍‌ଛତ୍ର ହୋଇଯାଏ, ତା' ଉଭୟ ନେପାଳ ଓ ବାଂଲାଦେଶ ହିଂସାକାଣ୍ଡରୁ ସ୍ପଷ୍ଟ ହୋଇଛି ବୋଲି ଜଷ୍ଟିସ୍ ନାଥ କହିଛନ୍ତି। ସୁପ୍ରିମକୋର୍ଟ ଗତ ଏପ୍ରିଲ ୧୨ ତାରିଖରେ ଦେଇଥିବା ଏକ ଆଦେଶ ଉପରେ ରାଷ୍ଟ୍ରପତିଙ୍କ ସନ୍ଦର୍ଭର ଶୁଣାଣି କରିଥିଲେ। କୋର୍ଟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ରାଜ୍ୟପାଳମାନଙ୍କୁ ରାଜ୍ୟଗୁଡ଼ିକର ବିଲ୍ ଅନୁମୋଦନ କରିବା ପାଇଁ ଏକ ସମୟସୀମା ଧାର୍ଯ୍ୟ କରିଥିଲେ। ଏନେଇ ଶୁଣାଣି ସମୟରେ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ପରିସଂଖ୍ୟାନ ମାଧ୍ୟମରେ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ ଯେ ଗତ ୭୦ ବର୍ଷରେ ରାଜ୍ୟପାଳମାନଙ୍କ ଦ୍ୱାରା କେବଳ ୨୦ଟି ବିଲ୍ ଅନୁମୋଦନ କରାଯାଇନାହିଁ। ମାତ୍ର ଗୋଟିଏ ମାସରେ ୯୦ ପ୍ରତିଶତ ବିଲ୍ ମଞ୍ଜୁର କରାଯାଇଥିବାର ଉଦାହରଣ ସେ ଦେଇଥିଲେ। ଏ ସଂକ୍ରାନ୍ତରେ କୋର୍ଟ କହିଥିଲେ ଯେ ଆମେ ଏହି ସଂଖ୍ୟାର ବିତର୍କକୁ ଯିବୁନାହିଁ। କାରଣ ଏହା ନ୍ୟାୟସଙ୍ଗତ ନୁହେଁ। ଯେତେବେଳେ ଅନ୍ୟ ପକ୍ଷ କେତେକ ରାଜ୍ୟରେ ପଡ଼ି ରହିଥିବା ବିଲ୍‌ର ତଥ୍ୟ ଦେଉଥିଲେ, ସେତେବେଳେ ସରକାରଙ୍କ ପକ୍ଷରୁ ଏସଜି ମେହେଟ୍ଟା ନିଜେ ଏହାର ବିରୋଧ କରିଥିଲେ। ତେଣୁ ସଂଖ୍ୟା ବଦଳରେ ସେ ସାମ୍ବିଧାନିକ ଦିଗଗୁଡ଼ିକ ଉପରେ ତାଙ୍କର ମତ ରଖିବା ଉଚିତ। ଖଣ୍ଡପୀଠର ସଦସ୍ୟ ଜଷ୍ଟିସ୍ ନାଥ କହିଛନ୍ତି ଯେ ଦେଶ ଗତ ୭୫ ବର୍ଷ ଧରି ଗଣତନ୍ତ୍ର ଓ ସମ୍ବିଧାନ ମାଧ୍ୟମରେ ଆଗକୁ ବଢୁଛି। ଏହି ସମୟ ମଧ୍ୟରେ କେତେ ବିଲ୍ ଅନୁମୋଦନ କିମ୍ବା ପ୍ରତ୍ୟାଖ୍ୟାନ କରାଯାଇଛି, ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ଜଷ୍ଟିସ୍ ନାଥ କହିଛନ୍ତି। ତେବେ ସୁପ୍ରିମ୍‌କୋର୍ଟ ନେପାଳ ଓ ବାଂଲାଦେଶର ଉଦାହରଣ ଦେଇ ସାମ୍ବିଧାନିକ ସୁରକ୍ଷାକୁ ଅବହେଳା କଲେ, କିପରି ପରିଣାମ ଭୋଗିବାକୁ ପଡ଼େ, ତାହା ସ୍ପଷ୍ଟ କରିବାକୁ ଚାହିଁଛନ୍ତି।

# କତାରରେ ଇସ୍ରାଏଲର ପ୍ରଥମ ଆକ୍ରମଣ, ୬ ମୃତ

**ଦୋହା, ୧୦।୯:** ଦୋହାର କତାର ଜିଲ୍ଲାରେ ଇସ୍ରାଏଲ ବିମାନ ଆକ୍ରମଣ କରିଛି। ହମାସର ରାଜନୈତିକ ବ୍ୟୁରୋର ଆବାସିକ ମୁଖ୍ୟାଳୟକୁ ଟାର୍ଗେଟ କରାଯାଇଛି। ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଦୋହା ସହରରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା ଏବଂ ପେଟ୍ରୋଲ ଷ୍ଟେସନ ନିକଟରେ ଥିବା ସୁରକ୍ଷିତ ଆବାସିକ କମ୍ପାଉଣ୍ଡରୁ ଧୂଆଁ ଉଠୁଥିବା ଦେଖାଯାଇଥିଲା। କତାରର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହି ଆକ୍ରମଣକୁ ଅଟକାଇ ପାରିନଥିଲା। ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ) ଏବଂ ଶିନ୍ ବେଟ୍ ଗୁଇନ୍ଦା ସଂସ୍ଥା ଏହାକୁ ହମାସର ବରିଷ୍ଠ ନେତୃତ୍ୱ ବିରୁଦ୍ଧରେ ନିର୍ଦ୍ଦିଷ୍ଟ ଆକ୍ରମଣ ବୋଲି କହିଛି। ଏମାନେ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ ଉପରେ ଆକ୍ରମଣ ଓ ଚାଲୁଥିବା କାର୍ଯ୍ୟକଳାପ ପାଇଁ ଦାୟୀ ଥିଲେ ବୋଲି ଅଭିଯୋଗ କରାଯାଇଥିଲା। ଏହି ଅପରେସନରେ ଇସ୍ରାଏଲ ବାୟୁସେନା ଜେଟ୍ "ନିର୍ଦ୍ଦିଷ୍ଟ ଅସ୍ତ୍ରଶସ୍ତ୍ର ଏବଂ ଅତିରିକ୍ତ ଗୁଇନ୍ଦା ତଥ୍ୟ" ବ୍ୟବହାର କରିଥିଲେ। ଏହା ମାସ ମାସ ଧରି ଯୋଜନା ହୋଇଥିଲା କିନ୍ତୁ ଜେରୁଜେଲମରେ ସେପ୍ଟେମ୍ବର ୮ରେ ହମାସ ଦାବି କରିଥିବା ଗୁଳିମାଡ଼ରେ ଛଅ ଜଣ ଇସ୍ରାଏଲୀ ନାଗରିକଙ୍କ ମୃତ୍ୟୁ ପରେ ଏହାକୁ ତ୍ୱରାନ୍ୱିତ କରାଯାଇଥିଲା। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏହାକୁ "ସମ୍ପୂର୍ଣ୍ଣ ସ୍ୱାଧୀନ ଇସ୍ରାଏଲ ଅପରେସନ" ବୋଲି କହିଛି। ଏହି ଆକ୍ରମଣ ଆମେରିକା ପ୍ରସ୍ତାବିତ ଯୁଦ୍ଧବିରତି ଏବଂ ପଣବନ୍ଦୀ ମୁକ୍ତି ଚୁକ୍ତି ଉପରେ ଆଲୋଚନାକୁ ବ୍ୟାହତ କରିପାରେ। କତାରରେ ଇସ୍ରାଏଲ ଆଟାକକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟରେସ ନିନ୍ଦା କରିଛନ୍ତି।

### ନେପାଳ ସ୍ଥିତି ବିଗୁଡୁଛି

## ୬ ହଜାର କଏଦୀ ଫେରାର

**କାଠମାଣ୍ଡୁ,୧୦।୯:** ନେପାଳ ସରକାର ବିରୋଧରେ ଜେନ୍-ଜି ବିକ୍ଷୋଭ ପରେ ନେପାଳର ପରିସ୍ଥିତି ଆହୁରି ଖରାପ ହୋଇଯାଇଛି । ଏପର୍ଯ୍ୟନ୍ତ ୨୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି ଏବଂ ଶହ ଶହ ଲୋକ ଆହତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ଇସ୍ତଫା ପରେ ମଧ୍ୟ ପ୍ରଦର୍ଶନକାରୀଙ୍କ ରାଗ ଥମିନାହିଁ ଏବଂ ପ୍ରଦର୍ଶନକାରୀମାନେ ସେମାନଙ୍କର ଦାବି ଉପରେ ଅଟଳ ଅଛନ୍ତି। ପ୍ରଦର୍ଶନକାରୀ ଜେଲରେ ପଶି ଭଙ୍ଗାରୁଜା କରିଥିଲେ। ଫଳରେ ଏହି ହିଂସାରେ ୧୮ ଜିଲ୍ଲାର ଜେଲରୁ ପ୍ରାୟ ୬ ହଜାର କଏଦୀ ଫେରାର ହୋଇଯାଇଛନ୍ତି । ଏଥିରେ କେବଳ କାସ୍କିରୁ ୭୭୩ କଏଦୀ ପଳାୟନ କରିଛନ୍ତି। ନବଲପରାସୀ ଜେଲରୁ ୫୦୦ କଏଦୀ ପଳାୟନ କରିଛନ୍ତି। ଚିତୱାନରୁ ୭୦୦ କଏଦୀ, କୈଲାଲିରୁ ୬୧୨ କଏଦୀ, ଜଲେଶ୍ୱରରୁ ୫୭୬ କଏଦୀ ପଳାଇଛନ୍ତି। ଅନ୍ୟ ଜିଲ୍ଲାରୁ ଅନେକ କଏଦୀ ରହିଛନ୍ତି। ୫ ଜଣ କଏଦୀ ଭାରତ-ନେପାଳ ସୀମା ଦେଇ ଭାରତରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରିଛନ୍ତି ।

# ସୁଶୀଳା କାରକି ନେପାଳର ଅନ୍ତରୀଣ ନେତା



କାଠମାଣ୍ଡୁ, ୧୦।୯: ନେପାଳର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାରକି ଅନ୍ତରୀଣ ନେତା ହୋଇଛନ୍ତି। ନେପାଳରେ ଆନ୍ଦୋଳନ ଦ୍ୱାରା ଶାସନ ବଦଳାଇଥିବା ଜେନ ଜେଡ ପକ୍ଷରୁ ତାଙ୍କୁ ଦେଶର ଅନ୍ତରୀଣ ନେତା ଭାବେ ଚୟନ କରାଯାଇଛି। ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ କିଏ ହେବେ, ତା'କୁ ନେଇ ପ୍ରାୟ ୫୦୦୦ ଯୁବକଯୁବତୀ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଥିଲେ। ଏହାପରେ ଜେନ ଜେଡ ପକ୍ଷରୁ ସୁଶୀଳାଙ୍କୁ ଅନ୍ତରୀଣ ନେତା ଭାବେ ବଛା ଯାଇଛି। ନେପାଳର ପ୍ରଥମ ତଥା ଏକମାତ୍ର ପ୍ରଧାନ ବିଚାରପତି ଭାବେ ସୁଶୀଳା କାର୍ଯ୍ୟ କରିଛନ୍ତି। ଭାରତର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିବା ସୁଶୀଳା ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରିବା ବେଳେ ଜଣେ ମନ୍ତ୍ରୀଙ୍କୁ ଦୁର୍ନୀତି ମାମଲାରେ ଜେଲ ପଠାଇଥିଲେ। ଅନଲାଇନ ଆଲୋଚନାର ପ୍ରକାରର ସହଯୋଗ କରି ନଥିଲେ। ସୁଶୀଳାଙ୍କୁ ଜେନ ଜେଡ ନେତା ଭାବେ ବାଛି ଥିବା ବେଳେ ସେ ପ୍ରଥମେ ଏହାକୁ ବିଧିବଦ୍ଧ ଭାବେ ଗ୍ରହଣ କରିବେ। ଏହାପରେ ସେ ଆର୍ମି ମୁଖ୍ୟ ଜେନେରାଲ ଅଶୋକ ରାଜ ସିଗଡେଲଙ୍କୁ ଭେଟିବେ। ଏହାପରେ ଇସ୍ତଫା ଦେଇଥିବା ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲଙ୍କ ଅନୁମୋଦନ ପରେ ହିଁ ଦେଶର ଦାୟିତ୍ୱ ନେବେ। ୭୨ ବର୍ଷୀୟ ସୁଶୀଳା କାରକି ନେପାଳ ଇତିହାସର ପ୍ରଥମ ମହିଳା ଭାବେ ପ୍ରଧାନ ବିଚାରପତି ପଦ ଅଳଙ୍କୃତ କରିଥିଲେ।


### ଭାଗଲପୁର-ଡୁମକା- ରାମପୁରହାଟ ଏକକ ରେଳଲାଇନ

## ୧୭୭ କିମିର ଦୋହରୀକରଣକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ, ୧୦।୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଆଜି ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ଭାଗଲପୁର - ଡୁମକା - ରାମପୁରହାଟ ଏକକ ରେଳ ଲାଇନ ସେକ୍ସନ (୧୭୭ କିଲୋମିଟର) ର ଦୋହରୀକରଣକୁ ମଞ୍ଜୁରୀ ଦେଇଛି, ଯାହାର ମୋଟ ମୂଲ୍ୟ ପ୍ରାୟ ୩,୧୬୯ କୋଟି ଟଙ୍କା ହେବ। ଏହି ବର୍ଦ୍ଧିତ ଲାଇନ ଗତିଶୀଳତାରେ ଉନ୍ନତି ଆଣିବ, ଭାରତୀୟ ରେଳ ପାଇଁ ଉନ୍ନତ ଦକ୍ଷତା ଏବଂ ସେବାରେ ନିର୍ଭରଯୋଗ୍ୟତା ପ୍ରଦାନ କରିବ। ମଲ୍ଟି-ଟ୍ରାକିଂ ପ୍ରସ୍ତାବ କାର୍ଯ୍ୟକୁ ସହଜ କରିବ ଏବଂ ଭିଡ଼ ହ୍ରାସ କରିବ, ଯାହା ଫଳରେ ଭାରତୀୟ ରେଳର ବ୍ୟସ୍ତତମ ବିଭାଗଗୁଡ଼ିକରେ ଆବଶ୍ୟକୀୟ ଭିତ୍ତିଭୂମି ବିକଶିତ ହୋଇପାରିବ। ଏହା ଅଞ୍ଚଳର ଲୋକମାନଙ୍କୁ ବ୍ୟାପକ ବିକାଶ ଦ୍ୱାରା "ଆତ୍ମନିର୍ଭର" କରିବ ଯାହା ସେମାନଙ୍କର ନିଯୁକ୍ତି / ସ୍ୱରୋଜଗାରର ସୁଯୋଗ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଉପରେ ପରିକଳ୍ପିତ। ଯେଉଁଥିରେ ସମନ୍ୱିତ ଯୋଜନା ଏବଂ ଅଂଶୀଦାରଙ୍କ ପରାମର୍ଶ ମାଧ୍ୟମରେ ବହୁବିଦ୍ଧ ସଂଯୋଗ ଏବଂ ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଲୋକ, ସାମଗ୍ରୀ ଏବଂ ସେବାର ପରିବହନ ପାଇଁ ସୁଗମ ସଂଯୋଗ ପ୍ରଦାନ କରିବ। ଏହି ପ୍ରକଳ୍ପ ତିନୋଟି ରାଜ୍ୟ ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ପାଞ୍ଚଟି ଜିଲ୍ଲାକୁ ସଂଯୋଗ କରୁଥିବା ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କରେ ପ୍ରାୟ ୧୭୭ କିଲୋମିଟର ବୃଦ୍ଧି କରିବ। ଏହି ପ୍ରକଳ୍ପ ଦେଓଘର (ବାବା ବୈଦ୍ୟନାଥ ଧାମ), ତାରାପୀଠ (ଶକ୍ତି ପୀଠ) ଆଦି ପ୍ରମୁଖ ସ୍ଥାନଗୁଡ଼ିକୁ ରେଳ ସଂଯୋଗ ପ୍ରଦାନ କରିବ, ଯାହା ସାରା ଦେଶର ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ। ବହୁ-ଟ୍ରାକିଂ ପ୍ରକଳ୍ପଗୁଡ଼ିକ ପ୍ରାୟ ୪୪୧ ଗ୍ରାମ ଏବଂ ପ୍ରାୟ ୨୮.୭୨ ଲକ୍ଷ ଜନତା ଏବଂ ତିନୋଟି ଆକାଂକ୍ଷୀ ଜିଲ୍ଲା (ବାଙ୍କା, ଗୋଡ୍ଡା ଏବଂ ଡୁମକା) ସହିତ ସଂଯୋଗ ବୃଦ୍ଧି କରିବ। କୋଇଲା, ସିମେଣ୍ଟ, ସାର, ଇଟା ଏବଂ ପଥର ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏହା ଏକ ଅତ୍ୟାବଶ୍ୟକୀୟ ମାର୍ଗ।

**୩,୧୬୯ କୋଟି ଟଙ୍କାର ବ୍ୟୟ ଅଟକଳ**


# ଏପଟେ ମୋଦି ଭଲ ବନ୍ଧୁ, ସେପଟେ ବିରୋଧ




**ୱାଶିଂଟନ, ୧୦।୯:** ପଦାରେ ପଡ଼ିଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୋମୁହାଁ ନୀତି। ଗୋଟିଏ ପଟେ ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭଲ ବନ୍ଧୁ କହୁଛନ୍ତି। ଭାରତ ଓ ଆମେରିକା ମଧରେ ସମ୍ପର୍କ ନିବିଡ଼ ଓ ଦୁଇ ଦେଶ ମଧରେ ବାଣିଜ୍ୟ ଆଲୋଚନା ଚାଲିଥିବା ସୂଚନା ଦେଉଛନ୍ତି। ଟ୍ରମ୍ପ ଭଲ ବନ୍ଧୁ କହିବାରୁ ପ୍ରଧାନମନ୍ତ୍ରୀ ମୋଦି ମଧ ଏଥିରେ ଗଦଗଦ ହୋଇ ତାଙ୍କର ପ୍ରଶଂସା କରି ପକାଉଛନ୍ତି। ହେଲେ ଗୋଟିଏ ପଟେ ମୋଦିଙ୍କୁ ଭଲ ବନ୍ଧୁ କହୁଥିବା ଟ୍ରମ୍ପ ଅନ୍ୟପଟେ ଭାରତ ବିରୋଧୀ କାମରେ ମାତିଛନ୍ତି। ରୁଷ ଠାରୁ ଭାରତ ତେଲ କିଣୁଥିବାରୁ ଆମେରିକା ପକ୍ଷରୁ ୫୦% ଟାରିଫ ଲଗାଯାଇଛି। ଏହାକୁ ନେଇ ଭାରତ ଓ ଆମେରିକା ମଧରେ କୂଟନୀତିକ ସମ୍ପର୍କ କିଛି ମାତ୍ରାରେ ପ୍ରଭାବିତ ହୋଇଛି। ଏପରି ସ୍ଥିତିରେ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବନ୍ଧୁ ବୋଲି ସମ୍ବୋଧନ କରି ସବୁ କିଛି ଠିକ ଥିବା ଦେଖାଇ ହେବାକୁ ଚେଷ୍ଟା କରିଛନ୍ତି। ହେଲେ ବାସ୍ତବରେ ସେ ଭାରତ ଉପରେ ୧୦୦% ଟାରିଫ ଲଗାଇବାକୁ ଏବେ ୟୁରୋପୀୟ ୟୁନିୟନ ଉସକାଇବାରେ ଲାଗିଛନ୍ତି। ଭାରତ ଓ ଚାଇନା ପକ୍ଷରୁ ରୁଷ ଠାରୁ ବିପୁଳ ପରିମାଣର ତେଲ କିଣା ଯାଉଥିବାରୁ ଏହି ଦୁଇ ରାଷ୍ଟ୍ର ଉପରେ ୧୦୦% ଟାରିଫ ଲଗାଇ ସେମାନଙ୍କୁ ଆର୍ଥିକ ସ୍ତରରେ ଦୁର୍ବଳ କରିବାକୁ ଟ୍ରମ୍ପ ଚାହୁଁଛନ୍ତି। ଏଥିପାଇଁ ଟ୍ରମ୍ପ ଏବେ ୟୁରୋପୀୟ ୟୁନିୟନକୁ ଭାରତ ଓ ଚାଇନା ବିରୋଧରେ ମତାଇବା ଆରମ୍ଭ କରିଛନ୍ତି। ଟ୍ରମ୍ପଙ୍କ କହିବା କଥା ଯେ, ଭାରତ ଓ ଚାଇନା ଉପରେ ୧୦୦% ଟାରିଫ ଲଗାଇଲେ ରୁଷ ପକ୍ଷରୁ ୟୁକ୍ରେନ ସହ କରୁଥିବା ଯୁଦ୍ଧ ବନ୍ଦ ହେବ। ମଙ୍ଗଳବାର ୱାଶିଂଟନରେ ଆମେରିକା ଓ ୟୁରୋପୀୟ ୟୁନିୟନର ବରିଷ୍ଠ ଅଧିକାରୀଙ୍କ ବୈଠକ ବସିଥିଲା। ୟୁକ୍ରେନ ଯୁଦ୍ଧକୁ ବନ୍ଦ କରିବା ପାଇଁ ରୁଷ ଉପରେ କେଉଁ ପ୍ରକାରର ଚାପ ପକାଯାଇ ପାରିବ, ତା' ଉପରେ ଅଧିକାରୀମାନେ ଆଲୋଚନା କରିଛନ୍ତି। ଭାରତୀୟ ଦ୍ରବ୍ୟଗୁଡ଼ିକ ଉପରେ ଆମେରିକା ୫୦% ଟାରିଫ ଲଗାଇ ସାରିଛି। ଚାଇନା ଉପରେ କିନ୍ତୁ ୩୦% ଟାରିଫ ଲାଗିଛି। ଏହି ଟାରିଫ ସେତେବେଳେ ଯାଏ ବଳବତ୍ତର ରହିବ ଯେତେବେଳେ ଯାଏ ଭାରତ ଓ ଚାଇନା ତେଲ କିଣିବା ବନ୍ଦ ନ କରନ୍ତି।

ଗୋଟିଏ ପଟେ ଟ୍ରମ୍ପ ଓ ଆମେରିକା ପକ୍ଷରୁ ୟୁରୋପୀୟ ୟୁନିୟନକୁ ଭାରତ ବିରୋଧରେ ଉସକା ଯାଉଥିବା ବେଳେ ଅନ୍ୟପଟେ ନୂଆଦିଲ୍ଲୀ ପାଇଁ ବଡ଼ କଥା ୱାଶିଂଟନ ପକ୍ଷରୁ କୁହାଯାଇଛି। ନିଜେ ଟ୍ରମ୍ପ ମଙ୍ଗଳବାର ଗୋଟିଏ ପୋଷ୍ଟରେ କହିଛନ୍ତି ଯେ "ମୁଁ ବେଶ ଖୁସିର ସହ ଘୋଷଣା କରୁଛି ଯେ ଭାରତ ଓ ଆମେରିକା ପରସ୍ପର ମଧରେ ବ୍ୟବସାୟିକ ପ୍ରତିବନ୍ଧକ ଦୂର କରିବା ପାଇଁ ଆଲୋଚନା ଜାରି ରଖିଛନ୍ତି। ମୁଁ ଆଗାମୀ ସପ୍ତାହରେ ମୋର ବହୁତ ଭଲ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହେବାକୁ ବେଶ ଉତ୍ସାହିତ। ମୋର ପୂରା ବିଶ୍ୱାସ ଦୁଇ ମହାନ ଦେଶ ଗୋଟିଏ ସଫଳ ନିର୍ଯ୍ୟାସରେ ପହଞ୍ଚିବାରେ କୌଣସି ବାଧାର ସମ୍ମୁଖୀନ ହେବେ ନାହିଁ।"

# ସୁଇସାଇଡ୍ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍



**ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ):** ଆଜି ସାରା ବିଶ୍ୱ ପାଳୁଛି ଆତ୍ମହତ୍ୟା ନିରୋଧ ଦିବସ। ଆତ୍ମହତ୍ୟା ରୋକିବାକୁ ଓ ସଚେତନତା ପାଇଁ ରାଜ୍ୟ ସରକାର ବି 'ଜୀବନ ଜିନ୍ଦାବାଦ' ନାମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଆତ୍ମହତ୍ୟା ନ କରି କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ନିବେଦନ କରିଛନ୍ତି। ସେ ସୋସିଆଲ୍ ମିଡ଼ିଆ 'ଏକ୍ସ'ରେ ଲେଖିଛନ୍ତି ଯେ ସବୁ ସମସ୍ୟାର ସମାଧାନ ଅଛି। ଯଦି କେହି ବି ବ୍ଲାକମେଲ୍ କିମ୍ବା ହାରାସମେଣ୍ଟର ଶିକାର ହେଉଛନ୍ତି, ତା'ହେଲେ ସେମାନେ ତା'ର ସମାଧାନ ପନ୍ଥା ବାହାର କରନ୍ତୁ। ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରସ୍ତୁତ ଅଛନ୍ତି। ସମସ୍ୟାକୁ ହରାଇ ଜୀବନକୁ ଭଲ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେପଟେ ସେଲିବ୍ରିଟି ମଧ୍ୟ ପ୍ରତ୍ୟେକ ସମସ୍ୟାକୁ ଧୈର୍ଯ୍ୟର ସହ ମୁକାବିଲା କରି ଜୀବନକୁ ଜୀଇଁବା ପାଇଁ ଆହ୍ୱାନ ଦେଇଛନ୍ତି।

## ଆୟକର ସଚେତନତା କାର୍ଯ୍ୟକ୍ରମ ଉଦ୍ୟାପିତ

**ବ୍ୟାସନଗର,୧୦।୯(ସଂଚାର ବ୍ୟୁରୋ):** କଟକ ଆୟକର ୟୁନିଟ ପକ୍ଷରୁ ଆଜି ମଧ୍ୟାହ୍ନରେ ବ୍ୟାସନଗରଠାରେ ଆୟକର ସଂକ୍ରାନ୍ତୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟାଳୟର ଯୁଗ୍ମ ଆୟକର ଆୟୁକ୍ତ ମନୋରଞ୍ଜନ ରଥଙ୍କ ନିର୍ଦ୍ଦେଶନାରେ ଓ କଟକସ୍ଥିତ ଆୟକର ଶାଖାର ଅଧିକାରୀ ପ୍ରକାଶ କୁମାର କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଆୟକରଦାତାଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଯାଜପୁର ଜିଲ୍ଲାର ଅନ୍ୟୁନ ୫୦ଟି ଏନଜିଓ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥାର ସଭାପତି, ସମ୍ପାଦକ ଓ ଅଧିକାରୀ ଆଲୋଚନାରେ ଭାଗ ନେଇଥିଲେ। ନୂତନ ସଂଶୋଧିତ ଆୟକର ଅଧିନିୟମ, ନୂତନ ପଞ୍ଜିକରଣ ଓ ନବୀକରଣ ଓ ୧୨(କ) ଅଧିନିୟମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ବିଭିନ୍ନ ସଂସ୍ଥାର ଆୟକରଦାତାଙ୍କ ଜଟିଳ ପ୍ରଶ୍ନର ସରଳ ଉତ୍ତର ରଖିଥିଲେ ବିଭାଗୀୟ ଅଧିକାରୀ। ଏଥିରେ ଯାଜପୁର ଆୟକର ଅଧିକାରୀ ଆରକେ ଜେନା, ଯାଜପୁର ଟ୍ୟାକ୍ସ ବାର ସଭାପତି ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସମୀର କୁମାର ପରିଜା, ସଞ୍ଜୟ କୁମାର ବେଉରିଆ ଯୋଗ ଦେଇ ଟ୍ରଷ୍ଟମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଉପରେ ଆଲୋକପାତ କରିଥିଲେ। କଟକ ଆୟକର ଶାଖା ନିରୀକ୍ଷକ ତ୍ରିଲୋଚନ ମଲ୍ଲିକ ସଭା ସଂଚାଳନ କରିଥିବା ବେଳେ ଆୟକର ବିଭାଗୀୟ ଅଧିକାରୀ ରାକେଶ କୁମାର ରାଉତ ଓ ବିଦ୍ୟୁତ ରଞ୍ଜନ ଦାଶ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଫକୀରମୋହନ ଛାତ୍ରାବାସରେ ବିଭିନ୍ନ ସମସ୍ୟା ନେଇ ଅନ୍ତେବାସୀଙ୍କ ବିକ୍ଷୋଭ

**କେନ୍ଦୁଝର, ୧୦।୯(ସଂଚାର ବ୍ୟୁରୋ):** ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଫକୀରମୋହନ ଛାତ୍ରାବାସରେ ବିନା ଟେଣ୍ଡରରେ ବେଆଇନ ଭାବେ ଦିଆ ଯାଇଥିବା କ୍ୟାଣ୍ଟିନରେ ଖରାପ ଏବଂ ବାସି ଖାଦ୍ୟ ପ୍ରଦାନ କରାଯାଉଥିବା ପ୍ରତିବାଦରେ ବୁଧବାର ଦିନ ଫକୀରମୋହନ ଛାତ୍ରାବାସର ଶତାଧିକ ଛାତ୍ର ବିଶ୍ୱବିଦ୍ୟାଳୟ ଘେରାଉ କରିବା ସହ ସେମାନଙ୍କୁ ଭଲ ଖାଦ୍ୟ ଦିଆଯିବା ପାଇଁ ଦାବି କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନରେ ଛାତ୍ର ନେତା ଶାଶ୍ୱତ ତ୍ରିପାଠୀ, ଛାତ୍ର କଂଗ୍ରେସ ନେତା ରହିଲ ଅମନ୍, ଅମନ ବେହେରା, ଅଚ୍ୟୁତାନନ୍ଦ ବେହେରା, ଇତ୍ୟାଂଶୁ, ଅମିୟ ରଥ, ତପନ ସେଠୀ, ଅମନ ଗୋସ୍ୱାମୀ ଇତ୍ୟାଦି ମୁଖ୍ୟ ଭୂମିକା ଗ୍ରହଣ କରିଥଲେ। ପୁର୍ବରୁ ବି ବହୁ ଥର ପିଲାଙ୍କ ଖାଦ୍ୟରେ ଅନିୟମିତତା ଏବଂ ଗାଧୁଆ ଘର ଓ ପାଇଖାନା ସଫା ନ ରହିବା ତଥା ଛାତ୍ରାବାସ ପରିସରରେ ଲାଇଟ୍ ନ ଜଳିବା ନେଇ ପୂର୍ବତନ କୁଳପତି ଡଃ ପ୍ରତାପ ମହାନ୍ତିଙ୍କୁ ଅବଗତ କରାଇବା କଥା କେନ୍ଦୁଝର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ରାଜ୍ ମତ ପ୍ରକାଶ କରିଛନ୍ତି।

# ଅନଲାଇନ୍ ବୁକିଂ ହୋଇପାରିବ ସଂସ୍କୃତି ବିଭାଗ ମଣ୍ଡପ

## ୪ ୱେବ୍‌ସାଇଟ୍ ଉନ୍ମୋଚିତ




**ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ):** ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆଜି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲଳିତ କଳା ଏକାଡେମୀ ପାଇଁ ୩ଟି ସ୍ୱତନ୍ତ୍ର ୱେବ୍‌ସାଇଟ ଉନ୍ମୋଚିତ କରାଯାଇଛି। ଏଥିସହ ସଂସ୍କୃତି ବିଭାଗ ଅଧିନସ୍ଥ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ ଏବଂ ଉତ୍କଳ ମଣ୍ଡପର ଅନଲାଇନ ବୁକିଂ ପାଇଁ ମଧ୍ୟ ଗୋଟିଏ ସ୍ୱତନ୍ତ୍ର "ମଣ୍ଡପ ୱେବ୍ ସାଇଟ୍"କୁ ଉନ୍ମୋଚିତ କରାଯାଇଛି। 'ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୪ଟି ୱେବ୍‌ସାଇଟକୁ ଉନ୍ମୋଚିତ କରାଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲଳିତ କଳା ଏକାଡେମୀ ପାଇଁ ଉନ୍ମୋଚିତ ହୋଇଥିବା ୩ ଗୋଟି ୱେବ୍ ସାଇଟ୍ ମାଧ୍ୟମରେ ଏକାଡେମୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ ଜନସାଧାରଣଙ୍କ ଅବଗତି ସମ୍ବନ୍ଧରେ ଉପଲବ୍ଧ କରାଯାଇପାରିବ। ଏଥିସହ "ମଣ୍ଡପ ୱେବ୍ ସାଇଟ୍" ମାଧ୍ୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ ଓ ଉତ୍କଳ ମଣ୍ଡପର ଅନ୍‌ଲାଇନ୍ ବୁକିଂ କରାଯାଇପାରିବ। ମଣ୍ଡପମାନଙ୍କରେ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ମଣ୍ଡପ ୱେବ୍‌ସାଇଟରେ ସୂଚନା ପ୍ରଦାନ କରାଯିବ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। କାର୍ଯ୍ୟକ୍ରମରେ ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜନ 'ମୋ ସ୍ୱପ୍ନର ଓଡ଼ିଶା-୨୦୩୬' ଚିତ୍ରକଳା ପ୍ରତିଯୋଗିତାର ସମୁଦାୟ ୫୬ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ 'ଘରେ ଘରେ ତ୍ରିରଙ୍ଗା'ରେ ଭାଗନେଇଥିବା ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ୧୫ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ର ଶେଖର ହୋତା, ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ଦେବଯାନୀ ଭୂୟାଁ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲା

# ଅଧ୍ୟାପକକୁ ୨୫ ବର୍ଷ ସଶ୍ରମ ଜେଲ୍‌ଦଣ୍ଡ

**ବାରିପଦା,୧୦।୯(ସଂଚାର ବ୍ୟୁରୋ):** ଆଜି ଏକ ଦୁଷ୍କର୍ମ ମାମଲାର ବିଚାର କରି ଆଡ୍ ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ଅଣ୍ଡର ପକ୍‌ସୋ ଆକ୍ଟ) ସନ୍ତୋଷ କୁମାର ନାୟକ ଅଭିଯୁକ୍ତ ମୟୂରଭଞ୍ଜ ଜିଲ୍ଲା ରସଗୋବିନ୍ଦପୁର ଥାନା ଅନ୍ତର୍ଗତ ଅମର୍ଦା ଅଞ୍ଚଳର ବାଧିମୁହାଁଣ ଗ୍ରାମର ମାନସ ରଞ୍ଜନ ବାରିକ(୨୭)କୁ ଦଫା ୩୭୬(୨)(ଏନ୍) ଅନୁଯାୟୀ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ଦୋଷୀକୁ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଦଫା ୬୭(କ) ଇନଫର୍ମେସନ ଆଣ୍ଡ ଟେକ୍ନୋଲୋଜି ଆକ୍ଟ,୨୦୦୦ ଅନୁଯାୟୀ ୫ ବର୍ଷ ସଶ୍ରମ କାରାଦଣ୍ଡ ସମେତ ୨ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ତାଙ୍କୁ ଅଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଦେଶ ଦିଆଯାଇଛି। ଉଭୟ ଆଦେଶ ଏକକାଳୀନ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବାରୁ ଦୋଷୀ ସାବ୍ୟସ୍ତ ହୋଇଥିବା ମାନସକୁ ୨୫ ବର୍ଷ ପର୍ଯ୍ୟନ୍ତ ଜେଲ୍‌ରେ ରହିବାକୁ ପଡ଼ିବ। ଏହାଛଡ଼ା ଆଦାୟ ଜରିମାନା ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ କରିବା ସକାଶେ ରାୟରେ କୁହାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ପୀଡ଼ିତା ଛାତ୍ରୀ ଜଣଙ୍କ ଏକ ସରକାରୀ କଲେଜରେ ଯୁକ୍ତ ଦୁଇ ପଢୁଥିବା ବେଳେ ଉକ୍ତ କଲେଜର ଅଧ୍ୟାପକ ଥିବା ମାନସ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ମାନସ ସମ୍ପୃକ୍ତ ଛାତ୍ରୀ ଜଣଙ୍କୁ ବିବାହର ପ୍ରତିଶ୍ରୁତି ଦେବା ସହ ପାଖାପାଖି ବର୍ଷେ ପର୍ଯ୍ୟନ୍ତ ତାଙ୍କ ସହ ଦୁଷ୍କର୍ମ କରିଥିଲା। ଏଥିସହ ସେ ବିଶ୍ୱାସଘାତକତା କରି ଛାତ୍ରୀଙ୍କ ଅଶ୍ଲୀଳ ଫଟୋଶ ମଧ୍ୟ ଭାଇରାଲ୍ କରିଦେଇଥିଲା। ତେଣୁ ଛାତ୍ରୀ ଜଣଙ୍କ ଏନେଇ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ କ୍ରମେ ବାରିପଦା ଟାଉନ ଥାନାରେ ୧୯୪/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ପରେ ମାନସକୁ ଗିରଫ କରି ପୁଲିସ୍ କୋର୍ଟ ଚାଲାଣ କରିଥିଲା। ଆଜି କୋର୍ଟ ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ଉପରୋକ୍ତ ରାୟ ଦେଇଛନ୍ତି। ଏଥିସହ ପୀଡିତାଙ୍କ ନାମରେ କ୍ଷତିପୂରଣ ବାବଦରେ ୧ ଲକ୍ଷ ଟଙ୍କା କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଜମା କରିବାକୁ କୋର୍ଟ ଜିଲ୍ଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ମନୋରଞ୍ଜନ ପଟ୍ଟନାଏକ ପରିଚାଳନା କରିଥିଲେ।



ୟୁଏଇ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆବୁଧାବିସ୍ଥିତ ବିଏପିଏସ୍ ସ୍ୱାମୀନାରାୟଣନ୍ ସଂସ୍ଥା ହିନ୍ଦୁ ମନ୍ଦିର ପରିଦର୍ଶନ କରିବା ସହ ପୂଜ୍ୟ ବ୍ରହ୍ମବିହାରୀ ସ୍ୱାମୀଜୀଙ୍କ ଆଶୀର୍ବାଦ ନେଇଛନ୍ତି।

# ଆମ ଭାଷା ଆମ ପରିଚୟ: ସଂସ୍କୃତି ମନ୍ତ୍ରୀ

**ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ହେଉଥିବା 'ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ର ଉଦ୍‌ଯାପନୀ ସମାରୋହ ଆଜି ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଛି। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆମ ଭାଷା ହେଉଛି ଆମ ପରିଚୟ। ଆମ ଓଡ଼ିଆ ଭାଷା ପାଇଁ ଆମେ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇପାରିଛେ। ତେଣୁ ଆମ ଭାଷାର ବହୁଳ ପ୍ରଚାର ଓ ପ୍ରସାର କରିବା ସହିତ ସରକାରୀ କାର୍ଯ୍ୟରେ ଯେପରି ଆମେ ଓଡ଼ିଆ ଭାଷାର ପ୍ରଚଳନ କରିବା ସେଥିପାଇଁ ଆମେ ଯତ୍ନବାନ ହେବା ଆବଶ୍ୟକ। ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିଶ୍ଚିତ ରୂପେ ସମସ୍ତ ସରକାରୀ ଅଧିକାରୀମାନଙ୍କ ପାଇଁ ସହାୟକ ହେବ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ପ୍ରକାଶଯୋଗ୍ୟ ଯେ, ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା ଏହି 'ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ରେ ପ୍ରାୟ ୨୫ଟି ବିଭାଗରୁ ୧୫୦ ସରକାରୀ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଗତ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଆ ବାକ୍ୟ ଗଠନ, ଓଡ଼ିଆ ଭାଷାରେ ଟିପ୍ପଣୀ ଲିଖନ, ଓଡ଼ିଆ ଭାଷାର ପ୍ରଶାସନିକ ପ୍ରୟୋଗ, ପ୍ରଶାସନିକ ଶବ୍ଦ ଚୟନ, ବନାନ୍ ଶୁଦ୍ଧତା ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଆଜିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବିତ୍ତ ତଥା ପ୍ରଶାସନିକ ଅଧିକାରୀ ଅନନ୍ୟା ତ୍ରିପାଠୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଉପସ୍ଥିତ ଥିଲେ।

## ହାଇୱା ଧକ୍କାରେ ୨ ମୃତ

**ଧର୍ମଶାଳା,୧୦।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଜେନାପୁର ଥାନା ଅଞ୍ଚଳରେ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଚଢ଼େଇଧରାରୁ ଢେଙ୍କାନାଳ ଯିବା ରାସ୍ତାରେ ଘଟିଛି ଅଘଟଣ। ହାଇୱା ଧକ୍କାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଚଢେଇଧରା ଗାଁର ମୁଦୁଲି କ୍ରସର ଛକ ନିକଟର ନବଘନ ପରିଡା (୬୨ ବର୍ଷ) ଓ ସନିଆ ପ୍ରଧାନ (୫୫ ବର୍ଷ) ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ୨ ଜଣ ବ୍ୟକ୍ତି ରାତିରେ ନିଜ ଚାଷ ଜମିକୁ ଜଗିଥିଲେ। ଏତିକି ବେଳେ ବାରମାଣ ପଟୁ ପଥର ବୋଝେଇ ଗାଡ଼ି ଦ୍ରୁତ ଗତିରେ ଆସି ୨ ଜଣଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏସମ୍ପର୍କରେ ଖବର ପାଇ ଜେନାପୁର ଥାନା ଆଇଆଇସି, ଫାଣ୍ଡି ଅଧିକାରୀ ଓ ସ୍ଥାନୀୟ ୧୨ ନଂ ଜୋନର ମଣ୍ଡଳ ସଭାପତି ଶ୍ରୀବତ୍ସ ଧୀର ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିବା ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜୟରୁ...

ସଂଗ୍ରହ କରିଥିଲେ। ଗିଲ୍ ୯ଟି ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ବଳରେ ଅପରାଜିତ ୨୦ ରନ୍ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅପରାଜିତ ୭ ରନ୍ କରିଥିଲେ। ସେ ୨ଟି ବଲ୍ ଖେଳିଥିଲେ, ଯେଉଁଥିରୁ ଗୋଟିଏ ଛକା ଥିଲା। ଭାରତ ମୋଟ୍ ୬୦ ରନ୍ ସଂଗ୍ରହ କରିଥିଲା।

ଭାରତ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଏହି ନିଷ୍ପତ୍ତି ଭାରତ ପାଇଁ ସଠିକ୍ ସାବ୍ୟସ୍ତ ହୋଇଥିଲା। ୟୁଏଇ ଟିମ୍ ୧୩.୧ ଓଭରରେ ସମସ୍ତ ୱିକେଟ୍ ହରାଇ ୫୭ ରନ୍ ସଂଗ୍ରହ କରିଥିଲା। ଭାରତୀୟ ବୋଲରମାନେ ୟୁଏଇ ବିପକ୍ଷରେ ଶକ୍ତିଶାଳୀ ବୋଲିଂ କରିଥିଲେ। ଫଳରେ ୟୁଏଇର ବ୍ୟାଟରମାନେ ଭଲ ରନ୍ ସ୍କୋର କରିପାରି ନଥିଲେ। ୟୁଏଇ ପାଇଁ ବ୍ୟକ୍ତିଗତ ଭାବେ ଉଭୟ ପ୍ରାରମ୍ଭିକ ବ୍ୟାଟର ୪୧ ରନ୍ ସଂଗ୍ରହ କରିପାରିଥିଲେ। ଆଲିଶାନ ଶରାଫୁ ୧୭ଟି ବଲ୍ ଖେଳି ୩ଟି ଚୌକା ଓ ଗୋଟିଏ ଛକା ବଳରେ ୨୨ ରନ୍ କରିଥିଲେ। ସେହିପରି ଅଧିନାୟକ ମହମ୍ମଦ ୱାସିମ ୨୨ଟି ବଲ୍ ଖେଳି ୩ଟି ଚୌକା ବଳରେ ୧୯ ରନ୍ ସଂଗ୍ରହ କରିଥିଲେ। ଅନ୍ୟ ଖେଳାଳିମାନଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଭାରତ ପାଇଁ କୁଲଦୀପ ଯାଦବ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ସେ ୨.୧ ଓଭର ବୋଲିଂ କରିଥିଲେ। ୩. ୨୦ ହାରରେ ମୋଟ୍ ୭ ରନ୍ ଖର୍ଚ୍ଚ କରିଥିଲେ। ଯୁବ ବୋଲର ଶିଭମ ଦୁବେ ୨ ଓଭର ବୋଲିଂ କରି ମାତ୍ର ୩ ରନ୍ ଖର୍ଚ୍ଚ କରିଥିଲେ। କିନ୍ତୁ ସେ ୟୁଏଇର ୩ ଜଣ ଖେଳାଳିଙ୍କୁ ଆଉଟ୍ କରିଥିଲେ। ଭାରତୀୟ ଦ୍ରୁତବୋଲର ଜସପ୍ରୀତ ବୁମରା, ଅକ୍ଷର ପଟେଲ ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

## ବିରୁଦ୍ଧି ...

ଭଗ୍ନାବଶେଷ ଅପେକ୍ଷାରେ ରହିଥିବା କୁହାଯାଉଛି। ଟସ୍କ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସହ ମଧ୍ୟ ଏ ସଂକ୍ରାନ୍ତରେ କଥା ହୋଇଛନ୍ତି। ଏକ ଇଂରାଜୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରୁବିଓ କହିଛନ୍ତି ଯେ ଏନେଇ ଆମେରିକା ପାଖରେ ସୂଚନା ରହିଛି। ୧୯୩୯ରେ ପୋଲାଣ୍ଡ ଉପରେ ଆକ୍ରମଣ ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା। ସେହି ସମୟରେ ଜର୍ମାନୀର ଆଡଲଫ ହିଟଲର ପ୍ରଥମେ ପୋଲାଣ୍ଡ ଉପରେ ଆକ୍ରମଣ କରିଥିଲେ। ଏଥର ମଧ୍ୟ ୟୁରୋପୀୟ ଦେଶଗୁଡ଼ିକ ରୁଷିଆ ବିରୁଦ୍ଧରେ ଛିଡ଼ା ହୋଇଛନ୍ତି। ଜର୍ମାନୀ, ବ୍ରିଟେନ, ଫ୍ରାନ୍ସ ଭଳି ପ୍ରମୁଖ ଦେଶଗୁଡ଼ିକ ରୁଷିଆ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ଏପରି ସ୍ଥିତିରେ ପୋଲାଣ୍ଡ ଉପରେ ଯେଉଁଭଳି ଆକ୍ରମଣ ହୋଇଛି, ତାହାକୁ ବିଶ୍ୱଯୁଦ୍ଧ ସହ ଯୋଡ଼ାଯାଉଛି।

ନାଟୋ ପରି ଏକ ସାମରିକ ସଂଗଠନରେ ଆମେରିକା, ଫ୍ରାନ୍ସ, ବ୍ରିଟେନ, ତୁର୍କୀ ଭଳି ପ୍ରମୁଖ ଦେଶ ଥିବା ବେଳେ ନାଟୋ ମୁଖପାତ୍ର କହିଛନ୍ତି ଯେ ନାଟୋ ମୁଖ୍ୟ ମାର୍କ ରୁଟ୍ ଏ ନେଇ ପୋଲାଣ୍ଡର ପ୍ରମୁଖ ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି। ଗୋଟିଏ ପଟେ ପୋଲାଣ୍ଡ୍ ରୁଷିଆର ଏପରି ଆକ୍ରମଣକୁ ଯୁଦ୍ଧ ପାଇଁ ଉସକାଇବା ଉଦ୍ୟମ ବୋଲି କହିଥିବା ବେଳେ କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଛନ୍ତି ଯେ ଆମ ଉପରେ ଏପରି ଅଭିଯୋଗ ଲଦିବା ନାଟୋ ଓ ୟୁରୋପୀୟ ସଂଘର ନିତିଦିନିଆ କାମ। ଅନେକ ସମୟରେ ତ ସେମାନେ ଅଯୌକ୍ତିକ ଅଭିଯୋଗ ମଧ୍ୟ ଉପସ୍ଥାପନ କରିଥିବା ପେସ୍‌କୋଭ୍ କହିଛନ୍ତି। ଏପରି ସ୍ଥିତିରେ ଆଗାମୀ ଦିନରେ ପରିସ୍ଥିତି କେଉଁ ଆଡ଼କୁ ଯାଉଛି, ତା' ତ ଜଣାପଡ଼ିବ। କିନ୍ତୁ ପୋଲାଣ୍ଡ୍ ଉପରେ ହୋଇଥିବା ସଦ୍ୟ ଆକ୍ରମଣ ପରିପ୍ରେକ୍ଷୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁଟିନ୍ ବିରୁଦ୍ଧି ବସାରେ ହାତ ମାରିଦେଇଛନ୍ତି ବୋଲି କୁହାଯାଇପାରେ। କାରଣ ଆଗାମୀ ଦିନରେ ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ, ତା'ହେଲେ ଏହି ଆକ୍ରମଣ ସେଥିପାଇଁ ମୁଖ୍ୟ ଇନ୍ଧନ ହେବ ବୋଲି ଚର୍ଚ୍ଚା ହେଉଛି।

## ପ୍ରବାସୀ...

ପ୍ରାଥମିକତା ସମ୍ପର୍କରେ ଆଲୋଚନା କରିଛନ୍ତି। ଆବୁଧାବିରେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ ପ୍ରତିଷ୍ଠା ସହ ୟୁଏଇରେ ଭାରତୀୟ ପାଠ୍ୟକ୍ରମ ଅନୁସରଣ କରୁଥିବା ବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯାଉଥିବା ସହଯୋଗ ପାଇଁ ତାଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବୈଠକରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାରତୀୟ ବିଦ୍ୟାଳୟଗୁଡ଼ିକରେ ସ୍ଥାପିତ ଅଟଳ ଟିଙ୍କରିଂ ଲ୍ୟାବ୍‌ର ସଫଳତା ନେଇ ମତ ରଖିଥିଲେ। ଏଥିସହ ୟୁଏଇରେ ଥିବା ଭାରତୀୟ ସ୍କୁଲଗୁଡ଼ିକରେ ଅଟଳ ଇନୋଭେସନ ଲ୍ୟାବର କ୍ରିୟାନ୍ୱୟନ ଉପରେ ମଧ୍ୟ ମତାମତ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ବ୍ୟାପକ କରିବା ସହ ପ୍ରବାସୀ ଭାରତୀୟଙ୍କ ଶିକ୍ଷାଗତ ଆବଶ୍ୟକତା ପୂରଣ କରିବା ପାଇଁ ୟୁଏଇରେ ଅଧିକ ଭାରତୀୟ ପାଠ୍ୟକ୍ରମ-ଭିତ୍ତିକ ବିଦ୍ୟାଳୟ ଖୋଲିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସ୍କୁଲ ସ୍ତରରୁ ହିଁ ଷ୍ଟୁଡେଣ୍ଟ୍ ଏକ୍ସଚେଞ୍ଜକୁ ପ୍ରୋତ୍ସାହନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭାରତ ଓ ୟୁଏଇ ମଧ୍ୟରେ ଗୁଣାତ୍ମକ ଶିକ୍ଷାଗତ ସହଯୋଗକୁ ମଜବୁତ କରିବା ଓ ଦ୍ୱିପାକ୍ଷିକ ସମ୍ପର୍କର ସବୁଠାରୁ ଦୃଢ଼ ସ୍ତମ୍ଭ ଭାବେ ଶିକ୍ଷାକୁ ପ୍ରତିଷ୍ଠା କରିବା ଦିଗରେ ଏଡିଇକେର ଅଧ୍ୟକ୍ଷଙ୍କ କାର୍ଯ୍ୟକୁ ମଧ୍ୟ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ଶିକ୍ଷା, ନବସୃଜନ ଏବଂ ଜ୍ଞାନ ଆଦାନପ୍ରଦାନରେ ସହଭାଗିତାକୁ ଆଗକୁ ବଢ଼ାଇବା ଲକ୍ଷ୍ୟରେ ୟୁଏଇର ପ୍ରମୁଖ ନେତୃତ୍ୱ, ମନ୍ତ୍ରୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ ଏବଂ ଭାରତ ଓ ୟୁଏଇ ଅନୁଷ୍ଠାନର ପ୍ରତିନିଧିଙ୍କ ସହ ବି ଆଲୋଚନା କରିବେ।

## ରାଜଧାନୀ ...

ମାରିଥିବା ଜଣାପଡ଼ିଛି। ଏହି ସମୟର ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ତେବେ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥିତ ଛାତ୍ରଗୋଷ୍ଠୀ ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ୍ ପହଞ୍ଚିବା ସହ ପରିସ୍ଥିତିକୁ ସ୍ୱାଭାବିକ କରିଥିଲା। ଅନ୍ୟପକ୍ଷରେ ଆହତ ଛାତ୍ରଦ୍ୱୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଗଣ୍ଡଗୋଳର କାରଣ ଜଣାପଡ଼ିନଥିଲେ ହେଁ ଛାତ୍ରୀଙ୍କୁ ଅଣଛାତ୍ରମାନେ କମେଣ୍ଟ୍ ପାସ୍ କରିବାକୁ ଏହାକୁ ବିରୋଧ କରି କଲେଜ ଛାତ୍ର ମାଡ଼ ଖାଇଥିବା କୁହାଯାଉଛି।

## ନେପାଳରେ...

ରଦ୍ଦ କରାଯାଇଛି। ଏନେଇ ସୋସିଆଲ ମିଡିଆରେ ସୂଚନା ଦିଆଯାଇଥିବା ବେଳେ ଏହି ମହୋତ୍ସବ କାଠମାଣ୍ଡୁରେ ଆଗାମୀ ବର୍ଷ ୨୦୨୬, ଫେବୃଆରୀ ୧୪ ଏବଂ ୧୫ରେ ହେବାକୁ ସ୍ଥିର କରାଯାଇଥିବା କୁହାଯାଇଛି।

ସେପଟେ ମହୋତ୍ସବ ବାତିଲ ପରେ ଭାରତ ଫେରିବାକୁ ୩ ଓଡିଆ ଯୋଜନା କରୁଥିବା ବେଳେ କାଠମାଣ୍ଡୁ ବିମାନ ବନ୍ଦର ବନ୍ଦ ହେବା କାରଣରୁ ସେମାନେ ଏକ ହୋଟେଲରେ ରହିବାକୁ ବାଧ୍ୟ ହୋଇଛନ୍ତି। ତେବେ ସେମାନେ ରହୁଥିବା ହୋଟେଲଟି ସଂସଦ ଭବନଠାରୁ ମାତ୍ର ୭୦୦ ମିଟର ଦୂର ଏବଂ ପ୍ରଧାନମନ୍ତ୍ରୀଙ୍କ ବାସଭବନ ପାଖରେ ଥିଲା। ଯେଉଁ ସ୍ଥାନ ସବୁଠାରୁ ଉତ୍ତେଜନା ଏବଂ ହିଂସାର କେନ୍ଦ୍ରସ୍ଥଳ ପାଲଟିଥିଲା। ଯେଉଁଠି ନିଆଁ ହୁତୁହୁତୁ ହୋଇ ଜଳୁଥିଲା। ମାତ୍ର ସେମାନେ ଉକ୍ତ ହୋଟେଲରେ ସୁରକ୍ଷିତ ଅଛନ୍ତି। ୩ ଓଡ଼ିଆ ଭାରତ ଫେରିବାକୁ ଭାରତୀୟ ଦୂତାବାସ ସହ ସମ୍ପର୍କରେ ରହିଛନ୍ତି। ତେବେ ଆଜି କାଠମାଣ୍ଡୁ ବିମାନବନ୍ଦର ଖୋଲିବା ପରେ ସେମାନଙ୍କର ଭାରତ ଫେରିବା ଆଶା ବଢିଥିବା ଜଣାପଡ଼ିଛି।

## ଏକାଥରକେ...

ହଜାର ୭୦୨ ଜଣ ହିତାଧିକାରୀ ଗାଡ଼ି କିଣିଥିବାରୁ ଯୋଜନାରୁ ବାଦ୍ ପଡ଼ିଛନ୍ତି। ଏହାଛଡ଼ା ୨୧ ହଜାର ୩୫ ଜଣହିତାଧିକାରୀ ଆୟ କର ଦେଉଥିବାରୁ ସେମାନଙ୍କୁ ବାଦ୍ ଦିଆଯାଇଛି। ଆହୁରି ୧ ଲକ୍ଷ ୩୩ ହଜାର ୬୯୧ ଜଣ ଧାନ ବିକ୍ରି ପଞ୍ଜିକରଣ ଓ କୃଷକ ଭାବେ ପଞ୍ଜିକରଣ କରି ବାଦ ପଡ଼ିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ସହ ଆଲୋଚନା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମୃତ ହିତାଧିକାରୀଙ୍କ ତାଲିକା ଯାଞ୍ଚ ପାଇଁ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ କୁହାଯାଇଛି। ଧାନ ବିକ୍ରି ତଥ୍ୟ ଖାଦ୍ୟ ଓ ଯୋଗାଣ ବିଭାଗକୁ ମଗାଯାଇଥିଲା। ବାଦ୍ ହିତାଧିକାରୀଙ୍କୁ ଯୋଡ଼ିବା ନେଇ ବଡ଼ ନିଷ୍ପତ୍ତି ହୋଇପାରେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

## ପ୍ରତ୍ୟାଖାତ...

ଦାସ, ପ୍ରସନ୍ନ ପାଟ୍ଟନଶାଣୀଙ୍କ ଭଳି ହାଇ ଭୋଲଟେଜ୍ ନେତାଙ୍କ ନାମ ରହିଛି। ଡାକ୍ତର ଦାମୋଦର ରାଉତଙ୍କ ଭଳି ବରିଷ୍ଠ ନେତା ବିଜେଡି ଛାଡିବାପରେ ପୁର୍ନବାର ଦଳକୁ ଫେରିଛନ୍ତି। ତେବେ ଯେଉଁମାନେ ନବୀନଙ୍କ ଛାଡିଛନ୍ତି ବା ନବୀନ ସେମାନଙ୍କୁ ବିଦା କରିଛନ୍ତି ସେମାନଙ୍କର ରାଜନୈତିକ କ୍ୟାରିଅର ଏକ ପ୍ରକାର ଶେଷ ହୋଇଯାଇଛି।

ବିଜୁଙ୍କ ନାମରେ ଅତୀତରେ କିଛି ନେତା ବିଚାର ମଞ୍ଚ ବି ଗଠନ କରିଛନ୍ତି। ମଞ୍ଚ ଗଠନ ସମୟରେ ବିଭିନ୍ନ ଦଳର ନେତା ଏଥରେ ଯୋଗ ଦେବାପରେ ପୁଣି ନିଜ ନିଜ ସ୍ଥାନକୁ ବାହୁଡି ଯାଇଛନ୍ତି। ତେଣୁ ଏଥରୁ ଗୋଟିଏ କଥା ପ୍ରମାଣିତ ହୋଇଛି ଯେ ଓଡିଶା ରାଜନୀତିରେ ନବୀନଙ୍କୁ ବାଦ ଦେଇ ବିଜୁଙ୍କ ନାମରେ ସଂଗଠନ କରି ରାଜନୀତି କରିବା ସମ୍ଭବପର ନୁହେଁ।

ଏହାଛଡା ବିଜେଡି କ୍ଷମତାରୁ ଯିବାପରେ ବର୍ଷକ ମଧ୍ୟରେ ଦଳର କିଛି ବରିଷ୍ଠ ଓ କନିଷ୍ଠନେତା ମଧ୍ୟ ବିଭିନ୍ନ ସମୟରେ ରାଜ୍ୟ ଭିତରେ ଓ ବାହାରେ ଏକାଠି ହୋଇ ଗୁପ୍ତ ଆଲୋଚନା କରିଛନ୍ତି। ନୂଆ ଦଳ ଗଢିବା ପାଇଁ କଥା ବି ହୋଇଛନ୍ତି। ହେଲେ ନବୀନଙ୍କ ବିନା ବାସ୍ତବତା କ'ଣ ଜାଣିବାପରେ ବିଜେଡିରେ ରହିବାକୁ ଉଚିତ୍ ମଣିଛନ୍ତି। ଯେତେ ଯାହା ବୟାନବାଜି କଲେ ମଧ୍ୟ ନବୀନଙ୍କୁ ଛାଡି ଯାଇପାରୁନାହାନ୍ତି।

ଏଭଳି ସ୍ଥିତିରେ ପୁଣିଥରେ ଓଡିଶାରେ ନବୀନଙ୍କୁ ମାଇନସ କରି ଅଣକଂଗ୍ରେସ ଓ ଅଣବିଜେପି ରାଜନୀତି କରିବା ଆଦୌ ସମ୍ଭବପର ନୁହେଁ ବୋଲି ରାଜନୈତିକ ବିଶ୍ଳେଷକମାନେ ଖୋଲା ମତ ଦେଉଛନ୍ତି। ବିଚାର ମଞ୍ଚ ଭଳି ସ୍ୱାଭିମାନ ମଞ୍ଚ ତାହାର ଅସ୍ତିତ୍ୱ ହରାଇବ ଏବଂ ଚାଲାକ ରାଜନେତାମାନେ ନବୀନଙ୍କୁ ଛାଡି ଯିବା ପୂର୍ବରୁ ହଜାରେ ଥର ଚିନ୍ତା କରିବେ।

## ମୋହନଙ୍କ...

ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷମତା ଦିଆଯାଇଛି। ନିର୍ବାହୀ ଯନ୍ତ୍ରୀମାନେ ୨୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟି ଟଙ୍କାରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ୪ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ।

ମନରେଗା ଯୋଜନା ଅଧୀନରେ ବିକାଶମୂଳକ କାର୍ଯ୍ୟ ପାଇଁ, କନିଷ୍ଠ/ସହାୟକ ଯନ୍ତ୍ରୀ/ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକମାନେ ଏବେ ୫ ଟଙ୍କା ଲକ୍ଷ ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିପାରିବେ। ମାନରେଗାରେ ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷମତା ଦିଆଯାଇଛି। ନିର୍ବାହୀ ଯନ୍ତ୍ରୀ/ଅତିରିକ୍ତ ନିର୍ବାହୀ ଅଧିକାରୀ (ବୈଷୟିକ)ମାନେ ୨୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟି ଟଙ୍କାରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ୪ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରାଯିବ। ସେହିପରି ଏଣିକି ବିଭିନ୍ନ ସରକାରୀ ଓ ସେବା ନିଯୁକ୍ତି ପାଇଁ କେବଳ ଅନୁସୂଚିତ ଜାତି, ଜନଜାତି ଓ ଭିନ୍ନକ୍ଷମ ଆଶାୟୀଙ୍କ ବ୍ୟତୀତ ଅନ୍ୟ ସବୁ ବର୍ଗର ଶିକ୍ଷାର୍ଥୀ ପରୀକ୍ଷା ଫିସ ଦାଖଲ କରିବା ବାଧ୍ୟତାମୂଳକ। ପୂର୍ବରୁ ରାଜ୍ୟ ସରକାର ବିଭିନ୍ନ ସରକାରୀ ପଦବୀ ଏବଂ ସେବାରେ ନିଯୁକ୍ତି ପାଇଁ ଆବେଦନ ଏବଂ ପରୀକ୍ଷା ଫି ପ୍ରଦାନ ବନ୍ଦ ନିୟମାବଳୀ, ୨୦୨୨ ଲାଗୁ କରିଥିଲେ। ତଦନୁଯାୟୀ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କଠାରୁ କୌଣସି ପରୀକ୍ଷା ଫିସ୍ ଆଦାୟ କରାଯାଉନାହିଁ। ଫଳସ୍ୱରୂପ, ବିଭିନ୍ନ ପରୀକ୍ଷା ପାଇଁ ଅନେକ ସଂଖ୍ୟକ ଆବେଦନ ଗ୍ରହଣ କରାଯାଉଛି। କିନ୍ତୁ ପରୀକ୍ଷା ସମୟରେ ବହୁ ସଂଖ୍ୟାରେ ଆଶାୟୀ ପରୀକ୍ଷାର୍ଥୀ ଅନୁପସ୍ଥିତ ରହୁଛନ୍ତି। ଫଳରେ ପ୍ରଶାସନିକ ବୋଝ ବୃଦ୍ଧି ହେବା ସହିତ ପରୀକ୍ଷା ପରିଚାଳନା ଖର୍ଚ୍ଚ ଅଧିକ ହେଉଛି ଏବଂ ସର୍ବସାଧାରଣ ସମ୍ବଳର ଅପଚୟ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରକ୍ରିୟାର ଗୁଣବତ୍ତା ବୃଦ୍ଧି ତଥା ଅନାଗ୍ରହୀ ପ୍ରାର୍ଥୀମାନଙ୍କ ସଂଖ୍ୟା ହ୍ରାସ କରିବା ସହ ସରକାରୀ ନିଯୁକ୍ତି ପାଇଁ ପ୍ରକୃତ ଏବଂ ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନଙ୍କ ଆବେଦନକୁ ସୁନିଶ୍ଚିତ କରିବା ସକାଶେ ବର୍ତ୍ତମାନର ରାଜ୍ୟ ସରକାର ଏହି ବିଭିନ୍ନ ସରକାରୀ ପଦବୀ ଏବଂ ସେବାରେ ନିଯୁକ୍ତି ପାଇଁ ଆବେଦନ ଏବଂ ପରୀକ୍ଷା ଫି' ପ୍ରଦାନ ବନ୍ଦ ନିୟମାବଳୀ-୨୦୨୨କୁ ବାତିଲ୍ କରି ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଭିନ୍ନକ୍ଷମ ବର୍ଗ ବ୍ୟତୀତ ଅନ୍ୟ ସମସ୍ତ ଆବେଦନକାରୀଙ୍କଠାରୁ ନିଯୁକ୍ତି ସଂସ୍ଥାଗୁଡିକ ଦ୍ୱାରା ସ୍ଥିରୀକୃତ ପରୀକ୍ଷା ଫି' ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଆବେଦନ ସମୟରେ ସଂଗୃହୀତ ପରୀକ୍ଷା ଫି' ନିଯୁକ୍ତି ପ୍ରକ୍ରିୟାରେ ଯୋଗ ଦେଉଥିବା ପ୍ରାର୍ଥୀମାନଙ୍କୁ ନିଯୁକ୍ତ ସଂସ୍ଥାଗୁଡିକ ମାଧ୍ୟମରେ ସମ୍ପୂର୍ଣ୍ଣ ଫେରସ୍ତ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି।

ଏହାଛଡ଼ା ମୋଟର ଯାନ ଅଧିନିୟମ ଉଲ୍ଲଂଘନ ପାଇଁ ଜାରି ହେଉଥିବା ଚାଲାଣ ସଂଖ୍ୟା ଆଶାନୁରୂପ ଭାବେ ହ୍ରାସ ପାଉନାହିଁ। ଏହା ନିୟମ ପାଳନ ତଥା ରାସ୍ତା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଚାଲୁଥିବା କାର୍ଯ୍ୟକ୍ରମଗୁଡ଼ିକ ପାଇଁ ଏକ ଆହ୍ୱାନ ହୋଇଛି। ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ ମାଧ୍ୟମରେ ସ୍ୱୟଂଚାଳିତ ଭାବେ ଚାଲାଣ ଜାରି କରାଯାଉଛି। ତଥାପି, ଲକ୍ଷ୍ୟ କରାଯାଉଛି ଯେ ବିଭିନ୍ନ ସ୍ତରରେ ବହୁ ସଂଖ୍ୟକ ବକେୟା ଚାଲାଣ ଅସମାଧାନ ହୋଇ ପଡିରହିଛି। ତେଣୁ, ୩୧ ଜୁଲାଇ ୨୦୨୫ ସୁଦ୍ଧା କେତେକ ବକେୟା ଥିବା ନିର୍ଦ୍ଦିଷ୍ଟ ଇ-ଚାଲାଣ ପାଇଁ, ଓଡ଼ିଶା ସରକାର ମୋଟର ଯାନ ଅଧିନିୟମ ଅନୁଯାୟୀ ଏକକାଳୀନ ସମାଧାନ (ଓଟିଏସ) ଯୋଜନା ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଉଲଂଘନକାରୀମାନଙ୍କୁ ହ୍ରାସ ପରିମାଣର ଜରିମାନା ରାଶି ପୈଠ କରି ସେମାନଙ୍କ ଚାଲାଣଗୁଡିକର ଫଇସଲା କରିବା ପାଇଁ ସୁଯୋଗ ପ୍ରଦାନ କରିବ। ଚଳିତ ଆର୍ଥିକ ବର୍ଷ ୪୨୮ଟି ନୂଆ ଆମ୍ବୁଲାନ୍ସ କିଣିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏଥିପାଇଁ ରାଜ୍ୟ ବଜେଟରୁ ୧୧୮ କୋଟି ଓ ଏମସିଏଲ ୯୨ ଲକ୍ଷ ଟଙ୍କା ପ୍ରଦାନ କରିବ ବୋଲି କ୍ୟାବିନେଟ ନିଷ୍ପତ୍ତି ନେଇଛି। ସେହିଭଳି ଭୁବନେଶ୍ୱରର ଉନ୍ନତି ପାଇଁ ନୂଆ ସହର ଉନ୍ନୟନ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ଯୋଜନାରେ ଗୋଠପାଟଣା, ମଳିପଡା ଓ ଦାଶପୁରର ୮୦୦ ଏକର ଜମିକୁ ନେଇ ନୂଆ ସହରର ପାରିକଳ୍ପନା କରାଯାଇଛି। ନୂଆ ସହର ପାଇଁ ଆଗାମୀ ୧୫ ବର୍ଷରେ ୮,୧୭୯ କୋଟି ଟଙ୍କା ଖର୍ଚ୍ଚ ହେବ।

## ବବି...

ପୁଞ୍ଜି ଆସିବ। ଆମେ ୧୫ ମାସରେ କ'ଣ କରିଛୁ, ତା' ଲୋକେ ଜାଣିଛନ୍ତି। ଆମେ ହିସାବ ଦେଇପାରିବୁ, କିନ୍ତୁ ଗତ ସରକାରରେ ଯିଏ ଥିଲେଏ ସେମାନେ ଦେଇପାରିବେନି। ୭୮ ବର୍ଷରେ ଯାହା ହୋଇନି, ତାହା ୫ ବର୍ଷରେ ହେବ। ଧର୍ମଶାଳା ଲୋକେ ଅସମ୍ଭବ ଭାବୁଥିଲେ। ସରକାର ଗଠନରେ ଅନ୍ୟତମ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଯାଜପୁରକୁ ମୁଁ ଧନ୍ୟବାଦ ଜଣାଉଛି। ସଭାରେ ୩୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା।

# ଶ୍ରମିକଙ୍କ ଆଇନଗତ ଅଧିକାର ପାଇଁ ଗଣଧାରଣା

**ବ୍ରହ୍ମପୁର,୯।୯(ସଂଚାର ବ୍ୟୁରୋ):** ଟ୍ରେଡ ୟୁନିଅନ ସେଣ୍ଟର ଅଫ ଇଣ୍ଡିଆ ଗଞ୍ଜାମ ଜିଲ୍ଲା କମିଟି ନେତୃତ୍ୱରେ ଯୁଗ୍ମ ଶ୍ରମ ଆୟୁକ୍ତ ବ୍ରହ୍ମପୁରଙ୍କ, କାର୍ଯ୍ୟାଳୟ ସମ୍ମୁଖରେ ଆଜି ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଠିକା କର୍ମଚାରୀ ଓ ନିର୍ମାଣ କ୍ଷେତ୍ରର ଶ୍ରମିକଙ୍କୁ ସମାନ ମଜୁରୀ ଆଇନ ଅନୁଯାୟୀ ମହିଳାଙ୍କୁ ମଜୁରୀ, ଘୋଷିତ ସାମାଜିକ ନିରାପତ୍ତା, ଆବେଦନର ୩୦ଦିନ ମଧ୍ୟରେ ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକରଣ ଓ ସହାୟତା, ୧ ରୁ ଅଧିକ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ପ୍ରଦାନ ପାଇଁ ଠୋସ ପଦକ୍ଷେପ, ପୂର୍ବରୁ ଶ୍ରମ ଜିଲ୍ଲାରେ କାମ କରୁଥିବା ଶ୍ରମିକଙ୍କ ବର୍ତ୍ତମାନ ଶ୍ରମ ଜିଲ୍ଲାକୁ ପୋର୍ଟିଂ ସହ ସମସ୍ତ ସହାୟତା ବ୍ୟବସ୍ଥା, ଶ୍ରମିକଙ୍କୁ ଖର୍ଚ୍ଚାନ୍ତ କରାଉଥିବା ଫିଜିକାଲ ଭେରିଫିକେସନ ବନ୍ଦ କରି ଅନଲାଇନ ବ୍ୟବସ୍ଥାକୁ ସମୟପୋଯୋଗୀ କରିବା, ପ୍ରବାସୀ ଶ୍ରମିକଙ୍କ ପଞ୍ଜିକରଣ ଓ ଆଇନଗତ ସୁରକ୍ଷା, ଶ୍ରମ ଆଇନର ଉଲଙ୍ଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ, ଶ୍ରମିକ ବିରୋଧି ଠିକା ଶ୍ରମ ପ୍ରଥା ରଦ୍ଦ କରିବା ଏବଂ ୪ ଟି ଶ୍ରମ ସଂହିତାର ପ୍ରତ୍ୟାହାର ଆଦି ଦାବୀରେ ଶହ ଶହ ଶ୍ରମିକ ଉପସ୍ଥିତ ରହି କ୍ଷୋଭ ପ୍ରକାଶ କରିଥିଲେ। ଗଣଧାରଣା ସ୍ଥଳରୁ ମୁଖ୍ୟମନ୍ତ୍ରୀ ଏବଂ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଗଣଧାରଣାରେ ଟିୟୁସିଆଇର ରାଜ୍ୟ ସଭାପତି ବିଚିତ୍ର ପାତ୍ର, ସଂଗଠନ ସଂପାଦକ ନଳିନିକାନ୍ତ ତ୍ରୀପାଠୀ, ଓଡିଶା ମନରେଗା ଶ୍ରମିକ ୟୁନିଅନର ନେତ୍ରୀ ପି. ପାର୍ବତୀ, ଓଡିଶା ନିର୍ମାଣ ଶ୍ରମିକ ୟୁନିଅନର ଜିଲ୍ଲା ସଂପାଦକ ରାମଚନ୍ଦ୍ର ବାଡତ୍ୟା, ସି.ପି.ଆଇ(ଏମ୍ ଏଲ୍) ରେଡଷ୍ଟାର ଜିଲ୍ଲା ସଂପାଦକ ଶଙ୍କର ଇନକିଲାବ, ଆଇନଜୀବି ମଧୁସୂଦନ ସେଠୀ, ଆଦିବାସୀ ଭାରତ ମହାସଭା ନେତା ଟୁନା ମଲ୍ଲିକ, ନୀଳାଞ୍ଚଳ ଜାନି, ଶ୍ରୀନିବାସ ରାଓ, ସଂଗ୍ରାମୀ ଶ୍ରମିକ ୟୁନିଅନ ର ପି ଯୋଗେନ୍ଦ୍ର ଆଦି ସରକାରୀ ଓ ଘରୋଇ କ୍ଷେତ୍ରରେ କାମ କରୁଥିବା ଠିକା କର୍ମଚାରୀ ଏବଂ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶିଳ୍ପ ଶ୍ରମିକ, କୃଷି ଶ୍ରମିକ, ମନରେଗା ଶ୍ରମିକ, ଦୋକାନ ବଜାରରେ କାମ କରୁଥବା ଶ୍ରମିକ, ଗିଗ ଶ୍ରମିକ, ଘରୋଇ ସହାୟକ ଶ୍ରମିକ ଏବଂ ନିର୍ମାଣ କ୍ଷେତ୍ରର ମହିଳା ଶ୍ରମିକଙ୍କ ନିମନ୍ତେ ସର୍ବନିମ୍ନ ମଜୁରୀ ଓ ସମାନ କାମକୁ ସମାନ ମଜୁରୀ ନମିଳିବା ନେଇ କ୍ଷୋଭ ପ୍ରକାଶ କରିଥିଲେ।




# ରାସ୍ତା ପାଲଟିଛି ମୃତ୍ୟୁର ଯନ୍ତା

**କାକଟପୁର /ଅସ୍ତରଙ୍ଗ,୧୦।୯(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ନୟାହାଟ ରୁ ଶିଖରଘାଟ ରାସ୍ତା ପାଲଟିଛି ମୃତ୍ୟୁର ପଥ। ପାଦେ ପାଦେ ବିପଦ। ରାସ୍ତାରେ ସୃଷ୍ଟି ହୋଇଛି ବଡ଼ ବଡ଼ ଗର୍ତ୍ତ। ଟିକିଏ ଅସାବଧାନତା ହେଲେ ଦୁର୍ଘଟଣା ସୁନିଶ୍ଚିତ। ଗର୍ତ୍ତରେ ଜମା ହୋଇଛି ଆଣ୍ଠୁଏ ଉଚ୍ଚର ପାଣି। ଏ ଘଟଣା ହେଉଛି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଙ୍କ ନିଜ୍ଵଶ ଘରକୁ ସଂଯୋଗ କରୁଥିବା ତଥା ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ନୟାହାଟ ରୁ ଶିଖରଘାଟ ସଂଯୋଗ କରୁଥିବା ଏହି ରାସ୍ତାର ଅବସ୍ଥା। ଏହି ରାସ୍ତାଟି ପୁରୀ, ଜଗତସିଂହପୁର ଓ କଟକ ଜିଲ୍ଲାକୁ ସଂଯୋଗ କରୁଥିବା ଲାଇଫି ଲାଇନି। ଲଗାଣ ବର୍ଷା ଯୋଗୁଁ ରାସ୍ତାରେ ପାଣି ଜମୁଥିବା ବେଳେ ରାସ୍ତାରେ ହୋଇଛି ଗର୍ତ୍ତ। ସହର୍ଷାଧିକ ଗର୍ତ୍ତରେ ବିପଦପୂର୍ଣ୍ଣ ଭାବରେ ଯାତାୟତ କରୁଛନ୍ତି ଲୋକେ। କାକଟପୁର ନିର୍ବାଚନ ମଣ୍ଡଳୀ ନୟାହାଟ ରୁ ଧୂମାଳ, ନରସିଂହପୁର, ବେତଣ୍ଡା ଦେଇ ଶିଖରଘାଟ ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ। ଲୋକେ ଜୀବନ କୁ ବାଜି ଲଗାଇ ଦୁଇ ଚକିଆ ଯାନରେ ଯାତାୟତ କଷ୍ଟ। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ହଜାର ହଜାର ଗାଡି ଯାତାୟତ କରୁଥିବା ବେଳେ ମୁଖ୍ୟତଃ କାକଟପୁର ବାସିନୀ ମା ମଙ୍ଗଳା ଙ୍କ ପୀଠ ରୁ ଜଗତସିଂହପୁର ସାରଳା ପୀଠ କୁ ଏହି ରାସ୍ତା ସଂଯୋଗ କରୁଛି। ରାସ୍ତାର ଏଭଳି ଦୟନୀୟ ଅବସ୍ଥା ଲୋକ ଙ୍କ ଚିନ୍ତାର କାରଣ ପାଲଟିଛି। ଏ ନେଇ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ପ୍ରଫୁଲ୍ଲ କୁମାର ସାହୁ, ମାନସ ପରିଡା, ଅଶୋକ ସାହୁ କହିବା କଥା ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯାତାୟତ କରୁଥିବା ବେଳେ ଅନେକ ଲୋକ ଦୁର୍ଘଟଣା ଶିକାର ହେଉଛନ୍ତି। ଅନ୍ୟ ପଟେ ରାସ୍ତା ଦୟନୀୟ ଅବସ୍ଥାରେ ମୁହଁ ଖୋଲିନଥିଲେ ପୂର୍ତ୍ତ ବିଭାଗ ଅଧିକାରୀ। ପୁରୀ ଜିଲ୍ଲା ରୁ ଜଗତସିଂହପୁର ଜିଲ୍ଲା ସଂଯୋଗ କରୁଥିବା ଏହି ଲାଇଫି ଲାଇନି ରାସ୍ତାକୁ ଯୁଦ୍ଧ କାଳୀନ ଭିତ୍ତରେ ମରାମତି କରିବା ଆବଶ୍ୟକ ରହିଛି।



# ଅପହରଣ ଓ ଦୁଷ୍କର୍ମ ପରେ କୋଠରୀରେ ବନ୍ଦୀ, ଅଭିଯୁକ୍ତ ଗିରଫ

**ରାଇଘର,୯।୯(ସଂଚାର ବ୍ୟୁରୋ):** କୁନ୍ଦେଇ ଥାନା ଅଧୀନରେ ଥିବା ଝଟିଆରପାରା ଗ୍ରାମର ଡ଼ାକେଶ ସାହୁ ସେହି ଗ୍ରାମର କରୁଣା ସାହୁ ନାମକ ଯୁବତୀଙ୍କୁ ଗତ ୯/୭/୨୦୨୫ତାରିଖି ଦିନ କରୁଣା ରାଇଘର ଡିଗ୍ରୀ କଲେଜ ପଢିବାକୁ ଯିବା ସମୟରେ ଏକ ବାଇକ ଯୋଗେ ଅପହରଣ କରି ନେଇଯାଇଥିଲା।ଏହି ଘଟଣାରେ ପରିବାର ଲୋକେ କୁନ୍ଦେଇ ଥାନାରେ ଅଭିଯୋଗ କରି ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା।ଏହାପରେ ଗତ ମାସ ୨୬ତାରିଖି ଦିନ କରୁଣା ସେହିଗ୍ରାମର ଡ଼ାକେଶ ଘରେ ଥିବା ଏବଂ ତାର ଦେହ ଖରାପ ଥିବା ଜାଣି ଯାଇ କରୁଣାକୁ ଉଦ୍ଧାର କରିଥିଲେ।ଉକ୍ତ ଘଟଣାକୁ ନେଇ କୁନ୍ଦେଇ ଥାନାରେ କରୁଣା ନିଜେ ଏକ ଏତଲା ଦେଇଥିଲା ଯେ ୨୦୨୨ମସିହାରୁ ଅଭିଯୁକ୍ତ ଡ଼ାକେଶ ତା ସହ ସମ୍ପର୍କ ରଖିବା ସହ ଜୁଲାଇ ମାସରେ ଅପହରଣ କରିନେଇ ନିଜ ଘରେ ଏକ ବନ୍ଦ କୋଠରୀରେ ରଖି ଶାରୀରିକ ସମ୍ପର୍କ ରଖୁଥିଲା। ଏତଲା କୁ ଆଧାର କରି କୁନ୍ଦେଇ ପୋଲିସ ଅଭିଯୁକ୍ତ ଡ଼ାକେଶ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଗତ ଜୁଲାଇ ମାସ ୯ତାରିଖି ଦିନ ଝଟିଆର ପାରା ଗ୍ରାମର ଦୁଇଜଣ ଯୁବତୀ ରାଇଘର ଡିଗ୍ରୀ କଲେଜ ଆସିବା ସମୟରେ ଅପହରଣ ହୋଇଥିଲେ।ନମିତା ଶର୍ମା ଙ୍କୁ ସିହାଓ୍ଵା ଗ୍ରାମର ଡିକେଶ ଦିଓ୍ଵାନ ଅପହରଣ କରିଥିଲେ ଯାହାକୁ ପୋଲିସ କୋର୍ଟ ଚାଲାଣ କରି ସାରିଛି ଏବଂ ଆଜି ଡ଼ାକେଶ ସାହୁ କୁ କୋର୍ଟ ଚାଲାଣ କରିଥିବା କୁନ୍ଦେଇ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା ପ୍ରକାଶ କରିଛନ୍ତି।



● **ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର**

# ମନରେଗା, ସାମଗ୍ରିକ ଶିକ୍ଷା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା

**ବୈଠକରେ ଅନୁପସ୍ଥିତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ**

**ଛତ୍ରପୁର,୯।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକରେ ବ୍ଲକ୍ ସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣୀ ଶିବିର ଆୟୋଜିତ ହୋଇଯାଇଅଛି।ବ୍ଲକ୍ ଅଧକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ମନରେଗା, ସାମଗ୍ରିକ ଶିକ୍ଷା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-ର କାର୍ଯ୍ୟକାରିତା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।ଏହି ସମୀକ୍ଷା ବୈଠକରେ ଗ୍ରାମାଞ୍ଚଳ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ ବେହେରା, ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ରନାଥ ମଲାଣ, ଗୋଷ୍ଠି ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଯାନୀ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଭବାନୀ ଶଙ୍କର ପ୍ରଧାନ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିଗାମ୍ବର ନାୟକ ସହିତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।ବୈଠକରେ ବିଭିନ୍ନ ପ୍ରକଳ୍ପ, ବିକାଶ ଯୋଜନା ଓ ସାମାଜିକ ସୁବିଧା ସମ୍ବନ୍ଧୀୟ ବିସ୍ତାର ଆଲୋଚନା କରାଯାଇ, ସମସ୍ତଙ୍କ ସମିଳିତ ପ୍ରୟାସରେ ବ୍ଲକ୍‌ର ସମଗ୍ର ଉନ୍ନୟନକୁ ଅଗ୍ରସର କରିବାକୁ ଆହ୍ୱାନ ଦିଆଯାଇଥିଲା। ବିଭିନ୍ନ ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟମାନେ ମଧ ବୈଠକରେ ସହଭାଗୀ ହୋଇଥିଲେ।ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲାପରିଷଦ ପାର୍ଥୀମାନେ ସରକାରୀ ଯୋଜନାର ସଫଳତା, ତ୍ରୁଟି ଓ ଲୋକଙ୍କ ଅସୁବିଧା ଉପରେ ମତ ପ୍ରକାଶ କରିଥିଲେ।ଗ୍ରାମାଞ୍ଚଳ ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ ବେହେରା ସମୀକ୍ଷା ବୈଠକରେ ଯୋଗ ନଦେଇଥିବା ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିବା ସହ କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରି, ସମସ୍ତଙ୍କୁ ସାତ ଦିନ ମଧରେ ଆବଶ୍ୟକୀୟ କାଗଜପତ୍ର ଓ ବିଲ ଦାଖଲ କରିବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି।



## ରୋଷେଇ ନ ହୋଇ ପୋର୍ଟାଲରେ ତଥ୍ୟ ପ୍ରଦାନ ପ୍ରସଙ୍ଗ

# ୧୨ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ନାଉଗାଁ,୯।୯(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଶିଖର ପଞ୍ଚାୟତର ନଳାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନଭୋଜନ ରୋଷେଇ ନ ହୋଇ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲରେ ତଥ୍ୟ ପ୍ରଦାନ କରିବାକୁ ନେଇ ୧୦ ଦିନ ବିତି ଥିଲେ ମଧ ଏପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗହ୍ରଣ ହୋଇ ନ ଥିବା ଜଣାଯାଇଛି। ଯାହାକୁ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ସାଧାରଣରେ ଚର୍ଚ୍ଚା ବିଷୟ ପାଲଟିଛି।ଅନ୍ୟପଟରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷକ ସିତାକାନ୍ତ ଆଚାର୍ଯ୍ୟ ଓ ନାଉଗାଁ ସିଆରସିସି ଅକ୍ଷୟ ରାଉତ ବିଦ୍ୟାଳୟକୁ ଯାଇ ଅଭିଯୋଗ ଉପରେ ତଦନ୍ତ କରି ଫେରିଥିବା ଜଣାଯାଇଛି। ସୂଚନା ଅନୁସାରେ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୦ଜଣ ପିଲା ପାଠ ପଢୁଛନ୍ତି। ଅଗଷ୍ଟ ୩୦ ତାରିଖ ଶନିବାର ବିଦ୍ୟାଳୟରେ ଦିନ ୧୧ଟା ହୋଇଥିଲେ ମଧ ବିଦ୍ୟାଳୟରେ ମାତ୍ର ୩ ଜଣ ପିଲା ଉପସ୍ଥିତ ଥିଲେ ସେଥିରୁ ୨ଜଣ ଶିଶୁ ବାଟିକା ପିଲା ବୋଲି ଜଣାପଡ଼ିଚି। ପିଲା ଶ୍ରେଣୀ ଗୃହରେ ବସିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ବେହେରା ବିଦ୍ୟାଳୟର ଚୌକି ଉପରେ ବସି ଶୋଇ ରହିଥିବାର ଦେଖିବାକୁ ମିଳିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ଅନ୍ୟ ସହକାରି ଶିକ୍ଷକ ଶ୍ରେଣୀ ଗୃହରେ ପିଲା ଉପସ୍ଥିତ ନଥାଇ ୧୮ ଜଣଙ୍କର ଉପସ୍ଥାନ କିପରି ଦିଆଯାଇଥିଲା। ହେଲେ ଉପସ୍ଥାନ ଖାତାରେ ୮ ଜଣ ପିଲାଙ୍କର ନାମ ଲେଖା ହୋଇଥିବା ବେଳେ କୌଣସି ପିଲାଙ୍କର ଉପସ୍ଥାନ ନିଆଯାଇ ନଥିଲା।




## ହିଞ୍ଜିଳିରେ ଗୋରୁଧରା ଅଭିଯାନ ଆରମ୍ଭ

# ଏଣିକି ରାସ୍ତାରେ ଗାଈ ବୁଲିଲେ ନେଇଯିବ ମ୍ୟୁନିସିପାଲିଟି



ସଂଚାର ପ୍ରଭାବ

**ପୌରପରିଷଦର ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଗଠିତ**

**ହିଂଜିଳିକାଟୁ,୯।୯(ସଂଚାର ବ୍ୟୁରୋ):** ଏଣିକି ରାସ୍ତାରେ ଗୃହପାଳିତ ଗାଈ ବୁଲିଲେ ନେଇଯିବ ମୁନିସିପାଲିଟି। ଆଉ ମାଲିକଙ୍କୁ ଲାଗିବ ମୋଟା ଅଙ୍କର ଫାଇନ୍। କିଛି ଦିନ ହେବ ହିଞ୍ଜିଳି ସହରରେ ଗାଈ ଓ ଗୋରୁଙ୍କ ରାଜପଥରେ ଆଡ଼ାସ୍ଥଳୀ ବନିଯାଇଥିଲା। ସହର ସାରା ନିର୍ଦ୍ଵନ୍ଦରେ ବୁଲୁଥିଲେ ଗାଈ ଗୋରୁ ମାନେ। ଯାହା ଫଳରେ ଯାନବାହନ ଚଳାଚଳ ଆଉ ସହଜ ହୋଇପାରୁନଥିଲା। ଏନେଇ ଚଳିତ ମାସର ୭ ତାରିଖରେ ଦୈନିକ ସଂଚାର ଖବର କାଗଜରେ ଏ ସଂକ୍ରାନ୍ତୀୟ ଖବର ପ୍ରକାଶିତ ହୋଇଥିଲା। ପୌର ପ୍ରଶାସନ ଘଟଣାକୁ ଗୁରୁତ୍ୱର ସହ ନେଇ ଆକ୍ସନମୁଡରେ ଏହି ଗୋରୁଧରା ଅଭିଯାନ ପୁଣି ଆରମ୍ଭ କରିଛି। ମଙ୍ଗଳବାର ରାତିରେ ସହରର ରାଜପଥରେ ଶୋଇରହିଥିବା ଓ ବୁଲୁଥିବା ଗାଈ ଓ ଗୋରୁ ମାନଙ୍କୁ କାଞ୍ଜିଆହୁଦା ନିଆଯାଇଛି। ପାର୍ବଣ ଋତୁ ଆସୁଥିବାରୁ ଲୋକଙ୍କ ଗହଳି ଦୃଷ୍ଟିରୁ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ କାମ କରିବ ଏବଂ ରାଜପଥରେ ଶୋଇରହୁଥିବା ଗାଈଗୁଡ଼ିକୁ କାଞ୍ଜିଆହୁଦା ନିଆଯାଇ ଗାଈକୁ ମୁକୁଳାଇବାକୁ ଆସିଥିବା ମାଲିକଙ୍କ ଠାରୁ ଜୋରିମାନା ଆଦାୟ କରାଯିବ। ତେଣୁ ଗୋପାଳକମାନେ ସତର୍କ ରୁହନ୍ତୁ ନଚେତ ଆଗାମୀ ଦିନରେ ଏହିଭଳି ଗୋରୁଧରା ଅଭିଯାନ ଜାରି ରହିବ ବୋଲି ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ସୂଚନା ଦେଇଛନ୍ତି। ଏହି ପ୍ରୟାସ ଆରମ୍ଭ ହୋଇଥିବାରୁ ଟ୍ରାଫିକ ସମସ୍ୟା ଦୂର ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିବା ବେଳେ ସହରବାସୀ ଏହି କାର୍ଯ୍ୟକୁ ସ୍ୱାଗତ କରିଛନ୍ତି। ତେବେ ଆନ୍ତରିକତାର ସହ ଏ ନେଇ କାର୍ଯ୍ୟ ନ କଲେ କଟକଣା ବାଟବଣା ହୋଇଯିବ। କାରଣ ବିଭିନ୍ନ ସମୟରେ ଏହାକୁ ଲାଗୁ କରାଯାଇଛି କିନ୍ତୁ ଚାପରେ ଚେପା ହୋଇ ପୁଣି ନିୟମ ବାଟବଣା ହୋଇଯାଇଛି ବୋଲି କିଛି ବୁଦ୍ଧିଜୀବୀ କହିଛନ୍ତି।

# ଜନବସତି ମୁହାଁ ସମୁଦ୍ର: ଲୋକେ ଭୟଭୀତ



**ପାରାଦ୍ୱୀପ,୯।୯(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଶିଆଳି ବେଳାଭୂମି ପାଖରେ ୭୦୦ ମିଟର ମାଡି ଆସିଲା ସମୁଦ୍ର। ଆଜି ସମୁଦ୍ର ରୂପ ଏତେ ଭୟଙ୍କର ଥିଲାଯେ, ସିଧା ଜନବସତି ମୁହାଁ ହୋଇଛି ଏହି ସମୁଦ୍ର। କୂଳ ଲଙ୍ଘନ କରି ଆସି ବେଳାଭୂମି ଦେଇ ଅନେକ ଗ୍ରାମରେ ଏହି ସମୁଦ୍ର ପାଣି ପଶିବାରୁ ଲୋକେ ଭୟଭୀତ। ୪ ଟି ପଞ୍ଚାୟତ ଯଥା ପଦ୍ମପୁର, ରାମତରା, ସାହାଡ଼ାବେଦୀ, ଶିଆଳି ଆଦି ଅଞ୍ଚଳର ଲୋକ ଭୟଭୀତ ଅଛନ୍ତି। ସମୁଦ୍ର କୂଳ ଝାଉଁ ଜଙ୍ଗଲ ଡେଇଁ ଜନବସତି ଆଡ଼କୁ ମାଡି ଆସିଛି ପାଣି। ଯାହାକୁ ନେଇ ସ୍ଥାନୀୟ ଲୋକେ ଆଜି ଭୟଭୀତ ଅବସ୍ଥାରେ ଅଛନ୍ତି। ଜଗତସିଂହପୁର ଜିଲ୍ଲାରେ ପ୍ରତି ବର୍ଷ ଅନେକ ସମୟରେ ଏହି ସ୍ଥାନରେ ସମୁଦ୍ର ତାର କଳାର ରୂପ ଦେଖାଉ ଥିବା ବେଳେ ପ୍ରଶାସନ ସେମିତି କିଛି ଆଖିଦୃଷ୍ଟିଆ ପଦକ୍ଷେପ୍ପ ଗ୍ରହଣ କରିନାହିଁ। ସ୍ଥାନୀୟ ଲୋକେ ସମୁଦ୍ରର ଏହି କରାଳ ରୂପରେ ଅତିଷ୍ଠ ହୋଇ ପଡ଼ିଥିବା ବେଳେ ଆଗକୁ ଯେ କଣ ନହେବ ତାହା କିଏ କହିବ। ଦୀର୍ଘ ପାଞ୍ଚ ବର୍ଷ ମଧ୍ୟରେ ଶିଆଳି ବେଳାଭୂମି ଅଞ୍ଚଳରେ ସମୁଦ୍ର ଅନେକ ସମୟରେ ମାଡି ଆସୁଥିବା ବେଳେ ଅନେକ କ୍ଷତି ଘଟିଛି।

## ଆଇସିଏମ୍ଆର୍ ସହଯୋଗରେ ଆଇଡିଏସ୍ ପକ୍ଷରୁ

# 'ଅନନ୍ତ ମୁସ୍କାନ' ପ୍ରକଳ୍ପ ସମ୍ପର୍କିତ କର୍ମଶାଳା ଆୟୋଜିତ

**ଭୁବନେଶ୍ୱର,୯।୯(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍ସେସ୍ (ଆଇଡିଏସ୍) ପକ୍ଷରୁ ଇଣ୍ଡିଆନ୍ କାଉନ୍ସିଲ୍ ଫର୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର) ସହଭାଗିତାରେ ଭାରତରେ ପ୍ରାଥମିକ ସ୍କୁଲ ଛାତ୍ରଛାତ୍ରୀଙ୍କର ମୁଖ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ 'ଅନନ୍ତ ମୁସ୍କାନ' ଗବେଷଣା ପ୍ରକଳ୍ପକୁ ନେଇ ଏଠାରେ ମଙ୍ଗଳବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଆଇସିଏମ୍ଆର୍ ପ୍ରସ୍ତୁତ ଏହି ପ୍ରକଳ୍ପରେ ଖୁବ୍ କମ୍ ବୟସରୁ ଶିଶୁମାନଙ୍କ କ୍ଷେତ୍ରରେ ମୁଖ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି କର୍ମଶାଳାରେ ବିଭିନ୍ନ ପ୍ରତିଷ୍ଠିତ ଏବଂ ସରକାରୀସ୍ତରୀୟ ବ୍ୟକ୍ତି ଉପସ୍ଥିତ ରହିଥିବା ବେଳେ ଓଡ଼ିଶାରେ ସ୍କୁଲ ପିଲାଙ୍କ ମୁହଁରେ ହସ ଫୁଟାଇବା ଲକ୍ଷ୍ୟରେ 'ଅନନ୍ତ' ଏବଂ 'ମୁସ୍କାନ୍' ମାସ୍କଟର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଏଲିମେଣ୍ଟାରୀ ଏଜୁକେସନ୍ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବିଶ୍ୱନାଥ ତରାଇ, ଖୋର୍ଦ୍ଧାର ଚିଫ୍ ଡିଷ୍ଟ୍ରିକ୍ଟ ମେଡିକାଲ୍ ଅଫିସର ଡକ୍ଟର ସଞ୍ଜୟ ଚନ୍ଦ୍ର ରାୟ, ଜନସ୍ୱାସ୍ଥ୍ୟ ବିଭାଗର ସହ-ନିର୍ଦ୍ଦେଶକ ଡକ୍ଟର ରଞ୍ଜନ ମିତ୍ର, ଜନସ୍ୱାସ୍ଥ୍ୟ (ଲେପ୍ରସି) ବିଭାଗର ସହ-ନିର୍ଦ୍ଦେଶକ ଡକ୍ଟର ଇନ୍ଦିରା ରଥ ଏବଂ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍‌ବିଏସ୍‌କେ) ର ମ୍ୟାନେଜର, କନ୍‌ସଲ୍‌ଟାଂଟ, ନନ୍-କମ୍ୟୁନିକେବୁଲ ଡିଜିଜେସ୍ ଏବଂ ଡିଷ୍ଟ୍ରିକ୍ଟ ଏପିଡେମିଓଲୋଜିଷ୍ଟ ଡକ୍ଟର ଗିରିଜା ଶଙ୍କର ଉପସ୍ଥିତ ଥିଲେ।



# ପୂରଣପଧାନ ପଞ୍ଚାୟତରେ ଆମ ଗାଁ ନିଶାମୁକ୍ତି ଅଭିଯାନ

**ବାଲିଅନ୍ତା,୧୦।୯ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ପୂରଣ ପଧାନ ପଞ୍ଚାୟତ ଅଧୀନ ନଈକୂଳ ସାହି ମା' ଖଡ଼ୁଆଣୀଙ୍କ ପୀଠରେ ଆଜି ଗ୍ରାମ କମିଟି ପକ୍ଷରୁ ନିଶା ନିବାରଣ ନେଇ ଏକ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। ପଞ୍ଚାୟତର ବିଭିନ୍ନ ଗ୍ରାମ କମିଟି ସହାୟତାରେ ନିଶା ନିବାରଣ ଅଭିଯାନ ଚାଲିବ ବୋଲି ଜଣାଯାଇଛି। ଛକ ବଜାର, ଗାଁ ଗଳି କନ୍ଦି କୌଣସି ସ୍ଥାନରେ ନିଶା କାରବାର କରାଯାଇପାରିବ ନାହିଁ ଗ୍ରାମ କମିଟି ନିଷ୍ପତ୍ତି ନେଇଛି। ବିଭିନ୍ନ ଗ୍ରାମ ଓ ପଡ଼ାରେ ଥିବା ମହିଳାମାନେ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ମହିଳାମାନେ ଓ ଗ୍ରାମ କମିଟି କାର୍ଯ୍ୟକର୍ତ୍ତାମାନେ ଘରକୁ ଘର ବୁଲି ନିଶା ନିବାରଣ ନେଇ ଲୋକଙ୍କୁ ସଚେତନ କରାଇବେ। ଏହା ସହିତ ଚୋରା ମଦ, ଭାଙ୍ଗ ଓ ଗଞ୍ଜେଇ କାରବାର ବନ୍ଦ ନେଇ ଚୋରା ବେପାରୀଙ୍କୁ ତାଗିଦ କରିବେ ବୋଲି ସୂଚନା ମିଳିଛି। ଏନେଇ ଆଜି ଅନୁଷ୍ଠିତ ବୈଠକରେ ପୂରଣ ପଧାନ ସମିତି ସଭ୍ୟ ମମତା ମାହାରି, ବୁଦ୍ଧିପଡ଼ା ଗ୍ରାମ କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ବାଲକାଟି, ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, କୋଷାଧକ୍ଷ ବାମଦେବ ନାୟକ, ସଂପାଦକ ପ୍ରତାପ କୁମାର ବେହେରା, ସନ୍ତୋଷ ମାହାରି ଏବଂ ଯୁବନେତା ଗନ୍ଧର୍ବ ନାୟକଙ୍କ ସମେତ ବିଭିନ୍ନ ମହିଳାମଣ୍ଡଳ କାର୍ଯ୍ୟକର୍ତ୍ତା, ଯୁବକ ସାମିଲ ଥିଲେ।



# ଲୁଟ୍ ମାମଲାରେ ୩ ଗିରଫ

**ବ୍ରହ୍ମପୁର,୧୦।୯ (ସଂଚାର ବ୍ୟୁରୋ):** ବୈଦ୍ୟନାଥପୁର ପୋଲିସ ତିନି ଜଣିଆ ମୋବାଇଲ ଲୁଟେରା ଗ୍ୟାଙ୍ଗକୁ କାବୁ କରିଛି। ଅଭିଯୁକ୍ତମାନେ ହେଲେ ଗୋଶାଣିନୁଆଗାଁ ଅଞ୍ଚଳର ଶ୍ରୀକାନ୍ତ ପାଢ଼ୀ(୨୦), ନିହାଲ ଶର୍ମା(୨୦) ଓ ତାଙ୍କ ଭାଇ ନିଖିଳ ଶର୍ମା(୧୯)। ଅଭିଯୁକ୍ତ ମାନେ ସହରର ବିଭିନ୍ନ ସ୍ଥାନରୁ କିଛିଦିନ ହେଲା ମୋବାଇଲ ଲୁଟ କରୁଥିବା ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ମାମଲା ନଂ ୪୫୫/୨୫ ରେ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଲାଞ୍ଜିପଲି କେଶବ ନଗରର ଅତୁଲ୍ୟ କୁମାର ପଟ୍ଟନାୟକ ଗତ ୭ ତାରିଖ ସନ୍ଧ୍ୟାରେ ଗୁହ୍ମସେଡ଼ ରୋଡରେ ସନ୍ଧ୍ୟାକାଳୀନ ଭ୍ରମଣ କରିଥିଲେ। ସେହି ସମୟରେ ଏକ ପଲସର ବାଇକରେ ଦୁଇଜଣ ଯୁବକ ତାଙ୍କ ନିକଟକୁ ଆସି ସେ ଧରିଥିବା ମୋବାଇଲ ଝାମ୍ପି ନେଇଥିଲେ। ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଶ୍ରୀକାନ୍ତପାଢ଼ୀଙ୍କୁ କାବୁ କରି ପଚରାଉଚରା କରିଥିଲା। ସେ ମୋବାଇଲ ଝାମ୍ପି ନେଇଥିବା ସ୍ୱୀକାର କରିଥିଲା।

## ଅବ୍ୟବସ୍ଥା ଘେରରେ ଏମ୍‌କେସିଜି

# ବାବୁଙ୍କ ବଦଳି ସ୍ଥଗିତକୁ ନେଇ ଚର୍ଚ୍ଚା ଜୋର

**ସରକାରଙ୍କ ସ୍ୱଚ୍ଛତାକୁ ନେଇ ଉଠିଲା ପ୍ରଶ୍ନ**




**ବ୍ରହ୍ମପୁର,୧୦।୯(ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ଏମକେସିଜି ମେଡ଼ିକାଲର ରେଜିଷ୍ଟ୍ରାରଙ୍କ ବଦଳି ସ୍ଥଗିତକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ବଦଳି ନିର୍ଦ୍ଦେଶ ବାହାରିଥିବା ବେଳେ ସଙ୍ଗେ ସଙ୍ଗେ ଏହାକୁ ବାତିଲ କରାଯାଇଛି। ଯାହାକୁ ନେଇ ଅନେକ ଆଲୋଚନା ହେଲାଣି। କିଭଳି ଏବଂ କେଉଁ ପରିସ୍ଥିତିରେ ତାଙ୍କ ଟ୍ରାନ୍ସଫର ଉପରେ ରୋକ୍ ଲଗାଗଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ କିଛି ଓଏଏସ୍ ଅଧିକାରୀଙ୍କୁ ବଦଳି ପାଇଁ ଚିଠି ଜାରି କରାଯାଇଥିଲା। ଏଥିରେ ବ୍ରହ୍ମପୁର ବଡ ମେଡ଼ିକାଲର ପ୍ରଶାସନିକ ଦାୟିତ୍ୱରେ ଥିବା ଓଏଏସ ଅଧିକାରୀ ସଂଗ୍ରାମ ଶେଖର ପଣ୍ଡା ତାଲିକାର ଶୀର୍ଷରେ ରହିଥିଲେ। ତାଙ୍କୁ ବରଗଡ଼ ଜିଲ୍ଲାର ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ(ଏଏଡିଏମ୍) ଭାବେ ବଦଳି କରାଯାଇଥିଲା। ଉକ୍ତ ଦିନ ହିଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଉ ଏକ ଚିଠା ପ୍ରକାଶ ପାଇଥିଲା। ଯେଉଁଥିରେ ତାଙ୍କ ବଦଳିକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ହଠାତ୍ ସରକାରଙ୍କ ଏଭଳି ପଦକ୍ଷେପକୁ ନେଇ ନାନା ଆଲୋଚନା ବଢ଼ିଛି। ସାଧାରଣରେ ହେଉଥିବା ଆଲୋଚନା ପ୍ରକାରେ, ଏକ ଶକ୍ତିଶାଳୀ ରାଜନୈତିକ ନେତାଙ୍କ ପାଇଁ ଏହା କୁଆଡେ ସମ୍ଭବ ହୋଇଛି। ଏମକେସିଜିର ଅଓ୍ୟଓ୍ଵସ୍ଥା କାହାକୁ ଅଛପା ନାହିଁ। ମେଡ଼ିକାଲ ଉପରେ ନିର୍ଭର କରୁଥିବା ରୋଗୀ ଏବଂ ସମ୍ପର୍କୀୟ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରତ୍ୟହ ନଜର୍ କୁ ଆସୁଛି। ବିଶେଷ କରି ମେଡ଼ିକାଲର ଅଲୋକୀକରଣର ଅବ୍ୟବସ୍ଥା ସହ ନୂତନ କୋଠା ଗୁଡିକରୁ ବାରମ୍ବାର ସିଲିଂ ଖସିବା ଘଟଣା ଖୁବ୍ ଲୋକଲୋଚନକୁ ଆସିଥିଲା। ଏଥିରେ ଦୁର୍ନୀତି ହୋଇଥିବା ବି ଅଭିଯୋଗ ହୋଇ ଆସୁଛି। ସେହିପରି ନିର୍ଦ୍ଦେଶ ଥିଲେ ବି ସିସିଟିଭି ସଠିକ୍ ଭାବେ କାର୍ଯ୍ୟକ୍ଷମ ହେଉନଥିବା ଜଣାପଡ଼ିଛି। ଏପରିକି ଘରୋଇ ଆମ୍ବୁଲାନ୍ସ ଗୁଡିକୁ ମେଡ଼ିକାଲ ପରିସରରେ ନ ରଖିବାକୁ ପୁର୍ବରୁ ନିଷ୍ପତ୍ତି ହୋଇଥିଲେ ବି ମେଡ଼ିକାଲ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ବର୍ତ୍ତମାନ ସୁଦ୍ଧା ଗ୍ରହଣ କରାଯାଇନାହିଁ। ମେଡ଼ିକାଲକୁ ଦଲାଲ ମୁକ୍ତ କରିବା ବି ସମ୍ଭବପର ହେଉନାହିଁ। ବ୍ରହ୍ମପୁର ସାଂସଦଙ୍କ ପ୍ରତିନିଧି (ସ୍ୱାସ୍ଥ୍ୟ) ରାଜୀବ କୁମାର ମିଶ୍ର କହିଛନ୍ତି, ଆରଡିସିଙ୍କ ନିର୍ଦ୍ଦେଶରେ ହିଁ ଏମକେସିଜିରେ ସବୁକିଛି କାର୍ଯ୍ୟ ହେଉଛି। ଏମକେସିଜିର ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଛି। କେବଳ ଦୁର୍ନୀତି ଚାଲିଛି କହିଲେ ଅତ୍ୟୁକ୍ତି ହେବାର କିଛି ନାହିଁ। ଏମକେସିଜିର ବିଭିନ୍ନ କାର୍ଯ୍ୟରେ ଗଦା ଗଦା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇ ଆସୁଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ବି କିଛି କମ୍ ନୁହେଁ। ଏପରି ସ୍ଥଳେ ଅଧିକାରୀଙ୍କ ବଦଳିକୁ ସ୍ଥଗିତ ରଖାଯିବା ଖବରକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ତେବେ ଏମକେସିଜିରେ ଏମ୍ସ ପ୍ଲସ୍ ର ସୁବିଧା ସୁଯୋଗ ଯୋଗାଇ ଦେବାକୁ ରାଜ୍ୟ ସରକାର ଅଣ୍ଟା ଭିଡିଥିବା ବେଳେ ଏଭଳି ପ୍ରଶାସନିକ ଅଧିକାରୀଙ୍କ ବଦଳି ବାତିଲ ଗ୍ରହଣୀୟ ନୁହେଁ ବୋଲି କୁହାଯାଉଛି।

# ୨ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର

**ସାଲେପୁର, ୧୦।୯ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ସାଲେପୁର ଶିକ୍ଷା ମଣ୍ଡଳ ଅଧୀନରୁ ୨ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି।ଏହି ଅବସରରେ କଟକସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ୍ ସିନ୍ଦେ ଓ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ପ୍ରମୁଖ ଯୋଗ ଦେଇ ପି ଏମ୍ ସାଲେପୁର ହାଇସ୍କୁଲର ବରିଷ୍ଠ ବିଜ୍ଞାନ ଶିକ୍ଷକ ଶ୍ରୀକାନ୍ତ ପରିଡା, ତୁଳସୀଦାସ ମଧବିଦ୍ୟାୟନର ସହକାରୀ ଶିକ୍ଷକ ରମାକାନ୍ତ ମିଶ୍ର ଓ ବହୁଗ୍ରାମ ସ୍ଥିତ ବିବେକାନନ୍ଦ ବିଦ୍ୟାପୀଠର ସହକାରୀ ଶିକ୍ଷୟତ୍ରୀ ସୁଚିସ୍ମିତା ସେନାପତି ପ୍ରମୁଖଙ୍କୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର, ମନୋରଞ୍ଜନ ବାରିକ, ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଭିନନ୍ଦନ ଜଣାଇଛନ୍ତି।



### ବିଭାଗୀୟ କାର୍ଯ୍ୟର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

# ଉନ୍ନତ ସେବା ଯୋଗାଣ ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ଗୃହନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ଖାରବେଳ ଭବନରେ ବିଭାଗ କାର୍ଯ୍ୟକଳାପର ଏକ ବ୍ୟାପକ ସମୀକ୍ଷା କରିଥିଲେ। ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ। ସମୀକ୍ଷା ସମୟରେ, ମନ୍ତ୍ରୀ ଅଧିକାରୀମାନଙ୍କୁ ଯୋଜନାବଦ୍ଧ ପଦକ୍ଷେପଗୁଡ଼ିକୁ ତୁରନ୍ତ ଗ୍ରହଣ କରିବାକୁ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାପ୍ତି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ସ୍ପଷ୍ଟ ଫଳାଫଳ ପ୍ରଦାନ କରିବା ପାଇଁ ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ମହାପାତ୍ର ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ମାନବଶକ୍ତିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ନିର୍ଦ୍ଦେଶ ଦେଇଥିଲେ ଯେ, ପ୍ରତ୍ୟେକ ପୌରାଞ୍ଚଳରେ ଅତି କମରେ ଜଣେ କନିଷ୍ଠ ଇଞ୍ଜିନିୟର/ସହକାରୀ ଇଞ୍ଜିନିୟର ରହିବା ଆବଶ୍ୟକ ଯାହା ଦ୍ୱାରା ପ୍ରକଳ୍ପଗୁଡ଼ିକର ଉପଯୁକ୍ତ ତଦାରଖ ଏବଂ ମୌଳିକ ସହରାଞ୍ଚଳ ସେବାଗୁଡ଼ିକର ସୁଗମ ବିତରଣ ସୁନିଶ୍ଚିତ ହୋଇପାରିବ। "ନାଗରିକଙ୍କ କଲ୍ୟାଣ ଆମର ସର୍ବୋଚ୍ଚ ପ୍ରାଥମିକତା। ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସହର ନିର୍ମାଣ କରିବା ସହିତ ଆମକୁ ଅତ୍ୟାବଶ୍ୟକ ସେବାଗୁଡ଼ିକର ନିରନ୍ତର ପ୍ରବେଶ ନିଶ୍ଚିତ କରିବାକୁ ପଡିବ," ବୋଲି ସେ ପରାମର୍ଶ ଦେଇଥିଲେ। ଭବିଷ୍ୟତର ସହରାଞ୍ଚଳ ବିକାଶ ପାଇଁ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ମନ୍ତ୍ରୀ ଆହ୍ୱାନ କରିଥିଲେ ଯେ, ଦ୍ରୁତ ସହରୀକରଣର ଚାହିଦା ପୂରଣ କରିବା ପାଇଁ ଯୋଜନାବଦ୍ଧ ସହରାଞ୍ଚଳ ବିକାଶ। ସୁସ୍ଥ ଜୀବନଯାପନ ଏବଂ ପରିବେଶଗତ ସନ୍ତୁଳନକୁ ପ୍ରୋତ୍ସାହିତ କରିବା ପାଇଁ ସବୁଜ ଏବଂ ସ୍ୱଚ୍ଛ ସହରାଞ୍ଚଳ ସ୍ଥାନ। ସହର ଏବଂ ସହରରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ଦୃଢ଼ ସେବା ପ୍ରଦାନ ବ୍ୟବସ୍ଥା। ମନ୍ତ୍ରୀ ଅଧିକାରୀମାନଙ୍କୁ ଅଭିନବ ପଦ୍ଧତି ଗ୍ରହଣ କରିବାକୁ ଏବଂ ବିଭାଗର ଉଦ୍ଦେଶ୍ୟ ହାସଲ କରିବା ପାଇଁ ଯୁଏଲବି ସହିତ ଘନିଷ୍ଠ ସମନ୍ୱୟରେ କାମ କରିବାକୁ ପରାମର୍ଶ ଦେଇଥିଲେ। ସେ ଆହୁରି ଗୁରୁତ୍ୱାରୋପ କରିଥିଲେ ଯେ, ସହରାଞ୍ଚଳ ବିକାଶ ଲୋକକେନ୍ଦ୍ରିକ ଏବଂ ରାଜ୍ୟର ବ୍ୟାପକ ବିକାଶ ଦୃଷ୍ଟିକୋଣ ସହିତ ସମନ୍ୱିତ ହେବା ଆବଶ୍ୟକ। ବୈଠକରେ ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ ଏବଂ ଗଙ୍ଗାଧର ନାୟକ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ସମସ୍ତ ଅତିରିକ୍ତ ସଚିବ, ବିଡିଏ ଏବଂ ବିଏମସିର ଅଧିକାରୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## କିର୍ମିରା ପାକ୍ସ ସମ୍ପାଦକ ନିଲମ୍ବିତ



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ସାର କଳାବଜାରୀ ବିରୁଦ୍ଧରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବେଆଇନ ସାର କାରବାର ଅଭିଯୋଗରେ କିର୍ମିରା ପାକ୍ସ ସମ୍ପାଦକ ବୁଦ୍ଧଦେବ ସାହୁଙ୍କୁ ସମବାୟ ବିଭାଗ ପକ୍ଷରୁ ଆଜି କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ୨୬ ବସ୍ତା ୟୁରିଆ ସାର ବେଆଇନ ଭାବେ ବିକ୍ରି କରୁଥିବା ସମୟରେ ସେ ଧରା ପଡ଼ିଥିଲେ। ନିଲମ୍ବନ ସମୟରେ ସମ୍ବଲପୁର ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲଇକେରା ଶାଖା କାର୍ଯ୍ୟାଳୟରେ ତାଙ୍କର ମୁଖ୍ୟାଳୟ ସ୍ଥିର କରାଯାଇଛି। ନିଲମ୍ବନ ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ସୂଚନାଯୋଗ୍ୟ, ସାର କଳାବଜାରୀ ସମ୍ପର୍କରେ କିର୍ମିରା ପାକ୍ସ ସମ୍ପାଦକଙ୍କ ବିରୁଦ୍ଧରେ ସ୍ଥାନୀୟ କୃଷକ ଅଭିଯୋଗ କରିବା ପରେ କିର୍ମିରା ତହସିଲଦାର, ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, କିର୍ମିରା ବ୍ଲକ୍ କୃଷି ଅଧିକାରୀ, କିର୍ମିରା ସାର ନିରୀକ୍ଷକ ମିଳିତ ଭାବେ ଚଢ଼ଉ କରିଥିଲେ। ୨୬ ବସ୍ତା ୟୁରିଆ ସାର ପିକ୍ ଅପ୍ ଭ୍ୟାନରେ ଲୋଡ୍ କରୁଥିବା ସମୟରେ ସେ ଧରା ପଡ଼ିଥିଲେ। ସାର କଳାବଜାରୀ ଅଭିଯୋଗରେ ଆଜି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏଭଳି ଅନିୟମିତତାରେ ଲିପ୍ତ ରହିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମବାୟ ବିଭାଗ ପକ୍ଷରୁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ମଙ୍ଗଳ ପାଇଁ ସରକାର ପ୍ରତିବଦ୍ଧ ଅଛନ୍ତି। ସୁଲଭ ଦରରେ ସାର ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ସାର କଳାବଜାରୀ ରୋକିବା ପାଇଁ ଏନଫୋର୍ସମେଣ୍ଟ ଟିମ୍ ସମଗ୍ର ରାଜ୍ୟରେ ଚଢ଼ଉ ଜାରି ରଖିଛନ୍ତି।

## ୧୬ ଗ୍ରାମ ବ୍ରାଉନସୁଗର ଜବତ, ୨ ଅଟକ



ଭଦ୍ରକ,୧୦।୯(ସଂଚାର ବ୍ୟୁରୋ): ୧୬ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଭଦ୍ରକ ସହର ସ୍ଥିତ ମହତାବ ଛକ ନିକଟରୁ ବ୍ରାଉନସୁଗର ଜବତ କରିଛି ଭଦ୍ରକ ଟାଉନ ପୋଲିସ। ଗୋଟିଏ ବାଇକ ଏବଂ ମୋବାଇଲ ମଧ୍ୟ ଜବତ ହୋଇଛି। ବେଆଇନ କାରବାରରେ ସମ୍ପୃକ୍ତ ୨ଜଣ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ଗତ କିଛି ଦିନ ତଳେ କଟକରେ ୧୭ ଲକ୍ଷରୁ ଅଧିକ ଟଙ୍କାର ବ୍ରାଉନସୁଗର ଜବତ ସହ ଜଣେ ଗିରଫ ହୋଇଥିଲେ। କଟକ ସି ଆର୍ ଆର୍ ଆଇ ଥାନା ନେହେରୁପଲ୍ଲୀ ବଡ ସାହି ଅଞ୍ଚଳର ସୌମ୍ୟ ରଞ୍ଜନ ଦାସକୁ ଗିରଫ କରିଥିଲେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ। ତା ନିକଟରୁ ୧୭୨ ଗ୍ରାମର ବ୍ରାଉନସୁଗର ଜବତ ହୋଇଥିଲା। ନିଶା ଦ୍ରବ୍ୟ କାରବାର ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା ଅବକାରୀ ବିଭାଗ। ଅଭିଯୁକ୍ତ ନାଁରେ ପୂର୍ବରୁ ସ୍ଥାନୀୟ ଥାନାରେ ମାମଲା ରହିଥିବା କଥା ଜଣା ପଡିଥିଲା।

## ସୁବର୍ଣ୍ଣପୁରରୁ ଅପହୃତ ଶିଶୁପୁତ୍ର ପୁରୀରୁ ଉଦ୍ଧାର



ସୁବର୍ଣ୍ଣପୁର,୧୦।୯(ସଂଚାର ବ୍ୟୁରୋ): ଶେଷରେ ସୁବର୍ଣ୍ଣପୁରରୁ ଅପହରଣ ହୋଇଥିବା ଶିଶୁପୁତ୍ରକୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ପୁରୀ ପୋଲିସ ପ୍ରଶାସନ। ଉତ୍ତରପ୍ରଦେଶ ଦୁର୍ବୃତ୍ତଙ୍କ ଦ୍ୱାରା ଅପହୃତ ସୁବର୍ଣ୍ଣପୁର ପଟାଭଡିର ୯ ବର୍ଷିୟ ବାଳକକୁ ପୁରୀ ମାର୍କେଟ ସ୍ଥିତ ଏକ ଗେଷ୍ଟ ହାଉସ ସାମ୍ନାରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅପହରଣକାରୀ ଶିଶୁ ପୁତ୍ରକୁ ରବିବାର ରାତିରେ ଅପହରଣ କରି ପରିବାର ଲୋକଙ୍କୁ ୨୦ ଲକ୍ଷ ଟଙ୍କା ଦାବି କରିଥିଲେ। କିନ୍ତୁ ପୋଲିସ ଚଢାଉ କରୁଥିବା ଜାଣି ଘଟଣାସ୍ଥଳରୁ ଶିଶୁପୁତ୍ରକୁ ଛାଡି ଦୁର୍ବୃତ୍ତ ଫେରାର ମାରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ପୋଲିସକୁ ଚକମା ଦେଖାଇ ଖସିଯାଇଥିଲେ। ତେବେ ସେମାନେ ବ୍ୟବହାର କରୁଥିବା ଏକ କାରକୁ ଜବତ କରିବା ସହିତ କାର ଭିତରେ ଏକ ମାଉଜରକୁ ମଧ୍ୟ ଜଗନ୍ନାଥ ବଲ୍ଲଭ ପାର୍କିଂରୁ ପୋଲିସ ଜବତ କରିଛି। ସେପ୍ଟେମ୍ବର ମାସ ୭ ତାରିଖ ସନ୍ଧ୍ୟାରେ ଚାଉମିନ ଖାଇ ଯିବାକୁ କହି ଆଉ ଫେରିନଥିଲା ଆୟୁଷ। ବହୁ ଖୋଜାଖୋଜି କରିବା ପରେ ଜଣାପଡିଲା କେହି ଦୁର୍ବୃତ୍ତ ପୁଅକୁ ଅପହରଣ କରି ନେଇଛି। ରବିବାର ରାତି ୧୧ଟା ସମୟରେ ଏକ ଅଜଣା ନମ୍ବରରୁ ହ୍ୱାଟସଆପ କଲ କରି କହିଲେ ତୋ ପୁଅକୁ ମୁଁ ଅପହରଣ କରି ନେଇଛି କୋଡିଏ ଲକ୍ଷ ଦେଲେ ପୁଅକୁ ଫେରାଇବି। ଏନେଇ ବ୍ୟସ୍ତ ବିବ୍ରତ ହୋଇପଡିଥିଲେ ବାପା ଶ୍ରଦ୍ଧାକର ନାଏକ। ତତ୍ କ୍ଷଣାତ ସୁବର୍ଣ୍ଣପୁର ପୋଲିସ ଷ୍ଟେସନରେ ଏକ ମାମଲା ଦାୟର କଲାପରେ ପୋଲିସ ପାଇଁ ଏକ ବଡ ଚ୍ୟାଲେଞ୍ଜ ହୋଇଥିଲା। ପଶ୍ଚିମାଞ୍ଚଳ ଆଇଜି ହିମାଂସୁ ଲାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପୁରୀ ଏସପି ପ୍ରତୀକ ସିଂ ଓ ସିଟି ଡିଏସପିଙ୍କ ଉଦ୍ୟମରେ ସହରର ବିଭିନ୍ନ ଥାନାର ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତନାଘନା ଚଳାଇଥିଲେ। ସୁବର୍ଣ୍ଣପୁର ଏସପିଙ୍କ ଉଦ୍ୟମରେ ୨ଟି ସାଇବର ଟିମଙ୍କ ସହ ପୂରା ଟିମ ଚଢାଉ କରି ପୁରୀ ମାର୍କେଟ ସ୍ଥିତ ମହାଓାର ଗେଷ୍ଟ ହାଉସ ସାମ୍ନାରୁ ସୁରକ୍ଷିତ ଭାବେ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇଥିଲା। ପୋଲିସ ଆୟୁଷକୁ ଉଦ୍ଧାର କରି ବାପା ମାଆଙ୍କୁ ହସ୍ତାନ୍ତର କରିଛି।

● ଭିତରକନିକାରେ ଦେଶୀୟ ପକ୍ଷୀ ଗଣନା ଶେଷ

## ଚଳିତବର୍ଷ ଆସିଛନ୍ତି ୬୭୩ ଅଧିକ ପକ୍ଷୀ



ରାଜନଗର,୧୦।୯(ସଂଚାର ବ୍ୟୁରୋ) : ଭିତରକନିକାରେ ଦେଶୀୟ ପକ୍ଷୀ ଗଣନା ଶେଷ ହୋଇଛି। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ଗତବର୍ଷ ଠାରୁ ବୃଦ୍ଧି ପାଇଛି। ଗତବର୍ଷ ଭିତରକନିକାରେ ୧ ଲକ୍ଷ ୩୦ ହଜାର ୧୨୩ଟି ଦେଶୀୟ ପକ୍ଷୀ ଗଣନା କରାଯାଇଥିଲା। ଚଳିତ ବର୍ଷ ଏହି ସଂଖ୍ୟା ୧ଲକ୍ଷ ୩୦ ହଜାର ୭୯୬ କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗତବର୍ଷ ଠାରୁ ଚଳିତ ବର୍ଷ ୬୭୩ ଟି ଅଧିକ ସଂଖ୍ୟକ ପକ୍ଷୀ ଭିତରକନିକାକୁ ଆସିଛନ୍ତି। ଚଳିତବର୍ଷ ୧୪ଶହ ୯ଟି ଗଛରେ ୨୭ ହଜାର ୬୪୬ଟି ବସାରେ ଏହି ପକ୍ଷୀଙ୍କୁ ଗଣନା କରାଯାଇଛି। ୩ ଦିନ ଧରି ଚାଲିଥିଲା ଗଣନା। ୩ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ ଥିଲେ। କନିକା ରେଞ୍ଜରେ ୨ଟି ଟିମ୍ ଓ ରାଜନଗର ରେଞ୍ଜରେ ଗୋଟିଏ ଟିମ୍ ଗଣନା କରିଥିଲେ। ଚଳିତ ବର୍ଷ ଭିତରକନିକା ଜାତୀୟ ଉଦ୍ୟାନରେ ୧୦ ପ୍ରକାର ପକ୍ଷୀଙ୍କ ସମାଗମ ହୋଇଛି। ପକ୍ଷୀ ଗୁଡିକ ମଧ୍ୟରେ ଗେଣ୍ଡାଳିଆ, ରାଣୀବଗ, ମଝିଆବଗ, ଛୋଟବଗ , ଖଇରାବଗ, ମାଟିଆବଗ, ପାଣିକୁଆ, ଅନ୍ଧାରିଆବଗ , କାପରଖାଇ, ଦା ବେଂଟିଆ ପ୍ରଭୃତି ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି।


## ବ୍ୟାଙ୍କ ଆଗରେ ଧାରଣା ଦେଲେ ହିତାଧିକାରୀ

### ଜମା ଟଙ୍କା ଫେରିପାଇବା ପାଇଁ କଲେ ଦାବି



ବ୍ରହ୍ମପୁର,୧୦।୯(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ୟୁନିୟନ ବ୍ୟାଙ୍କରେ ଟଙ୍କା ଜମା ରଖି ହଡ଼ପର ଶିକାର ହୋଇଥିବା ଜମାକାରୀ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଥିଲେ। ଜମାକାରୀଙ୍କ ଖାତାରୁ ଟଙ୍କା ଗାଏବ ହୋଇଯାଇଥିବା ଗତ ଏପ୍ରିଲ ମାସରେ ଜାଣିବା ପରେ ଗ୍ରାହକମାନେ ବ୍ୟାଙ୍କ ମ୍ୟାନେଜରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ବ୍ୟାଙ୍କ ଓ ପୋଲିସର ତଦନ୍ତ ପରେ ବ୍ୟାଙ୍କର କିରାଣୀ ପ୍ରିୟମ ପ୍ରଥମ ସାବତ ପ୍ରାୟ ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡପ କରିବା ଜାଣିବାକୁ ମିଳିଥିଲା। ଏହାପରେ ଗତ ଜୁନ ୨୬ ତାରିଖରେ କିରାଣୀ ପ୍ରିୟମ ପ୍ରଥମ ସାବତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ। ଜାମିନ ନା ମଞ୍ଜୁର ପରେ ଜେଲ ହାଜତକୁ ପଠାଯାଇଥିଲା। ତେବେ ଦୀର୍ଘ ଦିନ ହେଲା ଜମା ଟଙ୍କା ନମିଳିବା ଯୋଗୁଁ ଜମାକାରୀମାନେ ବ୍ୟାଙ୍କକୁ ଦୌଡ଼ି ନିରାଶ ହେବା ପରେ ଠକାମିର ଶିକାର ହୋଇଥିବା ଗ୍ରାହକମାନେ ଆଜି ଧାରଣାରେ ବସିଥିଲେ। ଟଙ୍କା ନ ମିଳିଲେ ବ୍ୟାଙ୍କରେ ତାଲା ପକାଇବାକୁ ଧମକ ମଧ୍ୟ ଦେଇଥିଲେ ଧାରଣାରେ ବସିଥିବା ଗ୍ରାହକ। ଅପରପକ୍ଷେ ବ୍ୟାଙ୍କ ଆସିଷ୍ଟାଣ୍ଟ ମ୍ୟାନେଜର କହିଥିଲେ ଟଙ୍କା ଠକେଇ ହୋଇଥିବା ଯୋଗୁଁ ଗ୍ରାହକମାନେ ବ୍ୟାଙ୍କ ସମ୍ମୁଖରେ ବସିଛନ୍ତି। ଏ ସମ୍ପର୍କରେ ରିଜିଓନାଲ ମ୍ୟାନେଜରଙ୍କୁ ଜଣାଯାଇଛି। ବିଳମ୍ବ ହେଲେ ମଧ୍ୟ ଟଙ୍କା ମିଳିବ ବୋଲି ସେ କହିଥିଲେ। ଟଙ୍କା ଫେରି ପାଇବା ପାଇଁ ବ୍ୟାଙ୍କ ସମ୍ମୁଖରେ ଗ୍ରାହକମାନେ ଧାରଣାରେ ଦିନ ୧୧ଟା ରୁ ବସି ରହିବା ପରେ ଖବର ପାଇ ତହସିଲଦାର, ଥାନା ଆଇଆଇସି ପହଞ୍ଚି ଆଲୋଚନା କରିଥିଲେ। ପାଖାପାଖି ସାଢେ ୪ଟା ବେଳେ ବ୍ରହ୍ମପୁରରୁ ଡେପୁଟି ରିଜିଓନାଲ ମ୍ୟାନେଜରଙ୍କ ସହ ବ୍ରହ୍ମପୁରରୁ ବ୍ୟାଙ୍କର ଅଧିକାରୀମାନେ ପହଞ୍ଚି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ଆସନ୍ତା ସେପ୍ଟେମ୍ବର ୨୯ ତାରିଖ ସୁଦ୍ଧା ସମସ୍ତଙ୍କୁ ସେମାନଙ୍କ ଜମା ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ରାତି ଅନ୍ଧାରରେ ଚାଲିଥିଲା କ୍ଷୀର ଅପମିଶ୍ରଣ, ମାଡ଼ିବସିଲା ପୋଲିସ



ଭୁବନେଶ୍ୱର, ୧୦।୯ (ସଂଚାର ବ୍ୟୁରୋ) : ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ। ମେସିନ ଦ୍ୱାରା କ୍ଷୀର ଗାଡି ମଧ୍ୟରେ ପାଣି ଲୋଡ କରି କ୍ଷୀରକୁ ବାହାର କରି ସେଥିରେ ଲୁଣ, ପାଉଡର୍ ଓ ଏକ କେମିକାଲ ମିଶାଇ ବଜାରକୁ ଛାଡୁଥିଲେ। ଗତକାଲି ବିଳମ୍ବିତ ରାତିରେ କଟକ ଗୁରୁଡ଼ିଝାଟିଆ ଥାନା କଣ୍ଟିଙ୍ଗୀ ନିକଟ ଏକ ହୋଟେଲ ପଛ ପଟେ କ୍ଷୀର ଅପମିଶ୍ରିତ ଚାଲିଥିବା ବେଳେ ମାଡ଼ି ବସିଲା ପୋଲିସ । ଏଥିସହିତ ଘଟଣାସ୍ଥଳରୁ କ୍ଷୀର ଟ୍ୟାଙ୍କର ମଧ୍ୟ ଜବତ କରିଛି ପୋଲିସ। ହେଲେ ପୋଲିସ ଆସିବା ଦେଖି କ୍ଷୀର ଅପମିଶ୍ରିତ କରୁଥିବା ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ।

● ଚୋରି ହୋଇଗଲା ଚୋର ଧରିବା କ୍ୟାମେରା

## ୨୨ରୁ ଉର୍ଦ୍ଧ୍ୱ ସିସିଟିଭି ଲୁଟ୍

ଭଦ୍ରକ,୧୦।୯(ସଂଚାର ବ୍ୟୁରୋ):ଚୋରଙ୍କଠାରୁ ବ୍ୟବସାୟୀ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଲାଗୁଥିବା ବେଳେ ସିସିଟିଭି କ୍ୟାମେରା ଲୁଟୁଛନ୍ତି ଲୁଟେରା। ଗୋଟିଏ ରାତିରେ ଭଦ୍ରକ ସହର ଓ ଏହାର ଆଖପାଖ ଅଞ୍ଚଳର ଦୋକାନରୁ ପ୍ରାୟ ୨୨ରୁ ଉର୍ଦ୍ଧ୍ୱ ସିସିଟିଭି ଲୁଟିନେଲେ ଲୁଟେରା। ଯାହାକୁ ନେଇ ଭଦ୍ରକ ଟାଉନ ଥାନା ଓ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ସିସିଟିଭିରେ ରେକର୍ଡ ଏକ ଭିଡିଓରେ ଦେଖିବାକୁ ମିଳିଛି ଯେ ଏକ କଳା ରଙ୍ଗର ବ୍ୟାଟେରୀ ଗାଡ଼ିରେ ଆସି ବିଳମ୍ବିତ ରାତିରେ ଦୁଇ ଜଣ ଯୁବକ ସହର ସାରା ବୁଲି ବୁଲି ବିଭିନ୍ନ ଦୋକାନ ବାହାରେ ଲାଗିଥିବା ସିସିଟିଭି କ୍ୟାମେରା ଚୋରି କରୁଥିଲେ। ଜଣେ ଯୁବକ ଗାଡ଼ିରେ ବସିଥିବା ବେଳେ ଅନ୍ୟ ଯୁବକ ଜଣକ ମୁହଁରେ ରୁମାଲ ବାନ୍ଧି କ୍ୟାମେରା ଚୋରି କରିଥିବା ଦେଖିବାପାଇଁ ମିଳିଛି। ଭଦ୍ରକ ଏସପି ଅଫିସ ସାମ୍ନା, ନରିପୁର, ବନ୍ତଛକ, ଆରଡ଼ି ଛକ ପରି ଅନେକ ଛକ ଦୋକାନ ମାନଙ୍କରେ ଲାଗିଥିବା ୨୨ରୁ ଉର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲୁଟ୍ ହୋଇଛି। ଘଟଣା ସଂପର୍କରେ ଖବର ପାଇବା ପରେ ଦୋକାନ ଦୋକାନ ପହଞ୍ଚି ପୋଲିସ ତଦନ୍ତ ଆରମ୍ଭ କରିଛି । ତେବେ ଏଭଳି ସିସିଟିଭି ଚୋରି କରିବା ପଛରେ ଆଗକୁ ବଡ଼ ଲୁଟ କରିବାର ଯୋଜନା ନାହିଁ ତ ବୋଲି ବ୍ୟବସାୟୀମାନେ ଆଶଙ୍କା କରିଛନ୍ତି। ଭଦ୍ରକର ଅତିରିକ୍ତ ଏସପି କହିଛନ୍ତି ଯେ ସମସ୍ତ ସିସିଟିଭି ଯାଞ୍ଚ ଚାଲିଛି। ପୋଲିସ ଗୁରୁତର ସହ ଘଟଣାକୁ ନେଇ ତଦନ୍ତ ଆରମ୍ଭ କରିଛି।

### ୨. ୮୫ ଲକ୍ଷ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ହେବ ଡୋର ଟୁ ଡୋର ସର୍ଭେ

## ୧୫ ଦିନରେ ତଦନ୍ତ ରିପୋର୍ଟ ଦେବେ ଅଧିକାରୀ






ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ) : ସୁଭଦ୍ରା ସମୀକ୍ଷା ପରେ ଉପମୁଖ୍ୟମନ୍ତ୍ରୀଙ୍କ ବଡ଼ ସୂଚନା। ତୃତୀୟ ପର୍ଯ୍ୟାୟରୁ ବଞ୍ଚିତ ହୋଇଥିବା ୨ ଲକ୍ଷ ୮୫ ହଜାର ହିତାଧିକାରୀଙ୍କୁ ସାମିଲ ପାଇଁ ହେବ ଡୋର ଟୁ ଡୋର ସର୍ଭେ। ୧୫ଦିନ ଭିତରେ ଫିଲଡ଼ ଭିଜିଟ କରି ତଦନ୍ତ ରିପୋର୍ଟ ଦେବେ ଅଧିକାରୀ। ଦୁଇ ଦିନ ଭିତରେ ଖୋଲିବ ଅଭିଯୋଗ ପୋର୍ଟାଲ। ବାଦ୍ ପଡ଼ିଥିବା ହିତାଧିକାରୀମାନେ ପୋର୍ଟାଲରେ ଅଭିଯୋଗ କରି ଆଉ ଥରେ ସାମିଲ ପାଇଁ ଆବେଦନ କରିପାରିବେ। ଏହା ସହ ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ ମୃତ କି ଜୀବିତ ବୋଲି ଧରାଯିବ ବୋଲି କହିଛନ୍ତି ପ୍ରଭାତୀ ପରିଡା। ୧୫ ହଜାର ୯୮୪ ହିତାଧିକାରୀ ମୃତ ହିତାଧିକାରୀ ବାଦ୍ ପଡ଼ିଥିବା ବେଳେ ୧୮୦୫ ଜଣ ଜୀବିତ ଅଛନ୍ତି। ସେମାନଙ୍କୁ ମଧ୍ୟ ସାମିଲ କରାଯିବ। ଅନ୍ୟପଟେ ୩୬ହଜାର ୭୦୨ ହିତାଧିକାରୀ ଗାଡି କିଣିଥିବା ଯୋଗୁଁ ବାଦ ପଡିଛନ୍ତି। ୨୧ ହଜାର ୩୫ ଜଣ ହିତାଧିକାରୀ ଆୟ କର ଦେବାରୁ ବାଦ ପଡ଼ିଥିବା ବେଳେ ୧ ଲକ୍ଷ ୩୩ ହଜାର ୬୯୧ ଧାନ ବିକ୍ରି ପଞ୍ଜିକରଣ ଏବଂ କୃଷକ ଭାବେ ପଞ୍ଜିକରଣ କରି ବାଦ ପଡିଛନ୍ତି। ସେ ବାବଦରେ ତଥ୍ୟ ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନ କରାଯିବ।

### ୭ ତାରିଖରୁ କାର୍ତ୍ତିକ ବ୍ରତ

## ହବିଷ୍ୟାଳୀଙ୍କ ସମସ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ

ପୁରୀ,୧୦।୯(ସଂଚାର ବ୍ୟୁରୋ): ପୁରୀରେ କାର୍ତ୍ତିକ ମାସ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଜି ଏନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଛି। ହବିଷ୍ୟାଳୀଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ସୁରକ୍ଷିତ ରହଣି, ସ୍ନାନ, ଶୌଚ, ମହାପ୍ରସାଦ ସେବନ ଆଦି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ କୁହାଯାଇଛି। ଏଥିପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦିଆଯାଇଛି ଦାୟିତ୍ୱ। ବିଗତ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଅନଲାଇନରେ ପଞ୍ଜୀକରଣ କରାଯିବ।



## କନ୍ଧମାଳରେ ଶୀତକୁ ଇସାରା ଦେଲାଣି କୁହୁଡ଼ି

କନ୍ଧମାଳ,୧୦।୯(ସଂଚାର ବ୍ୟୁରୋ): ଗଛ, ଲତା ଓ ଘାସ ଉପରେ ପଡିଛି କାକର ବିନ୍ଦୁ। ସେହି କାକର ବିନ୍ଦୁ ସୂର୍ଯ୍ୟ କିରଣରେ ଝଲସି ଉଠୁଛି। ଏହା ସହ ମୋତି ମାଣିକ ପରି ଚକ୍ ଚକ୍ କରୁଛି କାକର ବିନ୍ଦୁ। କନ୍ଧମାଳର ପାଣିପାଗରେ ଆସିଛି ପରିବର୍ତ୍ତନ। ବର୍ଷା ସରିବା ପରେ ଜିଲ୍ଲାରେ ଦେଖା ଦେଇଛି କୁହୁଡି। ଜିଲ୍ଲାରେ ଶୀତକୁ ଇସାରା ଦେଲାଣି ପ୍ରଥମ କୁହୁଡି। ସକାଳୁ ସକାଳୁ କୁହୁଡ଼ି ସ୍ପର୍ଷ କରିଛି ଜିଲ୍ଲାକୁ, ସତେ ଯେମିତି ଧରା ପୃଷ୍ଠକୁ ଧଳା ଚାଦରରେ ଘୋଡ଼େଇ ରଖିଛି। ଏବେ ଶୀତ ଅନୁଭୁତ ହେଉ ନଥିଲେ ମଧ୍ୟ ସକାଳୁ ସକାଳୁ ହାଲୁକା କୁହୁଡିର କାକର ବୁନ୍ଦାର ମଜା ନେଉଛନ୍ତି ଲୋକେ। ତେବେ କନ୍ଧମାଳ ଶୀତକୁ ଉପଭୋଗ କରିବା ପାଇଁ ଶୀତ ଦିନ ଆସିଲେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ପର୍ଯ୍ୟଟକ ଆସିଥାନ୍ତି। କନ୍ଧମାଳ ଜିଲ୍ଲାରେ ରହିଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳମାନଙ୍କୁ ଆସି ଭୋଜି ଭାତ କରି ଆସର ଜମାଇଥାନ୍ତି।

# ଚାଳକ, ଆରୋହୀ ହେଲମେଟ୍ ପିନ୍ଧିବା ଜରୁରୀ

■ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଏନଫୋର୍ସମେଣ୍ଟକୁ ଗୁରୁତ୍ୱ

■ ଗତବର୍ଷ ଚିହ୍ନଟ ହୋଇଥିଲେ ୭,୮୯,୦୧୫ ଉଲ୍ଲଙ୍ଘନକାରୀ



ଭୁବନେଶ୍ୱର,୧୦।୯(ସଂଚାର ବ୍ୟୁରୋ): ସଡ଼କ ଦୁର୍ଘଟଣା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହାକୁ ହ୍ରାସ କରିବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ତେବେ ଦୁର୍ଭାଗ୍ୟର ବିଷୟ ହେଉଛି, ଅନେକ ଗାଡ଼ିଚାଳକ ସଡ଼କ ସୁରକ୍ଷା ନିୟମ ସଂପର୍କରେ ଅବଗତ ଥିଲେ ମଧ୍ୟ ଏହାକୁ ପାଳନରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଫଳରେ ଅକାଳରେ ଅନେକ ଜୀବନ ଝରିପଡୁଛି। ୨୦୨୪ରେ ରାଜ୍ୟରେ ହୋଇଥିବା ସମୁଦାୟ ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁସଂଖ୍ୟା ବିଶ୍ଲେଷଣରୁ ଏପରି କିଛି ତଥ୍ୟ ସାମ୍ନାକୁ ଆସିଛି।

ସଡ଼କ ସୁରକ୍ଷା ନିୟମ ପାଳନର ସବୁଠୁ ପ୍ରାଥମିକସ୍ତର ହେଉଛି ଦୁଇଚକିଆରେ ଦୁଇରୁ ଅଧିକ ନ ଯିବା ଏବଂ ଉଭୟ ଚାଳକ ଓ ଆରୋହୀ ହେଲମେଟ୍ ନିଶ୍ଚୟ ପିନ୍ଧିବା। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଅନୁଧ୍ୟାନରୁ ଜଣାପଡ଼ିଛି, ଦୁଇ ଚକିଆ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି। ତେବେ ସବୁଠୁ ବଡ଼କଥା ହେଉଛି, ଯଦି ଗତବର୍ଷର ତଥ୍ୟ ଦେଖିବା ତେବେ କେବଳ ଯଦି ହେଲମେଟ୍ ପିନ୍ଧିଥାନ୍ତେ, ତେବେ ଦୁର୍ଘଟଣା ସତ୍ତ୍ୱେ ବର୍ଷକରେ ୧୬୯୬ ଜୀବନ ରକ୍ଷା ପାଇଯାଇଥାନ୍ତା।

୨୦୨୪ରେ ରାଜ୍ୟରେ ଦୁଇଚକିଆ ଯାନ ସଂପୃକ୍ତ ଥାଇ ୫୪୯୦ ଦୁର୍ଘଟଣା ଘଟିଥିବା ବେଳେ ୩୦୧୭ ଜୀବନହାନି ଘଟିଛି। ଏହି ଦୁର୍ଘଟଣାର ସମୀକ୍ଷାରୁ ହେଲମେଟ୍ ପିନ୍ଧି ନ ଥିବାରୁ ୧୬୯୬ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେଥିପାଇଁ ପୋଲିସ ପ୍ରଶାସନ ସହଯୋଗରେ ବାଣିଜ୍ୟ ଓ ପରିବହନ ବିଭାଗ ନିୟମିତ ଭାବରେ ଏନଫୋର୍ସମେଣ୍ଟରେ ହେଲମେଟ୍ ଚେକିଂକୁ ଗୁରୁତ୍ୱ ଦେଇଥାଏ।

୨୦୨୪ରେ ୭,୮୯,୦୧୫ଟି ହେଲମେଟ୍ ନିୟମ ଉଲ୍ଲଙ୍ଘନ ଚିହ୍ନଟ କରାଯାଇଛି। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକ ସମୟରେ ଏନଫୋର୍ସମେଣ୍ଟ ଅଧିକାରୀଙ୍କ ଦ୍ୱାରା ନିୟମ ଉଲ୍ଲଙ୍ଘନକାରୀଙ୍କୁ ସେମାନଙ୍କ ମାନସିକତା ପରିବର୍ତ୍ତନ କରିବାକୁ କାଉନସେଲିଂ କରାଯାଉଛି।

ତେଣୁ ଆଗକୁ ହେଲମେଟ୍ ବ୍ୟବହାର ଉପରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ଏବଂ ଏନଫୋର୍ସମେଣ୍ଟ ବୃଦ୍ଧି ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଆପଲ୍ ଆଣିଲା ନୂଆ ଆଇଫୋନ୍ ୧୭



**ନୂଆଦିଲ୍ଲୀ, ୧୦।୯:** ଲଞ୍ଚ ହୋଇଛି ଆଇଫୋନ୍ ୧୭ ସିରିଜ୍। ମଙ୍ଗଳବାର କମ୍ପାନି ଏହାର ବାର୍ଷିକ ଇଭେଣ୍ଟରେ ଏହି ନୂଆ ସିରିଜ୍‌କୁ ଲଞ୍ଚ୍ କରିଛି। ନୂଆ ଆଇଫୋନ୍ ୧୭ ସିରିଜ୍‌ରେ ରହିଛି ୪ ନୂଆ ଭାରିଆଣ୍ଟ। ନୂଆ କଥା ହେଲା କମ୍ପାନି ଏଥର ପ୍ଲସ୍ ଭାରିଆଣ୍ଟ ବଦଳରେ ଆଣିଛି ଏୟାର ଭାରିଆଣ୍ଟ। ଯାହାକୁ କମ୍ପାନି ସବୁଠୁ ପତଳା ଆଇଫୋନ ବୋଲି କହିଛି। ଏହାସହ ଇଭେଣ୍ଟ୍‌ରେ ଏୟାରପଡ ୩ ପ୍ରୋ, ଓ୍ୱାଚ ଏସଇ ୩, ଓ୍ୱାଚ୍ ସିରିଜ ୧୧ ଏବଂ ଓ୍ୱାଚ୍ ଅଲ୍ଟ୍ରା ୩ ମଧ୍ୟ ଲଞ୍ଚ ହୋଇଛି। ତେବେ ଆସନ୍ତୁ ଜାଣିବା କ'ଣ ରହିଛି ସିରିଜ୍‌ର ବିଭିନ୍ନ ମଡେଲର ଫିଚର୍ସ ଏବଂ ଦାମ୍। ଆଇଫୋନ୍ ୧୭ ସିରିଜ୍‌ରେ ଲଞ୍ଚ ହୋଇଛି ଆଇଫୋନ୍ ୧୭, ଆଇଫୋନ ୧୭ ଏୟାର, ଆଇଫୋନ୍ ୧୭ ପ୍ରୋ ଏବଂ ଆଇଫୋନ୍ ୧୭ ପ୍ରୋ ମ୍ୟାକ୍ସ। ଆଇଫୋନ୍ ୧୭ ସିରିଜ୍‌ରେ ପ୍ରଥମ ଥର ୩ ହଜାର ନିଟ୍‌ସ ପର୍ଯ୍ୟନ୍ତ ପିକ୍ ବ୍ରାଇଟନେସ, ୧୨୦Hz ରିଫ୍ରେଶ ରେଟ୍ ଏବଂ ପ୍ରୋ ମଡେଲ୍ସରେ ଓଭରହିଟିଂ ରୋକିବା ପାଇଁ ଭେପର କୁଲିଂ ଚାମ୍ବର ମଧ୍ୟ ଦିଆଯାଇଛି। ତେବେ ୧୭ ସିରିଜ୍‌ର ୪ ଫୋନ୍‌ରେ କେବଳ କ୍ୟାମେରା, ଡିସପ୍ଲେ, ବ୍ୟାଟେରୀ ଏବଂ ପ୍ରୋସେସର ସାମାନ୍ୟ ପରିବର୍ତ୍ତନ କରାଯାଇଛି।

ଆଇଫୋନ୍ ୧୭ ଏବଂ ଆଇଫୋନ ଏୟାରରେ ୪୮+ ୧୨ ମେଗାପିକ୍ସେଲର ପ୍ରାଇମେରୀ କ୍ୟାମେରା ଏବଂ ୧୮ ମେଗାପିକ୍ସେଲର ସେଲଫି କ୍ୟାମେରା। ଆଇଫୋନ ୧୭ ଏବଂ ୧୭ ପ୍ରୋ ମ୍ୟାକ୍ସରେ ୪୮+ ୪୮+ ୪୮ ମେଗାପିକ୍ସେଲର ପ୍ରାଇମେରୀ କ୍ୟାମେରା ଏବଂ ୧୮ ମେଗାପିକ୍ସେଲ ସେଲଫି କ୍ୟାମେରା ରହିଛି। ତେବେ କମ୍ପାନି ପ୍ରୋ ମ୍ୟାକ୍ସରେ ହିଁ ଡିସପ୍ଲେ ୬.୯ ଇଞ୍ଚ୍ ରହିଛି। ବାକି ୩ ମଡେଲର ଦାମ୍ ୬.୩ ଇଞ୍ଚ୍ ରହିଛି। ସେହିଭଳି ଆଇଫୋନ୍ ୧୭ରେ ଏ୧୯ ବାୟୋନିକ୍ ଚିପ୍ ରହିଥିବାବେଳେ। ଆଇଫୋନ୍ ଏୟାର, ୧୭ ପ୍ରୋ ଏବଂ ୧୭ ପ୍ରୋ ମ୍ୟାକ୍ସରେ ଏ୧୯ ପ୍ରୋ ଚିପସେଟ୍ ରହିଛି। ତେବେ ଦାମ୍ କଥା କହିଲେ ଆଇଫୋନ୍ ୧୭ ସିରିଜ୍‌ରେ ୧୨୮ ଜିବି ଭାରିଆଣ୍ଟକୁ ହଟାଇଦିଆଯାଇଛି। ଏମିତିରେ ଆଇଫୋନ୍ ୧୭ର ୨୫୬ଜିବି ଭାରିଆଣ୍ଟର ଦାମ୍ ୮୨, ୯୦୦ ଟଙ୍କା ରହିଛି ଏବଂ ୫୧୨ ଜିବିର ଦାମ୍ ୧,୦୨,୯୦୦ ଟଙ୍କା ରହିଛି। ଏହା ୫ଟି କଲର ଅପ୍ସନ ସହ ଲଞ୍ଚ ହୋଇଛି। ସେହିଭଳି ଆଇଫୋନ ୧୭ ଏୟାରର ୨୫୬ ଜିବି ଭାରିଆଣ୍ଟର ଦାମ୍ ୧,୧୯,୯୦୦ ଟଙ୍କା ରହିଛି। ଏହାର ୫୧୨ ଜିବି ଭାରିଆଣ୍ଟର ଦାମ୍ ୧୩୯୯୦୦ ଏବଂ ୧ଟିବି ଭାରିଆଣ୍ଟର ଦାମ୍ ୧୫୯୯୦୦ ଟଙ୍କା ରହିଛି। ଆଇଫୋନ ୧୭ ପ୍ରୋର ୨୫୬ଜିବି ଭାରିଆଣ୍ଟର ଦାମ୍ ୧୩୪୯୦୦ ଟଙ୍କା, ୫୧୨ ଜିବି ଭାରିଆଣ୍ଟର ଦାମ୍ ୧୫୪୯୦୦ ଟଙ୍କା ଏବଂ ୧ଟିବି ଭାରିଆଣ୍ଟର ୧୭୪୯୦୦ଟଙ୍କା ରହିଛି। ଆଇଫୋନ୍ ୧୭ ପ୍ରୋ ମ୍ୟାକ୍ସର ୨୫୬ ଜିବି ଭାରିଆଣ୍ଟର ମୂଲ୍ୟ ୧୪୯୯୦୦ ଟଙ୍କା, ୫୧୨ ଜିବି ୧୬୯୯୦୦ ଟଙ୍କା, ୧ଟିବି ୧୮୯୯୦୦ ଏବଂ ୨ଟିବି ଭାରିଆଣ୍ଟର ଦାମ୍ ୨୨୯୯୦୦ ଟଙ୍କା ରହିଛି। ଏହାବାଦ୍ କମ୍ପାନି ଏହି ଇଭେଣ୍ଟରେ ଏୟାରପଡ ୩ ପ୍ରୋ ମଧ୍ୟ ଲଞ୍ଚ କରିଛି। ଏଥିରେ ରିୟଲ ଟାଇମ ଟ୍ରାନ୍ସଲେସନ ଫିଚର ମିଳିବ। ଏହା ହାର୍ଟ ରେଟ୍ ସେନ୍ସର ଥିବା ପ୍ରଥମ ଓ୍ୱାୟାରଲେସ ଇୟରବଡ। ଏଥିରେ ଦୁନିଆର ସବୁଠୁ ଉତ୍ତମ ଇନ- ଇୟର ନଏଜ କ୍ୟାନ୍ସଲେସନ ମିଳିବ। ଏହାର ଦାମ୍ ୨୫,୯୦୦ ଟଙ୍କା ରଖାଯାଇଛି। ଆପଲ ୱାଚ ଲାଇନଅପ୍‌ରେ ଓ୍ୱାଚ ଏସଇ ୩, ଓ୍ୱାଚ୍ ସିରିଜ ୧୧ ଏବଂ ଓ୍ୱାଚ୍ ଅଲ୍ଟ୍ରା ୩ ମଧ୍ୟ ଲଞ୍ଚ୍ କରାଯାଇଛି। ଯାହାର ପ୍ରାରମ୍ଭିକ ଦାମ୍ ୨୫,୯୦୦ ଟଙ୍କା, ୪୬,୯୦୦ ଟଙ୍କା ଏବଂ ୮୯,୯୦୦ ଟଙ୍କା ରହିଛି। ଅଲ୍ଟ୍ରା ୩ରେ ଅଫ୍ ଗ୍ରିଡ କମ୍ୟୁନିକେସନ ପାଇଁ ସାଟେଲାଇଟ କନେକ୍ଟିଭିଟି ରହିଛି। ସିରିଜ ୧୧ରେ ୨୪ ଘଣ୍ଟାର ବ୍ୟାଟେରୀ ଲାଇଫ୍ ରହିଛି। ଏସ୩ରେ ଅଲଓ୍ୱେଜ- ଅନ୍ ଡିସପ୍ଲେ ରହିଛି। ସବୁ ଡିଭାଇସ ଅପଡେଟେଡ OS26 ସହ ରହିଥିବାବେଳେ, ସେପ୍ଟେମ୍ବର ୧୨ରୁ ଆପଣ ଆଇଫୋନ ୧୭ର ସବୁ ଭର୍ଜନକୁ ପ୍ରି- ଅର୍ଡର କରିପାରିବେ। ସେପ୍ଟେମ୍ବର ୧୯ରୁ ଏହାର ବିକ୍ରି ଆରମ୍ଭ ହେବ।

## ଆଜିର ସୁନା ଦର




ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୦,୫୦୯ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୧,୩୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୦,୫୦୯ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୧,୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୦,୫୦୯ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧.୦୧.୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୦,୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୧,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୦,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧.୦୧.୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୦,୫୦୯ ଓ ୧.୦୧.୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୦,୦୦୦ ଟଙ୍କା ହୋଇଛି।

# ଦ୍ରୁତ ଗତିରେ ଆଗେଇ ଚାଲିଛି ଭାରତୀୟ ଅର୍ଥନୀତି




ନୂଆଦିଲ୍ଲୀ,୧୦।୯: ଫିଚ୍ ରେଟିଂସ୍ ଭାରତର ଚଳିତ ଆର୍ଥିକ ବର୍ଷ (୨୦୨୫-୨୬) ପାଇଁ ଅର୍ଥନୈତିକ ବୃଦ୍ଧି ପୂର୍ବାନୁମାନକୁ ୬.୫%ରୁ ବୃଦ୍ଧି କରି ୬.୯% କରିଛି। ଏପ୍ରିଲ୍-ଜୁନ୍ ତ୍ରୈମାସିକରେ ଭାରତର ରିଅଲ୍ ଜିଡିପି ୭.୮% ବୃଦ୍ଧି ପାଇଥିବାରୁ ଏହି ସଂଶୋଧନ କରାଯାଇଛି, ଯାହା ପୂର୍ବ ତ୍ରୈମାସିକର ୭.୪% ତୁଳନାରେ ଅଧିକ। ଫିଚ୍ ରିପୋର୍ଟ ଅନୁସାରେ, ଦ୍ୱିତୀୟ ତ୍ରୈମାସିକରେ ସେବା କ୍ଷେତ୍ରର ଦୃଢ଼ ପ୍ରଦର୍ଶନ ଏବଂ ଦେଶୀୟ ଗ୍ରାହକ ଚାହିଦା ଏହି ବୃଦ୍ଧିର ମୁଖ୍ୟ କାରଣ। ଦେଶୀୟ ଚାହିଦା ଉପରେ ନିର୍ଭରଶୀଳ ଭାରତର ଅର୍ଥନୀତି ଉଚ୍ଚ ଆୟ ଗତିଶୀଳତା ଓ ସହଜ ଆର୍ଥିକ ପରିସ୍ଥିତି ଦ୍ୱାରା ସମର୍ଥିତ। ତେବେ, ଆମେରିକାର ୨୫% ଅତିରିକ୍ତ ଶୁଳ୍କ ନୀତି ଯୋଗୁଁ ବୈଶ୍ୱିକ ବାଣିଜ୍ୟ ଅନିଶ୍ଚିତତା ବ୍ୟବସାୟିକ ମନୋବଳ ଓ ନିବେଶ ନିଷ୍ପତ୍ତିକୁ ପ୍ରଭାବିତ କରିପାରେ ବୋଲି ଫିଚ୍ ଚେତାବନୀ ଦେଇଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ ବୃଦ୍ଧି ୬.୩%କୁ ଏବଂ ଆଗାମୀ ଦୁଇ ବର୍ଷରେ ୬.୨%କୁ ହ୍ରାସ ପାଇବ ବୋଲି ଅନୁମାନ କରାଯାଇଛି। ଏହା ସହିତ, ରିଅଲ୍ ଓ ନାମମାତ୍ର ଜିଡିପି ମଧରେ ସଂକୁଚିତ ବ୍ୟବଧାନ ଯୋଗୁଁ ରିଅଲ୍ ଜିଡିପି ପରିବର୍ତ୍ତନ ହୋଇପାରେ ବୋଲି ଫିଚ୍ ସତର୍କ କରିଛି। ଜୁଲାଇରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୧.୬%କୁ ହ୍ରାସ ପାଇଥିଲା, ଯାହା ଜୁନ୍ ୨୦୧୭ ପରେ ସର୍ବନିମ୍ନ। ଏହା କମ୍ ଖାଦ୍ୟ ମୂଲ୍ୟ ଓ ଭଲ ମୌସୁମୀ ବର୍ଷା ଯୋଗୁଁ ହୋଇଛି। ଫିଚ୍ ଆଶା କରୁଛି ଯେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଚଳିତ ବର୍ଷ ଶେଷରେ ସୁଧ ହାର ୨୫ ବେସିସ୍ ପଏଣ୍ଟ ହ୍ରାସ କରିବ ଏବଂ ୨୦୨୬ ମସିହା ପର୍ଯ୍ୟନ୍ତ ଏହାକୁ ସ୍ଥିର ରଖିବ। ୨୦୨୭ରୁ ମୁଦ୍ରାସ୍ଫୀତି

# ବିମାନବନ୍ଦର ପାଖରେ ସେମିକଣ୍ଡକ୍ଟର କ୍ଲଷ୍ଟର୍



**ଭୁବନେଶ୍ୱର, ୧୦।୯:** ରାଜ୍ୟ ସରକାର ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନକୁ ପ୍ରାଥମିକତା ଦେଉଥିବା ବେଳେ ଏହି କ୍ଷେତ୍ର ଲାଗି ପୁଞ୍ଜିନିବେଶ ଆକୃଷ୍ଟ କରିବା ଉପରେ ଜୋର ଦେଉଛନ୍ତି। ସେମିକଣ୍ଡକ୍ଟରରେ ଓଡ଼ିଶାକୁ ଅଗ୍ରଣୀ ସ୍ଥାନରେ ରଖିବା ଲାଗି ଯୋଜନା ପ୍ରସ୍ତୁତ ହୋଇଛି। ଭୁବନେଶ୍ୱର ବିମାନବନ୍ଦର ପାଖରେ ଏକ ନୂଆ ସେମିକଣ୍ଡକ୍ଟର ଓ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ବିକାଶ କରାଯିବ। ଏଥିପାଇଁ ରାଜ୍ୟ ସରକାର ୧୦୦୦ ଏକର ଜମି ଚିହ୍ନଟ କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଞ୍ଜୁର କରିଥିବା ସିକ୍‌ସେମ୍ ଓ ୩ଡି ଗ୍ଲାସ୍ କାରଖାନାକୁ ସେହି କ୍ଲଷ୍ଟର୍‌ରେ ସ୍ଥାପନ କରାଯିବ। 'ବିଜନେସ୍ ଷ୍ଟାଣ୍ଡାର୍ଡ'କୁ ରାଜ୍ୟ ଆଇଟି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ସେମିକଣ୍ଡକ୍ଟର କ୍ଲଷ୍ଟର୍ ବିକାଶ ଲାଗି ମାଲେସିଆର ବିଶେଷଜ୍ଞ ଇଞ୍ଜିନିୟରମାନଙ୍କ ସହ କଥାବାର୍ତ୍ତା ଚାଲିଛି। ଖୁବ୍‌ଶୀଘ୍ର ଏହି କ୍ଲଷ୍ଟର୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଆସନ୍ତା ମାସରେ ସିକ୍‌ସେମ୍ ପ୍ରକଳ୍ପର ଶିଳାନ୍ୟାସ ହେବ। କମ୍ପାନି ପାଇଁ ଜମି ଚିହ୍ନଟ କରାଯାଇଛି ଏବଂ ବର୍ତ୍ତମାନ ଯଥାର୍ଥ ଆକଳନ ଜାରି ରହିଛି। ଏଭଳି କାରଖାନାରୁ ଉତ୍ପାଦନ ଆରମ୍ଭ କରିବା ଲାଗି ପ୍ରାୟତଃ ଦୁଇ ବର୍ଷ ସମୟ ଲାଗୁଥିବା ବେଳେ ସରକାର କିନ୍ତୁ ୧୮ ମାସ ଭିତରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ କରୁଥିବା ଡ. ମହାଲିଙ୍ଗ କହିଛନ୍ତି। ସିକ୍‌ସେମ୍ ପ୍ରକଳ୍ପକୁ ସହଯୋଗ କରିବା ଲାଗି ରାଜ୍ୟ ସରକାରଙ୍କ ତରଫରୁ ଶିଳ୍ପ ଗ୍ୟାସ୍ ଯୋଗାଣକାରୀ, ରସାୟନ ନିର୍ମାତା ଏବଂ ଅନ୍ୟାନ୍ୟ କଞ୍ଚାମାଲ ଯୋଗାଣକାରୀମାନଙ୍କ ସହିତ ଆଲୋଚନା କରାଯାଉଛି। ଯାହା କିଛି ସହଯୋଗିତା ଆବଶ୍ୟକ ତାହା କରାଯାଇଛି ଏବଂ ଆଗକୁ ଯେଉଁ ସହଯୋଗ ଦରକାର ତାହା ମଧ ପ୍ରଦାନ କରାଯିବ। ଆନୁଷଙ୍ଗିକ ଶିଳ୍ପ ସ୍ଥାପନ ଲାଗି ମଧ ଜମି ଚିହ୍ନଟ କରାଯାଇଥିବା ସେ କହିଛନ୍ତି।

ଶିଳ୍ପ ସଂସ୍ଥାଗୁଡ଼ିକୁ ସହଯୋଗ ପ୍ରଦାନ କରିବା ଲାଗି ସରକାର ରିହାତି ଦରରେ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରୁଛନ୍ତି ଯାହା ସାରା ଦେଶରେ ସବୁଠୁ କମ୍ ବୋଲି ସରକାର ଦାବି କରୁଛନ୍ତି। ଓଡ଼ିଶାକୁ ଏକ ସେମିକଣ୍ଡକ୍ଟର ହବ୍‌ରେ ପରିଣତ କରିବା ଲାଗି ନୂଆ ସେମିକଣ୍ଡକ୍ଟର ନୀତି ଘୋଷଣା କରାଯାଇଛି। ସେଥିରେ ୨୦୩୦ ସୁଦ୍ଧା ୧୨୦ ଚିପ୍ ଡିଜାଇନ୍ କମ୍ପାନିଙ୍କୁ ଆକୃଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି। ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀରେ ରାଜ୍ୟ ସରକାର ଯୋଗ ଦେଇ ଓଡ଼ିଶାର ସେମିକଣ୍ଡକ୍ଟର ସମ୍ଭାବନାକୁ ପ୍ରଦର୍ଶିତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେଥିରେ ଯୋଗଦେଇଥିଲେ। ସମ୍ମିଳନୀରେ ୨୬୫୫ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ସାନ୍‌କୋଡ୍ ଟେକ୍ନୋଲୋଜିସ୍ ରାଜ୍ୟରେ ୧୬୫୦ କୋଟି ଟଙ୍କା ଏବଂ ଟପ୍ ଟ୍ରାକ୍ ହାଇଟେକ୍ ପିସିବି ପ୍ରାଇଭେଟ୍ ଲିମିଟେଡ୍ ୧୦୦୫ କୋଟି ଟଙ୍କା ନିବେଶ କରିବାକୁ ବୁଝାମଣା କରିଛନ୍ତି। ଗତ ମାସରେ କେନ୍ଦ୍ର କ୍ୟାବିନେଟ୍‌ରେ ୪୦୦୯ କୋଟି ଟଙ୍କାରେ କାର୍ଯ୍ୟକାରୀ ହେବାକୁ ଥିବା ଓଡ଼ିଶାର ଦୁଇ ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁର କରାଯାଇଥିଲା। ସେହି ଦୁଇ ପ୍ରକଳ୍ପକୁ ସିକ୍‌ସେମ୍ ଓ ୩ଡି ଗ୍ଲାସ୍ ପକ୍ଷରୁ ସ୍ଥାପନ କରାଯିବ।

### ୧୦୦୦ ଏକରରେ ନିର୍ମାଣ ହେବ

### ମାଲେସିଆ ସହଯୋଗରେ ବିକାଶ କରାଯିବ

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଓଡ଼ିଶା ବଜାରରେ ଟିଭିଏସର ନୂଆ ସ୍କୁଟର ଏନଟର୍କ ୧୫୦




**ଭୁବନେଶ୍ୱର, ୧୦।୯:** ଟିଭିଏସ୍ ମୋଟର୍ କମ୍ପାନି ଓଡ଼ିଶା ବଜାରରେ ଭାରତର ଦ୍ରୁତତମ ହାଇପର୍ ସ୍ପୋର୍ଟସ୍ ସ୍କୁଟର୍ ଟିଭିଏସ୍ ଏନଟର୍କ ୧୫୦ର ଲଞ୍ଚ୍ କରିଛି । ୧୪୯.୭ ସିସିର ରେସ୍ ଆଧାରିତ ଇଞ୍ଜିନ୍ ଦ୍ୱାରା ଚାଳିତ ଏବଂ ଷ୍ଟିଲଥ ଏୟାରକ୍ରାଫ୍ଟ ଡିଜାଇନରୁ ଅନୁପ୍ରାଣିତ ଏହି ସ୍କୁଟରଟି ଉଚ୍ଚ ପ୍ରଦର୍ଶନ, ସ୍ପୋର୍ଟି ଲୁକ୍ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିର ମିଶ୍ରଣ ଯାହା ରାଇଡରମାନଙ୍କ ଏକ ନୂଆ ପିଢ଼ିକୁ ଆକର୍ଷିତ କରିବ । ଏହାର ମୂଲ୍ୟ ୧,୧୯,୦୦୦ ଟଙ୍କା (ଏକ୍ସ-ସୋରୁମ୍) ରହିଛି । ଏହି ସ୍କୁଟର ଏୟାରକୁଲଡ, ଓ୩ସି ଟେକ୍ ଇଞ୍ଜିନ୍ ଦ୍ୱାରା ଚାଳିତ ଯାହା ୭୦୦୦ ଆରପିଏମ ରେ ୧୩.୨ ପିଏସ ଏବଂ ୫,୫୦୦ ଆରପିଏମରେ ୧୪.୨ ଏନଏମ ଟର୍କ୍ ପ୍ରଦାନ କରୁଛି । ମାତ୍ର ୬.୩ ସେକେଣ୍ଡରେ ୦-୬୦ କେଏମ/ଏଚରେ ତ୍ୱରାନ୍ୱିତ ହୋଇ ଏବଂ ୧୦୪ କେଏମ/ଏଚର ଏକ ଶୀର୍ଷ ଗତିକୁ ବଢ଼ାଉଛି ଏବଂ ଏହା ଏହାର ଶ୍ରେଣୀର ସବୁଠାରୁ ଦ୍ରୁତତମ ସ୍କୁଟର୍ ଭାବରେ ଉଭା ହୋଇଛି ।

# ଗ୍ଲାମରଠାରୁ ଆରମ୍ଭ କରି ସବୁ ଲୋକପ୍ରିୟ ମଡେଲ୍‌ର ଦାମ କମାଇଲା ହିରୋ

ନୂଆଦିଲ୍ଲୀ, ୧୦।୯: ସେପ୍ଟେମ୍ବର ୩ ତାରିଖରେ ଜିଏସ୍‌ଟି ପରିଷଦର ୫୬ ତମ ବୈଠକରେ ଭାରତର ଜିଏସ୍‌ଟି ସ୍ଲାବ୍‌ରେ ବଡ଼ ପରିବର୍ତ୍ତନ କରିଥିଲେ କେନ୍ଦ୍ର ସରକାର। ଏଥିରେ ମୁଖ୍ୟତଃ ଦୁଇଟି ସ୍ଲାବ୍ ୫ ପ୍ରତିଶତ ଓ ୧୮ ପ୍ରତିଶତ ଲାଗୁ କରାଯାଇଥିଲା। ସିନ ଗୁଡ୍ସ ଓ ଲଗ୍‌ଜୁରି ଗୁଡ୍ସ ଉପରେ ୪୦ ପ୍ରତିଶତ ଜିଏସ୍‌ଟି ଲଗାଯାଇଛି। ଏହି ପରିବର୍ତ୍ତନ ପରେ ୩୫୦ ସିସି ଭିତରେ ଆସୁଥିବା ସମସ୍ତ ବାଇକ୍ ଉପରେ ଜିଏସ୍‌ଟି ୨୮ ପ୍ରତିଶତରୁ ହ୍ରାସ କରି ୧୮ ପ୍ରତିଶତ କରାଯାଇଛି। ସେହି ଅନୁସାରେ ଏକାଧିକ ମୋଟର ବାଇକ ଶସ୍ତା ହୋଇଯାଇଛି। ହୋଣ୍ଡା ଠାରୁ ଆରମ୍ଭ କରି ରାୟଲଏନ୍‌ଫିଲ୍ଡ, ହିରୋ ମୋଟୋକର୍ପ, ଟିଭିଏସ୍ ଓ ୟାମାହା ଭଳି ମୋଟରସାଇକେଲ କମ୍ପାନୀ ଦର ହ୍ରାସ କରିଛନ୍ତି। ହିରୋ ମୋଟୋକର୍ପ ମଧ ସମସ୍ତ ବାଇକ୍ ଉପରେ ଦର ହ୍ରାସ ଘୋଷଣା କରିଛି। ସେପ୍ଟେମ୍ବର ୨୨ ତାରିଖରେ ହ୍ରାସ ହୋଇଥିବା ଦର ଲାଗୁ ହେବ ବୋଲି କମ୍ପାନୀ କହିଛି।

## ୩ ମାସକୁ ପରିବାର ଖର୍ଚ୍ଚ ୫୬ ହଜାର



ନୂଆଦିଲ୍ଲୀ, ୧୦।୯: ଭାରତୀୟ ପରିବାରଗୁଡ଼ିକର ଖର୍ଚ୍ଚ ଗତ ତିନି ବର୍ଷରେ ବେଶ୍ ବଢ଼ିଛି। ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୫ରେ ଭାରତୀୟ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୫୬ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଏହି ଖର୍ଚ୍ଚ ୩ ବର୍ଷରେ ୩୩ ପ୍ରତିଶତ ବଢ଼ିଛି। ଖର୍ଚ୍ଚରେ ସହରାଞ୍ଚଳରେ ବାସ କରୁଥିବା ପରିବାରଗୁଡ଼ିକ ଆଗରେ ଥିଲେ ମଧ ଗ୍ରାମୀଣ ପରିବାରଗୁଡ଼ିକର ଖର୍ଚ୍ଚ ମଧ ବଢୁଥିବା 'ୱାର୍ଲଡ଼ପ୍ୟାନେଲ୍ ବାଏ ନ୍ୟୁମରେଟର୍'ର ରିପୋର୍ଟରୁ ଜଣାପଡ଼ିଛି। ୨୦୨୨ରେ ଭାରତୀୟ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୪୨ ହଜାର ଟଙ୍କା ଥିଲା। ୨୦୨୫ରେ ତାହା ୫୬ ହଜାରକୁ ବୃଦ୍ଧି ପାଇଛି। ସହରରେ ବାସ କରୁଥିବା ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୨୦୨୨ ଜୁନ୍‌ରେ ୫୨,୭୧୧ ଟଙ୍କା ଥିଲା। ୨୦୨୪ ମାର୍ଚ୍ଚରେ ତାହା ୬୪,୫୮୩ ଟଙ୍କାକୁ ଏବଂ ୨୦୨୫ ମାର୍ଚ୍ଚରେ ୭୩,୫୭୯ ଟଙ୍କାକୁ ବଢ଼ିଛି। ସେହିପରି, ଗ୍ରାମୀଣ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ଯାହା ୨୦୨୨ ଜୁନ୍‌ରେ ୩୬,୧୦୪ ଟଙ୍କା ଥିଲା ତାହା ୨୦୨୫ ମାର୍ଚ୍ଚ ସୁଦ୍ଧା ୪୬,୬୨୩ ଟଙ୍କାକୁ ବୃଦ୍ଧି ପାଇଛି। ଦେଶର ୬୦୦୦ ପରିବାର, ଗୃହିଣୀମାନଙ୍କୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା। ସ୍ୱଳ୍ପ ଆୟରେ ପରିବାର ଚଳାଇବା କଷ୍ଟକର ହେଉଥିବା ଅଧିକାଂଶ ଲୋକ କହିଛନ୍ତି।

## ଭାରତର ଜାହାଜ ନିର୍ମାଣରେ ସହଯୋଗ କରିବାକୁ ରାଜି ଜାପାନ କମ୍ପାନୀ

ନୂଆଦିଲ୍ଲୀ୧୦।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାପାନ ଗସ୍ତରୁ ଫେରିବା ପରଠାରୁ, ଦୁଇ ଦେଶ ମଧରେ ବ୍ୟବସାୟିକ ସମ୍ପର୍କ ଏକ ନୂଆ ଦିଗରେ ଆଗକୁ ବଢ଼ୁଛି। ଜାପାନ ଭାରତରେ ବିଲିଅନ ଡଲାର ନିବେଶ କରିବାକୁ ଘୋଷଣା କିଥିବା ବେଳେ ମଙ୍ଗଳବାର ଜାପାନର ଦ୍ୱିତୀୟ ସର୍ବବୃହତ ଜାହାଜ କମ୍ପାନୀ ମିତ୍ସୁଇ OSK(Mitsui OSK) ଲାଇନ୍ସ ଭାରତରେ ଟ୍ୟାଙ୍କର୍ ନିର୍ମାଣ ପାଇଁ ଇଚ୍ଛା ପ୍ରକାଶ କରିଛି।

ବର୍ତ୍ତମାନ, ଭାରତ ଯେଉଁଭଳି ଭାବରେ ଅଶୋଧିତ ତେଲ ଆମଦାନୀ କରୁଛି ଏବଂ ବିଶୋଧିତ ତୈଳ ଉତ୍ପାଦ ରପ୍ତାନି କରୁଛି, ସେଥିପାଇଁ ବହୁତ ଜାହାଜର ଆବଶ୍ୟକତା ରହିଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତର ରପ୍ତାନିରେ ମଧ ବୃଦ୍ଧି ଘଟିଛି। ଯାହା ଯୋଗୁଁ ଭାରତ ବିଦେଶୀ ଜାହାଜ ଉପରେ ନିର୍ଭରଶୀଳ ହେଉଛି। ଏଥିପାଇଁ ଖର୍ଚ୍ଚ ବଢ଼ୁଛି। ଏହି ଖର୍ଚ୍ଚକୁ ହ୍ରାସ କରିବା ପାଇଁ, ଭାରତ ଜାହାଜ ଟ୍ୟାଙ୍କର ନିର୍ମାଣ ପ୍ରତି ଇଚ୍ଛା ପ୍ରକାଶ କରିଛି। ଏହି ସମୟରେ ଜାପାନର ମିତ୍ସୁଇ ଭାରତ ସହ ମିଶି କଣ୍ଟେନର ତିଆରି କରିବାକୁ ନିଷ୍ପତ୍ତି ନେଇଛି।

କମ୍ପାନୀର ସିଇଓ ଟାକେଶି ହାସିମୋତୋ କହିଛନ୍ତି ଯେ ଯଦି ଭାରତର କୌଣସି କମ୍ପାନୀ ସେମାନଙ୍କ ସହିତ ସହଭାଗୀ ହୁଏ, ତେବେ ଏହା ଭାରତରେ ସ୍ଥାନୀୟ ଉତ୍ପାଦନକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ପ୍ରକୃତରେ, ଭାରତ ଜାହାଜ ନିର୍ମାଣ, ବନ୍ଦର ଏବଂ ଜାହାଜ କାରଖାନା ସମେତ ଏହି କ୍ଷେତ୍ରରେ ବିଦେଶୀ ଅଂଶଗ୍ରହଣକୁ ଅନୁମତି ଦେବା ପାଇଁ ଏହାର ସାମୁଦ୍ରିକ ଆଇନକୁ ଆଧୁନିକୀକରଣ କରୁଛି, ଯାହା ଦ୍ୱାରା ୨୦୪୭ ସୁଦ୍ଧା ବିଦେଶୀ କମ୍ପାନୀଗୁଡ଼ିକ ଅତି କମରେ ଏକ ତୃତୀୟାଂଶ ମାଲ ପରିବହନ ହ୍ରାସ କରିପାରିବେ। ମଙ୍ଗଳବାର ଦିନ ସିଙ୍ଗାପୁରରେ ଆପେକ୍ ସମ୍ମିଳନୀରେ ହାସିମୋଟୋ ସାମ୍ବାଦିକମାନଙ୍କୁ କହିଥିଲେ ଯେ ଭାରତ ସରକାର ଭାରତରେ ନୂଆ ଜାହାଜ ନିର୍ମାଣ ହେବାକୁ ଦେଖିବାକୁ ଚାହାଁନ୍ତି। ଯଦି ସମ୍ଭବ ହୁଏ, ତେବେ ଆମେ ଏହି ପ୍ରକଳ୍ପରେ ସାମିଲ ହେବାକୁ ଚାହୁଁଛୁ।

ଭାରତର ଜାହାଜ ପରିବହନ ଏନର୍ଜି ଇମ୍ପୋର୍ଟ ଏବଂ ବିଶୋଧିତ ତୈଳ ଉତ୍ପାଦର ରପ୍ତାନିରେ ହୋଇଥିବା ବାଣିଜ୍ୟର ଅଭିବୃଦ୍ଧି ସହିତ ତାଳ ଦେଇ ପାରିନାହିଁ। ତେଣୁ ଭାରତ ମଧ ଜାହାଜ କଣ୍ଟେନେର ନିର୍ମାଣ ନେଇ ଚିନ୍ତା ପ୍ରକଟ କରୁଛି। ଏନେଇ ହାସିମୋଟା କହିଛନ୍ତି "ଆମକୁ ନିଶ୍ଚିତ ଭାବରେ ସ୍ଥାନୀୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ କାମ କରିବାକୁ ପଡିବ ଏବଂ ଭାରତୀୟ ଜାହାଜ କାରଖାନା ସହିତ ଦୃଢ଼ ସହଯୋଗ ଗଠନ କରିବାକୁ ପଡିବ।" ସରକାର ଫେବୃଆରୀରେ ତାଙ୍କ ବଜେଟରେ କହିଥିଲେ ଯେ ଦେଶର ଜାହାଜ ନିର୍ମାଣ ଏବଂ ମରାମତି ଶିଳ୍ପକୁ ଦୀର୍ଘକାଳୀନ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଭାରତ ୨୫୦ ବିଲିୟନ ଟଙ୍କା ($2.84 ବିଲିୟନ) ର ସାମୁଦ୍ରିକ ବିକାଶ ପାଣ୍ଠି ସ୍ଥାପନ କରିବ। ଭାରତକୁ ଏକ ବିଶ୍ୱସ୍ତରୀୟ ନିର୍ମାଣକାରୀ ରାଷ୍ଟ୍ର କରିବା ପାଇଁ ବହୁ ବିଲିୟନ ଡଲାର ପ୍ରୟାସର ଅଂଶ ଭାବରେ ସରକାର ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବାକୁ ବିଚାର କରୁଛନ୍ତି।



ଅଞ୍ଚଳରେ ପାନୀୟଜଳ ମୁଖ୍ୟ ସମସ୍ୟା

# ପାଇପ୍ ଜଳ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା

**କଣାସ,୧୦।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ରାସ୍ତା ନିର୍ମାଣ, ପ୍ରତ୍ୟେକ ପରିବାରଙ୍କୁ ବିଦ୍ୟୁତ୍ ଯୋଗାଣ, ପାଇପ୍ ଜଳ ଯୋଗାଣ, ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରେ ବର୍ଷ ସାରା ପାନୀୟଜଳ ସମସ୍ୟା ଲାଗିରହୁଛି। ପାନୀୟଜଳ ସମସ୍ୟା ସମାଧାନ ପାଇଁ ଗ୍ରାମ୍ୟ ଜଳଯୋଗାଣ ପକ୍ଷରୁ ୯ଶହ ରୁ ଉର୍ଦ୍ଧ୍ୱ ନଳକୂପ, ୬୦ରୁ ଉର୍ଦ୍ଧ୍ୱ ଗଭିରକୂପ ଖନନ କରାଯାଇଥିଲା। ସେଥି ମଧ୍ୟରୁ ୫ଶହ ରୁ ଉର୍ଦ୍ଧ୍ୱ ନଳକୂପରେ ଲୁଣିଜଳ ବାହାରିବାରୁ ଲୋକମାନେ ସେଗୁଡିକୁ ବ୍ୟବହାର କରୁନଥିବାରୁ ସେଗୁଡିକ ଧିରେ ଧିରେ ଅଚଳ ହୋଇପଡ଼ିଥିଲା। ଖୋଲାଯାଇଥିବା ୬୦ରୁ ଉର୍ଦ୍ଧ୍ୱ ଗଭିରକୂପ ରୌଦ୍ରତାପ ସମୟରେ ଶୁଖିଯାଉଥିବାରୁ ରୌଦ୍ରତାପ ସମୟରେ କଣାସ ଅଞ୍ଚଳର ଲୋକମାନଙ୍କ ପାନୀୟଜଳ ସମସ୍ୟା କହିଲେ ନ ସରେ। ଜନସାଧାରଣ ପାନୀୟଜଳ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ବାରମ୍ବାର ଦାବୀ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାରୁ ଦୟା, ରାଜୁଆ, ମଳାଗୁଣି, ମକରା, ଲୁଣା ନଦୀରେ କେତୋଟି ହାତଗଣତି ପାଇପ୍ ଜଳ ପ୍ରକଳ୍ପ ବସାଯାଇ କେତେଖଣ୍ଡ ଗ୍ରାମକୁ ପାନୀୟଜଳ ଯୋଗାଣ ଚାଲିଛି। ଦୟାନଦୀର ଜଳ ବିଷାକ୍ତ ହୋଇଥିବାରୁ ସେହିଜଳକୁ ଜନସାଧାରଣ ବ୍ୟବହାର କରିବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଅନେକ ସମୟ ବିଦ୍ୟୁତ୍ କାଟ ହେଉଥିବାରୁ ପାଇପ୍ ଜଳ ଯୋଗାଇ ଦିଆଯାଉଥିବା ଗ୍ରାମବାସୀ ଜଳ ପାଇଁ ଗ୍ରାମଦାଣ୍ଡରେ ନିଜର ଆସବାସ ଥୋଇ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ବସୁଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ କଣାସ ବ୍ଲକ ଚୁପୁରିଙ୍ଗି ନିକଟରେ ପାନୀୟଜଳ ଯୋଗାଇବା ପାଇଁ ଏକ ମେଘା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ତାହା ୨୦୨୪ମସିହାରେ ଶେଷ ହେବାକଥା ଆଜି ପର୍ଯ୍ୟନ୍ତ ସରିନାହିଁ। ସେହି ମେଘା ପ୍ରକଳ୍ପରୁ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତ ଓ ସତ୍ୟବାଦୀ ବ୍ଲକର ୪ଟି ଗ୍ରାମପଞ୍ଚାୟତ ଏବଂ ବ୍ରହ୍ମଗିରି ବ୍ଲକର ୪ଗ୍ରାମପଞ୍ଚାୟତକୁ ମେଘାପ୍ରକଳ୍ପରୁ ପାନୀୟଜଳ ଯୋଗାଇବା ପାଇଁ ବ୍ୟବସ୍ଥା ରହିଛି। ତହା ବର୍ତ୍ତମାନ ସୁଧା କାର୍ଯ୍ୟକ୍ଷେମ ହୋଇନାହିଁ। ଏ ସମ୍ପର୍କରେ ଗ୍ରାମ୍ୟଜଳ ଯୋଗାଣ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟଙ୍କୁ ପାରିବାରୁ ସେକୁହନ୍ତି ଡିସେମ୍ବର ଶେଷ ସୁଧା କାମ ସମ୍ପୂର୍ଣ୍ଣ ହୋଇଯିବ। ଅନେକ ଗ୍ରାମରେ ପାଇପ୍ ପକାଇବା ପାଇଁ ବିରୋଧ କରୁଥିବାରୁ କାମ ଡେରିହେଉଛି।





## ସରିଲା ନୂଆଁଖାଇ; ଶ୍ରମିକ ଏବେ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ

**ସୁବର୍ଣ୍ଣପୁର,୧୦।୯(ସଂଚାର ବ୍ୟୁରୋ):** ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଓ ଛାଡଖାଇ ଶେଷ ହୋଇଛି। ଏହି ନୂଆଁଖାଇ ପର୍ବ ପାଳନ ପାଇଁ ପଶ୍ଚିମ ଓଡିଶାର ଲୋକମାନେ ଯିଏ ଯେଉଁଠି ଥିଲେ ମଧ୍ୟ ନିଜ ନିଜ ଘରକୁ ଆସିଥାନ୍ତି। ନୂଆଁଖାଇ ଓ ତା' ପରଦିନ ଛାଡଖାଇ ପାଳନ କରି ପୁଣି ନିଜ ନିଜର କର୍ମକ୍ଷେତ୍ର କୁ ଫେରି ଯାଆନ୍ତି କିନ୍ତୁ ସୁବର୍ଣ୍ଣପୁର ଜିଲ୍ଲାର ଗ୍ରାମାଞ୍ଚଳରୁ ଶ୍ରମିକମାନେ କାମ ଅଭାବରୁ ବିଭିନ୍ନ ରାଜ୍ୟକୁ ଯଥା ତାମିଲନାଡୁ, ବେଙ୍ଗାଲୁର, ଆନ୍ଧ୍ରପ୍ରଦେଶ, ସୁରାଟ, ଭଳି ବିଭିନ୍ନ ରାଜ୍ୟ ଦାଦନ ଖଟିବାକୁ ଚାଲି ଯାଆନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ କୌଣସି ଶିଳ୍ପ ସଂସ୍ଥା ନ ଥିବାରୁ ଏଠିକାର ଲୋକେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବାପାଇଁ ବାଧ୍ୟ ହୋଇଥାନ୍ତି। ତେଣୁ ନୂଆଁଖାଇ ପାଳନ ସରିଲା ପରେ ଉଲୁଣ୍ଡା, ସୋନପୁର, ବୀରମହାରାଜପୁର, ତରଭା ଏହି ଅଞ୍ଚଳର ଅଧିକାଂଶ ଶ୍ରମିକ ଦାଦନ ଖଟି ଯିବାକୁ ସଜବାଜ ହେଉଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତରେ ଜିଲ୍ଲା ପ୍ରଶାସନ କି ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଶ୍ରମ ବିଭାଗ ପାଖରେ ଜିଲ୍ଲା ରୁ କେତେ ଦାଦନ ଶ୍ରମିକ ବାହାର ରାଜ୍ୟ କୁ ଯାଉଛନ୍ତି ହିସାବ ନାହିଁ କିନ୍ତୁ ଶ୍ରମ ବିଭାଗର ଖାମଖିଆଲି ନୀତି ଯୋଗୁଁ ଶ୍ରମିକ ମାନଙ୍କ ହିସାବ ରହୁ ନାହିଁ। ସେପଟେ ସରକାର ଗରିବ ନିରୀହ ଗରିବ ଲୋକଙ୍କୁ କାମ ଯୋଗାଇ ଦେବା ପାଇଁ ମାଳ ମାଳ ଯୋଜନା ପ୍ରଣୟନ କରି ବିପୁଳ ଅର୍ଥ ବିନିଯୋଗ କରୁଥିବା କହୁଛନ୍ତି କିନ୍ତୁ ପ୍ରଶାସନ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ନିଜର ପରିବାର ଚଳାଇବା କଷ୍ଟକର ହେଉଥିବା ଯୋଗୁଁ ଗରିବ ଲୋକମାନେ ବାହାର ରାଜ୍ୟକୁ ଦାଦନ ଖଟି ଯିବା ପାଇଁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ଗରିବ ଲୋକଙ୍କୁ କାମ ଯୋଗାଇ ଦେବାକୁ ମନରେଗା ଯୋଜନା କର ନିଜ ନିଜର ପଞ୍ଚାୟତରେ ବର୍ଷକୁ ୧୦୦ ଦିନର କାମ ଯୋଗାଇ ଦେବାକୁ ସ୍ଥିର କରିଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ



**ସୁବର୍ଣ୍ଣପୁର,୧୦।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ନବନିଯୁକ୍ତ ଜିଲ୍ଲାପାଳ ଡ.ନୃପରାଜ ସାହୁ ଆଜି ସୁବର୍ଣ୍ଣପୁର ସହରରେ ଥିବା ବିଭିନ୍ନ ଶିକ୍ଷା, ସ୍ୱାସ୍ଥ୍ୟ ତଥା ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରି ଅନେକ ସମସ୍ୟା କଥା କର୍ତ୍ତୃପକ୍ଷଙ୍କ ଠାରୁ ପଚାରି ବୁଝିଥିଲେ ଓ ସକାଳେ ସାଢେ ନଅ ଘଣ୍ଟା ସମୟରେ ପ୍ରଥମେ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟଠାରେ ବୃକ୍ଷରୋପଣ କାର୍ଯ୍ୟରେ ଯୋଗଦେଇ ସେଠାରୁ ସୁବର୍ଣ୍ଣପୁର ସହର ଉପକଣ୍ଠରେ ଥିବା ଧୋବାବାହାଲି ଗ୍ରାମର ବିଭିନ୍ନ ସମସ୍ୟା କଥା ବୁଝି ଶ୍ରୀ ଶ୍ରୀ ଯୋଗେଶ୍ୱର ମନ୍ଦିର ଦର୍ଶନ କରିଥିଲେ । ସେଠାରୁ ଲେପ୍ରା ସୋସାଇଟି କାର୍ଯ୍ୟାଳୟ ଯାଇ ସେଠାରେ କୁଷ୍ଠମୁକ୍ତ ଲୋକମାନଙ୍କ ଗହଣରେ କିଛି ସମୟ ଅତିବାହିତ କରି ସେମାନଙ୍କ ସମସ୍ୟା କଥା ବୁଝିଥିଲେ ଏବଂ ସେମାନଙ୍କୁ ସେଠାରେ ନିର୍ମିତ ଜୋତା ଚପଲ ବଣ୍ଟନ କରିଥିଲେ । ସେଠାରୁ ଜିଲ୍ଲାପାଳଙ୍କ ପୋଷ୍ୟ ବିଦ୍ୟାଳୟ ମହାରାଜା ଉଚ୍ଚ ବିଦ୍ୟାଳୟ ଯାଇ ଶୈକ୍ଷିକ ତଥା ପ୍ରଶାସନିକ ବାତାବରଣର ବିବରଣୀ ସଂଗ୍ରହ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲେପ୍ରା ସୋସାଇଟି ରାଜ୍ୟ ଆମ୍ବାସାଡର ତଥା ମୋ ସ୍କୁଲ ଅଭିଯାନର ସଭାପତି ଗୋରେଖନାଥ ସାହୁ, କୋଷାଧ୍ୟକ୍ଷ ଦିଲ୍ଲୀପ ରଥ, ସଂପାଦକ ବ୍ୟୋମକେଶ ଦାଶ, ପ୍ରଧାନ ଶିକ୍ଷକ ଆଶୀଷ ରଥ ଏବଂ ଲେପ୍ରା ସୋସାଇଟିର ସଂଯୋଜକ ନୃସିଂହ ଚରଣ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଲଗାଣ ବର୍ଷାରେ ଭାଙ୍ଗିଲା ମାଟିଘର

## ବର୍ଷ ବର୍ଷ ଧରି ପଲିଥନ ତଳେ ବିତୁଛି ଜୀବନ

**ବୋରିଗୁମ୍ମା,୧୦।୯ (ସଂଚାର ବ୍ୟୁରୋ):** ବର୍ଷେ କି ଦୁଇବର୍ଷ ନୁହେଁ ପ୍ରାୟ ୧୫ ବର୍ଷ ହେଲା ମହିଳା ଜଣକ ସରକାରଙ୍କ ଅବାସ ଯୋଜନା ଏବଂ ଭତ୍ତା ପାଇବାରେ ବଞ୍ଚିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ଗୁହାରି କରିବା ପରେ ମଧ୍ୟ ତାଙ୍କ ନିକଟରେ ସରକାରୀ ଯୋଜନା ଅପହଞ୍ଚ ହୋଇଛି।



ଏହି ଘଟଣା କୈଣସି ପତ୍ରୀ କିମ୍ବା କୌଣସି ଦୁର୍ଗମ ସ୍ଥଳାକାର ଘଟଣା ନୁହେଁ, ଏପରି ଏକ ସମ୍ବେଦନଶିଳ ଘଟଣା ସାମ୍ନା କୁ ଆସିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗ୍ରାମର ଉପକଣ୍ଠ ସ୍ଥଳରେ ଅବସ୍ଥିତ କେନାଲ କଡରେ ଅନାବାଦୀ ଜାଗାରେ କୁଡ଼ିଆ କରି ରହି ଆସୁଥିବା ସନେଇ ମାଝୀଙ୍କ୍ସୂଚନା ମୁତାବକ ଏହି ମହିଳା ସନେଇ ମାଝୀ ୧୧ବର୍ଷର ଝିଅ କୁ ନେଇ ଏହି ଭଙ୍ଗା କୁଡ଼ିଆ ତଳେ ରହି ଆସୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଅଧିକାରୀଙ୍କ ନିତିଦିନିଆ ଯିବା ଅସିବା ରାସ୍ତା କଡରେ ଏହି ପରିବାର ବସବାସ କରୁଛନ୍ତି। ବିପଦପୂର୍ଣ୍ଣ ଅବସ୍ଥାରେ ପଲିଥନ କୁଡ଼ିଆ। ତଳେ ମହିଳାଙ୍କ ପରିବାର ଜୀବନ ବାଜି ଲାଗିଥିଲେ ମଧ୍ୟ ଏଥିପ୍ରତି ବାହାରି ନଜର ପଡୁନାହିଁ। ବିଧବା ମହିଳା ଜଣକ ଦୀର୍ଘ ବର୍ଷ ହେବ ଏହି ବିଲ ହୁଡ଼ା ଉପରେ ଛ ଖଣ୍ଡ ଖୁଣ୍ଟି ଆଉ କିଛି ପଟିଆ ସାହାରା ତା ଉପରେ ଖଣ୍ଡିଏ ପଲିଥନ କାନ୍ଥ ଭୁଶୁଡି ଯାଇଛି ଚାରି ପଟେ ଫୋଟା ଚିରା ଶାଢୀରେ ଘଡ଼ାଇ ଜୀବନଯାପନ କରୁଛନ୍ତି ମହିଳା ସନେଇ ଓ ଝିଅ। ଗତ ୧୨ ବର୍ଷ ତଳେ ସ୍ୱାମୀ ନିଜ ସ୍ତ୍ରୀ ଓ ଝିଅ କୁ ଛାଡି କେଉଁ ଆଡେ ଚାଲିଯାଇଛନ୍ତି। ସନେଇ ମାଝି ଦିନ ମଜୁରିଆ ଭାବେ କାମ କରି ଗାଁ ଗାଁ ବୁଲି ଭିକ ମାଗି ପାରିବାରକୁ ଭରଣ ପୋଷଣ କରିଆସୁଥିଲେ। ସରକାରଙ୍କ ପକ୍ଷରୁ ମାସିକ ମାତ୍ର ୫ କିଲୋ ଚାଉଳ ମିଳୁଛି ତାହାପୁଣି ସମୁଦ୍ରକୁ ଶଙ୍ଖେ।ଘର ଖଣ୍ଡିଏ ଯୋଗେଇ ଦେବାପାଇଁ ସରକାରଙ୍କ ପାଖରେ ନିବେଦନ କରିଛନ୍ତି ସନେଇ ମାଝୀ। ଏ ନେଇ ଆସ ଖୋଜିବା କାର୍ଯ୍ୟକ୍ରମ ର ପ୍ରୟାସ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଯଥା ଶିଘ୍ର ଆବାସ ଯୋଜନାରେ ଗୃହ ଯୋଗାଇଦେବାକୁ ସମ୍ମତ ପ୍ରକାଶ କରିଛନ୍ତ।

## ପର୍ଯ୍ୟଟନସ୍ଥଳୀ ଦାୟିତ୍ୱ ହସ୍ତାନ୍ତର ନେଇ ଦୁଇ କମିଟି ମଧ୍ୟରେ ଟଣାଓଟରା ଘଟଣା

● ଜିଲ୍ଲା ପ୍ରଶାସନ ମଧ୍ୟସ୍ଥତାରେ ସ୍ଥାୟୀ ସମାଧାନ ବୈଠକ



**ଭବାନୀପାଟଣା,୧୦।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୁଡାହାଣ୍ଡି ଡୋକାରିଚଞ୍ଚରା କୁ ନେଇ ବିଗତ ରାମ ନବମୀ ପୂର୍ବରୁ ପୂର୍ବରୁ ଥିବା ଉନ୍ନୟନ କମିଟି ଓ ବନ ବିଭାଗ ଦ୍ୱାରା ଅନୁମୋଦିତ ଇ ଟି ଜି କମିଟି ମଧ୍ୟରେ ପର୍ଯ୍ୟଟନ ସ୍ଥଳୀ ର ଦାଇତ୍ୱ ହସ୍ତାନ୍ତର ନେଇ ବିବାଦ ଉପୁଜିଥିଲା। ସେହି ସମୟରେ ଏହି ବିବାଦ ରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ରାମ ନବମୀ ମହୋତ୍ସବ ପାଇଁ ଇଟିଜି କମିଟି କୁ ଦାଇତ୍ୱ ହସ୍ତାନ୍ତର କରିଥିଲେ। ତେବେ ଏନେଇ ଉନ୍ନୟନ କମିଟି ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ପର୍ଯ୍ୟଟନ ସ୍ଥଳି ର ଦାଇତ୍ୱ କେବଳ ଗୋଟିଏ ପଞ୍ଚାୟତ ଡୁଡୁକାଠେଙ୍ଗା ରେ ସୀମିତ ନ ରଖି ଏକ ଟ୍ରଷ୍ଟ ବୋର୍ଡ ଗଠନ କରି ବ୍ଲକ ର ବିଭିନ୍ନ ପଞ୍ଚାୟତ ର ଜନ ପ୍ରତିନିଧି, ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀ ଙ୍କୁ ନେଇ କମିଟି ଗଠନ କରିବାକୁ ଲିଖିତ ଅଭିଯୋଗ ହୋଇଥିଲା। ଏହି ବିବାଦୀୟ ଘଟଣା ରେ ହାଇକୋର୍ଟର ନିର୍ଦ୍ଦେଶ ଆସିବା ପରେ ସ୍ଥାୟୀ ସମାଧାନ କରିବାକୁ ବୁଧବାର କୋକସରା ବ୍ଲକ କାର୍ଯ୍ୟାଳୟ ସଭାଗୃହ ରେ ଏକ ବୈଠକ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ସ୍ଥାନୀୟ ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉର୍, ଆମପାଣି ଥାନା ଅଧିକାରୀ ପ୍ରଶାନ୍ତ କୋଲହାରସ ଙ୍କ ଉପସ୍ଥିତି ରେ ଉନ୍ନୟନ କମିଟି ର ସଭାପତି ଭଦରେଶ୍ୱର ପାତ୍ର, ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀ ଙ୍କୁ ନେଇ ଏକ ଟ୍ରଷ୍ଟ ବୋର୍ଡ ଗଠନ କରି ଗୁଡାହାଣ୍ଡି ପର୍ଯ୍ୟଟନ ସ୍ଥଳୀର ରକ୍ଷଣାବେକ୍ଷଣ ଦାୟିତ୍ୱ ହସ୍ତାନ୍ତର କରିବାକୁ ବୈଠକରେ ମତ ଦେଇଥିଲେ।

## ଅସମ୍ପୂର୍ଣ୍ଣ ପ୍ରକଳ୍ପ, ରେକର୍ଡ ୩ଦିନରେ ସମ୍ପୂର୍ଣ୍ଣ କଲେ ବିଡିଓ



● ମୁଖ୍ୟମନ୍ତ୍ରୀ କରିବେ ଉଦଘାଟନ

**ବିଷମକଟକ,୧୦।୯(ସଂଚାର ବ୍ୟୁରୋ):** ଦୀର୍ଘ ୮ ବର୍ଷ ଧରି ଅସମ୍ପୂର୍ଣ୍ଣ ରହିଥିବା ଏକ ଅଙ୍ଗନବାଡି କେନ୍ଦ୍ର ପ୍ରକଳ୍ପକୁ ବାସ୍ତବ ରୂପ ଦେଇ ସ୍ଥାନୀୟଙ୍କ ଆଶାକୁ ପୂରଣ କରିଛନ୍ତି ବିଷମକଟକ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଡିଓ ଶିବ ପଟନାୟକ ଓ ତାଙ୍କ ବୈଷୟିକ ଦଳ। ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକ ଅନ୍ତର୍ଗତ ରାସକୋଲା ପଞ୍ଚାୟତର ଜନାପିଙ୍ଗା ଗ୍ରାମରେ ଏହି ପ୍ରକଳ୍ପ ୨୦୧୭-୧୮ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିଲା। କିନ୍ତୁ ଶ୍ରମିକ ମଜୁରୀ ସମସ୍ୟା ଓ ପ୍ରଶାସନିକ ଅବହେଳା ହେତୁ କାର୍ଯ୍ୟ ଆଧାରେ ଅଟକିଥିଲା। ଦୀର୍ଘ ସମୟ ଧରି ବିଭିନ୍ନ ବିଡିଓଙ୍କ ବଦଳି ହୋଇଥିଲେ ମଧ୍ୟ ପ୍ରକଳ୍ପ ଆଗକୁ ବଢିପାରିନଥିଲା। ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଦାୟିତ୍ୱ ଗ୍ରହଣ ପରେ ଅସମ୍ପୂର୍ଣ୍ଣ ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁଙ୍କ ନିୟମିତ ସମୀକ୍ଷା ଓ ବିଡିଓ ଶିବ ପଟନାୟକଙ୍କ ଦୃଢ଼ ପ୍ରଚେଷ୍ଟାରେ, ଅତିରିକ୍ତ ସହାୟକ ଯନ୍ତ୍ରୀ ଝରଣା ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ସାଗର ଗୌଡ଼ଙ୍କ ସହାୟତାରେ ମାତ୍ର ତିନି ଦିନରେ ପ୍ରକଳ୍ପଟି ସମ୍ପୂର୍ଣ୍ଣ କରାଯାଇଛି। ସ୍ଥାନୀୟ ଲୋକଙ୍କ କଥାମାନେ, ୮ ବର୍ଷ ଧରି ପଡ଼ିଥିବା ବିବାଦିତ ପ୍ରକଳ୍ପକୁ ଏପରି ଦ୍ରୁତଗତିରେ ସାରିଦେବା, ବିଡିଓଙ୍କ ପ୍ରଶାସନିକ ଦକ୍ଷତା ଓ ଇଚ୍ଛାଶକ୍ତିର ପ୍ରତିକ। ରାଜେନ୍ଦ୍ର ହିକାବାଡ଼ି, ରାମ ଜାଗାରାଙ୍ଗା, ଘାସିରାମ ହିକାବାଡ଼ି, ଗାଟିଲା ହିକାବାଡ଼ି ପ୍ରମୁଖ ସ୍ଥାନୀୟ ନେତାମାନେ ବିଡିଓଙ୍କୁ କୃତଜ୍ଞତା ଜଣେଇଛନ୍ତି। ଆସନ୍ତା କିଛି ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚ୍ଚୁଆଲ ମାଧ୍ୟମରେ ଏହାର ଉଦଘାଟନ କରିବେ। ଏହି କେନ୍ଦ୍ର ସଚଳ ହେବା ପରେ ଜନାପିଙ୍ଗା, କିଡ୍ରିମାଳା, ରୁଙ୍ଗଟି, କୀଡୀମାଟି ଗ୍ରାମର ୧୧୦ ଶିଶୁ ଏବଂ ୧୫୦ରୁ ଅଧିକ ମହିଳା ସିଧାସଳଖ ଲାଭାନ୍ୱିତ ହେବେ। ସ୍ଥାନୀୟ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ କଥାରେ, ଏହି କେନ୍ଦ୍ର ଚାଲୁ ହେବା ସହିତ ଗ୍ରାମରେ ଶିଶୁ ଓ ମହିଳାଙ୍କ ଶୁଷ୍ଟୁ ସୁବିଧା ପ୍ରଦାନ ହେବ। ୮ ବର୍ଷର ଅପେକ୍ଷା ପରେ ସାରିଥିବା ଏହି କାର୍ଯ୍ୟ ପାଇଁ ବିଡିଓଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି।

## ବସ୍‌ରେ ୨ ନାବାଳକଙ୍କୁ ୨୫ କିମି ବୁଲାଇବା ଭିତ୍ତିହୀନ



**ବୈଶିଙ୍ଗା,୧୦।୯(ସଂଚାର ବ୍ୟୁରୋ):** ଗତ ୭ ତାରିଖ ରବିବାର ଦିନ ଅପରାହ୍ନ ୪ ଘଟିକା ସମୟରେ ଓଏସଆରଟିସି ର ମୁଖ୍ୟମନ୍ତ୍ରୀ ବସରେ ଦୁଇ ନାବାଳକ ଙ୍କୁ ୨୫ କିମି ବୁଲାଇ ବୁଲାଇ ବୈଶିଙ୍ଗା ରେ ଓହ୍ଲାଇ ଦେବା ଏବଂ ସାଧାରଣରେ କଣ୍ଡକ୍ଟର କୁ କାନ ଧରି ଉଠ ବସ କରାଇବା ଘଟଣା ଏକ ନିର୍ଦ୍ଦିଷ୍ଟ ସମ୍ବାଦ ପତ୍ର ରେ ପୃଷ୍ଠା ମଣ୍ଡନ କରିବା ଏକ କପୋଳ କଳ୍ପିତ ବୋଲି କଣ୍ଡକ୍ଟର ପ୍ରତାପ ଚନ୍ଦ୍ର ବୈଠା ଏବଂ ଡ୍ରାଇଭର ଗିରିଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି । ଅନୁସନ୍ଧାନ ରୁ ଯାହା ଜଣାଯାଏ ଅପରାହ୍ନ ଘ.୨.୫୦ ମିନିଟ ସମୟରେ ଏହି ବସଟି (ଓଡି ୧୧ ଏଇ ୩୪୧୯) ନଡପୁର ରୁ ଆସିବା ସମୟ ରେ ବିଜେପିର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା ଙ୍କ ନାବାଳକ ପୁତ୍ର ରୋହିତ ଏବଂ ବୈଶିଙ୍ଗା ଗ୍ରାମର ସରୋଜ ପୁଥାଳଙ୍କ ନାବାଳକ ପୁତ୍ର ପିୟୁଷ ଦୁଇ ଜଣ ବସରେ ଚଢି ବୈଶିଙ୍ଗା ରେ ଓହ୍ଲାଇବାର ଥିଲା । ମାତ୍ର ପିୟୂଷ ଙ୍କ ବାପା ସରୋଜ ଘ.୩.୨୫ ମିନିଟ ସମୟ ରେ ବୈଶିଙ୍ଗା ବସ ଷ୍ଟାଣ୍ଡରେ ନ ଥିବାରୁ ପିଲା ଦୁଇ ଜଣ ନ ଓହ୍ଲାଇ ଶେଷ ସୀମା କଳମା ପର୍ଯ୍ୟନ୍ତ ସେହି ବସ ରେ ଚାଲି ଯାଇଥିଲେ ।ସେଠାରୁ ଫେରିବା ପରେ ଘ.୪.୧୦ ମିନିଟ ସମୟ ରେ ବୈଶିଙ୍ଗା ଠାରେ ପିୟୂଷ ର ବାପା ସରୋଜ ପିଲା ଦୁଇ ଜଣଙ୍କୁ ଓହ୍ଲାଇ ନେବା ସହିତ କଣ୍ଡକ୍ଟର କୁ ୧୦ ଟଙ୍କା ଦେଇଥିଲେ ଏବଂ ବିରକ୍ତ ହୋଇଥିଲେ।ଏହାପରେ ବେତନଟୀ ସରକାରୀ ବସଷ୍ଟାଣ୍ଡରେ ଘ.୫.୧୫ମିନିଟରେ ପହଞ୍ଚିବା ପରେ ଡ୍ରାଇଭର ଓ କଣ୍ଡକ୍ଟର ଦୁଇ ଜଣ ନିଜ ନିଜ ଘରକୁ ଯାଇଥିଲେ । ମାତ୍ର ଏହି ଘଟଣାକୁ ନେଇ ନିର୍ଦ୍ଦିଷ୍ଟ ସମ୍ବାଦପତ୍ର ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ଏଭଳି ଚିତ୍ରଣ କରାଗଲା , ଯାହା ଫଳରେ ଡ୍ରାଇଭର ଏବଂ କଣ୍ଡକ୍ଟର ଦୁହିଁଙ୍କୁ ଚାକିରୀ ରୁ ନିଲମ୍ବିତ କରିଦିଆଗଲା । ଏହି ଘଟଣାକୁ ନେଇ ରୋହିତ ଙ୍କ ବାପା ବ୍ରଜମୋହନ ବେହେରା ଙ୍କୁ ପଚାରିବାରେ ସେ କହିଲେ "କଣ୍ଡକ୍ଟର ପ୍ରତାପ ବୈଠା ମୋର ପରିଚିତ ଥିବାରୁ ପିଲା ଦୁଇ ଜଣଙ୍କୁ ବୁଲାଇବାକୁ କଳମା ପର୍ଯ୍ୟନ୍ତ ନେଇ ଯାଇଥିଲେ । ଡ୍ରାଇଭର ଏବଂ କଣ୍ଡକୁର ଦୁହିଁଙ୍କ ବିରୁଦ୍ଧରେ ମୋର କୌଣସି ଅଭିଯୋଗ ନାହିଁ" ।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ନୀଳଗିରି,୧୦।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ସମିଳନି କକ୍ଷରେ ବୁଧବାର ଦିନ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ରେ ବ୍ଲକ ସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇସାରିଛି। ଏଥିରେ ୧,୨୦୨୪ ଠାରୁ ୩୧ମାର୍ଚ୍ଚ ୨୦୨୫ ଏବଂ ଜାତିୟ ଖାଦ୍ୟ ସୁରକ୍ଷା ଆଇନ୍ ୨୦୧୩ (୦୧ ଏପ୍ରିଲ-୩୧ ମାର୍ଚ୍ଚ୨୦୨୫) ପର୍ଯ୍ୟନ୍ତ ସାମାଜିକ ସମସ୍ତ କାର୍ଯ୍ୟର ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇସାରିଛି। ଏହି ଜନଶୁଣାଣୀ ଶିବିର କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଡ. ମଧୁସ୍ମିତା ସାମନ୍ତରାୟ, ବି.ଡି.ଓ. ବିକ୍ରମ କେଶ୍ୱରୀ ପରିଡା, ତହସିଲଦାର ସୋନମ ଦାସ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ୟୋତିମୟ ପୁଥାଳ, ସହକାରି ନିର୍ବାହି ଯନ୍ତ୍ରୀ ଶରତ କୁମାର ଉପାଧ୍ୟାୟ, ବିଭିନ୍ନ ବିଭାଗିୟ ପଦାଧିକାରି, ପଞ୍ଚାୟତ ନିର୍ବାଚିତ ପ୍ରତିନିଧି, ସାଧାରଣ ଲୋକ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ସମିତି ଅଧିନରେ ଥିବା ସମସ୍ତ ପଞ୍ଚାୟତ ରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପ ବିଷୟରେ ଆଲୋଚନା କରାଯାଇଥିଲା। ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଉଦ୍ୟାନ କୃଷି, ମାଛ ଚାଷ, ଡ୍ରେନ, ବିଦ୍ୟୁତ୍, ପାନୀୟଜଳ, ପଶୁପାଳନ ଆଦି ଉପରେ ଆଲୋଚନା କରାଯାଇଥିଲା।

● ଅସୁରକ୍ଷିତ ଜୀବଜନ୍ତୁ, ସାରା ରାଜ୍ୟରେ ମାତିଛନ୍ତି ଶିକାରୀ

## ସପ୍ତାହ ମଧ୍ୟରେ ଉଦଳାରୁ ୬ ଶିକାରୀ ଗିରଫ

**ଉଦଳା,୧୦।୯(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ମାତିଛନ୍ତି ଶିକାରୀ । ଅସୁରକ୍ଷିତ ହୋଇପଡ଼ିଛନ୍ତି ଜୀବଜନ୍ତୁ। ବନ ବିଭାଗର ପକ୍ଷରୁ ଶିକାରୀଙ୍କୁ ଗିରଫ କରାଯାଉଛି । ତଥାପି ଏଥିରେ ରୋକ ଲାଗିପାରୁନି । ଏଇ କିଛି ଦିନ ଭିତରେ ଉଦଳାରୁ ୬ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି । ଆହୁରି ୬ ଜଣଙ୍କୁ ବନ ବିଭାଗ ଖୋଜୁଛି । ଏଆଇ କ୍ୟାମେରାରେ ଧରାପଡ଼ିଥିବା ଏହି ଶିକାରୀଙ୍କ ଠାରୁ ବିଭିନ୍ନ ମାରଣାସ୍ତ୍ର ମଧ୍ୟ ଜବତ କରାଯାଇଛି । ସେହିପରି ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସରରେ ଶିକାରୀ ଓ ସେମାନଙ୍କ ସହଯୋଗୀ ସକ୍ରିୟ ହୋଇ ଉଠିଛନ୍ତି । ବନ୍ଧୁକ, ହରିଣ ସିଙ୍ଗ ଜବତ କରିବା ସହ ଶିକାରୀଙ୍କୁ ଗିରଫ କରାଯାଇଛି । ବନ୍ୟଜନ୍ତୁକୁ ଦେଶୀ ବନ୍ଧୁକରେ ଶିକାର କରିବା ପରେ ତାର ମାଂସ, ଚମଡ଼ା, ଦାନ୍ତ, ଶିଙ୍ଗ ଆଦିକୁ ବେଆଇନ ଭାବେ ବିକ୍ରି କରୁଥିବା ଜଣାପଡ଼ିଛି ।

## ସ୍ୱାସ୍ଥ୍ୟ ଅବସ୍ଥା ବିପର୍ଯ୍ୟସ୍ତ ;୧୭ଟି ଡାକ୍ତର ପଦବୀ ଖାଲି

**କଣାସ,୧୦।୯(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମା ଅଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ବିଭିନ୍ନ ଯୋଜନାମାନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ ପୁରୀ ଜିଲ୍ଲାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବ୍ୟପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରୋଗୀମାନଙ୍କୁ ଗାଁଗହଳିର କୋକ ଓ ଭଗବାନ୍ ଭରସା। କଣାସ ବ୍ଲକଟି ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷ ସାରା ଜଳ ଜନିତ ରୋଗ ଝାଡା, ବାନ୍ତି, ଚର୍ମରୋଗ ଓ ପେଟରୋଗ ଲାଗିରହୁଛି। କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡ଼ାଗ୍ରାମର ୧ଲକ୍ଷ ୬୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ କଣାସ ଠାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥିବା ବେଳେ ମନ୍ଦାରବସ୍ତ, ବିରକେଶରପୁର, ସାହୁପଡ଼ା, ଗଡ଼ିଶାଗୋଦା ଓ ନନ୍ଦିଗୋଦା ଠାରେ ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯାଇଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୧ଜଣ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ମାତ୍ର ୪ଜଣ ଡାକ୍ତର କାମ ଚଳାଉଛନ୍ତି। ୧୭ଟି ଡାକ୍ତର ପଦବୀ ଖାଲିପଡ଼ିଛି। କଣାସ ବ୍ଲକର




ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ୬ଟି ମୋବସ୍ ଦୈନନ୍ଦିନ ଚାଲୁଥିବାରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିଭିନ୍ନ ଗ୍ରାମ୍ୟ ପଞ୍ଚାୟତର ୪ଶହରୁ ଉର୍ଦ୍ଧ୍ୱ ରୋଗୀ ଦୈନନ୍ଦିନ ଆସୁଥିବାରୁ ଜଣେ ଜଣେ ରୋଗୀ ଧାଡିବାନ୍ଧି ଦୀର୍ଘ ୬ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଅନେକ ରୋଗୀ ଧାଡିରେ ଦୀର୍ଘ ସମୟ ଠିଆ ହେବାପରେ ନିରାସ ହୋଇ ଗ୍ରାମକୁ ଫେରିବା ପରେ ଭଗବାନ୍‌କୁ ଭରସା କରି ଗ୍ରାମ୍ୟରେ ଥିବା କୋକ ମାନଙ୍କ ଆଶ୍ରୟ ନେଉଛନ୍ତି। ବାରମ୍ବାର ରୋଗୀ କଲ୍ୟାଣ ସମିତି ବୈଠକରେ ସ୍ଥାନୀୟ ବିଧାୟକଙ୍କୁ ଖାଲିପଡ଼ିଥିବା ଡାକ୍ତରୀ ପଦବୀ ପୂରଣ କରିବାକୁ ରୋଗୀ କଲ୍ୟାଣ ସମିତିର ସଭ୍ୟ ଏବଂ ଜନସାଧାରଣ ଦାବୀ କରି ଆସୁଥିଲେ ମଧ୍ୟ ଜଣେ ହେଲେ ଡାକ୍ତର ଆଜ ସୁଧା ନିଯୁକ୍ତି ହୋଇ ନାହାନ୍ତି। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷେମାନିଧି ସେଠୀଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ବାରମ୍ବାର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଡାକ୍ତର ନିଯୁକ୍ତି ପାଇଁ ଦାବିକରି ଆସୁଛି। ଯେଉଁ ୪ଜଣ ଡାକ୍ତର ଅଛନ୍ତି ସେମାନେ ନିୟମିତ ଆସୁନଥିବାରୁ ଭିଡ ଜମି ରହୁଛି ଓ ବିଳମ୍ବରେ ଆସୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ରୋଗୀ କଲ୍ୟାଣ ସମିତି ବୈଠକରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନାହିଁ।

# ପାର୍ବଣ ଋତୁର ପବନରେ ଦୋହଲୁଛି କାଶତାଣ୍ଡି

## କାହା ପାଇଁ ଜୀବିକାର ମାଧ୍ୟମ ତ କାହାପାଇଁ ସୌନ୍ଦର୍ଯ୍ୟର ପସରା

**କଳାହାଣ୍ଡି, ୧୦।୯(ସଂଚାର ବ୍ୟୁରୋ):** ସାଧାରଣତଃ ଭାଦ୍ରବ ମାସରୁ ଆରମ୍ଭହୋଇଯାଏ ପାର୍ବଣ ଋତୁ ଯାହାକୁ ସ୍ୱାଗତ କରିବା ପାଇଁ ଧରିତ୍ରୀ ମାଆ କୁ ନିଜ ସୁନ୍ଦରତା ରେ ସଜେଇ ଦେଇଛି କାଶତଣ୍ଡୀ ଫୁଲ। ଯାହାକୁ ଦେଖିଲେ ଶରତ ଋତୁର ଆଗମନ ହେବା ସହିତ ମହିଷାମର୍ଦ୍ଦିନ ଙ୍କ ପାର୍ବଣ ପୂଜା ପାଖେଇ ଆସୁଛି ବୋଲି ଜଣାପଡ଼େ। ଜଳବାୟୁ ପରିବର୍ତ୍ତନ ପାଇଁ ଏ ବର୍ଷ ଯଥେଷ୍ଟ ଆଗରୁ କାଶତଣ୍ଡୀ ଫୁଟିଛି। ଆସନ୍ତା ୧୪ ତାରିଖ ରେ ମା ଦୁର୍ଗା ଙ୍କ ର ସହସ୍ରା କୁମ୍ଭାଭିସେକ ନୀତି ଅନୁଷ୍ଠିତ ହୋଇ ଶାରଦୀୟ ପାର୍ବଣ ପୂଜାର ଅରମ୍ଭ ଥିବାରୁ ଅଞ୍ଚଳ ର ବିଭିନ୍ନ ସ୍ଥାନରେ କାଶତଣ୍ଡୀର ଶୋଭା ସମ୍ଭାର ଦେଖିବାକୁ ମିଳିଛି। ସୁଲୁ ସୁଲିଆ ପବନ ରେ କାଶତଣ୍ଡୀ ହଲି ଦୋହଲି ପ୍ରକୃତିପ୍ରେମୀ, କବି, ଭାବୁକ ମାନଙ୍କ ମନ କୁ ପୁଲକିତ କରୁଛି। ପ୍ରକୃତି




ରାଣୀ ସତେ ଯେପରି ଧଳା ରଙ୍ଗର ଚାମର ଧରି ପାର୍ବଣ ଋତୁ କୁ ସ୍ୱାଗତ କରିବା ସହ ଜଗତଜନନୀ ମା ଦୁର୍ଗା ଙ୍କ ଆଗମନ କୁ ଅପେକ୍ଷା କରି ରହିଛି। ନୀଳ ଆକାଶ ରେ ଖଣ୍ଡ ଖଣ୍ଡ ବାଦଲ ଭାସି ଯାଉଥିବା ବେଳେ ତଳେ ପୃଥିବୀ ପୃଷ୍ଠରେ ଧଳା ରଙ୍ଗର ଚିକ ଚିକ୍ କରୁଥିବା କାଶତଣ୍ଡୀ ସତେ ଯେପରି ମେଘ ମାଳା କୁ ହାତ ହଲାଇ ବିଦାୟ ଜଣାଉଛି। ଅପୂର୍ବ ଏ ଦୃଶ୍ୟ। ରାସ୍ତା ପାଶ୍ୱରେ ଫୁଟିଥିବା କାଶତଣ୍ଡୀ ପଥଚାରୀ ମାନଙ୍କୁ ଆନ ମନା କରୁଛି। ବିଭୋର ହୋଇ ଉଠୁଛି ଆଉ ପୁଲ୍ଲକିତ ହୋଇ ଉଠୁଛି ମଣିଷ ର ତନୁ ଆଉ ମନ। ଲୋକ ଘଡ଼ିଏ ଅଟକି ଯାଉଛନ୍ତି ଆଉ ମନଭରି ଉପଭୋଗ କରୁଛନ୍ତି ପ୍ରକୃତି ରାଣୀର ଏ ମନଲୋଭା ଦୃଶ୍ୟକୁ।ଧଳାକୁ ଶାନ୍ତିର ପ୍ରତୀକ ଭାବେ ବିବେଚନା କରାଯାଏ। ଏଣୁ କାଶତଣ୍ଡୀ ସାରା ସଂସାରରେ ବିଞ୍ଚି ବିଞ୍ଚି ଚାଲିଛି ସତ୍ୟ ଓ ଶାନ୍ତି ର ବାର୍ତ୍ତା।ପ୍ରକୃତି ରାଣୀ ସତେ ଯେପରି ଧଳା ଚାଦର ରେ ନିଜକୁ ଘୋଡ଼ାଇ ଦେଇଛି। ସତରେ ମନକୁ ବିମୋହିତ କରି ଦେଉଛି ରାସ୍ତା ପାର୍ଶ୍ୱ ର କାଶ ତଣ୍ଡୀ।ଆଉ ହସି କହୁଛି ମା'ଙ୍କ ଆଗମନ କୁ ସମସ୍ତେ ସ୍ୱାଗତ କରିବା ସହ ପାର୍ବଣ ରେ ମା ଙ୍କୁ ଦର୍ଶନ କରିବା ସହ ମନ ଭରି ଉପଭୋଗ କରିବା।

## ଡ୍ରେନେଜ୍ ବିଭାଗ ଅଧିକାରୀଙ୍କ କଣାସ ଅଞ୍ଚଳର ନଦୀ, ନାଳ ପରିଦର୍ଶନ

**କଣାସ,୧୦।୯(ସଂଚାର ବ୍ୟୁରୋ):** ଡ୍ରେନେଜ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଆଜି ମକରା ନଦୀ, ଦୋଛିଆଁ ନାଳ, ଆଡିନଦୀ, ବଡଗୋଠାରେ ମିଶ୍ରଣ ହୋଇଥିବା ଦୟା, ଲୁଣା, ଭାର୍ଗବୀ ଓ ନଦୀ ମୁହାଁଣ ପରିଦର୍ଶନ କରି ନିଷ୍କାସନରେ ବାଧା ଉପୁଜୁଥିବାରୁ କିପରି ତାହାର ସମାଧାନ କରାଯିବ ବୁଲି ପରିଦର୍ଶନ କରି ଫେରିଯାଇଛନ୍ତି। ଡ୍ରେନେଜ୍ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ ଅଧିକାରୀ ମାନଙ୍କୁ ସମସ୍ତ ନାଳ ଓ ନଦୀ ବୁଲାଇବା ସହିତ ଜଳ ଅବରୋଧ ସମ୍ପର୍କରେ ଟିକିନିଖି ତଥ୍ୟ ପ୍ରଦାନ କରିଥିଲେ।



# ଆରମ୍ଭ ହୋଇଯାଇଛି ପିତୃପକ୍ଷ ଆଶ୍ୱିନ ମାସର ମହତ୍ତ୍ୱ



ଆଜିଠାରୁ ଆରମ୍ଭ ହୋଇଛି ଆଶ୍ୱିନ ମାସ। ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ ଆଶ୍ୱିନ ମାସ ବର୍ଷର ସପ୍ତମ ମାସ। ଧାର୍ମିକ ଦୃଷ୍ଟିକୋଣରୁ ଏହାକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ, କାରଣ ଏହି ମାସରେ ପୂର୍ବପୁରୁଷଙ୍କ ଆଶୀର୍ବାଦ ପାଇବାର ସୁଯୋଗ ମିଳିଥାଏ ଏବଂ ଏହି ମାସରେ ଦୁର୍ଗାପୂଜା ମଧ୍ୟ ମହା ଆଡ଼ମ୍ବରରେ ପାଳନ କରାଯାଏ। ପିତୃପକ୍ଷ, ଶାରଦୀୟ ନବରାତ୍ରି ବ୍ୟତୀତ ବିଜୟାଦଶମୀ (ଦଶହରା) ଏବଂ ଶରଦ ପୂର୍ଣ୍ଣିମା ଭଳି ଖାସ୍ ପର୍ବ ମଧ୍ୟ ଆଶ୍ୱିନ ମାସରେ ପଡ଼ିଥାଏ। ଏହି ବର୍ଷ ଆଶ୍ୱିନ ମାସ ସେପ୍ଟେମ୍ବର ୮ ତାରିଖରୁ ଆରମ୍ଭ ହୋଇ ୨୦୨୫ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଆଜି ଠାରୁ ପିତୃପକ୍ଷ ଆରମ୍ଭ ହେଉଥିବାରୁ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ବହୁ ଲୋକ ନିଜ ନିଜ ପିତୃ ପୁରୁଷଙ୍କ ଉଦେଶ୍ୟରେ ତର୍ପଣ ଓ ପିଣ୍ଡଦାନ କରୁଛନ୍ତି। ... ସନାତନ ଧର୍ମ ଅନୁଯାୟୀ ପିତୃପକ୍ଷରେ ପୂର୍ବଜ ଏବଂ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଅର୍ପଣ କରାଯାଏ। ଏହି ପନ୍ଦର ଦିନ ପିତୃପୁରୁଷଙ୍କୁ ସମର୍ପିତ। ପିତୃ ପୁରୁଷଙ୍କ ଆତ୍ମାର ଶାନ୍ତି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ-ତର୍ପଣ ଆଦି କରାଯାଏ। ଏହି ସମୟରେ ପିତୃ ପୁରୁଷ ପୃଥିବୀକୁ ଆସିଥାନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଏହି ପକ୍ଷରେ ସେମାନଙ୍କୁ ଶ୍ରାଦ୍ଧ ଦେଇ ପ୍ରସନ୍ନ କରାଯାଏ।

**ପିତୃପକ୍ଷ:** ପିତୃପକ୍ଷ ଆଶ୍ୱିନ ମାସର କୃଷ୍ଣ ପକ୍ଷ ପ୍ରତିପଦରୁ ଆରମ୍ଭ ହୋଇ ଅମାବାସ୍ୟା ତିଥିରେ ଶେଷ ହୁଏ। ଶେଷ ଦିନକୁ ସର୍ବ ପିତୃ ଅମାବାସ୍ୟା କୁହାଯାଏ, ଯେତେବେଳେ ପୂର୍ବପୁରୁଷମାନଙ୍କୁ ବିଦାୟ ଦିଆଯାଏ। ଏହି ବର୍ଷ ପିତୃପକ୍ଷ ୭ ସେପ୍ଟେମ୍ବର ୨୦୨୫ ରୁ ୨୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ଚାଲିବ। କିଛି ଲୋକ ଭାଦ୍ରପଦ ପୂର୍ଣ୍ଣିମାରୁ ଗଣନା ନକରି ୮ ସେପ୍ଟେମ୍ବରରୁ ପିତୃପକ୍ଷ ଆରମ୍ଭ ବୋଲି ବିଶ୍ୱାସ କରୁଛନ୍ତି।

**ଶାରଦୀୟ ନବରାତ୍ରି:** ପିତୃପକ୍ଷ ପରେ, ଆଶ୍ୱିନ ମାସର ଶୁକ୍ଳ ପକ୍ଷର ପ୍ରତିପଦରୁ ଶାରଦୀୟ ନବରାତ୍ରି ଆରମ୍ଭ ହୁଏ। ଏହି କାରଣରୁ ଏହାକୁ ଆଶ୍ୱିନ ନବରାତ୍ରି ମଧ୍ୟ କୁହାଯାଏ। ଏଥର ଶାରଦୀୟ ନବରାତ୍ରି ୨୨ ସେପ୍ଟେମ୍ବରରୁ ୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପାଳିତ ହେବ। ନବରାତ୍ରିର ଏହି ନଅ ଦିନ ମଧ୍ୟରେ, ପ୍ରଥମ ଦିନରେ ଘଟସ୍ଥାପନ ହୁଏ। ପରେ ପ୍ରତିଦିନ ଦେବୀଙ୍କ ବିଭିନ୍ନ ରୂପକୁ ପୂଜା କରାଯାଏ। ଏହି ପର୍ବ ଦୁର୍ଗା ଅଷ୍ଟମୀ ଏବଂ ମହାନବମୀ ସହିତ ଶେଷ ହୁଏ। ପରେ ମା ଦୁର୍ଗାଙ୍କ ପ୍ରତିମା ବିସର୍ଜନ ସହ ବିଜୟାଦଶମୀ ବା ଦଶହରା ପର୍ବ ଅକ୍ଟୋବର ୨ ରେ ପାଳନ କରାଯିବ।


**ଆଶ୍ୱିନରେ ପୂଜାର ନିୟମ:** ଆଶ୍ୱିନ ମାସକୁ ଦୁଇଟି ଭାଗରେ ବଣ୍ଟାଯାଇଛି। ପ୍ରଥମ ୧୫ ଦିନ ଅର୍ଥାତ୍ କୃଷ୍ଣ ପକ୍ଷରେ, ପୂର୍ବପୁରୁଷଙ୍କ ଆତ୍ମାର ଶାନ୍ତି ପାଇଁ ପିତୃ ପୂଜନ କରାଯାଏ। ପରବର୍ତ୍ତୀ ୧୫ ଦିନ ଅର୍ଥାତ୍ ଶୁକ୍ଳ ପକ୍ଷରେ, ଶାରଦୀୟ ନବରାତ୍ରିର ଉପବାସ ପାଳନ କରାଯାଏ। ଏହି ସମୟରେ ମା' ଦୁର୍ଗାଙ୍କୁ ପୂଜା କଲେ ମା'ଙ୍କ ଆଶୀର୍ବାଦ ମିଳିବ।

# ଗ୍ଲୋଇଂ ତ୍ୱଚା ସହ କେଶଜନିତ ସମସ୍ୟାକୁ ଦୂର କରେ ମୁଲତାନି ମାଟି




ବର୍ତ୍ତମାନ ସମୟରେ ଅଧିକାଂଶ ଲୋକ ନିଜ ଚେହେରାକୁ ନେଇ ଅଧିକ ସଚେତନ ରହିଥାନ୍ତି। ବିଶେଷ କରି ଝିଅମାନେ ତାଙ୍କ ସୁନ୍ଦରତା ପ୍ରତି ବେଶୀ ଧ୍ୟାନ ଦେଇଥାନ୍ତି। କମ୍ ସମୟରେ ସୁନ୍ଦର ଦିଶିବାକୁ ଅନେକ ଟଙ୍କା ଖର୍ଚ୍ଚ ମଧ୍ୟ କରଥାନ୍ତି। ଏବେ ଅଧିକାଂଶ ଲୋକେ ଟ୍ୟାନ ଭଳି ସମସ୍ୟା ପାଇଁ ଚିନ୍ତାରେ ପଡିଛନ୍ତି। ସେଥିପାଇଁ ମହିଳାମାନେ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଅନେକ ଫେସ୍ ପ୍ୟାକ୍ ବ୍ୟବହାର କରନ୍ତି। କିନ୍ତୁ ଆପଣଙ୍କୁ ଜଣାଇବୁ ଯେ ଆପଣ ଘରୋଇ ଉପଚାରରେ ମଧ୍ୟ ସୁନ୍ଦର ଦିଶିବାକୁ ଲାଗିବେ। ତେବେ ଆସନ୍ତୁ ଜାଣିବା ଘରୋଇ ଉପଚାରଟି କ'ଣ ? ଏହି ପ୍ରଭାବଶାଳୀ ଘରୋଇ ଉପଚାରଟି ହେଉଛି ମୁଲତାନି ମାଟି। ଯାହା ଆମ ତ୍ୱଚା ପାଇଁ ବହୁତ ଲାଭଦାୟକ। ଯଦି ଆପଣ ମୁହଁରେ ମୁଲତାନି ବ୍ୟବହାର କରିବାକୁ ଭାବୁଛନ୍ତି, ତେବେ ପ୍ରଥମେ ଏହାର ଲାଭ ବିଷୟରେ ଜାଣନ୍ତୁ। ମାତ୍ର ସବୁଠାରୁ ଅଧିକ ବ୍ୟବହୃତ ହେଉଥିବା ଜିନିଷ ହେଉଛି ମୁଲତାନି ମାଟି। 'ଯାହା ସୌନ୍ଦର୍ଯ୍ୟକୁ ଦ୍ୱିଗୁଣୀତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେବେ ଆଜି ଆମେ ଆପଣଙ୍କୁ ମୁଲତାନି ମାଟିର କିଛି ଲାଭ ବିଷୟରେ କହିବୁ। ଯଦି ଆପଣଙ୍କ ମୁହଁକୁ ଭିତରୁ ସଫା କରିବାକୁ ଚାହାଁନ୍ତି ତେବେ ମୁଲତାନି ମାଟି ବ୍ୟବହାର କରନ୍ତୁ। ଯାହା ତ୍ୱଚାରୁ ମଇଳା, ତେଲ ଏବଂ ବିଷାକ୍ତ ପଦାର୍ଥ ବାହାର କରି ମୁଁହରେ ଗ୍ଲୋ ଆଣିଥାଏ। ମୁହଁରେ ଅଧିକ ତେଲ ଅଂଶ ଯୋଗୁଁ ବ୍ରଣ ଜନିତ ସମସ୍ୟା ଦେଖିବାକୁ ମିଳିଥାଏ। ଯାହା ଏବେ ଖୁବ୍ ସାଧାରଣ ସମସ୍ୟା ହୋଇଗଲାଣି। ତେଣୁ ଏଥିରେ ଆଣ୍ଟିସେପ୍ଟିକ୍ ଏବଂ ଆଣ୍ଟି-ଇନ୍ଫ୍ଲେମାଟୋରୀ ଗୁଣ ଥିବାରୁ ଏହି ସମସ୍ୟାରୁ ମୁକ୍ତି ଦେଇଥାଏ। ଗ୍ଲୋଇଂ ତ୍ୱଚା ପାଇଁ ମଧ୍ୟ ମୁଲତାନି ମାଟି ବେଷ୍ଟ ହୋଇଥାଏ। ଏକଥା ଆପଣମାନେ ବି ଜାଣିଥିବେ ନିଶ୍ଚୟ। ଯାହା ବ୍ୟବହାର କରିବା ଦ୍ୱାରା ତ୍ୱଚାର ରଙ୍ଗକୁ ଉନ୍ନତ କରିବା ସହ ମୁହଁରେ ଥିବା ଦାଗକୁ ମଧ୍ୟ ଦୂର କରିଥାଏ। ପରିବର୍ତ୍ତନ ଋତୁ ପାଇଁ ସନବର୍ଣ୍ଣ ସମସ୍ୟା ମଧ୍ୟ ଦେଖାଦେଇଥାଏ। ଏପରି ପରିସ୍ଥିତିରେ ମୁଲତାନି ମାଟି ଭଲ ଚିକିତ୍ସା କରିପାରେ। ଯାହା ଜଳାପୋଡା, କୁଣ୍ଡାଇ ହେବା ଏବଂ ଲାଲପଣ ସମସ୍ୟାକୁ ହ୍ରାସ କରିଥାଏ। କେବଳ ଏତିକି ନୁହେଁ ବରଂ ମୁଲତାନି ମାଟିକୁ କେଶ ସଫା ପାଇଁ ମଧ୍ୟ ବ୍ୟବହାର କରାଯାଏ। ଯାହା କେଶକୁ ନରମ ଏବଂ ଚମକଦାର କରିଥାଏ। ମଜବୁତ କେଶ ପାଇଁ ମୁଲତାନି ମାଟି ଖୁବ୍ ଉପଯୋଗୀ ପ୍ରମାଣିତ ହୋଇଛି। ମୁଲତାନି ମାଟି ସହ ଅନ୍ୟାନ୍ୟ ଘରୋଇ ଜିନିଷ ମଧ୍ୟ ସାମିଲ କରିପାରିବେ। ଯାହାକୁ ବ୍ୟବହାର କରିବା ଦ୍ୱାରା ଅଧିକରୁ ଅଧିକ ଲାଭ ମିଳିଥାଏ। ତେବେ ଆସନ୍ତୁ ଜାଣିବା ମୁଲତାନି ମାଟି ସହ କେଉଁ ଜିନିଷ ମିଶାଇଲେ ମିଳିବ ଲାଭ। ମୁଲତାନି ମାଟି ସହ ଗୋଲାପ ଜଳ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ୧୫-୨୦ ମିନିଟ୍ ଲଗାଇବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏପରି ସପ୍ତାହରେ ୨ ଥର ବ୍ୟବହାର କରିବା ଦ୍ୱାରା ମୁହଁ ଫୁଲା ଏବଂ ଥକ୍କାପଣକୁ ଦୂର କରିଥାଏ। ସେହିପରି ମୁଲତାନି ମାଟି ସହିତ ଆଲୋଭେରା ଜେଲ୍ ମଧ୍ୟ ମିଶାଇ ପାରିବେ। ଯାହାକୁ ଲଗାଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ। ଏଥିସହ ଯଦି ଆପଣଙ୍କର ଏପରି ସମସ୍ୟା ଦେଖାଦେଉଛି ତେବେ ନିଶ୍ଚିନ୍ତ ଭାବରେ ଏହି ଟିପ୍ସକୁ ଫଲୋ କରନ୍ତୁ।

# ଅପରାହ୍ଣ ସମୟରେ ମନ୍ଦିର ଯିବା ମନା



ହିନ୍ଦୁ ଧର୍ମ ଅନୁସାରେ ମନ୍ଦିର ଦର୍ଶନକୁ ଶୁଭ ବୋଲି ମନାଯାଇଥାଏ। ମନ୍ଦିରକୁ ଯିବା ପୂର୍ବରୁ ମନକୁ ସଫା ରଖିବା ମଧ୍ୟ ଆବଶ୍ୟକ। ଈର୍ଷା ଭାବନା ରଖି ମନ୍ଦିର ଯିବା ଆଦୌ ଉଚିତ୍ ନୁହେଁ। ମନ୍ଦିର ଯିବାବେଳେ ମନରେ କୁଚିନ୍ତା ଥିଲେ ପ୍ରାର୍ଥନା ମୂଲ୍ୟହୀନ। ସେହିପରି ଭାବେ ମନ୍ଦିର ଯିବାର ମଧ୍ୟ ଶୁଭ ମୁହୂର୍ତ୍ତ ରହିଛି। ସକାଳେ ମନ୍ଦିର ଦର୍ଶନ ଯିବାକୁ ସର୍ବୋତ୍ତମ ସମୟ ଭାବେ ବିବେଚନା କରାଯାଏ। ସନ୍ଧ୍ୟା ସମୟରେ ମଧ୍ୟ ମନ୍ଦିର ଯିବା ଶୁଭ ହୋଇଥାଏ। କିନ୍ତୁ ଖରାବେଳେ ମନ୍ଦିର ଯିବା ଉଚିତ୍ ନୁହେଁ। ତେଣୁ ଏଥିରୁ ଦୂରେଇ ରହିବା ଆବଶ୍ୟକ। ଏହା ପଛରେ ୨ଟି କାରଣ ରହିଛି ଯାହା ଆମର ଧାର୍ମିକ ଗ୍ରନ୍ଥରେ ଲେଖାଯାଇଛି। ଖରାବେଳେ ମନ୍ଦିର ନ ଯିବାର ସବୁଠାରୁ ବଡ଼ କାରଣ ରହିଛି। କାରଣ ହେଉଛି ସେହି ସମୟରେ ଦେବାଦେବୀମାନେ ବିଶ୍ରାମ ନେଇଥାନ୍ତି। ତେଣୁ ମନ୍ଦିର ଯିବା ଉଚିତ୍ ନୁହେଁ। ଯଦି ସେହି ସମୟରେ କେହି ମନ୍ଦିର ଯାଆନ୍ତି ତେବେ ଇଚ୍ଛା ପୂରଣ ହୋଇନଥାଏ। ଏହି କାରଣରୁ ଖରାବେଳ ସମୟରେ ମନ୍ଦିରର ଦ୍ୱାର ମନ୍ଦ ରହିଥାଏ। ସକାଳ ଏବଂ ସନ୍ଧ୍ୟା ଭଳି ଅପରାହ୍ଣ ସମୟରେ ସକରାତ୍ମକ ଭାବନା ସେତେ ନଥାଏ। ଏହା ଛଡ଼ା କିଛି ଲୋକ ବିଶ୍ୱାସ କରନ୍ତି ଯେ, ଅପରାହ୍ଣ ସମୟରେ ଅତୃପ୍ତ ଆତ୍ମା ମନ୍ଦିର ଚାରିପାଖରେ ଘୂରି ବୁଲନ୍ତି। ତେଣୁ ଅପରାହ୍ଣ ରେ ମନ୍ଦିର ଯିବା ଉଚିତ୍ ନୁହେଁ। ଆପଣଙ୍କୁ କହି ରଖୁଛୁ ଯେ, ଯଦି ଆପଣ ଅପରାହ୍ଣ ରେ ମନ୍ଦିର ନ ଯାଇ ଘରେ ପୂଜା କରିବେ ବୋଲି ଭାବୁଛନ୍ତି ତେବେ ଆପଣ ଭୁଲ ଭାବୁଛନ୍ତି। ଶାସ୍ତ୍ରରେ ଅଛି ଯେ ଅପରାହ୍ଣ ରେ ଘରେ କିମ୍ବା ମନ୍ଦିରରେ ପୂଜା କରିବା ଉଚିତ୍ ନୁହେଁ। ଯଦି ଏହି ସମୟରେ ପୂଜା କରାଯାଏ ତେବେ ଭଗବାନଙ୍କ ବିଶ୍ରାମରେ ବାଧା ସୃଷ୍ଟି କରିଥାଏ। ଏପରି କରିବା ଅନୁଚିତ୍। ଯଦି ପୂଜା ସମୟ କଥା କୁହାଯାଏ ତେବେ ମଧ୍ୟାହ୍ନ ୧୨ଟା ଅପରାହ୍ଣ ରୁ ୪ଟା ପର୍ଯ୍ୟନ୍ତ ମନ୍ଦିରକୁ ଯିବା କିମ୍ବା ଘରେ ପୂଜା କରିବା ଅନୁଚିତ୍ ବୋଲି କୁହାଯାଏ।

# ମାରାତ୍ମକ ରୋଗକୁ ସୂଚାଇଥାଏ ଗଣ୍ଠି ଯନ୍ତ୍ରଣା



ପ୍ରାୟତଃ ଆମେ ଗଣ୍ଠି ଯନ୍ତ୍ରଣାକୁ ଅଣଦେଖା କରିଥାଉ। ଏହାକୁ ଏକ ଛୋଟ ଆଘାତ, ଥକ୍କାପଣ କିମ୍ବା ଭୁଲ ଉପାୟରେ ଜିନିଷ ଉଠାଇବା ବୋଲି ଭାବିଥାଉ। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ, ଲଗାତାର କିମ୍ବା ବାରମ୍ବାର ଗଣ୍ଠି ଯନ୍ତ୍ରଣା ଏକ ଗମ୍ଭୀର ରୋଗକୁ ସୂଚାଇପାରେ?

**ଗଣ୍ଠି:** ଗଣ୍ଠିରେ ଲଗାତାର ଯନ୍ତ୍ରଣା ଏବଂ କଠିନତା ଗଣ୍ଠିର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଏହା ଗଣ୍ଠିର ଏକ ରୋଗ ଯେଉଁଥିରେ ଫୁଲା ଏବଂ କଠିନତା ବୃଦ୍ଧି ପାଏ। ଯଦି ସଠିକ ସମୟରେ ଚିକିତ୍ସା ନମିଳେ, ତେବେ ହାତର ମଠା ଦୁର୍ବଳ ହୋଇପାରେ।

**କାର୍ପାଲ ଟନେଲ୍ ସିଣ୍ଡ୍ରୋମ୍.** ଏହି ସମସ୍ୟା ସେହି ଲୋକମାନଙ୍କ ମଧ୍ୟରେ ସାଧାରଣ ଯେଉଁମାନେ ଲାପଟପ୍, ମୋବାଇଲ୍ କିମ୍ବା ଅଧିକ ଟାଇପ୍ କରନ୍ତି। ସ୍ନାୟୁ ଉପରେ ଚାପ ପଡ଼ିବା ଯୋଗୁଁ, ହାତ ଏବଂ ହାତ ପାପୁଲିରେ ଯନ୍ତ୍ରଣା ଏବଂ ଝିମ୍‌ଝିମ୍ ଅନୁଭବ ହୁଏ। ଏହା ଏକ ଗମ୍ଭୀର ରୂପ ମଧ୍ୟ ନେଇପାରେ।

**ମଧୁମେହ** ଗଣ୍ଠିରେ ବାରମ୍ବାର ଯନ୍ତ୍ରଣା ହେବା ମଧ୍ୟ ମଧୁମେହର ଲକ୍ଷଣ ହୋଇପାରେ। ଅସନ୍ତୁଳିତ ଶର୍କରା ସ୍ତର ସ୍ନାୟୁ ଏବଂ ହାଡକୁ ପ୍ରଭାବିତ କରେ, ଯାହା ଯନ୍ତ୍ରଣାକୁ ବୃଦ୍ଧି କରେ।

**ଗଣ୍ଠିବାତ:** ଏହା ଏକ ପ୍ରକାରର ଗଣ୍ଠିବାତ ଯେଉଁଥିରେ ୟୁରିକ ଏସିଡ୍ ସ୍ଫଟିକ ସନ୍ଧିରେ ଜମା ହୁଏ। ଗଣ୍ଠିବାତର ପ୍ରଭାବ ପ୍ରାୟତଃ ଆଙ୍ଗଠିରେ ଦେଖାଯାଏ, ଯାହା ଫୁଲା ଏବଂ ପ୍ରବଳ ଯନ୍ତ୍ରଣା ସୃଷ୍ଟି କରେ।

**ଟେଣ୍ଡୋନାଇଟିସ୍:** ବାରମ୍ବାର କାର୍ଯ୍ୟକଳାପ କିମ୍ବା ହଠାତ୍ ଆଘାତ ଯୋଗୁଁ ପ୍ରଦାହ ହୁଏ। ଏହା ଗଣ୍ଠିରେ ଉପରେ ପ୍ରବଳ ଯନ୍ତ୍ରଣା ସୃଷ୍ଟି କରେ।

**ହାଡ ଭଙ୍ଗିବା କିମ୍ବା ଆଘାତ:** କେତେକ ସମୟରେ ସାମାନ୍ୟ ପଡିଯିବା କିମ୍ବା ଆଘାତ ଯୋଗୁଁ ହାଡ଼ ଭାଙ୍ଗି ଯାଇପାରେ। ଯଦି ସମୟ ମଧ୍ୟରେ ଏକ୍ସ-ରେ ଏବଂ ପରୀକ୍ଷା ନ କରାଯାଏ, ତେବେ ଏହି ଯନ୍ତ୍ରଣା ଧୀରେ ଧୀରେ ବଢ଼ି ହୋଇପାରେ।

**ସ୍ନାୟୁ ସମସ୍ୟା** କେତେକ ସମୟରେ ସ୍ନାୟୁ ସମସ୍ୟା ଯୋଗୁଁ ଗଣ୍ଠି ଯନ୍ତ୍ରଣା ହୋଇପାରେ। ଏହା ଯୋଗୁଁ ହାତରେ ଝିମ୍‌ଝିମ୍ ଅନୁଭବ, ଝିମ୍‌ଝିମ୍ ଅନୁଭବ ଏବଂ ଦୁର୍ବଳତା ମଧ୍ୟ ସୃଷ୍ଟି କରେ। ଯାହା ଏକ ଗୁରୁତର ସ୍ନାୟୁ ବିକାରର ଲକ୍ଷଣ ହୋଇପାରେ।

# ଆପଣ ଖାଉଛନ୍ତି କି ଫ୍ରୋଜେନ୍ ଖାଦ୍ୟ ?

## ଜାଣନ୍ତୁ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ




ଆଜିକାଲି ଲୋକଙ୍କ ପାଖରେ ସମୟ ଅଭାବରୁ ଫ୍ରୋଜେନ୍ ଖାଦ୍ୟର ଧାରା ବୃଦ୍ଧି ପାଇଛି। ଫ୍ରୋଜେନ୍ ଖାଦ୍ୟ ରାନ୍ଧିବା ଏବଂ ଖାଇବାରେ ସମୟ ବଞ୍ଚାଏ ସତ କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ମଧ୍ୟ ହୋଇପାରେ। ଆଜିକାଲି ଆମେ ଫ୍ରୋଜେନ୍ ପନିପରିବା, ଫ୍ରୋଜେନ୍ ମଟର ଏବଂ ଫ୍ରୋଜେନ୍ ପକୋଡ଼ା ଖାଉଛୁ କିନ୍ତୁ ଏଗୁଡ଼ିକ ସ୍ୱାସ୍ଥ୍ୟ ପାଇଁ ଅନେକ ପ୍ରକାରର କ୍ଷତିକାରକ ହୋଇପାରେ। ଆସନ୍ତୁ ଜାଣିବା ଫ୍ରୋଜେନ୍ ଖାଦ୍ୟ କ'ଣ ଏବଂ ସେଗୁଡ଼ିକୁ ଖାଇବାର କ୍ଷତି କ'ଣ?

ଫ୍ରୋଜେନ୍ ଖାଦ୍ୟ ହେଉଛି ଏପରି ଖାଦ୍ୟ ଯାହାକୁ ବହୁତ କମ୍ ତାପମାତ୍ରାରେ ଫ୍ରିଜ୍ କରାଯାଇ ଦୀର୍ଘ ସମୟ ପାଇଁ ସଂରକ୍ଷଣ କରାଯାଏ। ଏଥିରେ ମଟର, ଫୁଲକୋବି ଏବଂ ବ୍ରୋକୋଲି ଭଳି ତାଜା ପନିପରିବା ଠାରୁ ଆରମ୍ଭ କରି ରେଡି ଟୁ ଇଟ ଖାଦ୍ୟ ପନିର ତରକାରୀ ଏବଂ ପକୋଡ଼ା ସବୁକିଛି ଅନ୍ତର୍ଭୁକ୍ତ। ଏହି ପ୍ରକ୍ରିୟା ମାଧ୍ୟମରେ ବର୍ଷସାରା ଖାଦ୍ୟ ଉପଲବ୍ଧ କରାଯାଇପାରିବ।

**ଫ୍ରୋଜେନ୍ ଖାଦ୍ୟ ଖାଇବାର କ୍ଷତି: ପ୍ରିଜରଭେଟିଭ୍ ବ୍ୟବହାର:** ଫ୍ରୋଜେନ୍ ଖାଦ୍ୟରେ ବ୍ଲୁ-୧ ଏବଂ ରେଡ୍-୩ ଭଳି ବିଭିନ୍ନ ପ୍ରକାରର ପ୍ରିଜରଭେଟିଭ୍ ଏବଂ ମିଶ୍ରଣ ବ୍ୟବହାର କରାଯାଏ। ଏହି ରାସାୟନିକ ପଦାର୍ଥଗୁଡ଼ିକ ଗ୍ୟାସ୍, ଏସିଡିଟି ଏବଂ ଅନ୍ୟାନ୍ୟ ପାଚନ ସମସ୍ୟା ବୃଦ୍ଧି କରିପାରେ।

**ସୋଡିୟମ୍ ଏବଂ ଚିନିର ଅଧିକ ମାତ୍ରା:** ଏହି ଖାଦ୍ୟଗୁଡ଼ିକରେ ପ୍ରାୟତଃ ସୋଡିୟମ୍ ଏବଂ ଚିନିର ପରିମାଣ ଅଧିକ ଥାଏ, ଯାହା ଶରୀରରେ ଫୁଲିବା ଏବଂ ମେଦବହୁଳତା ସୃଷ୍ଟି କରିପାରେ।

**ପୋଷକ ତତ୍ତ୍ୱର କ୍ଷତି:** କିଛି ପୋଷକ ତତ୍ତ୍ୱ ଥଣ୍ଡା ହେବା ପ୍ରକ୍ରିୟାରେ ନଷ୍ଟ ହୋଇପାରେ, ଯାହା ସେମାନଙ୍କର ପୋଷକ ମୂଲ୍ୟ ହ୍ରାସ କରିଥାଏ। ଏହା ବ୍ୟତୀତ, ଯଦି ସଠିକ୍ ଭାବରେ ସଂରକ୍ଷଣ ନ କରାଯାଏ, ତେବେ ସେଗୁଡ଼ିକ ପେଟ ସଂକ୍ରମଣର କାରଣ ମଧ୍ୟ ହୋଇପାରେ।


# ଦଳୀୟ ଭିତ୍ତିରେ ବିଞ୍ଝାରପୁରକୁ ଏନଏସିରୁ ବାଦ ଦିଆଯାଇଛି : ପ୍ରମିଳା



**ବିଞ୍ଝାରପୁର,୧୦।୯(ସଂଚାର ବ୍ୟୁରୋ):** ପୂର୍ବ ସରକାରରେ ରାଜ୍ୟର ୫୬ଟି ଅଞ୍ଚଳକୁ ଏନଏସି ରୂପେ ଘୋଷଣା କରାଯାଇଥିବା ବେଳେ ବର୍ତ୍ତମାନ ର ନୂତନ ସରକାର ସେଥି ମଧ୍ୟରୁ ଅନେକ ଅଂଚଳକୁ ବାଦ୍ ଦେଇଛନ୍ତି।ତେବେ ଏହାରି ମଧ୍ୟରେ ବିଞ୍ଝାରପୁର ମଧ୍ୟ ଏନଏସିରୁ ବାଦ୍ ପଡ଼ିଛି।ତେବେ ଦଳୀୟ ଭିତ୍ତିରେ ବିଞ୍ଝାରପୁରକୁ ଏନଏସିରୁ ବାଦ ଦିଆଯାଇଥିବା ଅଭିଯୋଗ କରି ବିକ୍ଷୋଭ କରିଛି ବିଜେଡ଼ି। ପୂର୍ବ ବିଜେଡ଼ି ସରକାର ରେ ବିଞ୍ଝାରପୁର କୁ ଏନଏସି ଘୋଷଣା ହେଇଥିବା ବେଳେ ନୂଆ କରି ଆସିଥିବା ବିଜେପି ସରକାର ଏହାକୁ ବାଦ୍ ଦେଇଥିବା ଅଭିଯୋଗ କରି ଆଜି ବିଧାୟିକା ପ୍ରମିଳା ମଲ୍ଲିକ୍ ଙ୍କ ନେତୃତ୍ୱ ରେ ବିଜେଡ଼ି ଏକ ପଦଯାତ୍ରା କରାଯାଇଛି। ଏନ୍ଏସି ଦାବୀ ଥିବା ଅଞ୍ଚଳ ମେଡିକାଲ୍ ଛକ ଠାରୁ ବ୍ଲକ୍ ଛକ ପର୍ଯ୍ୟନ୍ତ ପଦଯାତ୍ରା କରି ବିଞ୍ଝାରପୁର ବିଡିଓ ଙ୍କୁ ଏନ୍ଏସି ନିମନ୍ତେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ବିଞ୍ଝାରପୁର ର ଉନ୍ନତି ରେ ନୂଆ ବିଜେପି ସରକାର ବାଧା ସୃଷ୍ଟି କରୁଥିବା ବେଳେ ସଂଖ୍ୟା ଲଘୁ ସଂପ୍ରଦାୟ ଲୋକଙ୍କୁ ବିଜେପି ସରକାର ଅଣଦେଖା କରି ବିଞ୍ଝାରପୁର କୁ ଏନଏସି ରୁ ବଞ୍ଚିତ କରିଛନ୍ତି ବୋଲି କହିଛନ୍ତି ପ୍ରମିଳା ମଲ୍ଲିକ। ନିଜ ଦଳର ପ୍ରଚାର ପ୍ରସାର ପାଇଁ ବିଜେପି ବିଂଝାରପୁରକୁ ଏନଏସି ମାନ୍ୟତାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ କରିଛନ୍ତି ପ୍ରମିଳା ମଲ୍ଲିକ୍।ତେବେ ବିଜେଡ଼ିର ଏହି ଗଣବିକ୍ଷୋଭ ରାଲିରେ ବିଭିନ୍ନ ପଞ୍ଚାୟତରୁ ସହସ୍ରାଧିକ ଲୋକ ଯୋଗ ଦେଇଥିଲେ। ଏହି ପଦଯାତ୍ରାରେ ବ୍ଲକ୍ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ ଏସ୍ପିଦ୍, ଦେବେପ୍ରସାଦ ସେଠୀ ଙ୍କ ସମେତ ସୟପତ୍ର, ବିଂଝାରପୁର ଓ ମଂସଡ଼ା ସମେତ ପୁରା ବ୍ଲକ୍ ର ହଜାର ହଜାର ବିଜେଡ଼ି କର୍ମୀ, ସରପଞ୍ଚ ସମିତି ସଭ୍ୟ ଯୋଗ ଦେଇଥିଲେ।


# ନିଜ ଗାଁ ପାଇଁ ରାସ୍ତା ମରାମତି କଲେ ଗ୍ରାମବାସୀ

**ଫୁଲବାଣୀ,୧୦।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ପ୍ରଶାସନକୁ ବାରମ୍ବାର ପକ୍କା ରାସ୍ତା ଖଣ୍ଡିକ ପାଇଁ ନିବେଦନ କରି କରି ଶେଷରେ ନୟାଗଡ ହୋଇ ନିଜସ୍ୱ ଖର୍ଚ୍ଚରେ ରାସ୍ତା ନିର୍ମାଣ କରିଛନ୍ତି ଗ୍ରାମବାସୀ। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତରେ ଡାଙ୍ଗାଣାମୁ ଗ୍ରାମରେ। ଗ୍ରାମ ଠାରୁ ଡାଙ୍ଗାଣାମୁ ଗ୍ରାମ ରାସ୍ତା ପ୍ରାୟ ଅଢେଇ କିଲୋମିଟର ଲମ୍ବ ହୋଇଥିବା ବେଳେ ବର୍ଷାଦିନ ଆସିଲେ ଉଭୟ ଗ୍ରାମର ଜନସାଧାରଣ ନାହିଁନଥିବା ଅସୁବିଧା ଭୋଗିଥାନ୍ତି। ଗର୍ଭବତୀ ଓ ଗୁରୁତର ରୋଗୀ ମାନଙ୍କୁ ଖଟିଆ ଭାର କରି ଅଢେଇ କିଲୋମିଟର ବାଟ ବୋହି ନେଉଥିବା ମଧ୍ୟ ନଜିର ରହିଛି। ବାରମ୍ବାର ଅଭିଯୋଗ ପରେ ୨୦୨୨ ମସିହାରେ ପ୍ରଶାସନ ଉକ୍ତ ରାସ୍ତା ନିର୍ମାଣ ଟଙ୍କା ମଞ୍ଜୁରୀ ହୋଇଥିଲା, ହେଲେ କାର୍ଯ୍ୟ ନେଇଥିବା ଠିକାଦାର ମାତ୍ର ଗୋଟେ କିଲୋମିଟର ରାସ୍ତା ଯେମିତି ସେମିତି ସାରିଦେଇ ଚମ୍ପଟ ମାରିଥିଲା। ସେବେଠାରୁ ରାସ୍ତାଟି ଅଧ ଖଣ୍ଡିଆ ଅବସ୍ଥାରେ ପଡ଼ି ରହିଥିଲା। ରାସ୍ତା ସମ୍ପୂର୍ଣ୍ଣ କରିବାକୁ ପ୍ରଶାସନକୁ ଉଭୟ ଗ୍ରାମବାସୀ ବାରମ୍ବାର ଜଣେଇଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କଲା ନାହିଁ। ଶେଷରେ ନିରୁପାୟ ହୋଇ ନିଜ ଗ୍ରାମ ପାଇଁ ନିଜେ ରାସ୍ତା ନିର୍ମାଣ କରିବାକୁ ସ୍ଥିର କରି ଚାନ୍ଦା ଆଦାୟ କରି ଜଙ୍ଗଲରୁ ପଥର, ଗୋଟାଲ, ମୁରୁମ ଆଦି ଆଣି ରାସ୍ତା ମରାମତି କରିଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଯଦି ଏହି ରାସ୍ତାଟି ନିର୍ମାଣ କରାଯାଏ ତେବେ ମାନପଦର,



ଶାଗଡୋହଳା, କଟଡିଶୀଳ, ଟୁକ ପଦର, ପିଲି ପଦର, ଭାଟପୁରି, ଲାକା ସିର୍ପି, ତଳ ଡାଙ୍ଗାଣାମୁ ଓ ବୁଗେରା ମାସ୍କା ଆଦି ଗ୍ରାମ ଗୁଡ଼ିକ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଓ ନକ୍ସଲ ବଣ ପାହାଡ଼ ଘେରି ରହିଛି। ତେଣୁ ଏହି ସବୁ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଜଙ୍ଗଲ ମାନବ ମାନଙ୍କ ଭଳି ଜୀବନ ଯାପନ କରୁଛନ୍ତି। ଏହି ଗ୍ରାମବାସୀ ମାନଙ୍କୁ ପଞ୍ଚାୟତକୁ ଯିବାକୁ ହେଲେ ଦୁଇଟା ରାସ୍ତା ଦେଇ ଯିବାକୁ ପଡେ। ଗୋଟେ ରାସ୍ତା କୁଚେଣ୍ଡି ନାଳ ଡେଇଁ କୁମ୍ଭେଲସିଂ ଗାଁ ଦେଇ ଯାଉଥିବା ବେଳେ ଅନ୍ୟଏକ ରାସ୍ତା ଘଞ୍ଚ ଜଙ୍ଗଲ ମଧ୍ୟ ରାସ୍ତା ଦେଇ ଯାଇଛି। ଆଜିକାଲି ବର୍ଷାଦିନ ହୋଇଥିବାରୁ ନାଳ ରାସ୍ତାକୁ ନଯାଇ ଜଙ୍ଗଲ ମଧ୍ୟ ୮ କିଲୋମିଟର ଦେଇ ଯିବାଆସିବା କରୁଛନ୍ତି। ଏପରିକି ଛାତ୍ରଛାତ୍ରୀ ମାନେ ମଧ୍ୟ ଏହି ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଏହି ରାସ୍ତାଟି ନିର୍ମାଣ ହେଲେ ଗ୍ରାମବାସୀ ଉପକୃତ ହୁଅନ୍ତେ ବୋଲି ଗ୍ରାମର ରାମଚନ୍ଦ୍ର ମଲ୍ଲିକ୍, କୃଷ୍ଣଚନ୍ଦ୍ର କହଁର, ଯୋଗେଶ୍ୱର କହଁର, ବିବେକ କହଁର ଓ ଅନ୍ୟାନ୍ୟ ଗ୍ରାମବାସୀ ଦାବୀ କରିଛନ୍ତି।

# ଭାପୁର ବ୍ଲକ କାର୍ଯ୍ୟାଳୟରୁ କୋଳଥିଆ ନାଗସାପ ଉଦ୍ଧାର



**ନୟାଗଡ଼,୧୦।୯ (ସଂଚାର ବ୍ୟୁରୋ):** ଭାପୁର ବ୍ଲକ ଭିତରେ ପଶିଛି ଛନକା। ସାଢ଼େ ୩ ଫୁଟ ନାଗ ସାପ ବ୍ଲକ ପରିସରରେ ପସିଥିବା ଦେଖିବାକୁ ମିଳିଛି। ଏମିତି ନାଗ ସାପକୁ ଦେଖିବାକୁ ବ୍ଲକ ପରିସରରେ ଭିଡ଼ ଦେଖିବାକୁ ମିଳିଥିବା ଆଉ କେତେକ ନାଗ ସାପକୁ ଦେଖି ଡ଼ରିକି ଚାଲିଯାଇଥିଲେ। ହଁ ଆଜ୍ଞା, କିଛି ମାସ ହେବ ଭାପୁର ବ୍ଲକକୁ ନେଇ ଚର୍ଚ୍ଚା ଲାଗିରହିଛି। ସେତିକିବେଳେ ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ନାଗ ନୁହେଁ ତ କୋଳଥିଆ ନାଗ ସାପ ପସିବା ଚର୍ଚ୍ଚାକୁ ଦ୍ୱିଗୁଣିତ କରିଛି। ଯାହା ହଉ ନାଗ ସାପକୁ ଦେଖି ବ୍ଲକର ଜନପ୍ରତିନିଧି, ବ୍ଲକର କର୍ମଚାରୀ ଭୟଭୀତ ହୋଇପଡ଼ିଥିବା ବେଳେ ଭାପୁର ଅଞ୍ଚଳର ସାପ ଧରାଳି ତୁଷାର ଦଳବେହେରା ବ୍ଲକ ପରିସରରେ ପହଞ୍ଚି ନାଗ ସାପକୁ ଉଦ୍ଧାର କରିଥିଲେ। ଏବଂ ସୁରକ୍ଷିତ ସ୍ଥାନରେ ଛାଡିଦେଇଥିବା ସୂଚନା ମିଳିଛି।

# ମୁଖ୍ୟ ଚିକିତ୍ସାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୦।୯ (ସଂଚାର ବ୍ୟୁରୋ):** ଭାରତ ବିକାଶ ପରିଷଦ ସୋନପୁର ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ରେ ବୃରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ଆମକୁ କିଛି ଦାନକରେ, ସେ କାଠ ହେଉ ଅବା ଔଷଧ, ଛାଇ ହେଉ ଅବା ଫଳ, ତେବେ ଆମ୍ବ ଲେମ୍ବୁ ଭଳି ଉପକାରୀ ଫଳ ଗଛ ସବୁ ରୋପଣ କରିବାର ସୁନ୍ଦର ପ୍ରୟାସ କରାଯାଇଛି।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଡ଼. ନୃପରାଜ ସାହୁ ଯୋଗଦାନ କରି ନିଜେ ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ. ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଉଷାରାଣୀ ଦାଶ ଓ ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସଳୟ ଡା ଦୁର୍ଗାଦତ୍ତ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ. ଭାରତ ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଓ ଏହି ପରିଷଦ ର ପର୍ଯ୍ୟବରଣ ବିଭାଗ ମୁଖ୍ୟ ଶ୍ରୀ ସୁଶୀଲ କୁମାର ପରଧିଆ ଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଟି ସଫଳ ହୋଇପାରିଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ଭାରତ ବିକାଶ ପରିଷଦ ର ସମସ୍ତ ସଦସ୍ୟ ସଦସ୍ୟା ତଥା ଜିଲ୍ଲା ମୁଖ୍ୟ ଚିକିତ୍ସଳୟ ର ହସ୍ପିଟାଲ ମ୍ୟାନେଜର ବି କେ ସାଗରୀକା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ସହଯୋଗ କରିଥିଲେ ତଥା ସମସ୍ତ କର୍ମଚାରୀ ଙ୍କ ମିଳିତ ଉଦ୍ୟମ ରେ ଏହି କାର୍ଯ୍ୟକ୍ରମ ଟି ର ସଫଳ ରୂପାୟନ ହୋଇପାରିଥିଲ। ଏହି ଅନୁଷ୍ଠାନ ର ସମସ୍ତ କର୍ମଚାରୀ ପରିସର ର ସବୁଜିମା ବୃଦ୍ଧି କରିବାକୁ ଦୃଢ଼ ସଂକଳ୍ପ ନେଇଥିଲେ।

# ସୁଅରେ ଭାସିଗଲା କାଠପୋଲ

## ବାହ୍ୟ ଜଗତରୁ ବିଚ୍ଛିନ୍ନ ଦଶରୁ ଅଧିକ ଗାଁ



**ଫୁଲବାଣୀ,୧୦।୯ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କିଛିଦିନ ହେଲା ଲଘୁଚାପ ପ୍ରଭାବରେ ସାରା କନ୍ଧମାଳ ଜିଲ୍ଲାରେ ବର୍ଷା ଲାଗିରହିଥିବା ବେଳେ ଏହି ଲଗାଣ ବର୍ଷାରେ ପୁଣି ଥରେ ଭାସିଯାଇଛି ଫିରିଙ୍ଗିଆ ବ୍ଲକ ଲୋଇସିଂ ପଞ୍ଚାୟତ ଅଧୀନରେ ଥିବା କୁଚେଣ୍ଡି ନଦୀ ଉପରେ ନିର୍ମାଣ ହୋଇଥିବା କାଠ ପୋଲ। ପୁରୁଣା କାଠ ପୋଲ ଭାଙ୍ଗି ଯିବାପରେ ଗତ ସାତ ଦିନ ତଳେ ଚାନ୍ଦା କରି ଅଞ୍ଚଳ ର ଗ୍ରାମବାସୀ ମାନେ ମିଳିତ ଭାବରେ ଚାନ୍ଦା ଆଦାୟ କରିବା ସହ ଶ୍ରମଦାନ କରି କାଠ ପୋଲ ନିର୍ମାଣ କରିଥିଲେ । ଲୁଇସିଂ ପଞ୍ଚାୟତ ର ତଳଡାଙ୍ଗାଣାମ ନିକଟରେ ଥିବା ଏହି କୁଚେଣ୍ଡି ନାଳର କାଠ ପୋଲ ଗତ ଲଗାଣ ବର୍ଷାରେ ଧୋଇ ହୋଇ ଯିବା ଫଳରେ ଅଞ୍ଚଳ ବାସୀ ଯାତାୟତ ର ଅସୁବିଧା ର ସମ୍ମୁଖୀନ ହେଉଥିଲେ। ଯାହାପାଇଁ ଗତ ସାତଦିନ ତଳେ ଏହି କୁଚେଣ୍ଡି ନଦୀରେ କାଠ ପୋଲ ନିର୍ମାଣ କରିଥିଲେ ଅଞ୍ଚଳ ବାସୀ । ତେବେ ଗତ ଗତ ଲଗାଣ ବର୍ଷାରେ କାଠ ପୋଲ ପୁଣି ଥରେ ଭାସି ଯାଉଛି । ଯାହାଫଳରେ ଅଞ୍ଚଳ ର ତଳଡାଙ୍ଗାଣାମ, ଉପର ଡାଙ୍ଗାଣାମ, ଶାଗଜଲା, ପାନପଦର, କଟଡି ସିରା, ବାଗ ନୁରୀ, ଟୁକୁ ପଦର, ପିଲି ପଦର, ବାତ ଜୁର, ବୁଗେର ମାସ୍କା, ଲାକା ସିର୍ପି, ଭଳି ୧୧ ରୁ ଉର୍ଦ୍ଧ ଗ୍ରାମ ବର୍ତ୍ତମାନ ମଧ୍ୟ୍ୟ ବାହ୍ୟ ଜଗତରୁ ବିଛିନ୍ନ ହୋଇ ରହିଛନ୍ତି । ନାଳରେ ବର୍ଷା ପାଣି ପ୍ରବାହିତ ହେଉଥିବା ବେଳେ ବିଭିନ୍ନ ପ୍ରକାର ଜରୁରୀ ଶେବା ଠପ ହୋଇଯାଇଛି। ତେବେ ଗତ ସାତ ଦିନତଳେ ଅଞ୍ଚଳ ର ଶତାଧିକ ଜନସାଧାରଣ ନିଜେ ଶ୍ରମ ଦାନ କରିବା ସହ ଚାନ୍ଦା କରି ଦିନ ତମାମ ଜଙ୍ଗଲ ରୁ କାଠ ସଂଗ୍ରହ କରି ପୁଣି ଥରେ କାଠ ପୋଲ ନିର୍ମାଣ କରିଥିଲେ । କିନ୍ତୁ ନଦୀର ସୁଅରେ ସେହି କାଠ ପୋଲ ମଧ୍ୟ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ପୋଲ ଭାଙ୍ଗିଯିବାରୁ ଆବଶ୍ୟକୀୟ କାମରେ ପଞ୍ଚାୟତ କାର୍ଯ୍ୟାଳୟ ହେଉ କି ବ୍ଲକ କାର୍ଯ୍ୟାଳୟ ହେଉ ଏମିତି କି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ମଧ୍ୟ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ଯେତେ ଶୀଘ୍ର ହେବ ଏହି କୁଚେଣ୍ଡି ନାଳ ଉପରେ ଏକ ପୋଲ ନିର୍ମାଣ କରିବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ରୋଷନ୍



**ଫିରିଙ୍ଗିଆ,୧୦।୯ (ସଂଚାର ବ୍ୟୁରୋ):** ସୂଚନା ଅନୁସାରେ ରୋଷନ୍ କୁମାର ପ୍ରଧାନ। କନ୍ଧମାଳ ଜିଲ୍ଲା କଳିଙ୍ଗା ଡୁଗୁଡ଼ିପାରି ରେ ତାଙ୍କ ଘର। ସେ ୨୦୧୬ ମସିହାରେ କୋଟଗଡ ବ୍ଲକ ପରିଗଡ ପଞ୍ଚାୟତ ର ହଦଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ସହ ଶିକ୍ଷକ ଭାବେ ଶିକ୍ଷକତା । ୨୦୧୬ ରେ ସେହି ବିଦ୍ୟାଳୟ ରେ ଯୋଗ ଦେବା ସମୟରେ ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିଲେ । ସେହି ବିଦ୍ୟାଳୟ ଟି ଅତି ଦୁର୍ଗମ ଅଞ୍ଚଳ ବା ପାହାଡ ଜଙ୍ଗଲ ମଧ୍ୟରେ ରହିଛି । ଗମନାଗମନ ହେଉ କିମ୍ବା ମୋବାଇଲ ଟାୱାର ଆଜି ପର୍ଯ୍ୟନ୍ତ ଏହାର କୌଣସି ସୁବିଧା ନାହିଁ । ଭଲ ରାସ୍ତା ନ ଥିବାରୁ ପ୍ରତ୍ୟେକ ଦିନ ଚାଲି ଚାଲି ପ୍ରାୟ ୬ କିଲୋମିଟର ରାସ୍ତା ଯିବାକୁ ପଡ଼ିଥାଏ । ସେହି ଅଞ୍ଚଳର ଅଭିଭାବକ ଓ ଛାତ୍ରଛାତ୍ରୀ ଙ୍କ ପାଠ ପ୍ରତି ସଚେତନ ନଥିବା କାରଣରୁ ଇଚ୍ଛା ମୁତାବକ ବିଦ୍ୟାଳୟ କୁ ଯାଉଥିଲେ ଏବଂ ପାଠ ପଢ଼ା ପ୍ରତି ଏତେ ଆଗ୍ରହୀ ହେଉନଥିଲେ । ଏହି ସମସ୍ତ ପରିସ୍ଥିତି ଦେଖି ଶିକ୍ଷକ ରୋଷନ୍ କୁମାର ପ୍ରଧାନ ପ୍ରତ୍ୟେକ ଦିନ ନିଜର ବ୍ୟକ୍ତିଗତ ସମୟ ବାହାର କରି ସେହି ଅଞ୍ଚଳର ପ୍ରତ୍ୟେକ ଗ୍ରାମକୁ ଯାଇ ଘର କୁ ଘର ବୁଲି ଅଭିଭାବକ ଓ ଛାତ୍ରଛାତ୍ରୀ ଙ୍କୁ ସଚେତନ କରିବା ସହିତ ସେମାନଙ୍କୁ ବିଭିନ୍ନ ଉପାୟରେ ଆନନ୍ଦମୟ ଶିକ୍ଷା ସହିତ ନାଚ ଗୀତ ଖେଳ ମାଧ୍ୟମରେ ଉତ୍ସାହିତ କରି ବିଦ୍ୟାଳୟକୁ ଯିବା ନିମନ୍ତେ ପିଲାମାନେ ଯେପରି ପାଠ ପ୍ରତି ଆଗ୍ରହ ପ୍ରକାଶ କରିବେ ସେ ସମସ୍ତ ପ୍ରୟାସ କରିଥିଲେ । ଯାହା ଫଳରେ ଆଜି ସେହି ବିଦ୍ୟାଳୟରେ ୧୨୫ ଜଣ ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କରିବା ସହିତ ବ୍ଲକ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହେବ ସହିତ ନିଜ ବିଦ୍ୟାଳୟର ନାମ ରଖିଛନ୍ତି ।

● ନୟାଗଡ଼ ଜିଲ୍ଲାରେ ୟୁରିଆ ସାର କଳାବଜାରୀ

# ତିନି ଗୁଣା ଚଢ଼ା ଦରରେ ସାର କିଣୁଛନ୍ତି ଚାଷୀ: କଂଗ୍ରେସ

**ନୟାଗଡ଼,୧୦।୯(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରେ ୟୁରିଆ ସାର ମାତ୍ରାଧିକ କଳବଜାରୀ ଚାଲିଛି, ୟୁରିଆ ସାର ବସ୍ତା ପ୍ରତି ୮୦୦ ରୁ ୯୦୦ ଟଙ୍କାରେ ସରକାରୀ ଲାଇସେନ୍ସ ପ୍ରାପ୍ତ ରିଟେଲର ମାନେ ଖୁଲମଖୁଲାଚାଷୀ ମାନଙ୍କୁ ଶୋଷଣ କରୁଥିବା କଂଗ୍ରେସ ବିଧାୟକ ପ୍ରାର୍ଥୀ ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଆସନ୍ତା ଗୁରୁବାର ଦିନ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିବ। ସମ୍ପ୍ରତି ଜିଲ୍ଲାକୁ ଚଳିତ ଖରିଫରେ ଅଦ୍ୟାବଧି ୬୩୦୦ ମେଟ୍ରିକଟନ ୟୁରିଆ ସାର ସରକାର ଯୋଗାଇ ସାରିଲେଣି, ଜିଲ୍ଲାର ୯୬ ସମବାୟ ସମିତି କୁ ମାର୍କଫେଡ଼ ମାଧ୍ୟମରେ ୧୭୦୦ ଷ୍ଟାବିଲିଟି ୟୁରିଆ ସାର ଦିଆଯାଇ ଥିବା ବେଳେ ୪୬୦୦ ମେଟ୍ରିକଟନ ୟୁରିଆ ସାର ଘରୋଇ ବ୍ୟବସାୟିକ ସଂସ୍ଥା ମାନଙ୍କୁ ଯୋଗାଇ ଦିଆ ସାରିଲାଣି କିନ୍ତୁ ଆଶ୍ଚର୍ଯ୍ୟର ବିଷୟ କୌଣସି ସଂସ୍ଥା ତାଙ୍କ ବ୍ୟବସାୟ ପ୍ରତିଷ୍ଠାନରେ ସେମାନେ କେତେ ପରିମାଣ ସାର ପାଇଛନ୍ତି ଆଉ ସାର ବସ୍ତା ପ୍ରତି ଧକ୍ଷର୍ଯ୍ୟ ଦର ଲେଖାଥିବା ସୂଚନା ଫଳକ ନଦର୍ଶାଇ କଳାବଜାରୀ କରି ୟୁରିଆ ସାର ବସ୍ତା ପ୍ରତି ବସ୍ତା ୮୦୦ ରୁ ୯୦୦ ଟଙ୍କାରେ ବିକ୍ରି କରି ଚାଷୀଙ୍କୁ ଶୋଷଣ କରାଯାଉ ଥିବା ପ୍ରତିବାଦରେ ଆସନ୍ତା କାଲି ୧୧ ସେପ୍ଟେମ୍ବର ଅପରାହ୍ନ ତିନିଟା ସମୟରେ ନୟାଗଡ଼ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସାମ୍ନାରେ ଚାଷୀ ମାନେ ଆନ୍ଦୋଳନ କରିବେ ବୋଲି ଆଜି ଜିଲ୍ଲାପାଳ ଙ୍କୁ ଜଣାଇ ଦିଆଯାଇଛି ।

● ରୋଟାରୀ କ୍ଲବ୍ ନୟାଗଡ଼ରେ ରାଷ୍ଟ୍ର ନିର୍ମାତା ସମ୍ମାନ

# ବ୍ଲକର ଆଠ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ନୟାଗଡ଼,୧୦।୯ (ସଂଚାର ବ୍ୟୁରୋ):** ନୟାଗଡ଼ ରୋଟାରୀ ଭବନ ପରିସରରେ ରୋଟାରୀ କ୍ଲବ୍ ନୟାଗଡ଼ ତରଫରୁ ବିଶ୍ୱ ସାକ୍ଷରତା ଦିବସ ତଥା ରାଷ୍ଟ୍ର ନିର୍ମାତା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କ୍ଲବର ସଭାପତି ରୋଟାରିଆନ୍ ବସିରନ ବିବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗ ଦେଇ ଶିକ୍ଷକ ମାନେ ଆଗାମୀ ଭବିଷ୍ୟତ ଶିଶୁ ମାନଙ୍କୁ ଉତ୍ତମ ମଣିଷ ଭାବେ ଗଢୁଥିବାରୁ ଶିକ୍ଷକ ମାନେ ହେଉଛନ୍ତି ସମାଜର ପଥ ପ୍ରଦର୍ଶକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ଚିତ୍ତରଂଜନ ପାଣ୍ଡେ ଯୋଗ ଦେଇ ଶିକ୍ଷକ ମାନେ ହେଉଛନ୍ତି ଛାତ୍ରଛାତ୍ରୀ ମାନଙ୍କର ଦ୍ୱିତୀୟ ଅଭିଭାବକ। ଅନ୍ୟ ପେଶାର ମଣିଷଟିଏ ଭୁଲ୍ କଲେ ଚଳିବ କିନ୍ତୁ ଜଣେ ଶିକ୍ଷକ ଭୁଲ୍ କଲେ ଚଳିବନି। କାରଣ ଶିକ୍ଷକ ଭୁଲ୍ କଲେ ଗୋଟିଏ ସମାଜ କ୍ଷତିଗ୍ରସ୍ତ ହେବ। ଏଣୁ ଶିକ୍ଷକ ଜାତି ସ୍ୱାଭିମାନୀ ହେବା ଆବଶ୍ୟକ ଏବଂ ସଚ୍ଚୋଟ ତଥା ନିଷ୍ଠାପର ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ ବୋଲି କହିଥିଲେ। ଏବଂ ନେଶନ ବିଲ୍ଡର ଆଓ୍ବାର୍ଡ ଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ ରୋଟାରୀ କ୍ଲବ୍ ଆୟୋଜନ କରିଥିବାରୁ କ୍ଲବ୍ ର ସଦସ୍ୟ ମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଶିକ୍ଷକ ମାନେ ଦେଶ ଜାତିପ୍ରତି ସମର୍ପିତ ହୋଇ କାମ କରିବାକୁ ସମ୍ବର୍ଦ୍ଧିତ ହେଉଥିବା ଶିକ୍ଷକ ମାନଙ୍କୁ ଆହ୍ୱାନ ଦେଇଥିଲେ। ରୋଟାରୀ କ୍ଲବ୍ ର ସଦସ୍ୟ ରୋଟାରିଆନ୍ ପ୍ରସନ୍ନ କୁମାର ବସନ୍ତିଆ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲାବେଳେ କ୍ଲବ୍ ର ଲିଟେର୍ସି କମିଟିର ଅଧ୍ୟକ୍ଷ ଶ୍ରୀକୁମର ରଥ ସଭାରେ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ଖେଳ ଶିକ୍ଷକ ଅମିତଙ୍କୁ ବ୍ଲକସ୍ତରୀୟ ସମ୍ବର୍ଦ୍ଧନା



**ଭବାନୀପାଟଣା,୧୦।୯(ସଂଚାର ବ୍ୟୁରୋ):** ଗତ ଗୁରୁ ଦିବସ ଅବସରରେ କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି ୨୦୨୪ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ସମ୍ମାନିତ ହୋଇଛନ୍ତି। ଯାହା ନିଜ ସ୍କୁଲ ସମେତ ସମଗ୍ର କୋକସରା ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛି। ଏହି କ୍ରମରେ ସ୍କୁଲ ପରିସରରେ ବୁଧବାର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଖେଳ ଶିକ୍ଷକ ଶ୍ରୀମହାନ୍ତିଙ୍କ ଉଦ୍ଦେଶ୍ୟରେ ବ୍ଲକ ସ୍ତରୀୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଛି। ଏଥିରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ, ଟେମରା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ହୋତା, ମାଝୀଗୁଡ଼ା ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ଦାଶ, କାଉଡୋଳା ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପଣ୍ଡା, ନେଗୀଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ଜାଲ, ଲଡୁଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଦ୍ଧିରାମ ନାଏକ, ନୋଡାଲ ସିଆରସିସି ବୈକୁଣ୍ଠ ଜାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨୦୦୬ ମସିହାରୁ ଶିକ୍ଷକ ଶ୍ରୀମହାନ୍ତି ବିଦ୍ୟାଳୟରେ ଯୋଗଦେବା ପରଠାରୁ ନିରନ୍ତର ଭାବରେ କ୍ରୀଡାର ବିକାଶ ସହିତ ଛାତ୍ର ଛାତ୍ରୀମାନଙ୍କୁ ଖେଳ କୁଦରେ ଆଗକୁ ନେଇ ରାଜ୍ୟ ତଥା ଜାତୀୟ ସ୍ତରକୁ ନେଇ ପାରିଛନ୍ତି।


## ଗୁରୁତର ଗରିବ ଲୋକଙ୍କୁ ଭଗବାନ ଭରସା

# ସର୍ପାଘାତରେ ଗୁରୁତରଙ୍କୁ ମିଳିଲାନି ଆମ୍ବୁଲାନ୍ସ ସେବା




**ବେତନଟୀ,୧୦।୯ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜରୁରୀ ଆମ୍ବୁଲାନ୍ସ ନଥିବା ଯୋଗୁଁ ରୋଗୀଙ୍କ ମହଲରେ ଅସନ୍ତୋଷ ବଢୁଛି। ଯେହେତୁ ଏହି ଡାକ୍ତରଖାନା ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ତେଣୁ ଏହି ଡାକ୍ତରଖାନାକୁ ପ୍ରତିଦିନ ସଡ଼କ ଦୁର୍ଘଟଣା, ବଜ୍ରପାତ, ସର୍ପ ଆଘାତ, ହାତୀ ଆକ୍ରମଣ ଭଳି ଗୁରୁତର ରୋଗୀଙ୍କ ଆସିବା ସଂଖ୍ୟା ମଧ୍ୟ କମ ନୁହେଁ। ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସୁଥିବା ବହୁ ଗୁରୁତର ରୋଗୀଙ୍କର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନଥିବାରୁ ସେମାନେ ବେତନଟୀ ରୁ ବାରିପଦା ନେବା ପାଇଁ ଆମ୍ବୁଲାନ୍ସ ସେବାକୁ ଭରସା କରି ରହୁଛନ୍ତି। ୧୦୮ ଆମ୍ବୁଲାନ୍ସ ପାଇଁ ଅଧିକାଂଶ ସମୟରେ ଗୁରୁତର ରୋଗୀଙ୍କୁ ମଧ୍ୟ ଏକ ରୁ ଦୁଇ ଘଣ୍ଟା ବିଳମ୍ବ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବା ବେଳେ ଗୁରୁତର ରୋଗୀ ଅଧିକ ବିଳମ୍ବ ହେଲେ ଜୀବନ ବଞ୍ଚେଇବା ପାଇଁ କଷ୍ଟକର ହୋଇପଡୁଛି। କେତେକ କ୍ଷେତ୍ରରେ ଆମ୍ବୁଲାନ୍ସକୁ ଅପେକ୍ଷା କରି ଶେଷ ମୁହୂର୍ତ୍ତରେ ଅତିଗରିବ ଲୋକ ମଧ୍ୟ ଗୁରୁତର ରୋଗୀଙ୍କୁ ଭଡା ଗାଡ଼ିରେ ବେତନଟୀ ରୁ ବାରିପଦା ମେଡିକାଲ ନେଉଥିବାର ଦେଖିବାକୁ ମିଳିଛି। ଗରିବ ଲୋକଙ୍କୁ ଭଗବାନ ଭରସା ଭଳି ଘଟଣା ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି। ଏଭଳି ଏକ ଘଟଣା ବୁଧବାର ଦିନ, ବେତନଟୀ ନିକଟସ୍ଥ ଡିଙ୍ଗିରା - ବର୍ତ୍ତନା ଗ୍ରାମର ଦର୍ଗା ମୁର୍ମୁଙ୍କ ନାବାଳିକା ଝିଅ ଗୁରୁବାରୀ ମୁର୍ମୁ (୧୬) ଙ୍କୁ ମଙ୍ଗଳବାର ପ୍ରାୟ ରାତି ୧ଟା ସମୟରେ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ିଥିଲା। ବିଳମ୍ବ ରାତିରେ ଆମ୍ବୁଲାନ୍ସ ସେବା ପାଇନପାରି ଗୁରୁତର ଗୁରୁବାରୀଙ୍କୁ ବୁଧବାର ସକାଳ ୫ ସମୟରେ ଭଡା କରି ଅଟୋ ସାହାଯ୍ୟରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ତାଙ୍କର ଅବସ୍ଥା ଅଧିକ ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ଦେଇ ସଙ୍ଗେ ସଙ୍ଗେ ବେତନଟୀରୁ ବାରିପଦାକୁ ରେଫର କରାଯାଇଥିଲା।

# ଅଢ଼େଇ ଘଣ୍ଟାର ଅପରେସନ୍, ପେଟରୁ ତୀର ବାହାର କଲେ ଡାକ୍ତର



**ମାଲକାନଗିରି,୧୦।୯ (ସଂଚାର ବ୍ୟୁରୋ):** ଅନ୍ତଃନଳୀ କଟି ୬ ଇଞ୍ଚ ପେଟ ଭିତରେ ପଶିଯାଇଥିଲା ତୀର। ଯନ୍ତ୍ରଣାରେ ଛଟପଟ ହେଉଥିଲେ ମାଲକାନଗିରି ମାଥିଲିର ଲକ୍ଷ୍ମଣ ଗୌଡ଼। ଗୁରୁତର ଅବସ୍ଥାରେ କୋରାପୁଟ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଲକ୍ଷ୍ମଣଙ୍କୁ ଅପରେସନ୍ କରିବା ଡାକ୍ତରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ନିଶ୍ଚେତକ ଦେବା ବି ଖୁବ୍ କଷ୍ଟକର ହୋଇପଡ଼ିଥିଲା । ହେଲେ ରାତି ପ୍ରାୟ ଗୋଟିଏ ପର୍ଯ୍ୟନ୍ତ ଅପରେସନ୍ କରି ତୀର ବାହାର କରିଥିଲେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଡାକ୍ତର । ଦାନ୍ତ ଘଷୁଥିବା ବେଳେ ଅସାବଧାନତାରେ ଦାନ୍ତକାଠି ଗିଳି ଦେଇଥିଲେ ଗଞ୍ଜାମ ବେଲଗୁଣ୍ଠା ନାଟଙ୍ଗା ଗାଁର କାମରାଜୁ ନାୟକ। ଖାଇବାଠୁ ଆରମ୍ଭ କରି ଦୈନନ୍ଦିନ କାମରେ ସମସ୍ୟା ଭୋଗୁଥିଲେ। ପ୍ରଥମେ ତାଙ୍କୁ ଭଞ୍ଜନଗର ମେଡିକାଲ ପରେ ଏମ୍‌କେସିଜିରେ ଭର୍ତ୍ତି କରାଗଲା । ସେଠାରେ ଡାକ୍ତରୀ ଟିମ୍‌ର ଅକ୍ଳାନ୍ତ ପରିଶ୍ରମ ପରେ ଏସୋଫାଗୋସ୍କୋପ୍ ପଦ୍ଧତିରେ ୨୩ ସେଣ୍ଟିମିଟରର ଦାନ୍ତକାଠି ବାହାର କରାଯାଇଛି । ବିରଳ ଅସ୍ତ୍ରୋପଚାରକୁ ସଫଳ କରି ଦେଖାଇଛନ୍ତି ଡାକ୍ତର। ଫଳରେ ନୂଆ ଜୀବନ ପାଇଛନ୍ତି ଏହି ଦୁଇ ଜଣ ବ୍ୟକ୍ତି ।

# କୁଞ୍ଜବିହାରୀ ହାଇସ୍କୁଲକୁ ଏନ୍‌ସିସି ମାନ୍ୟତା

**ବାଲିଆପାଳ,୧୦।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷା ସହିତ ପିଲାଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ଫଳରେ ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷାର ବିକାଶ ହେବା ସହିତ ଶାରିରିକ ଦକ୍ଷତା ବୃଦ୍ଧି ପାଇଁ ବିଦ୍ୟାଳୟ ଗୁଡ଼ିକରେ ବିଭିନ୍ନ ସଂସ୍ଥା ମାଧ୍ୟମରେ ଭିତ୍ତିଭୂମି ଥିବା ବିଦ୍ୟାଳୟରେ ଏନସିସି ଖୋଲିବା ପାଇଁ ସ୍ୱିକୃତି ପ୍ରଦାନ କରିଥାନ୍ତି। ଏହି କ୍ରମରେ ବୁଧବାର ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ପିଏମଶ୍ରୀ ମାନ୍ୟତା ପାଇଥିବା ତାପୁଣ୍ଡିଆ ସ୍ଥିତ କୁଞ୍ଜବିହାରୀ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟକୁ ଭଦ୍ରକ ଇୟୁନିଟ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ପଚାଶଟି ସିଟ୍ ମଞ୍ଜୁର କରାଯାଇଛି। ଭଦ୍ରକ ଇୟୁନିଟ ପକ୍ଷରୁ ଆସିଥିବା ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପିଲାମାନଙ୍କର ସ୍ୱାସ୍ଥ୍ୟ, ଶାରିରିକ, ଲିଖିତ ପରୀକ୍ଷା କରାଯାଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ଏନ୍ ସି ସି ରେ ନାମ ପଞ୍ଜିକରଣ କରାଯାଇଛି।ଏନସିସି ରେ ସିଟିଓ ଭାବେ ବୃନ୍ଦାବତି ସୁର ଏବଂ ମନୋଜ କୁମାର ଦତ୍ତ ଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ପ୍ରଥମ କରି ବିଦ୍ୟାଳୟ ଏନସିସି ଖୋଲିଥିବାରୁ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଅଭିଭାବକ, ପରିଚାଳନା କମିଟି ଖୁସି ବ୍ୟକ୍ତ କରିଛନ୍ତି।

# ଶିକ୍ଷା ବିଭାଗ ସମୀକ୍ଷା ବୈଠକ

● ମେଗା ବୃକ୍ଷ ରୋପଣ ଉପରେ ଗୁରୁତ୍ୱ।

**କଣାସ,୧୦।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟରେ ଆଜି ଚଳିତ ମାସର ପ୍ରଥମ ସମୀକ୍ଷା ବୈଠକ ବ୍ଲକ୍ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ଙ୍କ ୭୫ ତମ ଜନ୍ମଦିନ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ସେହିଦିନ ୭୫ ଲକ୍ଷ ବୃକ୍ଷ ମେଗା ରୋପଣ ଲକ୍ଷ୍ୟକୁ ସାକାର କରିବାପାଇଁ କଣାସ ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ପ୍ରସ୍ତାବିତ ୬୮୨୨ ଚାରା ରୋପଣ ସମ୍ପର୍କରେ ଏହି ବୈଠକରେ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏଥିସହ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ବାହାରେ ରହି ଯାଉଥିବା ୫ ରୁ ୧୮ ବର୍ଷ ବୟସର ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟକୁ ଶତ ପ୍ରତିଶତ ଫେରାଇ ଆଣିବା, ଶତ ପ୍ରତିଶତ ବିଦ୍ୟାଳୟକୁ ଏସ ଏଚ ଭି ଆର କାର୍ଯ୍ୟ କ୍ରମରେ ଅନ୍ତର୍ଭୁକ୍ତ କରିବା ସହ ନିପୁଣ ମେଳା, ଛାତ୍ର ଛାତ୍ରୀ ମାନଙ୍କୁ ମାଗଣା ପୋଷାକ ବଣ୍ଟନ ଓ ୟୁଡ଼ାଇସ୍ ଅପଡେଟ ସଂପର୍କ ରେ ସମୀକ୍ଷା କରାଯାଇଥିଲା। ସହ ଶିକ୍ଷା ଅଧିକାରୀ ନାରାୟନ ପ୍ରଧାନ, ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ କୁମାର ବେହେରା ଙ୍କ ସମେତ ୧୭ ଜଣ ସି ଆର ସି ସି ଏହି ସମୀକ୍ଷା ବୈଠକ ରେ ଅଂଶଗ୍ରହଣ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।